
ବାସ୍ତବତାର ପରିପ୍ରକାଶ

# ପ୍ରାଚୀ ପତ୍ରିକା

ISSN: 2583-147X (P)
ISSN: 3048-8958 (O)

ମାର୍ଚ୍ଚ
୨୦୨୬



The Official Journal of
Prachee Centre for
Cultural Relations

Prachee
Patrika

ମୂଲ୍ୟ : ୨୫ ଟଙ୍କା

# Prachee Centre for Cultural Relations(PCCR)

Niladri Vihar
Naya Bazar, Cuttack-753004

Culture consists of the beliefs, behaviours, objects and other characteristics common to the members of a particular group or society. Through culture, people and groups define themselves, conform to society's shared values, and contribute to society. Prachee Centre for Cultural Relations (PCCR) was founded in 2015 by Voice for Voiceless society, for the cultural promotion and participation, fostering of different literature and language and its contribution for society. The literary personalities of different literature, journalist, editor, artist, singer, dancer, photographer, spiritual leader, sports & game personalities, poet, story writer, novelist, dramatist, essayist, columnist, writers, authors, are part of this society. This organization publishes a monthly literature magazine is "Bastabatara Pariprakash Prachee" and different social relevant books in different language.

Prachee Centre for Cultural Relations (PCCR) aims to:

- To foster and strengthen cultural relations and mutual understanding among different region of India;
- To promote cultural exchanges among different communities and people, and to develop relations with each other's;
- To promote peace, harmony and nonviolence through cultural programme and literature;
- To promote classical music, dance, song, traditional culture and social values;
- To support the needy people to pursue their education in arts and literature;
- To promote interest in contemporary literature and genres of creative writing;
- To organize cultural functions and competition;
- To serve as a major resource Centre for the arts, literature, especially written, oral and visual source materials;
- To undertake research and publication programmes of reference works, glossaries, dictionaries and encyclopedia concerning the arts and the humanities;
- To establish a tribal and folk arts division with a core collection for conducting systematic scientific studies and for live presentations;
- To provide a forum for a creative and critical dialogue through performances, exhibitions, multi-media projections, conferences, seminars and workshops between and amongst the diverse arts, traditional and contemporary;
- To foster dialogue between arts and current ideas in philosophy, science and technology, with a view toward bridging the gap in intellectual understanding between modern sciences and arts and culture;
- To evolve models of research programmes and arts administration more pertinent to the Indian ethos;
- To elucidate the formative and dynamic factors in the complex web of interactions between diverse social strata, communities and regions;
- To promote a network with national and international institutions;
- To conduct related research in the arts, humanities and culture.



ପ୍ରେରଣାର ଉତ୍ସ
କବି ଜୟନ୍ତ ମହାପାତ୍ର



ପ୍ରାଚୀ ପତ୍ରିକାର ସମସ୍ତ ଲାଭାଂଶ
ବିଶ୍ୱ କଲ୍ୟାଣରେ ଖର୍ଚ୍ଚ କରାଯିବ

ବାସ୍ତବତାର ପରିପ୍ରକାଶ

# ପ୍ରାଚୀ



ସମ୍ପାଦକ :
ଡ. ବିଭୂଦତ୍ତ ଖଣ୍ଡାୟତରାୟ

ଜୀବନର ପରିଭାଷା ହେଉଛି ସାହିତ୍ୟ, ସୃଜନଶୀଳତା ଓ ବାସ୍ତବତା ନଥିଲେ ସାହିତ୍ୟ ବା ସଂସ୍କୃତି ଉତ୍କର୍ଷ ଲାଭ କରିପାରେନା । ସାହିତ୍ୟର କ୍ରମ ବିବର୍ତ୍ତନ ଅଛି । ଏହି ବିବର୍ତ୍ତନ ଜୀବନର ପରିବର୍ତ୍ତନ ସହିତ ସଂଶ୍ଳିଷ୍ଟ । ସାହିତ୍ୟକୁ ବୁଝିବାକୁ ହେଲେ ଆବଶ୍ୟକତା ପଡେ ପ୍ରୟାସର । ପ୍ରୟାସ ହେଉଛି ଜାଣିବାର ବୁଝିବାର ପ୍ରକୃଷ୍ଟ ମାଧ୍ୟମ । ସ୍ୱତଃସ୍ଫୁର୍ତ୍ତଭାବେ ମନଗହନରୁ ଭାସିଆସି ଲୋକମନକୁ ରଂଜିତ କରିପାରିଲେ ସାହିତ୍ୟ ସାର୍ଥକତା ପାଇଥାଏ । ସାହିତ୍ୟ ହେଉଛି ସମୁଦ୍ରପରି ଅପରିସୀମ ଓ ପରିବ୍ୟାପ୍ତ । ବିଭିନ୍ନ ରତ୍ନରେ ରତ୍ନଗର୍ଭା ମହାରଣ୍ୟ ପରି ସେ ଗଳ୍ପ, କବିତା, ନାଟକ, ପ୍ରବନ୍ଧ ରୂପକ ବୃକ୍ଷରାଜିରେ ପରିପୂର୍ଣ୍ଣ । ସ୍ରଷ୍ଟାର ଭାବ ଓ ଚେତନା ଉଭୟ ନିବିଡ ଭାବରେ ଛନ୍ଦାଛନ୍ଦି ହୋଇ ରହିଥାନ୍ତି । ଉଭୟ ଜଗତରୁ ଉପାଦାନ ସଂଗ୍ରହ କରାଯାଏ । ଯାହାକେବଳ ଭୌତିକ ଜଗତରୁ ସଂଗ୍ରହ କରାଯାଇ ପାରେନା । ତା'ର ସୃଷ୍ଟି ସମୁଦ୍ରର ଢେଉଭଳି ଶତଛନ୍ଦ ଭରା, ଜହ୍ନଆ ଆକାଶ ଭଳି ସ୍ନିଗ୍ଧ ଓ ପ୍ରାଞ୍ଜଳ । ଛାଇ ଯେପରି ବସ୍ତୁର ସ୍ଥିତିକୁ ସୂଚାଇ ଦିଏ, ସ୍ରଷ୍ଟାର ସୃଷ୍ଟି ସୂଚାଇ ଦିଏ ସମାଜର ବ୍ୟକ୍ତିର ମନ ଆଉ ଭାବନାର ସ୍ଥିତିକୁ । କେହି କେବେ ଜନ୍ମରୁ ସ୍ରଷ୍ଟା ହୋଇନଥାଏ । ସାଧନା ଓ ପ୍ରୟାସର ମହାମିଳନରେ ଜଣେ ସ୍ରଷ୍ଟା ସଫଳରୂପାୟିତ ହୋଇଥାଏ । ସୃଜନଶୀଳତାର ଦ୍ୱିତଳ ପ୍ରାସାଦରେ ନିଜକୁ ହଜାଇ ସ୍ରଷ୍ଟା ସମାଜକୁ, ଦେଇଥାଏ ନୂତନ ସାହିତ୍ୟ  ଜୀବନର ସତ୍ୟ ଓ ବାସ୍ତବତାକୁ ସାହିତ୍ୟ କେବଳ ପ୍ରକାଶ କରେ ନାହିଁ, ଅଧିକନ୍ତୁ ଜୀବନକୁ ସତ୍ୟାଶ୍ରୟୀ ଓ ବାସ୍ତବବାଦୀ ହେବାକୁ ଶିକ୍ଷାଦିଏ ।

ମଣିଷର ହୃଦୟ ପ୍ରେମର ହୃଦୟ । ଯେତେବେଳେ ମାନବର ପ୍ରାଣସିନ୍ଧୁରେ ସୃଷ୍ଟିହୁଏ ସେବାର କଲ୍ଲୋଳ, ସେତେବେଳେ ମାନବର ହୃଦୟ ହୋଇଯାଏ ପ୍ରସାରିତ । ବିଶ୍ୱପ୍ରେମର ମନ୍ତ୍ରରେ ସେ ହୋଇଯାଏ ଅଭିମନ୍ତ୍ରିତ । ଭୁଲିଯାଏ ନିଜ ଜୀବନର ମାୟା ଓ ମମତା । ଦୀନ, ଦୁଃଖୀ, ରଙ୍କୀ, ଦଳିତ ନିଷ୍ପେସିତ ଆର୍ତ୍ତଚିତ୍କାର ତା'ର ବ୍ୟଥାବିଦ୍ଧ ପ୍ରାଣରେ ସୃଷ୍ଟିକରେ ସେବାର କଲ୍ଲୋଳ । ମାନବ ହେଉଛି ଭଗବାନଙ୍କର ଅମୂଲ୍ୟ ସୃଷ୍ଟି । ପ୍ରକୃତିକୁ ଉପଭୋଗ କରିବାକୁ ସ୍ରଷ୍ଟା ସୃଷ୍ଟି କଲେ ମାନବ । ମାତ୍ର ନିଜର ସୁଖ ସୁବିଧା ନିମିତ୍ତ ମାନବ ପ୍ରକୃତିକୁ ଧ୍ୱସ୍ତବିଧ୍ୱସ୍ତ କଲା । ପ୍ରକୃତି ଏବେ ବିନାଶର ଦ୍ୱାରରେ । ଏହି ମାନବ ଓ ପ୍ରକୃତିର ରକ୍ଷା ନିମିତ୍ତ ଆମର ସଂସ୍ଥା ସଂକଳ୍ପବଦ୍ଧ ।

ଅନନ୍ତ ସମୟର ଉତ୍‌ଥାନ ପତନ ସହ ଜଡିତ ଆମ ପତ୍ରିକା 'ପ୍ରାଚୀ' ର ଆଗାମୀ ଅର୍ଘ୍ୟ ପ୍ରକାଶ ପାଇବାକୁ ଯାଉଛି । ପ୍ରାଚୀର ଅର୍ଥ ପୂର୍ବଦିଗ । ପୂର୍ବଦିଗର ଉଦିତ ସୂର୍ଯ୍ୟ ପରି 'ପ୍ରାଚୀ' ଓଡ଼ିଆଭାଷା ସାହିତ୍ୟ ଆକାଶରେ ସୂର୍ଯ୍ୟ ରୂପେ ପ୍ରତିଭାତ ହେଉ ଏହାହିଁ ଆଶା ।

ନିଜର ବଳିଷ୍ଠ ଲେଖନୀ ମାଧ୍ୟମରେ ଓଡ଼ିଶାର ବାଣୀଭଣ୍ଡାର ବୀଣାକୁ ଝଂକୃତ କରିଥିବା କିଛି ସ୍ରଷ୍ଟାଙ୍କ ରୁଦ୍ଧିମନ୍ତ ସୃଷ୍ଟିକୁ ନେଇ 'ପ୍ରାଚୀ'ର ଜନ୍ମ, ବାଗ୍ ଭୂଷଣରେ ଭୂଷିତ ଏହି ଶବ୍ଦ ସମ୍ରାଟମାନେ ଏକ ନୂତନ ଯୁଗର ଆହ୍ୱାନରେ ଶବ୍ଦ ଶଙ୍ଖର ଧ୍ୱନି ନାଦ କରିଛନ୍ତି ।

ସମଗ୍ର ଓଡ଼ିଶାବାସୀ ଭାଇ ଓ ଭଉଣୀମାନଙ୍କର ଶୁଭେଚ୍ଛା ଓ ଶୁଭକାମନାକୁ ନେଇ 'ପ୍ରାଚୀ' ସାରା ଓଡ଼ିଶାରେ ପାଠକୀୟ ଆଦୃତି ଲାଭକରିବ ବୋଲି ଆଶା ।

– ସଂପାଦକ

# ଓଁ 'ପ୍ରାଚୀ'ର କଲମ ଓଁ

ପ୍ରାଚୀ ଏକ ସଂସ୍କୃତି ଓ ସଂସ୍କାର । ଏହା ଏକ ପ୍ରବାହ ଓ ପରିବର୍ତ୍ତନର ମୂଳ ଉତ୍ସ । ପ୍ରାଚୀ ସମାଜର ଭାବବିନ୍ଦୁ । ଏହା ଏକ ଅନ୍ତଃସ୍ରୋତା ଫଲ୍‌ଗୁ । ପ୍ରାଚୀ ସୃଷ୍ଟିର ଜୀବନୀ ଶକ୍ତିକୁ ଯୁଗେ ଯୁଗେ ସଞ୍ଜୀବିତ କରିଆସିଛି । ଏହା ଜନନୀ ରୂପେ କଲ୍ୟାଣମୟୀ, ମମତାମୟୀ ପୁଣି କରୁଣା , ଆଶୀର୍ବାଦ, ତ୍ୟାଗର କଲ୍ୟାଣମୟ ଅଭିବ୍ୟକ୍ତି । ପ୍ରାଚୀ ଏକ ସୁନ୍ଦର, କୋମଳ, ସରଳ, ପବିତ୍ର, ଶାନ୍ତ, ଧୀର, ସ୍ଥିର, ଭଦ୍ର, ନମ୍ର ଓ ଚିତ୍ତଆହ୍ଲାଦଦାୟୀ ନାମଟିଏ । ଏହା ଏକ ଚିନ୍ମୟ ସତ୍ତା । ଏହା ପ୍ରାଚ୍ୟ ସଂସ୍କୃତିର ଐତିହ୍ୟ ବିମଣ୍ଡିତ ବାଙ୍ମୟ । ଏହା ଜୀବନ୍ତ ଓ ଜୀବନଦାୟୀ ଜୀବନବୋଧ । ପ୍ରାଚୀର ପରମ ଓ ଚରମ ସାର୍ଥକତା ହେଉଛି ଆଦର୍ଶ ଓ ସମାଜର କଲ୍ୟାଣ ସାଧନ । ପ୍ରାଚୀର ଏକ ଲୋଭନୀୟ, କମନୀୟ ଓ ମଧୁର ରୂପ ପ୍ରକଟିତ ହୁଏ ତା'ର ସ୍ୱର୍ଗୀୟ ପ୍ରେମରେ । ତା'ର ପ୍ରେମ ଓ ମମତାରେ ସାମାଜିକ ଜୀବନ ଭଗବତ୍ ଆଶୀର୍ବାଦ ଯୁକ୍ତ । ସେ ପୁଣି ସ୍ନେହମୟୀ ଓ ସମାଜର ହୃତ୍‌ପିଣ୍ଡ । ଆମ ସମାଜ ଓ ସଭ୍ୟତାର ଆଦ୍ୟ ଉନ୍ମେଷ କାଳରୁ ପ୍ରାଚୀର ରହିଛି ଗୁରୁତ୍ୱପୂର୍ଣ୍ଣ ଭୂମିକା । ସମାଜରୁ କୁସଂସ୍କାରକୁ ଦୂରକରି ସମାଜର କଲ୍ୟାଣ କରିବା ପ୍ରାଚୀର ଧର୍ମ । ତେଣୁ 'ପ୍ରାଚୀ' ର ସୃଷ୍ଟି ସମାଜରେ ଅବହେଳିତମାନଙ୍କ ପାଇଁ ସ୍ୱର ଉତ୍ତୋଳନ କରିବା । ପ୍ରାଚୀ ପତ୍ରିକାଟି କଥା କହିପାରୁନଥିବା ମାନବ ଓ ମାନବେତରମାନଙ୍କ ପାଇଁ ଏକ ଆଶାର କିରଣ ସୃଷ୍ଟି କରିବ, ଏଥିରେ ସନ୍ଦେହ ନାହିଁ । ବାସ୍ତବତାକୁ ଗଳ୍ପ ଆକାରରେ ପରିପ୍ରକାଶ କରିବା ଆମର ମୂଳ ଲକ୍ଷ୍ୟ । ଗୋଟିଏ ବାସ୍ତବ ଚରିତ୍ରର ହୃଦୟାବେଗକୁ ନେଇ ସମାଜରେ ସଚେତନତା ସୃଷ୍ଟି କରି ସମାଜକୁ ସୁସ୍ଥ, ସବଳ କରିବାର ଲକ୍ଷ୍ୟନେଇ ପ୍ରାଚୀ ଆଗେଇ ଚାଲିଛି । ପ୍ରାଚୀର ଆତ୍ମାରେ ୧୨ଟି ସମ୍ବେଦନଶୀଳ ହୃଦୟୋଚ୍ଛ୍ୱାସ ରହିଛି ।

- ❑ ମୁଁ ଗାଁ ମୁଣ୍ଡ ବୁଢ଼ା ବରଗଛ କହୁଛି । ମୁଁ ଜନ୍ମରୁ ମଣିଷର ସେବାରେ ଅଛି । କିନ୍ତୁ ଆଜି ମନୁଷ୍ୟ ତା'ର ସୁବିଧା ପାଇଁ ମୋ ବାର୍ଦ୍ଧକ୍ୟରେ ମୋ ସାଙ୍ଗରେ ନରହି, ମତେ କାଟି ତାର ଗର୍ବକୁ ଚରିତାର୍ଥ କରୁଛି । ........
- ❑ ମୁଁ ଲତାଟିଏ ହେଲେ ବି, ମୋ ପତ୍ରରେ ଥିବା ଗୁଣରେ ଅନେକ ଉପକୃତ ହୋଇଥାନ୍ତି ଏବଂ ମୋ ଫଳକୁ ଖାଦ୍ୟ ରୂପେ ବ୍ୟବହାର କରାଯାଏ କିନ୍ତୁ ଆଜି ମୁଁ ଅବହେଳିତ କାରଣ, ମତେ ବଞ୍ଚିରହିବା ପାଇଁ .........
- ❑ ମୁଁ ମହାନଦୀ, ମୋ ବକ୍ଷରେ ଅନେକ ପରିମାଣରେ ଜଳ ଅଛି । ସୃଷ୍ଟିର ଆରମ୍ଭରୁ ଜଳର ଆବଶ୍ୟକତା ରହି ଆସିଛି । ମୋ ଜଳରେ ସଂସାରର ଆରମ୍ଭ ହେଇଥାଏ କିନ୍ତୁ ସେ ଜଳକୁ ବିଷାକ୍ତ କରି .........
- ❑ ମୁଁ ମଳୟ ପବନ କହୁଛି । ସକାଳୁ ସକାଳୁ ମୋର ପ୍ରବାହରେ ପୃଥିବୀ ଉପରେ ଶାନ୍ତି ପ୍ରତିଷ୍ଠା ହେଇଥାଏ । କିନ୍ତୁ ପ୍ରଦୂଷଣ ଆଜି ମତେ ..........
- ❑ ମୁଁ ବୁଢ଼ା ବଳଦ କହୁଛି, ଆମ ପରିବାରର ପୀଢ଼ି ପରେ ପୀଢ଼ି ମଣିଷ ସେବାରେ ଲାଗିଥାନ୍ତି । ମୋ ପରି ଅନେକ ଜୀବଜନ୍ତୁ ଏହି ଦୁନିଆରେ ଅଛନ୍ତି । ସେମାନେ ପ୍ରକୃତିରେ ସ୍ଥିରତା ରକ୍ଷା କରିଥାନ୍ତି କିନ୍ତୁ ଦିନକୁ ଦିନ ବହୁତ ଜୀବ ପ୍ରାୟ ବିଲୁପ୍ତ, ବୁଝି ପାରେନା.......
- ❑ ମୁଁ ଗୋଟିଏ ଟିକି ଚଢ଼େଇ, ସକାଳୁ, ସକାଳୁ ମୋ ଚେଁ ଚେଁ ଶବ୍ଦରେ ପ୍ରକୃତି ମାତା ଆଖି ଖୋଲିଥାଏ । ଆଜି ପରିବେଶ ପ୍ରଦୂଷଣ ପାଇଁ ଆମ ଜାତିର ଅନେକ ପକ୍ଷୀ ପ୍ରାୟ ବିଲୁପ୍ତ, ଏଥିପାଇଁ ଦାୟୀ କିଏ ? ମୋ ଛୋଟ ମୁଣ୍ଡରେ ଏହାର କଳନା କରିପାରେନା ...... ....
- ❑ ମୁଁ ମନି ପୋଇଲି । ମୁଁ ଗୋଟିଏ ମଣିଷ, ମୋର ଗୋଟିଏ ନାଁ ଅଛି କିନ୍ତୁ, ମୋ ନାଁ ପରେ ମୋ ସାଙ୍ଗିଆ ପୋଇଲି ଡକା ହୁଏ । ପେଟ ପାଇଁ କାମକରେ କିନ୍ତୁ ବୁଝି ପାରେନା, ଏତେ କାମ କରିସାରିଲା ପରେ ମଧ୍ୟ ମୋ ଉପରେ ଅତ୍ୟାଚାର ହୁଏ କାହିଁକି ...........
- ❑ ମୋ ନାମ ମକରା ପାଗଳ । 'ପାଗଳ' ଶବ୍ଦଟି ମୋର ପିତୃଦତ୍ତ ନୁହେଁ, ସମାଜ ମତେ କାହିଁକି କେଜାଣି ଏହି ପାଗଳ ଶବ୍ଦଟି ଲଦି ଦେଇ ମତେ ଅଣନିଃଶ୍ୱାସୀ କରିଦେଉଛି । ମୁଁ ଜାଣେନା .........
- ❑ ମୁଁ ଛୋଟା ହେଲେ ମଧ୍ୟ ମୁଁ ତ ମୋର ସବୁକାମ ଠିକ୍ ଠିକ୍ କରୁଛି । ତା ହେଲେ, ମତେ ସମାଜର ଗୋଡ଼ଥିବା ଲୋକମାନେ କାହିଁକି ନ୍ୟୂନ ଦୃଷ୍ଟିରେ ଦେଖନ୍ତି, ଏହାର କାରଣ କ'ଣ ହୋଇ ........
- ❑ ବିଧାତାର ବିଧାନ ସ୍ୱାମୀ ଚାଲିଗଲା, ମୁଁ ବିଧବା ହେଲି, ଏଥିପାଇଁ ମୁଁ ହେଲି ଦାୟୀ, ସମାଜରେ ମୁଁ ଡାହାଣୀ, ଘରେ ବାହାରେ ଖାଲି ଛି, ଛି, ଆଉ କେତେ ଦିନ ........
- ❑ ମୁଁ ପରା ଚୁଇଁ, ଆମ ବାବୁଘରେ ସମସ୍ତଙ୍କର ଆପଣାର, ଟିକେ ଭୁଲ୍ କଲେ , କଥା ବଡ ହୁଏ । ଛୋଟ ଠାରୁ ବଡ଼ ପର୍ଯ୍ୟନ୍ତ ସମସ୍ତେ ପଚାରନ୍ତି ଏବଂ କୈଫତ୍ ମାଗନ୍ତି, ଟିକେ ଭୁଲ ପାଇଁ ଏତେ କଥା ........
- ❑ ମୁଁ ଦୀନହୀନ ଗୋବିନ୍ଦ, ମୋର ଦାଣ୍ଡରୁ ଆଣିଲେ ହାଣ୍ଡିରେ ପଡ଼େ । ମାଗିବା ବ୍ୟତୀତ ମୋର ଅନ୍ୟୋପାୟ ନାହିଁ । ଘରେ ପୁଣି ରୋଗିଣା ମା', ଅନ୍ୟଲୋକଙ୍କର ବଳକା ଖାଇ ଖାଇ ମୋ ପେଟ ଚାଖଣ୍ଡଟା ପୂରଣ କରିଥାଏ । ସେଥିପାଇଁ ମତେ ସମସ୍ତେ ହାଁଉଆ ବୋଲି ଡାକି ଥାନ୍ତି । ଭାରି ଇଚ୍ଛା ହୁଏ ପେଟଭରି ଖିରି, ଆରିଶା ଖାଇବା ପାଇଁ ଅପେକ୍ଷାକରେ ସମୟକୁ, ସମୟ ଆସିବ ......

## ଉପଦେଷ୍ଟା ମଣ୍ଡଳୀ

**ପ୍ରଫେସର ବୈଷ୍ଣବ ଚରଣ ସାମଲ**
ଅବସରପ୍ରାପ୍ତ ପ୍ରଫେସର
ବିଶ୍ୱଭାରତୀ, ଶାନ୍ତିନିକେତନ

**ପ୍ରଫେସର ନଟବର ଶତପଥୀ**
ଅବସରପ୍ରାପ୍ତ ପ୍ରଫେସର
ରେଭେନ୍ସା ବିଶ୍ୱବିଦ୍ୟାଳୟ

**ପ୍ରଫେସର ନୀଳାଦ୍ରି ଭୂଷଣ ହରିଚନ୍ଦନ**
ଅବସରପ୍ରାପ୍ତ ପ୍ରଫେସର
ବିଶ୍ୱଭାରତୀ, ଶାନ୍ତିନିକେତନ

**ପ୍ରଫେସର ଆଦିକନ୍ଦ ସାହୁ**
ଅବସରପ୍ରାପ୍ତ ପ୍ରଫେସର
ସମ୍ବଲପୁର ବିଶ୍ୱବିଦ୍ୟାଳୟ

**ପ୍ରଫେସର ବାବାଜୀ ଚରଣ ପଟ୍ଟନାୟକ**
ଅବସରପ୍ରାପ୍ତ ପ୍ରଫେସର
ଓଡ଼ିଆ ବିଭାଗ

**ପ୍ରଫେସର ନାରାୟଣ ମହାନ୍ତି**
ଅବସରପ୍ରାପ୍ତ ପ୍ରାଧ୍ୟାପକ
ଦର୍ଶନ ବିଭାଗ

**ପ୍ରଫେସର ମଣୀନ୍ଦ୍ର କୁମାର ମେହେର**
ଅବସରପ୍ରାପ୍ତ ପ୍ରଫେସର
ଉତ୍କଳ ବିଶ୍ୱବିଦ୍ୟାଳୟ

**ପ୍ରଫେସର ଅଞ୍ଜୁମନ ଆରା**
ଅବସରପ୍ରାପ୍ତ ପ୍ରଫେସର
ରେଭେନ୍ସା ବିଶ୍ୱବିଦ୍ୟାଳୟ

**ପ୍ରଫେସର ପ୍ରସନ୍ନ କୁମାର ସ୍ୱାଇଁ**
କୁଳପତି
ଉତ୍କଳ ସଂସ୍କୃତି ବିଶ୍ୱବିଦ୍ୟାଳୟ ଭୁବନେଶ୍ୱର

## ମୁଖ୍ୟ ସଂପାଦିକା

**ପ୍ରଫେସର ମନ୍ଦାକିନୀ ଦାସ**
ଅବସରପ୍ରାପ୍ତ ପ୍ରଫେସର
ସଭାପତି, ପ୍ରାଚୀ ସାଂସ୍କୃତିକ ସମ୍ପର୍କ କେନ୍ଦ୍ର

## ସମ୍ପାଦନା ସହଯୋଗୀ

**ପ୍ରଫେସର ବିକ୍ରମ କେଶରୀ ମିଶ୍ର**
ସମାଜ ବିଜ୍ଞାନ ବିଭାଗ
ରେଭେନ୍‌ସା ବିଶ୍ୱବିଦ୍ୟାଳୟ

**ଡକ୍ଟର ସୁମନ୍ତ ସ୍ୱାଇଁ**
ସହାୟକ ପ୍ରଫେସର
ଆଇ.ଆଇ.ଏଚ୍.ଏମ୍.ଆର, ନୂଆଦିଲ୍ଲୀ

**ଡକ୍ଟର ଆଲୋକ ବରାଳ**
ବରିଷ୍ଠ ସହାୟକ ପ୍ରଫେସର, ଓଡ଼ିଆ ବିଭାଗ
ଓଡ଼ିଶା କେନ୍ଦ୍ରୀୟ ବିଶ୍ୱବିଦ୍ୟାଳୟ, କୋରାପୁଟ

**ଡକ୍ଟର ଦିପକ କୁମାର ଦାଶ**
ସହାୟକ ପ୍ରଫେସର
ଖ୍ରୀଷ୍ଟ ମହାବିଦ୍ୟାଳୟ, କଟକ

**ଡକ୍ଟର ଆର୍ଯ୍ୟ କୁମାର ହର୍ଷବର୍ଦ୍ଧନ**
ସହାୟକ ପ୍ରଫେସର
ଖ୍ରୀଷ୍ଟ ମହାବିଦ୍ୟାଳୟ, କଟକ

**ଡକ୍ଟର ନୀରୋଦ କୁମାର ମନ୍ତ୍ରୀ**
ସହାୟକ ପ୍ରଫେସର
ନୀଳମାଧବ ମହାବିଦ୍ୟାଳୟ, କଣ୍ଟିଲୋ

**ଡକ୍ଟର ସଂଜିତା ମିଶ୍ର**
ସହାୟକ ପ୍ରଫେସର
ଶୈଳବାଳା ମହିଳା ସ୍ୱୟଂଶାସିତ
ମହାବିଦ୍ୟାଳୟ, କଟକ

**ପ୍ରଫେସର ରାମକୃଷ୍ଣ ପ୍ରଧାନ**
ରାଜନୀତିବିଜ୍ଞାନ ବିଭାଗ
ଗୁରୁ ଘାସିଦାସ ବିଶ୍ୱବିଦ୍ୟାଳୟ, ବିଳାସପୁର, ଛତିଶଗଡ଼

**ଡକ୍ଟର ଭିନୀତ ସାହୁ**
ଆସୋସିଏଟ୍ ପ୍ରଫେସର
ଦର୍ଶନ ବିଭାଗ, ଆଇ.ଆଇ.ଟି, କାନପୁର

## ସଂପାଦକ

**ଡକ୍ଟର ବିଭୁଦତ୍ତ ଖଣ୍ଡାୟତରାୟ**
ବରିଷ୍ଠ ଗବେଷକ

## ସଂପାଦକ ମଣ୍ଡଳୀ

**ଡକ୍ଟର ନେତାଜୀ ଅଭିନନ୍ଦନ**
ପ୍ରଫେସର
ରେଭେନ୍ସା ବିଶ୍ୱବିଦ୍ୟାଳୟ

**ପ୍ରଫେସର ବଭ୍ରୁବାହାନ ମହାପାତ୍ର**
ଅବସରପ୍ରାପ୍ତ ପ୍ରଫେସର
ମହାରାଜା ଶ୍ରୀରାମଚନ୍ଦ୍ର ଭଞ୍ଜଦେଓ
ବିଶ୍ୱବିଦ୍ୟାଳୟ

**ଶ୍ରୀଯୁକ୍ତ କୃଷ୍ଣ ପ୍ରସାଦ ଦାସ**
ଶିକ୍ଷାବିତ

**ଡ଼କ୍ଟର ଦେବାଶିଷ ପାତ୍ର**
ସହକାରୀ ପ୍ରଫେସର
ଓଡ଼ିଆ ଭାଷା ଓ ସାହିତ୍ୟ ବିଭାଗ,
ଫକୀରମୋହନ ବିଶ୍ୱବିଦ୍ୟାଳୟ

**ଡକ୍ଟର ଇନ୍ଦ୍ରମଣି ସାହୁ**
ସହକାରୀ ପ୍ରଫେସର
ଓଡ଼ିଆ ବିଭାଗ
ବିଶ୍ୱଭାରତୀ,ଶାନ୍ତିନିକେତନ

**ଡକ୍ଟର ରୁଦ୍ରନାରାୟଣ ମହାପାତ୍ର**
ସହକାରୀ ପ୍ରଫେସର
ଓଡ଼ିଆ ଭାଷା ଓ ସାହିତ୍ୟ ବିଭାଗ
ଉତ୍କଳ ବିଶ୍ୱବିଦ୍ୟାଳୟ

**ଡକ୍ଟର ପରିକ୍ଷିତ ଭୋଇ**
ସହକାରୀ ପ୍ରଫେସର
ଓଡ଼ିଆ ଭାଷା ଓ ସାହିତ୍ୟ ବିଭାଗ,
ଗଙ୍ଗାଧର ମେହେର ବିଶ୍ୱବିଦ୍ୟାଳୟ

**ଡକ୍ଟର ଶିଶିର ବେହେରା**
ସହକାରୀ ପ୍ରଫେସର
ଓଡ଼ିଆ ଭାଷା ଓ ସାହିତ୍ୟ ବିଭାଗ, ମହାରାଜା
ଶ୍ରୀରାମଚନ୍ଦ୍ର ଭଞ୍ଜଦେଓ ବିଶ୍ୱବିଦ୍ୟାଳୟ

**ଡକ୍ଟର ନାକୁ ହାଁସଦାଃ**
ସହକାରୀ ପ୍ରଫେସର,
ସ୍ନାତକୋତ୍ତର ଓଡ଼ିଆ ବିଭାଗ
ସମ୍ବଲପୁର ବିଶ୍ୱବିଦ୍ୟାଳୟ

**ଡକ୍ଟର ସୁଶାନ୍ତ କୁମାର ପଣ୍ଡା**
ସହକାରୀ ପ୍ରଫେସର
ଓଡ଼ିଆ ବିଭାଗ
ରାଜେନ୍ଦ୍ର ବିଶ୍ୱବିଦ୍ୟାଳୟ

**ଡ଼କ୍ଟର ସଂଘମିତ୍ରା ଭଞ୍ଜ**
ସହକାରୀ ପ୍ରଫେସର
ଓଡ଼ିଆ ବିଭାଗ
ରମାଦେବୀ ବିଶ୍ୱବିଦ୍ୟାଳୟ

**ଡକ୍ଟର ସମୀର ଭୋଇ**
ସହକାରୀ ପ୍ରଫେସର
ଓଡ଼ିଆ ବିଭାଗ
ବ୍ରହ୍ମପୁର ବିଶ୍ୱବିଦ୍ୟାଳୟ

**ଡ଼କ୍ଟର ସୁମନ୍ତ ନାଏକ**
ସହକାରୀ ପ୍ରାଧ୍ୟାପକ,
ଓଡ଼ିଆ ବିଭାଗ
ଧରଣୀଧର ବିଶ୍ୱବିଦ୍ୟାଳୟ

**ଡକ୍ଟର ପଲ୍ଲିଶ୍ରୀ ପଟ୍ଟନାୟକ**
ସହାୟକ ପ୍ରଫେସର
ଓଡ଼ିଆ ବିଭାଗ
ମା' ମାଣିକେଶ୍ୱରୀ ବିଶ୍ୱବିଦ୍ୟାଳୟ

**ଡ଼କ୍ଟର ସଂଘମିତ୍ରା ବେହେରା**
ସହକାରୀ ପ୍ରଫେସର
ଓଡ଼ିଆ ଭାଷା ଓ ସାହିତ୍ୟ ବିଭାଗ
ରେଭେନ୍ସା ବିଶ୍ୱବିଦ୍ୟାଳୟ

**ଡକ୍ଟର କମଳ ମାହୁନ୍ତ**
ଅଧ୍ୟାପକ
ଓଡ଼ିଆ ବିଭାଗ

**ଡକ୍ଟର ଲୋପାମୁଦ୍ରା ସ୍ୱାଇଁ**
ସହାୟକ ପ୍ରଫେସର
ଓଡ଼ିଆ ବିଭାଗ, ସରକାରୀ
ମହାବିଦ୍ୟାଳୟ, କୋରାପୁଟ

**ଡକ୍ଟର ବିଦ୍ୟୁତପ୍ରଭା ରାଉତ**
ସହାୟକ ପ୍ରଫେସର
ଓଡ଼ିଆ ବିଭାଗ, ସେମିଲିଗୁଡ଼ା
ମହାବିଦ୍ୟାଳୟ, କୋରାପୁଟ

**ଡକ୍ଟର ମମତା ଖଣ୍ଡାୟତରାୟ**
ସହାୟକ ପ୍ରଫେସର
ପାରାଦୀପ କଲେଜ, ପାରାଦୀପ

**ଡକ୍ଟର ପ୍ରତୀଚୀ ନନ୍ଦ**
ଅଧ୍ୟାପିକା
ଓଡ଼ିଆ ବିଭାଗ

## ଯୁବ ସମ୍ପାଦକ ମଣ୍ଡଳୀ


**ଡକ୍ଟର ସନ୍ତୋଷ କୁମାର ନାୟକ**
ସହକାରୀ ପ୍ରଫେସର
ଅଧିସ୍ନାତକ ଓଡ଼ିଆ ବିଭାଗ
ଫକୀର ମୋହନ ସ୍ୱୟଂଶାସିତ ମହାବିଦ୍ୟାଳୟ

**ଡକ୍ଟର ସ୍ୱପ୍ନା ରାଣୀ ସିଂ**
ସହକାରୀ ପ୍ରଫେସର
ଓଡ଼ିଆ ବିଭାଗ
ବିଶ୍ୱଭାରତୀ,ଶାନ୍ତିନିକେତନ

**ଡକ୍ଟର ଅରବିନ୍ଦ ଦାସ**
ସହକାରୀ ଗବେଷକ
ରେଭେନ୍ସା ବିଶ୍ୱବିଦ୍ୟାଳୟ

**ଡକ୍ଟର ଗୌତମସେନ୍ ହାଁସଦାଃ**
ସହକାରୀ ପ୍ରଫେସର
ଓଡ଼ିଆ ବିଭାଗ
ସରକାରୀ ସ୍ନାତକ ମହାବିଦ୍ୟାଳୟ,
ତିରିଂ, ମୟୂରଭଞ୍ଜ

**ଡ଼କ୍ଟର ଉଜସ୍ୱିନୀ ନାୟକ**
ଓଡ଼ିଆ ଅଧ୍ୟାପିକା
କନକ ମଞ୍ଜରୀ ମହିଳା ମହାବିଦ୍ୟାଳୟ

**ଡକ୍ଟର ଦିପୁନ ପୁହାଣ**
ଓଡ଼ିଆ ଅଧ୍ୟାପକ
ସାହାସପୁର ମହାବିଦ୍ୟାଳୟ

**ବିକେଶ ସାହୁ**
ଓଡ଼ିଆ ଅଧ୍ୟାପକ
ନୟାଗଡ଼ ପ୍ରଜାମଣ୍ଡଳ ମହିଳା
ମହାବିଦ୍ୟାଳୟ

**ଜ୍ୟୋତିରଞ୍ଜନ ମହାନ୍ତି**
ଓଡ଼ିଆ ଅଧ୍ୟାପକ
ଓଡ଼ିଆ ଭାଷା ଓ ସାହତ୍ୟ ବିଭାଗ
ବହୁଗ୍ରାମ ଜୁନିୟର କଲେଜ

**ଡ଼କ୍ଟର ଚିନ୍ମୟ ସାହୁ**
ଓଡ଼ିଆ ଅଧ୍ୟାପକ
ବିଜେପୁର ମହାବିଦ୍ୟାଳୟ

**ରମେଶ ଚନ୍ଦ୍ର ସାହୁ**
ଓଡ଼ିଆ ଅଧ୍ୟାପକ
ଉଦୟନାଥ ବିଜ୍ଞାନ ଓ ବୈଷୟିକ
ଉଚ୍ଚ ମାଧ୍ୟମିକ ବିଦ୍ୟାଳୟ

**ସ୍ନେହଲତା ସାହୁ**
ଓଡ଼ିଆ ଅଧ୍ୟାପିକା
ଲକ୍ଷ୍ମୀନାରାୟଣ ସାହୁ
ମହାବିଦ୍ୟାଳୟ

**ଡକ୍ଟର ସନ୍ତୋଷ ଭୋଇ**
ସହକାରୀ ପ୍ରଫେସର
ଓଡ଼ିଆ ବିଭାଗ
ମଡେଲ ଡିଗ୍ରୀ କଲେଜ, ସୋନପୁର

**ଡକ୍ଟର ହୃଷିକେଶ ମହାରଣା**
ଓଡ଼ିଆ ଅଧ୍ୟାପକ
ସାଲେପୁର ସ୍ୱୟଂଶାସିତ ମହାବିଦ୍ୟାଳୟ

**ସିମ୍ରନ୍ ରାଉତ**
ସହାୟକ ପ୍ରଫେସର
ଓଡ଼ିଆ ବିଭାଗ
ଓଡ଼ିଶା ରାଜ୍ୟ ମୁକ୍ତ ବିଶ୍ୱବିଦ୍ୟାଳୟ

**ମିନତି ବିଶ୍ୱାଳ**
ଗାବେଷିକା
ଓଡ଼ିଆଭାଷା ଓ ସାହିତ୍ୟ ବିଭାଗ
ରେଭେନ୍ସା ବିଶ୍ୱବିଦ୍ୟାଳୟ

**ଅଭିଷେକ ଆଚାର୍ଯ୍ୟ**
ଗବେଷକ
ଓଡ଼ିଆଭାଷା ଓ ସାହିତ୍ୟ ବିଭାଗ
ରେଭେନ୍ସା ବିଶ୍ୱବିଦ୍ୟାଳୟ

**ସନ୍ଦିପ୍ତା ପାଢ଼ୀ**
ଗବେଷିକା
ଓଡ଼ିଆ ଭାଷା ଓ ସାହିତ୍ୟ ବିଭାଗ
ମହାରାଜା ଶ୍ରରାମଚନ୍ଦ୍ର ଭଞ୍ଜଦେଓ
ବିଶ୍ୱବିଦ୍ୟାଳୟ

**ବିଶାଲ ସାହୁ**
ଗବେଷକ
ହିନ୍ଦୀ ବିଭାଗ
ରେଭେନ୍ସା ବିଶ୍ୱଦ୍ୟାଳୟ

**ଅର୍ଚ୍ଚନା ଶତପଥୀ**
ଗବେଷିକା
ଓଡ଼ିଆଭାଷା ଓ ସାହିତ୍ୟ ବିଭାଗ
ରେଭେନ୍ସା ବିଶ୍ୱବିଦ୍ୟାଳୟ

**ରମେଶ ଚନ୍ଦ୍ର ପ୍ରଧାନ**
ଗବେଷକ
ଓଡ଼ିଆ ବିଭାଗ
ବିଶ୍ୱଭାରତୀ, ଶାନ୍ତିନିକେତନ

# ପ୍ରାଚୀ ନିୟମାବଳୀ

1. ବାସ୍ତବତାର ପରିପ୍ରକାଶ 'ପ୍ରାଚୀ' ଏକ ମାସିକ ଗବେଷଣାଧର୍ମୀ ସମାଲୋଚନାମୂଳକ ପତ୍ରିକା । ଏଥିରେ ଭାଷା, ସାହିତ୍ୟ, ସଂସ୍କୃତି, ପରମ୍ପରା, ଲୋକ ଜୀବନ, ଇତିହାସ, ସମାଜ, ସଂସ୍କୃତି, କଳା, ନୃତତ୍ତ୍ୱ, ଦର୍ଶନ, ବିଜ୍ଞାନ ଆଦି ବିବିଧ ପ୍ରେକ୍ଷାର ଗବେଷଣାତ୍ମକ ପ୍ରବନ୍ଧ ପ୍ରକାଶିତ ହୋଇଥାଏ ।
2. 'ପ୍ରାଚୀ' ଯୁବପିଢ଼ିଙ୍କର ଗବେଷଣାକୁ ଏକ ଉଚିତ ଦିଶା ଓ ଆଭିମୁଖ୍ୟ ପ୍ରଦାନ କରିବା ପାଇଁ ନିଜର ସ୍ୱତନ୍ତ୍ର ଆଭିମୁଖ୍ୟ ନେଇ ସଂପ୍ରତି ଦଣ୍ଡାୟମାନ ହୋଇଛି ଏବଂ ଭବିଷ୍ୟତ ପାଇଁ ନୂତନ ରୂପରେଖ ମଧ୍ୟ ପ୍ରସ୍ତୁତ କରିଅଛି । ତେଣୁ ଲେଖାଗୁଡ଼ିକ ଗବେଷଣାର ଆଭିମୁଖ୍ୟ ଓ ସଂରଚନାକୁ ଦୃଷ୍ଟିରେ ରଖି ପ୍ରସ୍ତୁତ କରି ପ୍ରେରଣା କରିବାକୁ ସମସ୍ତଙ୍କୁ ଅନୁରୋଧ।
3. ଗବେଷଣାତ୍ମକ ଆଲେଖ୍ୟର ଆଦର୍ଶ, ନିୟମ ଓ ମୂଲ୍ୟବୋଧ ପ୍ରତି ସଚେତନ ରହି ସର୍ବଦା ଗବେଷଣାର ମୌଳିକତାକୁ ଦୃଷ୍ଟିରେ ରଖି ଲେଖକଲେଖିକାମାନେ ନିଜର ଲେଖା ପ୍ରେରଣ କରନ୍ତୁ ଏବଂ ଆବଶ୍ୟକସ୍ଥଳେ ଅନୁଷଙ୍ଗ ସୂଚୀର ସଂଯୋଗ କରନ୍ତୁ।
4. ପୂର୍ବରୁ ଅନ୍ୟ ପତ୍ର-ପତ୍ରିକା କିମ୍ବା ସାମାଜିକ ଗଣମାଧ୍ୟମରେ ପ୍ରକାଶ ପାଇଥିବା ଲେଖା 'ପ୍ରାଚୀ' ପତ୍ରିକା ପାଇଁ ଗ୍ରହଣୀୟ ନୁହେଁ।
5. 'ପ୍ରାଚୀ' ନୂତନ ଲେଖକ ଲେଖିକାମାନଙ୍କୁ ଅଗ୍ରାଧିକାର ଦେଇଥାଏ । ଲେଖାରେ ଯଦି ସମାଜ ପ୍ରତି କୌଣସି ବାର୍ତ୍ତାଥାଏ ତାହା ଏଥିରେ ପ୍ରକାଶ ପାଇବ। ଲେଖକଲେଖିକାମାନେ 'ପ୍ରାଚୀ'ରେ ପ୍ରକାଶ ପାଇଁ କମ୍ପ୍ୟୁଟର ପ୍ରସ୍ତୁତ ପାଣ୍ଡୁଲିପି ପଠାଇବେ।
6. ଲେଖାଟି ଆକ୍ଷେପମୂଳକ କିମ୍ବା ଉଦ୍ଦେଶ୍ୟ ପ୍ରଣୋଦିତ ନହେବା ଆବଶ୍ୟକ। ଲେଖାଟି ପ୍ରକାଶ କରିବା ସମ୍ପାଦନା ମଣ୍ଡଳୀ ଉପରେ ନିର୍ଭର କରିଥାଏ। ଲେଖାଟି ପ୍ରକାଶ ପାଇବା ପରେ ଡାକ କିମ୍ବା ଇ-ମେଲ ଯୋଗେ ଲେଖକଲେଖିକାଙ୍କୁ ଜଣାଇ ଦିଆଯିବ।
7. ପ୍ରାଚୀକୁ ପଠାଇଥିବା ଲେଖାଗୁଡିକୁ ଫେରାଇବାର କୌଣସି ସୁବିଧା ନାହିଁ। ତେଣୁ ଲେଖକଲେଖିକାମାନେ ନିଜର ପାଖରେ ନିଜ ପାଣ୍ଡୁଲିପିର ନକଲଟିଏ ରଖିବା ଆବଶ୍ୟକ। ଲେଖକଲେଖିକାମାନେ ନିଜ ଲେଖା ସହ ଗୋଟିଏ ରଙ୍ଗିନ୍ ଫଟୋ ପଠାଇବାକୁ ଅନୁରୋଧ ଏବଂ ଏକମାସ ପୂର୍ବରୁ ଲେଖାଟି ପହଞ୍ଚିବା ଜରୁରୀ।
8. କୌଣସି ଲେଖା ସମ୍ପର୍କରେ ଅନୁସନ୍ଧାନ ଡାକ ଯୋଗେ ଯୋଗାଯୋଗ କରାଯିବ। ପ୍ରାଚୀ ପାଇଁ ପଠାଉଥିବା ଲେଖାଗୁଡିକ ଏଇ ଠିକଣାରେ ପଠାଇବେ, ସମ୍ପାଦକ, ପ୍ରାଚୀ ପତ୍ରିକା, ନୀଳାଦ୍ରି ବିହାର, ନୂଆବଜାର, କଟକ, ଓଡ଼ିଶା, ପିନ୍-୭୫୩୦୦୪ କିମ୍ବା ପାଠକପାଠିକାମାନେ pracheepatrika@rediffmail.com ଯୋଗେ ସମ୍ପର୍କ ସ୍ଥାପନ କରିବେ।
9. ଲେଖାଗୁଡ଼ିକ ପେଜ୍ ମେକର୍ ଫର୍ମାଟ୍ ଓ ଆକୃତି ସାରଳା ଫଣ୍ଟରେ ଟାଇପ କରି ଦେବାକୁ ଅନୁରୋଧ ନଚେତ୍ ଲେଖା ଗ୍ରହଣଯୋଗ୍ୟ ହେବନାହିଁ।
10. ପ୍ରବନ୍ଧ ପଠାଇବାର ଚାରିମାସ ମଧ୍ୟରେ ପତ୍ରିକାରେ ପ୍ରକାଶିତ ନହେଲେ ଲେଖକ ନିଜର ପ୍ରବନ୍ଧକୁ ଅନ୍ୟତ୍ର ପ୍ରକାଶ କରିପାରିବେ। ଲେଖାଟି ଅପ୍ରକାଶିତ ଓ ଏହାର ମୌଳିକତା ସମ୍ପର୍କରେ ଗବେଷକ ଏକ ସ୍ୱୀକାରୋକ୍ତି ପତ୍ର ଲେଖା ସହିତ ସଂଲଗ୍ନ କରି ପଠାଇବେ। ପ୍ରକାଶିତ ଲେଖାର ମୌଳିକତା ନେଇ ପ୍ରଶ୍ନ ଉପୁଜିଲେ ଏଥିପାଇଁ ସଂପୃକ୍ତ ଲେଖକ ଉତ୍ତରଦାୟୀ ହେବେ । ପତ୍ରିକାକୁ ପଠାଇଥିବା ଲେଖା ପ୍ରକାଶିତ ନହେଲେ ସଂପାଦକ ବା ସମ୍ପାଦନା ମଣ୍ଡଳୀ ଦାୟୀ ରହିବେ ନାହିଁ ।

# VOICE FOR VOICELESS

**INDIVIDUAL PARTICIPATION IN SOCIAL SERVICE**

Niladri Vihar, Naya Bazar, Cuttack-753004 (Odisha)
E-mail : voiceforvoiceless2013@gmail.com
Visit us : www.voiceforvoiceless.in

+91 88957 07011

# ଆପଣଙ୍କର ଟିକିଏ କଷ୍ଟ
# ଆମର ଗୋଟିଏ ପେଟ



**ବୁଲା ପଶୁଙ୍କୁ ଖାଦ୍ୟ ଦିଅନ୍ତୁ * FEED THE STRAY ANIMAL**

ବାସ୍ତବତାର ପରିପ୍ରକାଶ

# ପ୍ରାଚୀ

Vol.- 11, March 2026, Issue No. XII
ISSN NO. 2583-147X (P)
ISSN NO. 3048-8958 (O)
RNI No. : ODIODI/2015/64435
P.R. No. : CK(C)/96/2025-2027

**ପ୍ରକାଶକ :**
ପ୍ରାଚୀ ସାହିତ୍ୟ ସମାଜ ପବ୍ଲିକେସନ୍
ନିଳାଦ୍ରୀ ବିହାର, ନୂଆବଜାର, କଟକ

**ପ୍ରଚ୍ଛଦ ଚିତ୍ର :**
ବିଜୟ କୁମାର ସାହୁ

**ଅକ୍ଷର ସଜ୍ଜା :**
ବିକ୍ରମ କିଶୋର ସାହୁ

**ଡିଟିପି :**
ଶିବ ପ୍ରସାଦ ଧଳ

**ଅଲଙ୍କରଣ :**
ବିଭୁପ୍ରସାଦ ନାୟକ

**ୱେବ ଡ଼ିଜାଇନର୍ :**
ଶୁଭ୍ରାଂସୁ ଶତପଥି

**ବିଜ୍ଞାପନ ଅଧିକାରୀ :**
ଅବିନାଶ ଦାଶ

**ବିତରଣ ଅଧିକାରୀ :**
ସନ୍ତୋଷ କୁମାର ପାଲ୍

**ମୁଦ୍ରଣ :**
ଲକ୍ଷ୍ମୀ ଅଫ୍‌ସେଟ୍ ପ୍ରେସ୍
ନୂଆବଜାର, କଟକ - ୪

## ଏଇ ସଂଖ୍ୟାରେ...

୧. ଭୀମପୃଷ୍ଟିଙ୍କ ଗଳ୍ପ ସମ୍ଭାର : ମଣିଷ ଜୀବନର ଚିତ୍ରିତ ଚିତ୍ରପଟ
ବନଜ ବାସିନୀ ବାରିକ ......................... ୯

୨. ଉଚ୍ଚଶିକ୍ଷାର ମାଧ୍ୟମ ରୂପେ ମାତୃଭାଷା – ଏକ ମୂଲ୍ୟାୟନ
ପ୍ରଜ୍ଞା ପରମିତା ସାହୁ ........................... ୧୭

୩. ବାକ୍ୟ ଗଠନ ଶିକ୍ଷା, ଶୁଦ୍ଧତା ସମୀକ୍ଷା ଓ ଆଲୋଚନା
ସୁମନ୍ତ କୁମାର ଭୋଇ .......................... ୨୨

୪. ନିଳାଦ୍ରି ଭୂଷଣ ହରିଚନ୍ଦନଙ୍କ ନାଟ୍ୟ ମାନସ ଓ ନବଇତିହାସବାଦ
ମନୋରଞ୍ଜନ ସାହୁ ............................. ୩୨

୫. ଉତ୍ତର ସତୁରୀ ଓଡ଼ିଆ ନାଟକରେ ପାଲାଶୈଳୀ
ଗୀତାଞ୍ଜଳି ସାହୁ ............................... ୩୭

୬. ଆସ୍ଥାର ପଥେ: ଓଡ଼ିଶାର ପବିତ୍ର ପର୍ଯ୍ୟଟନସ୍ଥଳୀ
ସୁଲଗ୍ନା ମହାନ୍ତି ................................ ୪୫

୭. ଶୈବ ସଂସ୍କୃତିରେ ଦର୍ଶନ ତତ୍ତ୍ୱ
ସଞ୍ଜୟ କୁମାର ପଣ୍ଡା .......................... ୪୯

୮. ସଫଳ ଆତ୍ମଜୀବନୀ ଗ୍ରନ୍ଥ : "ସ୍ମୃତି ସଂଳାପ"
ସୁବାସ ଚନ୍ଦ୍ର ବେହେରା ....................... ୫୩

୯. ଫତୁରାନନ୍ଦଙ୍କ ଭିନ୍ନ ଏକ ବ୍ୟଙ୍ଗ ସମାଲୋଚନା ଶୈଳୀର ରମ୍ୟରଚନା- 'ଫମାଲୋଚନା'
କାମାକ୍ଷା ବେହେରା ଓ ସୁରଞ୍ଜନ ପ୍ରଧାନ ....... ୫୮

୧୦. ମନୋଜଙ୍କ ଭ୍ରମଣ ବୃତ୍ତାନ୍ତରେ ପ୍ରକୃତିର ଭୟାବହ ରୂପ
ମାଧବାନନ୍ଦ ପାତ୍ର ଓ ମଣୀନ୍ଦ୍ର କୁମାର ମେହେର ୬୫

# VOICE FOR VOICELESS

## INDIVIDUAL PARTICIPATION IN SOCIAL SERVICE

Regd. No. : 23717/65

Niladri Vihar, Naya Bazar, Cuttack-753004 (Odisha)
E-mail : voiceforvoiceless2013@gmail.com
Visit us : www.voiceforvoiceless.in

+91 88957 07011

# ଆପଣଙ୍କର ମୁଠାଏ ଦାନା
# ଆମର ଗୋଟାଏ ପେଟ



**ପକ୍ଷୀମାନଙ୍କୁ ଦାନା ଦିଅନ୍ତୁ * FEED THE BIRDS**

# ସଂସ୍କୃତି ଅଧ୍ୟୟନ : ଗବେଷଣାର ଆଧୁନିକ ଦୃଷ୍ଟିକୋଣ

ସଂସ୍କୃତି ମାନବ ସମାଜର ମୂଳ ଆଧାର । ଏଠାରେ ମୁଁ ପାରମ୍ପରିକ ଧାରାରେ ସଂସ୍କୃତିର ସଂଜ୍ଞା, ସ୍ୱରୂପ, ବୈଶିଷ୍ଟ୍ୟ ନିରୂପଣ କରୁନାହିଁ । ପ୍ରାଚ୍ୟ ବିଦ୍ୟାବିତ୍‌ମାନଙ୍କ ଠାରୁ ଆରମ୍ଭ କରି କାର୍ଲମାର୍କ୍ସ, ସିଗ୍‌ମଣ୍ଡ ଫ୍ରଏଡ୍, ଟି.ଏସ୍.ଇଲିଅଟ୍, ମାଥୁଉ ଆରର୍ଣ୍ଣୋଲଡ୍, କନିଂହାମ୍, ଲେଭିଥ୍ରସ୍, ଏରିକ୍ ଫ୍ରୋମ୍, ଗ୍ରାମ୍‌ସି, ଏଡ୍‌ୱାର୍ଡ଼ ସଇଦ୍, ହୋମିଭାବା ଏବଂ ଅର୍ଜ୍ଜୁନ ଆପ୍ପାଦୁରାଇ ପ୍ରମୁଖ ସମାଜବିଜ୍ଞାନୀ, ମନୋବିଜ୍ଞାନୀ, ନୃତତ୍ତ୍ୱବିତ୍, ଭାଷାବିତ୍‌ମାନେ ସଂସ୍କୃତିକୁ ପରିବର୍ତ୍ତନଶୀଳ ରୂପରେ ଦେଖିଛନ୍ତି । ଭିନ୍ନ ଭିନ୍ନ ସଂସ୍କୃତି ମିଶି ଏକ ନୂଆ ସଂସ୍କୃତି ତିଆରି ହୁଏ । ତେଣୁ ସେମାନଙ୍କ ଦୃଷ୍ଟିରେ ସଂସ୍କୃତି ମିଶ୍ରିତ ଏବଂ ଗତିଶୀଳ। ସଂସ୍କୃତି ମଧ୍ୟ ଏକ ଗଠନ ମୂଳକ ବ୍ୟବସ୍ଥା। ଗ୍ରାମ୍‌ସି ଓ ମାର୍କ୍ସ ସଂସ୍କୃତିକୁ ହେଜିମୋନି (ଆଧିପତ୍ୟ) ସହିତ ଯୋଡ଼ିଥିଲେ । ସଂସ୍କୃତିର ଦ୍ୱାହି ଦେଇ ଶାସକଶ୍ରେଣୀ ଶାସନ କରେ । ଗ୍ରାମ୍‌ସି ପ୍ରିଜିନ୍ ଡାଇରିରେ ସଂସ୍କୃତିକୁ କର୍ତ୍ତୃତ୍ୱ ବିସ୍ତାରର ମୁଖ୍ୟ ଆୟୁଧ ଭାବରେ ଗ୍ରହଣ କରିଛନ୍ତି । ମାର୍କ୍ସ ମଧ୍ୟ ସଂସ୍କୃତିକୁ ଶାସକ ଶ୍ରେଣୀର ଚିନ୍ତାଧାରାର ପ୍ରଚାରର ମାଧ୍ୟମ ଭାବରେ ଗ୍ରହଣ କରିଛନ୍ତି। ସମାଜତତ୍ତ୍ୱବିତ୍ ବେଂଜାମିନ୍ ପ୍ରଯୁକ୍ତିବିଦ୍ୟା ମାଧ୍ୟମରେ ସଂସ୍କୃତିର ପୁନଃଉତ୍ଥାପନ ବିଷୟରେ ଚିନ୍ତାବ୍ୟକ୍ତ କରିଛନ୍ତି । ଲେଭି-ଥ୍ରସ୍ ସଂସ୍କୃତିକୁ ସଂରଚନା ମୂଳକ ପ୍ରଣାଳୀ ଭାବେ ତର୍ଜମା କରିବାକୁ ଯାଇ ମିଥ୍ ଓ ଲୋକକଥା ମାଧ୍ୟମରେ ମଣିଷ ମନକୁ ବୁଝିବାର ପ୍ରୟାସ କରିଛନ୍ତି ।

ଅର୍ଜ୍ଜୁନ ଆପ୍ପାଦୁରାଇଙ୍କ ସଂସ୍କୃତି ଚିନ୍ତନ ପାଞ୍ଚଟି ଧାରଣା ଉପରେ ପର୍ଯ୍ୟବେସିତ। ତାହା ହେଉଛି-ଏଥନୋସ୍କେପ୍, ମେଡ଼ିଆସ୍କେପ୍, ଟେକ୍‌ନୋସ୍କେପ୍, ଫିନାନସ୍କେପ୍, ଆଇଡ଼ିଓସ୍କେପ୍। ଏଥନୋସ୍କେପ୍‌ର ଅର୍ଥ ହେଉଛି ପ୍ରବାସୀ, ଶ୍ରମିକ, ପାଠ ପଢୁଥିବା ଛାତ୍ରଛାତ୍ରୀ, ପର୍ଯ୍ୟଟକ, ଶରଣାର୍ଥୀମାନେ ଏକ ଦେଶରୁ ଅନ୍ୟ ଦେଶକୁ ଯାଆନ୍ତି । ଏହାଦ୍ୱାରା ଦେଶ ଦେଶ ମଧ୍ୟରେ ଏକ ପ୍ରକାର ସଂଶ୍ରବ ସମ୍ଭବ ହୁଏ । ଲୋକମାନଙ୍କର ଚାଲିଚଳଣି, କଥାବାର୍ତ୍ତା, ଜୀବନଧାରଣ ଶୈଳୀ ମଧ୍ୟ ଏହାଦ୍ୱାରା ଗଭୀର ଭାବରେ ପ୍ରଭାବିତ ହୁଏ । ସାଂସ୍କୃତିକ ଆଦାନ ପ୍ରଦାନ ସାମାଜିକ ପରିବର୍ତ୍ତନର ମୂଳହେତୁ ବୋଲି ବିବେଚନା କରିବା, ମିଡ଼ିଆସ୍କେପ ହେଉଛି ରେଡ଼ିଓ, ଟେଲିଫୋନ୍, ଟେଲିଭିଜନ, ସାମାଜିକ ଗଣମାଧ୍ୟମରେ ସାଂସ୍କୃତିକୁ ବିଶ୍ୱପ୍ରସାରୀ କରାଇବା, ଟେକ୍‌ନୋସ୍କେପ୍ ମଧ୍ୟରେ ସୂଚନା ପ୍ରଯୁକ୍ତି ବିଦ୍ୟାର ସାଧନଗୁଡ଼ିକ ଅନ୍ତର୍ଭୁକ୍ତ । ମୋବାଇଲ୍‌ଫୋନ୍, କମ୍ପ୍ୟୁଟର, ଇଣ୍ଟରନେଟ୍, ଆର୍ଟିଫିସିଆଲ୍ ଇଣ୍ଟେଲିଜିନେସ୍ ଦ୍ୱାରା ଗୋଟିଏ ଦେଶର ସଂସ୍କୃତି ଅନ୍ୟ ଦେଶ ପାଖରେ ପହଞ୍ଚେ । ଇଣ୍ଟରନେଟ୍ ବିଶ୍ୱକୁ ଏକ ପରିବାରଭୁକ୍ତ କରିବାରେ ପ୍ରମୁଖ ଭୂମିକା ନେଇଛି । ଏହା ମଧ୍ୟ ଆମ ସଂସ୍କୃତି ଓ ଜୀବନଶୈଳୀକୁ ପ୍ରଭାବିତ କରୁଛି । ଫାଇନାନ୍ସ ସ୍କେପ୍‌ର ଅର୍ଥ ବିତ୍ତ (ଟଙ୍କା), ପୁଞ୍ଜି (କ୍ୟାପିଟାଲ୍) ସମ୍ବଳିତ । ବ୍ୟାଙ୍କ ବ୍ୟବସ୍ଥା, ସେୟାର ବଜାର, ଅର୍ଥଲଗାଣ ସଂସ୍ଥା, ବିଦେଶୀ ପୁଞ୍ଜି, ଆନ୍ତର୍ଜାତୀୟ ବ୍ୟବସାୟ, ସେୟାର ବଜାରର ଉତ୍‌ଥାନ ପତନ, ବିଦେଶୀ କଂପାନୀମାନଙ୍କର ଭାରତରେ ନିବେଶ ଦ୍ୱାରା ଆମ ଅର୍ଥବ୍ୟବସ୍ଥା ପ୍ରଭାବିତ ହେଉଛି । ଏହାଦ୍ୱାରା ମଧ୍ୟ ଆମ ସଂସ୍କୃତି ଓ ଜୀବନଧାରେ ପରିବର୍ତ୍ତନ ଘଟିଛି । ଆଇଡ଼ିଓ ସ୍କେପ୍‌ର ଅର୍ଥ ହେଉଛି ଆମ ଚିନ୍ତନ, ଆମ ଧାରଣା, ଆମ ଗଣତନ୍ତ୍ର, ସ୍ୱାଧୀନତା, ଅଧିକାର, ସାମାଜିକ ମୂଲ୍ୟବୋଧ, ରାଜନୀତି ଆମ ଦେଶର ସୀମା ଭିତରେ ଆବଦ୍ଧ ହୋଇ ରହୁ ନାହିଁ । ଇଣ୍ଟରନେଟ୍, ଏହାକୁ ବିଶ୍ୱବ୍ୟାପୀ କରାଉଛି । ବିଶ୍ୱର କୋଣ ଅନୁକୋଣରେ ମଣିଷ ସହିତ ମଣିଷର ସାଂସ୍କୃତିକ ବିକାଶ ପରିଚିତିରେ ମିଡ଼ିଆ ବା ଗଣମାଧ୍ୟମ ଗୁରୁତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରିଛି । ଆଧୁନିକ ବିଶ୍ୱର ଉଦ୍ୟୋଗପତି ନିର୍ମାତାମାନେ ଗ୍ଲୋବାଲ ମିଡ଼ିଆ କନସେପ୍ଟ ବା ବିଶ୍ୱ ଗଣମାଧ୍ୟମ ଭାବଧାରାର ସ୍ତୁତିଗାନ କରୁଛନ୍ତି ।

ଅତୀତରେ ବିବିସି, ଭଏସ୍ ଅଫ୍ ଆମେରିକା, ସି.ଏନ୍.ଏନ୍. ପେକିଂ ରେଡ଼ିଓ ଭଳି ଗଣମାଧ୍ୟମ ବିଶ୍ୱରାଜନୀତି ଚର୍ଚ୍ଚାର ମୁଖ୍ୟପ୍ରବକ୍ତା ଥିଲେ । ଏମାନଙ୍କର ଉଦ୍ଦେଶ୍ୟ ଥିଲା ସମଗ୍ର ବିଶ୍ୱରେ ଏକ ସୁଦୃଢ଼ ରାଜନୈତିକ ଭିତ୍ତିଭୂମିର ପ୍ରଚେଷ୍ଟା ସାଙ୍ଗକୁ ଗୋଟିଏ ଖବର ସବୁ ଦେଶରେ ପହଞ୍ଚାଇ ଏକ ସମାଜ ପରିବର୍ତ୍ତନର ସ୍ୱରକୁ ଆହୁରି ତୀବ୍ର କରିବା, କିନ୍ତୁ ଏହି ଗଣମାଧ୍ୟମମାନେ ଜନସମୁଦାୟର ଆବଶ୍ୟକତା ଓ ଇଚ୍ଛାଶକ୍ତିର ରୂପାୟନରେ କେତେଦୂର ସମର୍ଥ ହୋଇଛନ୍ତି ? ତେଣୁ ଏଇ ବିଶ୍ୱ ଗଣମାଧ୍ୟମ ଭାବଧାରା ସାରା ପୃଥିବୀକୁ ଏକ ସୂଚନା ଜାଲରେ ଯୋଡ଼ିବାର ପ୍ରକ୍ରିୟା ଭିତରେ ଆମ ଜୀବନ ଓ ସଂସ୍କୃତିକୁ ଦୂର ଦୂରାନ୍ତରୁ ପ୍ରଭାବିତ କରୁଛି ।

Arnold Pacey ଙ୍କ ଲିଖିତ 'Culture and Technology' ବହିରେ ସଂସ୍କୃତି ସହ ପ୍ରଯୁକ୍ତିବିଦ୍ୟା ମଧ୍ୟରେ ଥିବା ସୁସଂପର୍କକୁ ବିଶ୍ଳେଷଣ କରାଯାଇଛି । Pacey ଙ୍କ ଦୃଷ୍ଟିରେ Technology ବା ପ୍ରଯୁକ୍ତିବିଦ୍ୟା କହିଲେ ମେସିନ୍, ଟୁଲ୍ ବା ଡିଭାଇସ୍‌କୁ ନ ବୁଝି ଏହାକୁ ଏକ ସାମାଜିକ ଓ ସାଂସ୍କୃତିକ ପ୍ରକ୍ରିୟା ଭାବରେ ଗ୍ରହଣ କରିବା। ଅର୍ଥାତ୍ ପ୍ରଯୁକ୍ତିବିଦ୍ୟା ମଧ୍ୟରେ ମାନବର ଚିନ୍ତାଧାରା, ମୂଲ୍ୟବୋଧ ଓ ସାମାଜିକ ପ୍ରଣାଳୀ ଅନ୍ତର୍ଭୁକ୍ତ ଥାଏ । ତେଣୁ ସଂସ୍କୃତି ଓ ସୂଚନା ପ୍ରଯୁକ୍ତିବିଦ୍ୟା ମଧ୍ୟରେ ସଂପର୍କ ଖୁବ୍ ନିବିଡ଼ । ଦେଶର ସଂସ୍କୃତି ଅନୁସାରେ technology ର ବ୍ୟବହାର କରାଯାଉଛି । ଆଜିର ଡିଜିଟାଲ୍ ଯୁଗରେ ସାମାଜିକ ଗଣମାଧ୍ୟମ ସଂସ୍କୃତି ଉପରେ ପ୍ରଭାବ ପକାଉଛି । ସୂଚନା ପ୍ରଯୁକ୍ତିବିଦ୍ୟା ଜଗତୀକରଣକୁ ବଢ଼ାଉଛି, ସାଂସ୍କୃତିକ ପରିଚୟ (cultural identity) ଉପରେ ମଧ୍ୟ ପ୍ରଭାବ ପକାଉଛି । ଯେଉଁଥିପାଇଁ ଆମେ ହଲିଉଡ୍‌ର ଭାରତୀୟ ପ୍ରତିରୂପ ଭାବେ ବଲିଉଡ୍ । ଓଡ଼ିଆମାନେ ବଲିଉଡ୍, ଓଡ଼ିଆ ଯାତ୍ରା ଜଗତକୁ ଯଲିଉଡ୍, ତେଲୁଗୁମାନେ ଟଲିଉଡ୍ କହିଲେଣି ।


ଚଳନ୍ତି ସମୟରେ ଜଗତୀକରଣ ଓ ପ୍ରଯୁକ୍ତିବିଦ୍ୟାର ପ୍ରଭାବରେ ସଂସ୍କୃତି ମଧ୍ୟ ତା'ର ରୂପ ବଦଳାଇଛି । ଏହି ପରିବର୍ତ୍ତିତ ରୂପକୁ ବୁଝିବା ପାଇଁ ସାଂସ୍କୃତିକ ଗବେଷଣାର ଆବଶ୍ୟକତା ରହିଛି । ପ୍ରଖ୍ୟାତ ସଂସ୍କୃତି ଗବେଷକ 'Roland Barthes' ମଧ୍ୟ ସମକାଳର ମଣିଷମାନଙ୍କର ଆଚରଣ, ଉଚ୍ଚାରଣ, ଜୀବନଧାରଣ ଦେଖି ସାଂସ୍କୃତିକ ଗବେଷଣା ଉପରେ ଗୁରୁତ୍ୱ ଦେଇଛନ୍ତି । ସେ ମଧ୍ୟ ସଂସ୍କୃତିକୁ text ଭାବରେ ଅଧ୍ୟୟନ କରିବାକୁ କହୁଛନ୍ତି । ଏହି ପରିପ୍ରେକ୍ଷୀରେ ଆମ ଗବେଷଣାର ଧର୍ମ ଓ ନୈତିକ ଦାୟିତ୍ୱ ସଂପର୍କରେ ଦୁଇଧାଡ଼ି ଲେଖିବାକୁ ଉଚିତ ମଣୁଛି । ଗବେଷଣା ଦ୍ୱାରା ଆମର ପାରମ୍ପରିକ ସଂସ୍କୃତିର ଓ ପରିବର୍ତ୍ତିତ ସଂସ୍କୃତିର, ସମୀକ୍ଷା ଓ ବିଶ୍ଳେଷଣ ନିମିତ୍ତ ସେତୁଟିଏ ନିର୍ମାଣ କରୁ । ଯେଉଁ ସେତୁ ଉପରେ ଠିଆ ହୋଇ ନୂଆପିଢ଼ିର ଗବେଷକ ବାଟ ଚାଲିଯାଇ ପାରିବ ସଂସ୍କୃତି ଚର୍ଚ୍ଚାର ନାଭିକେନ୍ଦ୍ରକୁ । ଏଇ ସେତୁ ନିର୍ମାଣ ଓ ଅନ୍ତଃସ୍ଥଳକୁ ବାଟ ଦେଖାଇବା ପାଇଁ ଲୋଡ଼ା ଏକ ସୂକ୍ଷ୍ମ ମାନସିକତା । ଯାହାକୁ ଆମ ପ୍ରାଚ୍ୟ କାବ୍ୟତତ୍ତ୍ୱ 'ସହୃଦୟ' ବୋଲି ଅଭିବ୍ୟକ୍ତି କରେ । ଗବେଷଣା ପାଇଁ ଛୁରୀ, କଣ୍ଟା କି ଅଣୁବୀକ୍ଷଣ, ଦୂରବୀକ୍ଷଣ ଲୋଡ଼ା ନାହିଁ । କେବଳ ଲୋଡ଼ା ହଳେ ନିରପେକ୍ଷ ଆଖି, 'ସହୃଦୟ ହୃଦୟ', 'ଅନାସକ୍ତ ମନ' ଓ 'ବିଶ୍ଳେଷଣ କ୍ଷମତା' ।


ପରିଶେଷରେ ସଂସ୍କୃତିଗତ ଗବେଷଣା ସମୀକ୍ଷିତ ସୃଷ୍ଟିର ପୁନଃଲିଖନ ନ ହେଉ । ଏହା ନୈତିକ, ପୁନଃସୃଜନ ଓ ମୂଲ୍ୟାୟନଧର୍ମୀ ହେଉ । ମୂଲ୍ୟାୟନ କିନ୍ତୁ ସ୍ୱଚ୍ଛ ନିରପେକ୍ଷ ହେଉ । ଆଦର୍ଶ ଗବେଷଣା ଏକ ଉଚ୍ଚକୋଟୀର ସୃଷ୍ଟି । ଯାହା ଆମ ସାହିତ୍ୟ, ସଂସ୍କୃତି, ପରମ୍ପରାକୁ ଶକ୍ତିଶାଳୀ ଅନୁଭବର ମୌଳିକତାକୁ କାଳ କାଳ ପାଇଁ ବଞ୍ଚାଇ ରଖିବାର ପ୍ରୟାସ କରେ ।

**ବିଜୟଲକ୍ଷ୍ମୀ ଦାଶ,** ପିଏଚ୍.ଡ଼ି.
ଆସୋସିଏଟ୍ ପ୍ରଫେସର, ଓଡ଼ିଆ ବିଭାଗ
ରେଭେନ୍‌ସା ବିଶ୍ୱବିଦ୍ୟାଳୟ

❖ ❖ ❖

## ଖୁସିର ସହିତ ଜଣାଉଛୁ ଯେ,
## ପ୍ରାଚୀ ସାହିତ୍ୟ ସମାଜ ପ୍ରକାଶନ ତରଫରୁ
## ଦୁଇଟି ପୁସ୍ତକ ପ୍ରକାଶ ପାଇଛି ।





**PRACHEE SAHITYA SAMAJ PUBLICATION**

At-Niladri Vihar. Po-Naya Bazar, Dist.-Cuttack-753004 (Odisha)

Mob. : 88957 07011

DOI : https://doi.org/10.5281/zenodo.19110565 ମୂଳ ପ୍ରବନ୍ଧ

# ଭୀମପୃଷ୍ଟିଙ୍କ ଗଳ୍ପ ସମ୍ଭାର : ମଣିଷ ଜୀବନର ଚିତ୍ରିତ ଚିତ୍ରପଟ୍ଟ

ବନଜ ବାସିନୀ ବାରିକ

**ସଂକ୍ଷିପ୍ତସାର :**

ପୃଥିବୀରେ ବିବର୍ତ୍ତନବାଦ ସହିତ ମଣିଷର ଜୀବନଧାରା ଓତଃପ୍ରୋତ ଭାବେ ଜଡ଼ିତ । ଶିକ୍ଷା, ଦୀକ୍ଷା ଓ ବିଚାରଧାରାକୁ ନେଇ ଶ୍ରେଷ୍ଠ ଜୀବ ମଣିଷ ଜୀବନଯାତ୍ରାରେ ପ୍ରଧାବିତ । ଏଥିସହିତ ବିଜ୍ଞାନ ପ୍ରଯୁକ୍ତି ବିଦ୍ୟାର ଅବଦାନ ମଣିଷ ଜୀବନକୁ ତ୍ୱରାନ୍ୱିତର ଶାଣିତ ତଥା ବୌଦ୍ଧିକ ବିକାଶରେ ବିଶେଷ ସହାୟକ ହୋଇଛି । ଫଳରେ ଆମେ ଏକ ଉନ୍ନତ ଓ ପ୍ରଗତିଶୀଳ ସଭ୍ୟତାର ଦ୍ୱୈତକ ଭାବରେ ପରିଗଣିତ । ଏସବୁ ସତ୍ତ୍ୱେ ମଣିଷ ଜୀବନର ଯେଉଁ ଲୁକ୍କାୟିତ ଦିଗ ତଥା ଅବଚେତନ କ୍ରିୟାର ଦ୍ୱନ୍ଦ୍ୱ ସମାଜରେ ପ୍ରତିଷ୍ଠିତ ହେବାର ଆକାଂକ୍ଷା ଓ ତୃଣମୂଳ ସ୍ତରରେ ଥିବା ଅବହେଳିତ ଜୀବନଧାରଣର ସଂଗ୍ରାମୀ ପ୍ରୟାସ ଆଦିକୁ ସମ୍ୱଳିତ କରି ଗାଳ୍ପିକ ଭୀମ ପୃଷ୍ଟିଙ୍କର ଗଳ୍ପଗୁଡ଼ିକ ଋଦ୍ଧିମନ୍ତ । ସମାଜର ପ୍ରତ୍ୟେକ ଶ୍ରେଣୀରେ ବ୍ୟକ୍ତି ବିଶେଷଙ୍କ ଜୀବନଚର୍ଯ୍ୟା ଓ ବଞ୍ଚିବାର ଜୀବନ ଶୈଳୀକୁ ମୁଖ୍ୟତଃ ଆଧାର କରି ତାଙ୍କ ଗଳ୍ପଗୁଡ଼ିକ ପରିପୃଷ୍ଟ ଓ ମର୍ମସ୍ପର୍ଶୀ ।

**ପ୍ରମୁଖ ଶବ୍ଦାବଳୀ :**

ମାନବିକତା, ଅସ୍ତିତ୍ୱବାଦ, ଜୀବନ ସଂଗ୍ରାମ, ନିଃସଙ୍ଗତା, ବାସ୍ତବବାଦ, ସଂସ୍କୃତି, ପରିବର୍ତ୍ତନ, ବ୍ୟବସ୍ଥା, ସାଧାରଣ ମଣିଷ, ମନସ୍ତାତ୍ତ୍ୱିକ ଗଭୀରତା ।

## ବିଶ୍ଳେଷଣ :

ଓଡ଼ିଆ ଗଳ୍ପ ସାହିତ୍ୟକୁ ଭୀମପୃଷ୍ଟିଙ୍କ ସୃଷ୍ଟି ସମ୍ଭାର ମହିମାମଣ୍ଡିତ କରିଛି । ଲକ୍ଷ୍ୟ କରାଯାଏ ଯେ, ବିଂଶ ଶତାବ୍ଦୀର ଜନଜୀବନର ଜୀବନ ଧାରାକୁ ସେ ଅତି ନିକଟରେ ଅନୁଧ୍ୟାନ କରି ଗଳ୍ପରେ ସାର୍ଥକ ରୂପ ଦେଇଛନ୍ତି । ଯାହା ସମସ୍ତ ଗଳ୍ପରେ ଚିତ୍ରିତ ରୂପ । ପଲ୍ଲୀଭୂଇଁର କୃଷିଜୀବୀ ଓ ଦୀନମଜୁଆରିଠୁ ଆରମ୍ଭ କରି ସହରର ଶ୍ରମିକ ଓ ନଭଶ୍ଚୁମ୍ୱୀ ଅଟ୍ଟାଳିକାରେ ବିଳାସପୂର୍ଣ୍ଣ ଜୀବନଯାପନ କରୁଥିବା ଅଫିସର, ରାଜନୈତିକ ଗୋଷ୍ଠୀ, ଶିଳ୍ପପତି ଆଦିଙ୍କ ଜୀବନଧାରାକୁ ସୂକ୍ଷ୍ମ ଦୃଷ୍ଟିରେ ପର୍ଯ୍ୟାଲୋଚନା କରି ସେମାନଙ୍କର ପ୍ରଭାବ ସାମାଜିକ ସ୍ଥିତିକୁ କିପରି ବିପର୍ଯ୍ୟସ୍ତ କରୁଛନ୍ତି ତା' ଯଥାର୍ଥ ଭାବେ ଚିତ୍ରିତ । ବାସ୍ତବ ଘଟଣାକୁ ଅନୁରୂପ ଭାବେ ଗଳ୍ପରୂପ ଦେବାରେ ତାଙ୍କ ସ୍ୱାତନ୍ତ୍ର୍ୟତା ରହିଛି । ଅତିରଞ୍ଜିତ, ଭାବାବେଗ, ଆବେଗ, ଭାବପ୍ରବଣତା ଗାଳ୍ପିକଙ୍କ ଗଳ୍ପରେ ଆଦୌ ପରିଲକ୍ଷିତ ହୁଏନାହିଁ । ଏଥିପାଇଁ ତାଙ୍କର ପ୍ରତ୍ୟେକଟି ଗଳ୍ପ ହୃଦୟତନ୍ତ୍ରୀରେ ଚିରଝଙ୍କାର ସୃଷ୍ଟି କରିଥାଏ । ପାଠକ ଗଳ୍ପ ପଠନ ସମୟରେ ଘଟଣାର ବାସ୍ତବ ଚିତ୍ରର

ଏହି ପ୍ରବନ୍ଧକୁ ଅନ୍‌ଲାଇନରେ ପଢିବାପାଇଁ ପ୍ରବେଶ କରନ୍ତୁ

| Quick Response Code: | Available online at : https://pracheenews.com/ |
|---|---|
| | DOI: https://doi.org/10.5281/zenodo.19110565 Article No - BPP00392 |

**ଯୋଗାଯୋଗ :**
**ଡକ୍ଟର ବନଜ ବାସିନୀ ବାରିକ,** ସହକାରୀ ପ୍ରଫେସର
(ଓଡ଼ିଆ ବିଭାଗ) ଭଦ୍ରକ ସ୍ୱୟଂଶାସିତ ମହାବିଦ୍ୟାଳୟ, ଭଦ୍ରକ
**E-mail.ID :** banajabasini.barik@gmail.com
**ORCID ID :** https://orcid.org/0009-0006-6686-7653

This is an open access journal, and articles are distributed under the terms of the Creative Commons Attribution Non Commercial Share Alike 4.0 License, which allows others to remix, tweak, and build upon the work non commercially, as long as appropriate credit is given and the new creations are licensed under the identical terms.

For reprints contact: *pracheepatrika@rediffmail.com*

| ପ୍ରାପ୍ତି | ସମୀକ୍ଷିତ | ଗୃହୀତ | ପ୍ରକାଶିତ |
|---|---|---|---|
| ୧୫.୧୨.୨୦୨୫ | ୧୬.୦୧.୨୦୨୬ | ୨୭.୦୧.୨୦୨୬ | ୧.୦୩.୨୦୨୬ |

ଏହି ପ୍ରବନ୍ଧକୁ କିପରି ଉଦ୍ଧୃତ କରିବେ : ବାରିକ, ବନଜ ବାସିନୀ; ୨୦୨୬ । ଭୀମପୃଷ୍ଟିଙ୍କ ଗଳ୍ପ ସମ୍ଭାର : ମଣିଷ ଜୀବନର ଚିତ୍ରିତ ଚିତ୍ରପଟ୍ଟ । ବାସ୍ତବତାର ପରିପ୍ରକାଶ ପ୍ରାଚୀ । ଭାଗ :୧୧, ସଂଖ୍ୟା : ୦; ପୃଷ୍ଠା :୯-୧୬ ।

ଉଦ୍‌ଭାସ ସେ ଦେଖିବାକୁ ପାଏ। ଏଣୁ ଏକ ସୁସ୍ଥ ସମାଜ ଗଠନ କରିବା ସହିତ ଆଜିର ସମାଜରେ ବିଚରଣ କରୁଥିବା ଦୁଷ୍ଟ ଓ ଖଳ ଚରିତ୍ରମାନଙ୍କୁ ପରୋକ୍ଷ ଉପଦେଶ ଦେବା ସାମାଜିକତା ଶିକ୍ଷା ଦେବାର ସ୍ୱର ତା'ର ଗଳ୍ପର ଏକ ସ୍ୱତନ୍ତ୍ର ବୈଶିଷ୍ଟ୍ୟ ମଣିଷର ଅସହାୟତା, ଦୁଃଖ, ଯନ୍ତ୍ରଣାର କାରଣକୁ ଉନ୍ମୋଚନ କରି ପ୍ରତିକୂଳଧର୍ମୀ ଚରିତ୍ରଗୁଡ଼ିକୁ ଉପଯୁକ୍ତ ଦିଗ୍‌ଦର୍ଶନ ଦେବାରେ ତାଙ୍କର ଗଳ୍ପଗୁଡ଼ିକ ଉଦ୍ଦିଷ୍ଟ। ସମାଜର ସବୁ ଶ୍ରେଣୀର ବ୍ୟକ୍ତି ବିଶେଷଙ୍କ ମନସ୍ତତ୍ତ୍ୱକୁ ପରିସ୍ଥିତି ଓ ପରିବେଶ ଦୃଷ୍ଟିକୋଣରୁ ଗଭୀର ଭାବରେ ଅନୁଧ୍ୟାନ କରି ଗଳ୍ପରେ ଉପସ୍ଥାପନ କରିବାରେ ଗାଳ୍ପିକଙ୍କର ବିଶେଷ କୌଶଳ ପରିଲକ୍ଷିତ ହୁଏ। ନିମ୍ନରେ ଆଲୋଚିତ ବିଷୟ ଗୁଡ଼ିକରୁ ଏହା ସ୍ପଷ୍ଟ ପ୍ରମାଣିତ ହୁଏ।

ଏଠାରେ Deepak Chopra ଙ୍କର ଉକ୍ତି ମାନବୀୟ ଭାବନାର ଦୃଷ୍ଟିକୋଣରୁ ଯଥାର୍ଥ ମନେ ହୁଏ। ତାଙ୍କ ମତରେ- Although we take it for granted sanitation is a physical measure that has probabilities done more to increase human life span than any kind of drug or surgery.

ଏହି ଉଦ୍ଧୃତିର ବୈଶିଷ୍ଟ୍ୟ ଏହା ଯେ ମଣିଷ ଜୀବନଯାପନ ପ୍ରଣାଳୀ ମଧ୍ୟରେ ସାଧାରଣ ଭାବେ ବିଶୁଦ୍ଧ ଚିନ୍ତନ ନେଇ ବଞ୍ଚି ରହିବାର ଉଦ୍ୟମ ପ୍ରତିଟି ମଣିଷକୁ ଜୀବନ ଯନ୍ତ୍ରଣାରୁ ଦୂରେଇ ରଖିପାରେ।

ଗାଳ୍ପିକଙ୍କ ସୃଷ୍ଟି ସମ୍ଭାର ମଧ୍ୟରେ 'ପ୍ରଥମ ବହି' (୨୦୦୧) 'ହେ ମଣିଷମାନେ' (୨୦୦୨), 'ଅଧେମଣିଷ' (୨୦୦୩), 'ପେଟ ଓ ପେଟତଳ' (୨୦୦୩), 'ଲଛମନିଆ' (୨୦୦୮), 'ଗପର ହାତ ଗୋଡ଼' (୨୦୦୮), ମାନନୀୟ ଶ୍ରୀଯୁକ୍ତ (୨୦୧୭), ଶ୍ରେଷ୍ଠ ଗଳ୍ପ (୨୦୧୭), ଚାଳିଷ ବର୍ଷ ଚାଳିଷ ଗଳ୍ପ (୨୦୨୧), ନବକଳେବର (୨୦୨୩), ଜଙ୍ଗଲର ପାଠଶାଳା (୨୦୨୪) ଆଦି ପ୍ରଧାନ। ଗାଳ୍ପିକଙ୍କ ଗଳ୍ପ ରଚନାର ଧାରାରେ ସମୟ ଓ ବ୍ୟକ୍ତି ବିଶେଷକୁ ନେଇ ସର୍ବଦା ସ୍ୱତଃସ୍ଫୂର୍ତ୍ତ ପ୍ରବହମାନ ଉପଲବ୍ଧ ହୁଏ। ତେଣୁ ସମାଜର ପ୍ରତ୍ୟେକ ଗୋଷ୍ଠୀର ବ୍ୟକ୍ତିବିଶେଷ ସମୟକ୍ରମେ ସେମାନଙ୍କ ଆଚରଣ ଓ କାର୍ଯ୍ୟକଳାପର ପରିବର୍ତ୍ତନ ରାଜନୈତିକ, ବ୍ୟବସାୟିକ ଓ ସାମାଜିକ ସ୍ତରରେ ମଣିଷ ପ୍ରଭାବିତ ହୋଇ କିପରି ମାନବୀୟ ଦୃଷ୍ଟିକୋଣର ସ୍ୱାର୍ଥ ଦୃଷ୍ଟିରେ ଉପେକ୍ଷା କରି ଜୀବନଯାପନ କରି ଚାଲିଛି, ତାହା ଗାଳ୍ପିକ ବିଭିନ୍ନ ଚରିତ୍ର ମାଧ୍ୟମରେ ବିଶ୍ଳେଷଣାତ୍ମକ ଉପସ୍ଥାପନ କରିଛନ୍ତି। ତାଙ୍କର ପ୍ରଥମ ଗଳ୍ପ ପୁସ୍ତକ 'ପ୍ରଥମ ବହି'ଠାରୁ ଆରମ୍ଭ କରି 'ଗପର ହାତଗୋଡ଼' ପର୍ଯ୍ୟନ୍ତ ଅନୁଶୀଳନ କଲେ ଗାଳ୍ପିକଙ୍କର ସମାଜ ପ୍ରତି ମହାନ ବାର୍ତ୍ତା ନିହିତ। ଗଳ୍ପର ପ୍ରବାହ ମଧ୍ୟରେ ଚରିତ୍ରାଭିମୁଖୀ କାର୍ଯ୍ୟକଳାପର ବାସ୍ତବ ବର୍ଣ୍ଣନା ମଧ୍ୟରେ ଗାଳ୍ପିକ ସେମାନଙ୍କୁ ପାଠକମାନଙ୍କ ସମକ୍ଷରେ ମୂର୍ତ୍ତିମନ୍ତ ରୂପେ ଚିତ୍ରଣ କରିଛନ୍ତି।

ସାମ୍ପ୍ରତିକ ମଣିଷ ଜୀବନ ଅସହାୟ ଚିତ୍ରଲିପିର ଏକ ମୂର୍ତ୍ତିମନ୍ତ ପରିପ୍ରକାଶ। ଜୀବନର ପ୍ରତିଟି ମୋଡ଼ରେ ସେ ଯେଉଁ ପ୍ରତିବନ୍ଧକର ସମ୍ମୁଖୀନ ହେଉଛି ତାହା ବିଭିନ୍ନ ଦୃଷ୍ଟିକୋଣର ବହୁବିଧ ସମସ୍ୟାର ଉତ୍ସରୂପେ ପ୍ରତୀୟମାନ। ସୀମିତ ଜୀବନକାଳ ମଧ୍ୟରେ ଏସବୁ ସମାହିତ କରି ଏକ ସୁସ୍ଥ ଓ ପ୍ରଗତିବାଦୀ ଚିନ୍ତନ ନେଇ ଜୀବନଯାପନ କରିବା ଦୁର୍ବିସହ ହୋଇପଡ଼ିଛି। ତେଣୁ ଏକ ବିପର୍ଯ୍ୟସ୍ତ ଓ ଅସନ୍ତୁଳିତ ମାନସିକତାକୁ ନେଇ ମଣିଷ ବଞ୍ଚିରହିଛି। ଏଥିପାଇଁ ଏକ ପ୍ରବୃତ୍ତି ବିବନ୍ଧିତ ବୋଲି କହିବା ଶ୍ରେୟସ୍କର। ପାରିବାରିକ ଜୀବନରୁ ଆରମ୍ଭ କରି ସାମାଜିକ, ରାଜନୈତିକ, ସାଂସ୍କୃତିକ, ବ୍ୟବସାୟିକ ଆଦି ଜୀବନ ପର୍ଯ୍ୟନ୍ତ ପ୍ରତ୍ୟେକଟି କ୍ଷେତ୍ରରେ ମଣିଷ ଦ୍ୱନ୍ଦ୍ୱ, ସଂଘର୍ଷ ପ୍ରତିଯୋଗିତାର ସମ୍ମୁଖୀନ ହେଉଛି। ଏସବୁକୁ ଅତିକ୍ରମ କରି ଜୀବନ ଧାରଣ କରିବା ଆଜିର ମଣିଷ ପକ୍ଷରେ ବିଡ଼ମ୍ବନାର ପ୍ରଶ୍ନବାଚୀ ସୃଷ୍ଟି ହୋଇଛି। ଜୀବନର ଅସ୍ଥିରତା, ମାନସିକ ଦ୍ୱନ୍ଦ୍ୱ, ସଂପର୍କର ସଂଘର୍ଷ ଆଦି ସାମାଜିକ ଜୀବନକୁ ବିପର୍ଯ୍ୟସ୍ତ କରି ଦେଉଛି। ଏ ସମ୍ପର୍କିତ କେତେକ ଗଳ୍ପ ଗାଳ୍ପିକ ଭୀମପୃଷ୍ଟି ଅତି ସାର୍ଥକ ଭାବେ ରୂପାୟିତ କରିପାରିଛନ୍ତି। 'ମଣିଷ ମୁଣ୍ଡର ଖେଳ' ଗଳ୍ପରେ ଜୀବନ ଜୀବିକାର ଏକାନ୍ତ ଆବଶ୍ୟକତାକୁ ପୂରଣ କରିବାକୁ ଯାଇ ମଣିଷକୁ ପ୍ରାଣମୂର୍ଚ୍ଛା ଉଦ୍ୟମ କରିବାକୁ ପଡ଼ିଛି ତାହା ଆଲୋଚିତ। ପ୍ରବୃତ୍ତିଗତ ମଣିଷ ନିଜର ଜୀବନ ଧାରଣ ପାଇଁ ସାମ୍ପ୍ରତିକ ସମାଜରେ ଯେଉଁ ସଂଘର୍ଷର ସମ୍ମୁଖୀନ ହେଉଛି ତାହା ମଣିଷକୁ ହୀନ, ନଗଣ୍ୟ ଓ ଗୁରୁତ୍ୱହୀନ କରିଦେଉଛି, ଫଳରେ ମଣିଷ ତା'ର ନିଜର ସତ୍ତା ହରାଇ ପରିସ୍ଥିତିର ଦାସ ହେବାକୁ ବାଧ୍ୟ ହୋଇଛି। କଟାମୁଣ୍ଡର ଖେଳ ଦେଖାଇ ସେମାନଙ୍କୁ ଅଭିଭୂତ କରି ପେଟ ପୋଷିବାର ରାହା ବାପପୁଅ ଦୁହିଁଙ୍କୁ ଏକ ଜଟିଳ ଓ ବିପଦପୂର୍ଣ୍ଣ ଖେଳ ପ୍ରବୃତ୍ତ କରିଛି। ଦୀର୍ଘ ସମୟ ମୁଣ୍ଡକୁ ମାଟି ଭିତରେ ପୋତି ଯନ୍ତ୍ରଣାରେ ଛଟପଟ

ହେଉଥିବା ଲୋକଟିକୁ ଶେଷରେ ଚିକିତ୍ସା ପାଇଁ ଡାକ୍ତରଖାନାକୁ ନିଆଯାଇଛି। ଏ ଖେଳରୁ ଅନ୍ୟ ମାନେ ଆନନ୍ଦିତ ହୋଇ ବଦାନ୍ୟତା ଦୃଷ୍ଟେ କିଛି ଦାନ କରି ଚାଲିଯାନ୍ତି। ଏଣୁ ଅସହାୟ ମଣିଷର ଜୀବିକା ଅବଲମ୍ବନର କୌଣସି ନିର୍ଦ୍ଦିଷ୍ଟ ପଥ ନଥିବାରୁ ଏପରି ଏକ ଗୋଷ୍ଠୀ ସମାଜରେ ଦୃଶ୍ୟମାନ ହୁଅନ୍ତି। ଲେଖକଙ୍କ ଭାଷାରେ 'କଟାମୁଣ୍ଡର ଦୀର୍ଘ ସ୍ୱର' ସୂଚେଇ ଦେଉଥିବା କଟା ମୁଣ୍ଡର ମ୍ୟାଜିକ ଦେଖି ଆତ୍ମସନ୍ତୋଷ ହୋଇ ଫେରି ଯାଉଥିବା ଦର୍ଶକ ମନେରଖ, ପର୍ଦ୍ଦା ସେ ପାଖରେ ଅନ୍ଧାର ଭିତରେ ପେଟ ପାଇଁ ମୁଣ୍ଡକୁ ବିଜ୍ଞାପନ କରିଦେବାକୁ ପଛାଉ ନଥିବା ନିମ୍ନମଧ୍ୟବିତ୍ତ ମଣିଷଙ୍କର ଅବସ୍ଥା ଠିକ୍ ମୋ ପରି। ନିମ୍ନମଧ୍ୟବିତ୍ତମାନଙ୍କର ନିଜର ମୁଣ୍ଡଟି ଛଡ଼ା ଅନ୍ୟ କିଛି ସମ୍ଭବ ନାହିଁ। ସେହିପରି 'ଟାଣ' ଗଳ୍ପରେ ଅସହାୟତା ମଣିଷକୁ ବିଭିନ୍ନ ଦୃଷ୍ଟିକୋଣରୁ ପ୍ରଭାବିତ କରିଥାଏ। ଶାରୀରିକ ବିକଳାଙ୍ଗ ବ୍ୟକ୍ତିମାନେ ନିଜକୁ ଠିକ୍ ରୂପେ ଅନ୍ୟ ସପକ୍ଷରେ ଉପସ୍ଥାପନ କରି ନପାରି ଓ ନିଜ ଭାବନା ଅନ୍ୟକୁ ସଞ୍ଚରଣ କରିନପାରି ଯେଉଁ ଅନ୍ତର୍ଦହନର ଶିକାର ହୁଅନ୍ତି ଗାଳ୍ପିକ ତାଙ୍କ ଗଳ୍ପରେ ପ୍ରକାଶ କରିଛନ୍ତି। ରେଳକୁ ଅପେକ୍ଷା କରିଥିବା ବ୍ୟକ୍ତି ଦୁହେଁ, ଜଣେ ପ୍ରଗଳଭ ପରି ତା'ର ଗଚ୍ଛିତ ଅଭିଜ୍ଞତାକୁ ପ୍ରକାଶ କରୁଥିବା ବେଳେ ଅନ୍ୟ ଜଣେ କେବଳ ଶୁଣି ଚାଲିଛି। ବାକ୍ଶକ୍ତି ହୀନତା ପାଇଁ ସେ କେବଳ ଶୁଣି ଚାଲିଛି କିନ୍ତୁ କହିପାରୁ ନାହିଁ। ସଂପୃକ୍ତ ବ୍ୟକ୍ତିଟି ମାନସିକ ସ୍ତରରେ ଯେଉଁ ବିଡ଼ମ୍ବନା ଓ ଚାପରେ ଜର୍ଜରିତ ହୋଇଛି, ଏ ଯନ୍ତ୍ରଣା କେବଳ ସେ ହିଁ ବୁଝିପାରେ। ଗାଳ୍ପିକଙ୍କ ଲେଖାରେ ଏହା ପ୍ରକାଶିତ। ଗାଳ୍ପିକଙ୍କର ପ୍ରତୀକ ଧର୍ମୀ ଗଳ୍ପ 'ସହର ପାକୁଳିରେ ଗାଉଁଲି ଫସଲ'ରେ ଅସହାୟତାର ଏକ ସାର୍ଥକ ନିଦର୍ଶନ। ପେଟ ପାଇଁ ଲଢ଼େଇ କରୁଥିବା ସରଳ ନିଷ୍କପଟ ଗାଁ ଗହଳିର ମଣିଷ କିପରି କର୍ମଜୀବୀ ଭାବରେ ସହରାଭିମୁଖୀ ହୋଇ ବିଡ଼ମ୍ବନାର ଶିକାର ହେବା ସହିତ ସହରୀ ଜୀବନର ରାକ୍ଷସ ପାଟିରେ କବଳିତ ହୋଇ ନିଃଶେଷ ହେଉଛନ୍ତି; ତାହା ଗାଳ୍ପିକ ଦେଖାଇଛନ୍ତି। ପେଟ ଯନ୍ତ୍ରଣା ସହିନପାରି ଝିଅ ପୁଅ ଦୁହିଁଙ୍କୁ ଧରି କର୍ମ ସଂସ୍ଥାନ ପାଇଁ ସହରକୁ ଚାଲିଯାଇଛି। ପୁଅଟି ଅସାଧୁଙ୍କ କବଳରେ ପଡ଼ି ଚରସ ବିକିଛି, ଝିଅଟି ରେଳଲାଇନରୁ କୋଇଲା ଗୋଟାଇ କେତେକଙ୍କ ଲୋଲୁପ ଦୃଷ୍ଟିର ଶିକାର ହୋଇଛି, ମା' ତେଲଙ୍ଗାବସ୍ତିରେ ପରିବା ବିକି ପେଟ ପୋଷିଛି। ଏପରି ନିଷ୍ଠୁର ଯନ୍ତ୍ରଣା କ୍ଳିଷ୍ଟ ଜୀବନକୁ ଦେଖି ମା'ଟି ଗାଁରେ ଥିବା ସ୍ୱାମୀ ପାଖକୁ ଫେରିଛି। ଦାରିଦ୍ର୍ୟର ତାଡ଼ନା ଓ ସହରୀ ଜୀବନରେ ଚଳଣି ମଣିଷକୁ କିପରି ଅସହାୟତାର କୁଣ୍ଡ ଭିତରକୁ ନିକ୍ଷେପ କରୁଛି ଏହି ଗଳ୍ପଟି ତାହା ପ୍ରମାଣିତ କରେ।

ତାଙ୍କର ଅନ୍ୟ ଏକ ଗଳ୍ପ 'ଆଖି ନାହିଁ କାନ ନାହିଁ'ରେ ଗାଳ୍ପିକ ଆର୍ଥିକ ଅନଟନ ସମୟ ଓ ପରିସ୍ଥିତି କ୍ରମେ ମଣିଷ ଦେହରୁ କିପରି ସମସ୍ତ ମାନବୀୟ ଗୁଣ ଓଟାରି ନେଇ ତାକୁ ଏକ ଦାନବ ଭୂମିକାରେ ଅବତୀର୍ଣ୍ଣ କରାଏ ତାହା ଚିତ୍ରିତ। ଭୋକର ଜ୍ୱାଳା ସହିନପାରି ମା' ତା'ର ଝିଅକୁ ୮୦ ଟଙ୍କାରେ ଏକ ଦଲାଲକୁ ବିକ୍ରି କରି ଯେପରି ଅନ୍ତଃଦ୍ୱନ୍ଦ୍ୱ ଓ ମାନସିକ ଯନ୍ତ୍ରଣାରେ ଜର୍ଜରିତ ହୋଇଛି ତା'ର ଏକ ସ୍ୱଷ୍ଟ ଚିତ୍ର ଉକ୍ତ ଗଳ୍ପରେ ପ୍ରଦତ୍ତ। ଅସହାୟତାର କେନ୍ଦ୍ର ବିନ୍ଦୁରେ ଥରେ ପହଞ୍ଚିଲେ ତାହା କିପରି କ୍ରମଶଃ କର୍କଟ ରୋଗ ପରି ପରିଧିର ବ୍ୟାସାର୍ଦ୍ଧକୁ ଟପିଯାଏ, ଗାଳ୍ପିକଙ୍କ ସୂକ୍ଷ୍ମ ଚିନ୍ତାରେ ସାର୍ଥକ ରୂପ ନେଇଛି। ହୀନମନ୍ୟତା ମଣିଷ ମନର ନଗ୍ନ ବାସ୍ତବତା। ସୁସ୍ଥ ସାମାଜିକ ଭିତ୍ତିଭୂମି ଉପରେ ଏପରି ଏକ ଆସ୍ତରଣ ସୃଷ୍ଟି କରିଛି ଯାହାର କେନ୍ଦ୍ର ବିନ୍ଦୁରେ ଠିଆ ହୋଇ ମଣିଷ ବିକ୍ଷୋଦ୍ଗାର କରିବାରେ ବ୍ୟସ୍ତ ଏହା ଗାଳ୍ପିକଙ୍କ ରଚିତ 'ନର୍କଯାତ୍ରା' ଗଳ୍ପରେ ପ୍ରତିଫଳିତ। ପରିବାରର ଚାକିରି କରିଥିବା ଝିଅଟିଏ ଘରର ସମସ୍ତ ଦାୟିତ୍ୱ ତୁଲାଉଥିବା ବେଳେ ତା'ର ପରିଚୟ ବାପା ଓ ମା' ତା' ପ୍ରତି ସାମାନ୍ୟ ସହାନୁଭୂତି ପ୍ରଦର୍ଶନ କରିନାହାନ୍ତି। ଅବହେଳା ଓ ଉପେକ୍ଷିତ ଜୀବନକୁ ସହିନପାରି ସେ ଏକାନ୍ତ ଭାବେ ଅସହାୟ ହୋଇପଡ଼ିଛି। 'ଦ୍ୱାରବନ୍ଧ ସବୁଜ ଜୀବନ' ଗଳ୍ପରେ ଆବଦ୍ଧ ଓ କଟକଣା ଯୁକ୍ତ ଜୀବନ ସ୍ୱାଧୀନତାର ସ୍ପର୍ଶ ନପାଇଲେ ସେ ଜୀବନର ସ୍ୱର କିପରି ନିମିଳିତ ଓ ନିଷ୍ପ୍ରଭ ହୋଇଯାଏ ତାହା ଗାଳ୍ପିକ ଏହି ଗଳ୍ପରେ ଦର୍ଶାଇଛନ୍ତି। ସେହିପରି 'ଜୀବନ' ଓ 'ମୁଁ ପାଇଁ ସେଇ କଥା କହୁଛି' ଗଳ୍ପରେ ଅନୁରୂପ ଭାବେ ଦେଖିବାକୁ ମିଳିଥାଏ।

ଆଲୋଚ୍ୟ ଗଳ୍ପ 'କ୍ରମଶଃ ପିଲାମାନେ ବଡ଼ ହେଉଛନ୍ତି'ରେ ଶିଶୁସୁଲଭ ଚପଳତାର ସ୍ଫୁରିକୁ ଅବଦମିତ କରି ଅର୍ଥଲୋଭୀ ମାଉସୀଟି ଅନାଥ ଶିଶୁଟିକୁ କିପରି ବିଭିନ୍ନ ବ୍ୟକ୍ତିଙ୍କ ଘରେ ଚାକର ସଜାଇ ଟଙ୍କା ରୋଜଗାର କରିବାରେ ବ୍ୟସ୍ତ ତାହା ଗାଳ୍ପିକ ଉଲ୍ଲେଖ କରିଛନ୍ତି। ପରବର୍ତ୍ତୀ ସମୟରେ ପିଲାଟିର ବୟବୃଦ୍ଧି କ୍ରମେ ସେ ସମାଜ ଓ ଦୁନିଆକୁ ବୁଝିପାରି ମାଉସୀ କବଳରୁ ଖସି କେଉଁଆଡ଼େ ଚାଲିଯାଇଛି। ଅସହାୟତାର ଅକ୍ଟୋପାସ ସମାଜରେ କିପରି ତା'ର କାୟା ବିସ୍ତାର କରି ମାଡ଼ି ଚାଲିଛି ଓ ଭୀତତ୍ରସ୍ତ ମଣିଷ ପଳାୟନପନ୍ଥୀ

ହେବାରେ ଲାଗିଛନ୍ତି, ଉକ୍ତ ଗଳ୍ପ ତା'ର ପ୍ରତିନିଧି କରେ। ସାବଧାନ ବୋମା ଫୁଟିବ ଗଳ୍ପରେ ଆଜିର ସମାଜରେ ବିଚରଣ କରୁଥିବା ଚରିତ୍ର ଗୁଡ଼ିକର ମନନଶୀଳତା ଓ ଅସାମାଜିକ କାର୍ଯ୍ୟକଳାପର ଧାରା ଏତେ ପ୍ରଖର ଯେ ତାହା ମଣିଷ ମନରୁ ସୁସ୍ଥ ସାବଲୀଳ ଜୀବନକୁ କ୍ଷତବିକ୍ଷତ କରି ପକାଉଛି। ଚାକିରି କରି ପରିବାର ଚଳାଉଥିବା ଝିଅଟି ବାହ୍ୟଚାପ ଓ ପରିବାରର ବୋଝ ଯୋଗୁଁ ଜୀବନକୁ ଏକ ତାଳିପକା ପୋଷାକ ସହିତ ତୁଳନା କରିଛନ୍ତି। ସାମ୍ପ୍ରତିକ ମଣିଷ କେବଳ ବଞ୍ଚି ରହିବାର ମୋହ ପଛରେ ଧାଇଁ ଧାଇଁ ଅଣନିଶ୍ୱାସୀ ହୋଇଯାଏ। ଏପରି ଏକ ଦୂରନ୍ତ ଦିଗବଳୟର ମାଇଲଖୁଣ୍ଟ ପାଖରେ ପହଞ୍ଚିବା ତା' ପକ୍ଷରେ ଅସ୍ୱାଭାବିକ ଅସମ୍ଭବ ହୋଇପଡ଼େ ଯାହା ଶେଷ ନିଶ୍ୱାସ ପର୍ଯ୍ୟନ୍ତ ଲାଗି ରହିଥାଏ। ଏହା ଗଳ୍ପରେ 'ଖୋକି' ଚରିତ୍ରରେ ପ୍ରତିଫଳିତ। ଗାଳ୍ପିକଙ୍କ ଭାଷାରେ ସମୟ ତାକୁ ବୃଦ୍ଧି କରି ଦେଉଛି ଆସ୍ତେ ଆସ୍ତେ। ଜୀବନର ଉଦାସୀ ନଈ କୂଳରେ ଖୋକି ଯେପରି ଏକୁଟିଆ ଗୋଟେ ମଲା କଦମ୍ବ ଗଛ। ଥୁଣ୍ଟା ଡାଳରେ ବସା ବାନ୍ଧିବାକୁ ପକ୍ଷୀମାନଙ୍କର କି ଭୟ (ପୃ-୪୦) ଗାଳ୍ପିକ ଭୀମ ପୃଷ୍ଟିଙ୍କର 'ଭୂମିକମ୍ପ' ଗଳ୍ପଟି ଏକ ପ୍ରତୀକଧର୍ମୀ ଗଳ୍ପ। ଭୂମିକମ୍ପ ପରେ ଭୂପୃଷ୍ଠର ଆଲୋଡ଼ନା ଫଳରେ ଯେଉଁ ଭୟାବହ ପରିସ୍ଥିତି ସୃଷ୍ଟି ହୁଏ, ଅନୁରୂପ ଭାବେ ସୌଦାମିନୀ ଚରିତ୍ରର ମାନସିକ ଆନ୍ଦୋଳନ ଓ ଆଲୋଚନାକୁ ସମ୍ୟକ ଭାବେ ତୁଳନା କରାଯାଇଛି। ଗାଳ୍ପିକଙ୍କ ମତରେ, ଦେହରେ ସାଇତି ଥିବା ଅନେକ ପ୍ରତିଶ୍ରୁତିର ଅନାଗତ ଜୀବନଟି ପାଇଁ ସୌଦାମିନୀର ଆଉ ଆବେଗ ନାହିଁ। ନାରୀତ୍ୱର ପୂର୍ଣ୍ଣତା ପାଇଁ ମୋହ ନାହିଁ। ଆଗାମୀ ମାତୃତ୍ୱର ସୌଭାଗ୍ୟ ପାଇଁ ଅହମିକା ନାହିଁ। ସେ ଶୂନ୍ୟ ହୋଇଯାଇଛି। ତା' ପାଇଁ ସମୟ ହୋଇଯାଇଛି ଗୋଟିଏ ବିରାଟ ଗର୍ଭ। ସେ ଗର୍ଭ ଭିତରେ ମେଞ୍ଚାଏ ଅନ୍ଧାର। ଅନ୍ଧାର ଭିତରେ ସୋର ନାହିଁ କି ଶବ୍ଦ ନାହିଁ। ସେ ନିଜେ ବି ଜାଣିପାରୁନି, ତେଣୁ ଆସନ୍ନ ପ୍ରସବା ସୌଦାମିନୀ ଏପରି ମାନସିକ ଅବସ୍ଥା ପାରିବାରିକ ଜୀବନରେ ଦୁଃଖ, କଷ୍ଟ, ଯନ୍ତ୍ରଣା, ସଂଗ୍ରାମ, ସମସ୍ୟା ମଧ୍ୟରେ ଜୀବନ ଶୋଷି ହୋଇଯାଇଛି। ସେହିପରି 'ରୋମାଞ୍ଚିତ-ବିଷାଦ' ଗଳ୍ପରେ ଗାଳ୍ପିକ ମଣିଷ ମନର ଅନ୍ତଃଦ୍ୱନ୍ଦ୍ୱ ଭାବାବେଗକୁ ଚିତ୍ରଣ କରିଛନ୍ତି। ମଣିଷ ଜାଣିଛି ଯେ, କ୍ଷଣସ୍ଥାୟୀ ଜୀବନ ମଧ୍ୟରେ ତାକୁ ବିଭିନ୍ନ ଘାତ ପ୍ରତିଘାତ ବିଡ଼ମ୍ବନା ମଧ୍ୟରେ ଜୀବନଯାପନ କରି ଜୀବନର ଶେଷ ପର୍ଯ୍ୟାୟରେ ପହଞ୍ଚିବାକୁ ହୋଇଥାଏ। ଗାଳ୍ପିକଙ୍କ ଉକ୍ତିରେ 'ଆମେ ଯା ଭିତରେ ସବୁ ହରେଇ ସାରିଛୁ, ସ୍ୱପ୍ନ, କଳ୍ପନା, ଆବେଗ, ଭାବପ୍ରବଣତା ସବୁ ଯେପରି ବୟସ୍କ ହୋଇ ଯାଇଛନ୍ତି। ଆଉ କ'ଣ ଅଧିକ ଭାବପ୍ରବଣତା ବାକି ଅଛି ? ତଥାପି ସବୁ ଜାଣି ଶୁଣି ସବୁ ବୁଝି ସୁଝି ଏ ମଣିଷ କାହିଁକି ଆଶା ବାନ୍ଧି ? ଲୋଭ କରେ ? କାହିଁକି ମୋହ ଭିତରେ ବୁଡ଼ିଯାଏ (ପୃ-୧୦୩)। ମଣିଷ ମନରେ ଏସବୁ ଆତ୍ମଲିପି ଗାଳ୍ପିକଙ୍କ ମନରେ ଅସମାହିତ ପ୍ରଶ୍ନବାଚୀ ସୃଷ୍ଟି କରିଛି। ଗାଳ୍ପିକଙ୍କ 'କିନ୍ନର', 'ଘୃଣା', 'କଙ୍ଗାରୁ', 'ମାଛି', 'ଅନ୍ତରଙ୍ଗ ପ୍ରତିଦ୍ୱନ୍ଦ୍ୱୀ', 'ହୃଦୟ ଭିତରେ ସର୍କସ, 'ଗୋଟେ କାଳ୍ପନିକ ଗଳ୍ପ', 'ପଛକୁ ଫେରିବା ପାଇଁ ଅପେକ୍ଷା' ଗଳ୍ପ ମାଧ୍ୟମରେ ଗାଳ୍ପିକ ମଣିଷ ଜୀବନର ପ୍ରଲମ୍ବିତ ଅସହାୟତାକୁ ଆଲୋଚନା କରିଛନ୍ତି। ପ୍ରତ୍ୟେକଟି ମଣିଷ ଜୀବନର ଅନ୍ତିମ ପରିଣତି ସମ୍ପର୍କରେ ସଚେତନ ରହିଲେ ବୋଧହୁଏ ଜୀବନରେ ଧୃଷ୍ଟତା ପ୍ରତି ଓ ଅମାନବୀୟ କାର୍ଯ୍ୟକଳାପ ପ୍ରତି ଆସକ୍ତି ରହିବ ନାହିଁ ବୋଲି ଆଶା କରାଯାଏ।

ସାମ୍ପ୍ରତିକ ସ୍ଥିତିରେ ରାଜନୀତି ମଣିଷ ଜୀବନର ପ୍ରତ୍ୟେକ ପର୍ଯ୍ୟାୟକୁ କବଳିତ କରି ରଖୁଛି। ତା' ପଞ୍ଝା ଭିତରେ ରହି ମଣିଷ ନିଜର ଅସ୍ତିତ୍ୱ ହରାଇ ବସିଛି। ରାଜନୀତିର ପ୍ରଖର ସ୍ରୋତରେ ସେ ତା' ଜୀବନର କୂଳ କିନାରା ହରାଇ ଏକ ଅସହାୟ ଶୁଷ୍କ ତୃଣ ପରି ଭାସିଚାଲିଛି। ରାଜନୀତିର ପଶାପାଲିରେ ମଣିଷଟିଏ ଛନ୍ଦି ହୋଇ ଗୋଷ୍ଠୀ କନ୍ଦଳ ମଧ୍ୟରେ ଲିପ୍ତ ରହିବାକୁ ବାଧ୍ୟ ହେଉଛି। ଫଳରେ ସାମାଜିକ ବିଶୃଙ୍ଖଳାର ସୂତ୍ରପାତ ହୋଇ ମଣିଷ ଜୀବନକୁ ଅସହାୟ ଓ ଭୀତତ୍ରସ୍ତ କରି ପକାଉଛି। ତେଣୁ ମଣିଷ ଜୀବନର ଗତି ଓ ପ୍ରଗତି ପଥରେ ଗତିଶୀଳ ନହୋଇ ଧୂମାକ୍ତ ପରିବେଶର ପ୍ରହେଳିକା ମଧ୍ୟରେ ଅଣନିଃଶ୍ୱାସୀ ହୋଇଯାଇଛି। ତାଙ୍କ ରଚିତ 'ଶିଶୁ ଗଳ୍ପ'ରେ ଗାଳ୍ପିକ ଦର୍ଶାଇଛନ୍ତି ଯେ, ଏକ ସାଧାରଣ ତଥା ଗୁରୁତ୍ୱହୀନ ତଥ୍ୟକୁ ନେଇ କିପରି ରାଜନୀତିକ ଝଡ଼ ସୃଷ୍ଟି ହୋଇ ତାହା ସମାଜରେ ଆଲୋଡ଼ନ ସୃଷ୍ଟି କରିଛି। ଦୀର୍ଘଦିନ ପରେ ମାତୃଗର୍ଭରୁ ଜନ୍ମିତ ବାମନ ଶିଶୁକୁ କେନ୍ଦ୍ରକରି ରାଜନୈତିକ, ଆଧ୍ୟାତ୍ମିକ, ଅର୍ଥନୈତିକ ପୃଷ୍ଠଭୂମି ଉପରେ ଏହାର କ୍ରିୟା ପ୍ରତିକ୍ରିୟା ଦେଖା ଦେଇଛି। ଗାଳ୍ପିକଙ୍କ 'ସିଂହାସନ' ଗଳ୍ପରେ ରାଜନୈତିକ ପୃଷ୍ଠଭୂମି ଉପରେ ରଚିତ ହୋଇଥିଲେ ହେଁ, ମଣିଷ ଜୀବନର ଅଧ୍ୟବସାୟ ନିଷ୍ଠ କର୍ତ୍ତବ୍ୟ କିପରି ମଣିଷକୁ ଉଚ୍ଚ ସୋପାନରେ ଆସୀନ କରାଇଥାଏ, ତା'ର ଏକ ଦୃଷ୍ଟାନ୍ତ ଉଲ୍ଲେଖ କରିଛନ୍ତି। ଘୁଷୁରି ଚରାଉଥିବା ବ୍ୟକ୍ତିଟିଏ ୱାର୍ଡ଼ମେମ୍ବରରୁ ମୁଖ୍ୟମନ୍ତ୍ରୀ ହୋଇପାରିଛି। କିନ୍ତୁ ନିଜର ଚିରାଚରିତ ସ୍ୱଭାବ ଓ ପ୍ରକୃତିଠାରୁ

ଦୂରେଇ ପାରି ନାହିଁ। ଗାଳ୍ପିକଙ୍କ ଭାଷାରେ 'ଏ ଗଣତନ୍ତ୍ରର ଇତିହାସ ହେଉଛି ଗୋଟିଏ ଘୁଷୁରି ଚରାଉଥିବା ମଣିଷ ଜୀବନର ଇତିହାସ, ଖଜୁରୀ ରସକୁ ତାଡ଼ି କରୁଥିବା ଚମାର ଦ୍ୱାରା ତିଆରି ହେଉଛି, ଏ ଗଣତନ୍ତ୍ରରେ ସମ୍ବିଧାନ (ପୃ-୩୧୧)। ଏ ଉକ୍ତି ମାଧ୍ୟମରେ ଗାଳ୍ପିକଙ୍କ ମତ ଯେ, ଆଜିର ଦୁନିଆରେ ଉପଯୁକ୍ତ ବ୍ୟକ୍ତିଙ୍କୁ ଉପଯୁକ୍ତ ସ୍ଥାନରେ ସ୍ଥାନିତ କରାଯାଇ ନଥିବାରୁ ରାଜ୍ୟ ତଥା ଦେଶରେ ପ୍ରଶାସନିକ ତ୍ରୁଟି ବିଚ୍ୟୁତି ଓ ବିପର୍ଯ୍ୟୟ ପରିଲକ୍ଷିତ ହେଉଛି। ଅନୁରୂପ ଭାବେ 'କମନମ୍ୟାନ୍' ଗଳ୍ପରେ ଗାଳ୍ପିକ ରାଜନୀତିର ପରିଧି ମଧ୍ୟରେ ଆବଦ୍ଧ ବ୍ୟକ୍ତିଟିଏ ନିଜକୁ କିପରି ପାରିବାରିକ କ୍ଷେତ୍ରରେ ପ୍ରବଞ୍ଚନା କରିଚାଲିଛି। ତା'ର ଏକ ବାସ୍ତବ ଚିତ୍ର ପ୍ରଦାନ କରିଛନ୍ତି। ରାଜନୀତିର ଗହ୍ୱର ମଧ୍ୟରୁ ନିଜକୁ ମୁକ୍ତ କରିନପାରି ଆନ୍ଦୋଳନରେ ଲିପ୍ତ ରହିବା, ରାଲି ପାଇଁ ଲୋକ ଯୋଗାଡ଼ କରିବା, ସ୍ଲୋଗାନ ଦେବା କାର୍ଯ୍ୟରେ ଆବଦ୍ଧ ହୋଇଯାଇଛି। ଫଳରେ ନିଜର ପରିବାର ପାଇଁ ସମୟ ଦେଇ ନପାରି ଅନ୍ଧକାର ମଧ୍ୟକୁ ଠେଲି ଦେଇଛି। ଶେଷରେ ପ୍ରକୃତି ହୋଇ ଠୁଙ୍ଗା ତିଆରି କରି ପରିବାର ପୋଷଣ କରିଛି। 'ଜୀବନ ତୃଷ୍ଣା' ଗଳ୍ପରେ ପିଲାଟିଏ କିପରି ରାଜନୈତିକ ଓ ପାରିବାରିକ ଉଭୟ କ୍ଷେତ୍ରରେ ପାଦଦେଇ କୌଣସି ଗୋଟିଏ କ୍ଷେତ୍ରରେ ଠିକ୍ ରୂପେ କାର୍ଯ୍ୟ କରିପାରି ନାହିଁ। ରାଜନୈତିକ ବାତାବରଣ ମଧ୍ୟରେ ମଣିଷ କିପରି ନୀତି, ଆଦର୍ଶ ଓ ସହାନୁଭବତା ଠାରୁ ଦୂରେଇ ଯାଇ ନିଷ୍ଠୁର ଅତ୍ୟାଚାରୀ, ଦୁର୍ନୀତିଗ୍ରସ୍ତ ହୋଇପଡୁଛି ତା'ର ବାସ୍ତବ ସ୍ୱରୂପ ଏଠାରେ ଉଲ୍ଲିଖିତ। ତେଣୁ ଆତ୍ମସ୍ଥିତି, ଆତ୍ମସଂଯମ ତଥା ନୀତିନିଷ୍ଠ ହୋଇ ଆଦର୍ଶବାଦ ମଧ୍ୟରେ ସମସ୍ତ କାର୍ଯ୍ୟ କରିବା ପାଇଁ ଗାଳ୍ପିକ ସମାଜକୁ ବାର୍ତ୍ତା ଦେଇଛନ୍ତି।

ଜନଜାତି ଜୀବନଚର୍ଯ୍ୟାରେ ଗାଳ୍ପିକ ଗୁରୁତ୍ୱାରୋପ କରି ସେମାନଙ୍କର ସରଳ ଜୀବନଯାପନ ପଦ୍ଧତି, ଆଧାତ୍ମିକ ଚେତନା, ପ୍ରକୃତି କୋଳରେ ଜୀବନଯାପନ କରିବାର ରହସ୍ୟ ତଥା ଉପାଦେୟତା ସଂପର୍କରେ ଗାଳ୍ପିକ ଆଲୋକପାତ କରିଛନ୍ତି। ଅଧିକନ୍ତୁ ପରବର୍ତ୍ତୀ ସମୟରେ ସେମାନଙ୍କ ସୁସ୍ଥ ସାମାଜିକ ସରଳ ଜୀବନ ଧାରା ମଧ୍ୟରେ ବାହ୍ୟ ଜଗତର ଯୋଜନାବଦ୍ଧ ଭାବେ ସରକାରୀ ବାବୁ, ଠିକାଦାର, କର୍ମଚାରୀ, ଶ୍ରମିକ ଆଦି ସେମାନଙ୍କ ମଧ୍ୟକୁ ପ୍ରବେଶ କରି କିପରି ସେମାନଙ୍କୁ ଭୀତତ୍ରସ୍ତ କରିଛନ୍ତି, ତାହା ମଧ୍ୟ ଗଳ୍ପଗୁଡ଼ିକରେ ଉଲ୍ଲେଖ କରାଯାଇଛି। ଲୁଣ୍ଠନ, ଅତ୍ୟାଚାର ଓ ଶୋଷଣର ଚିତ୍ର ମଧ୍ୟରେ ଜନଜାତି ଜୀବନରେ ଯେଉଁ ବିଦ୍ରୋହ ସୃଷ୍ଟି ହୋଇଛି, ତାହା ପରବର୍ତ୍ତୀ ସମୟରେ ଆନ୍ଦୋଳନ ଓ ରକ୍ତପାତ ସୃଷ୍ଟି ହେବାର ବାସ୍ତବ ଚିତ୍ର ଗଳ୍ପଗୁଡ଼ିକରେ ପରିଲକ୍ଷିତ। ସେମାନଙ୍କ ଉଦ୍ଦେଶ୍ୟରେ ସ୍ୱତନ୍ତ୍ର ଆଇନକାନୁନ ପ୍ରଣୟନ କରାଯାଇ କିପରି ମୁଖ୍ୟ ଜନସ୍ରୋତରେ ସାମିଲ କରାଯାଇପାରିବ ସେସବୁର ସରକାରୀ ଉଦ୍ୟମ ଅଦ୍ୟାବଧି ଅବ୍ୟାହତ ରହିବାର ଚିତ୍ର ଗଳ୍ପ ଗୁଡ଼ିକରେ ଚିତ୍ରିତ।

'ଭୂଇଁ' ଗଳ୍ପରେ ଗାଳ୍ପିକ ଜନଜାତି ଜୀବନର ମାନସିକତା ଓ ଆବଶ୍ୟକତା ମଧ୍ୟରେ ସଂଘର୍ଷ କରି ମଣିଷଟିଏ କିପରି ଯନ୍ତ୍ରଚାଳିତ ଜୀବନ ମଧ୍ୟରେ ପେଶି ହୋଇଯାଇଛି, ତାହା ଗାଳ୍ପିକ ଦର୍ଶାଇଛନ୍ତି। ଆଦିବାସୀ ବାଳକଟିଏ କର୍ମସଂସ୍ଥାନ ପାଇଁ ସହରାଞ୍ଚଳକୁ ଯାଇ କଳକାରଖାନାରେ କାମ କରିଛି। ପରବର୍ତ୍ତୀ ସମୟରେ ଫେରିଆସି ଦେଖୁଛି ଯେ ତା' ମା' ମାଟିର ପାର୍ବତ୍ୟ ସବୁଜିମା କୁଳୁକୁଳୁ ନାଦିନୀ ଝରଣାର ରୂପ ସମ୍ପୂର୍ଣ୍ଣ ବଦଳି ଯାଇଛି। ବୁଲଡୋଜର, ଠିକାଦାର, ସରକାରୀ ବାବୁମାନଙ୍କର ଅନୁପ୍ରବେଶ ତାଙ୍କ ସରଳ ଜୀବନକୁ ରୁକ୍ଷ, ନିରସ ଓ ଭୀତତ୍ରସ୍ତ କରିଦେଇଛି। ଖଣି ଖାଦାନ ରାସ୍ତାଘାଟର ଚିତ୍ର ସମ୍ପୂର୍ଣ୍ଣ ବଦଳି ଯାଇଛି। ପୁରୁଣା ଜୀବନକୁ ଖୋଜି ଖୋଜି ଜନଜାତିର ଜୀବନ ପ୍ରହେଳିକାମୟ ହୋଇଯାଇଛି। ଆଲୋଚ୍ୟ ଗଳ୍ପ 'ମାଙ୍କଡ଼ ମଣିଷ'ରେ ଗାଳ୍ପିକ ଆଦିବାସୀ ସମ୍ପ୍ରଦାୟର ଲୋକମାନଙ୍କୁ ଆଧୁନିକ ଜନସମାଜ ହାତର କ୍ରୀଡ଼ନକ ବୋଲି ବର୍ଣ୍ଣନା କରିଛନ୍ତି। ନେତା ଓ ଏମ୍‌ପି ମାନେ ଭୋଟ ପାଇବା ଆଶାରେ ସେମାନଙ୍କୁ ମିଥ୍ୟା ପ୍ରଲୋଭନ ଦେଖାଇ ନିଜର କାର୍ଯ୍ୟ ହାସଲ କରିଥାନ୍ତି। ଖାଦ୍ୟପେୟ ଦୃଷ୍ଟିକୋଣରୁ ଆଦିବାସୀ ସମାଜ କେତେ ଅବହେଳିତ ନିଷ୍ପେସିତ ତାହା ଗାଳ୍ପିକ 'ଟାକୁଆ' ଗଳ୍ପରେ ବର୍ଣ୍ଣନା କରିଛନ୍ତି। 'ଅଧେ ମଣିଷ' ଗଳ୍ପରେ ମଧ୍ୟ ଆଦିବାସୀମାନଙ୍କର ସ୍ଥିତି ସମ୍ପର୍କରେ ଆଲୋଚନା କରାଯାଇଛି। 'ଲୋକ ଜୀବନ' ଗଳ୍ପରେ ନିୟମଗିରି ପାହାଡ଼ରୁ ବକ୍ସାଇଟ ଉତ୍ତୋଳନ କରିବାର ସରକାରଙ୍କ ଯୋଜନା ବିରୁଦ୍ଧରେ ବିରୋଧୀ ଦଳର ନେତା ମନ୍ତ୍ରୀମାନେ ଜନଜାତିମାନଙ୍କୁ ସହଯୋଗର ହାତ ବଢ଼ାଇ ସେମାନଙ୍କ ମୌଳିକ ଜୀବନର ସାବଲୀଳତା ରକ୍ଷା କରିବା ପାଇଁ ଚେଷ୍ଟା କରିଛନ୍ତି, ତାହା ବର୍ଣ୍ଣିତ। ସେହିପରି 'ପାର୍ଟିର ପାର୍ଟି' ଗଳ୍ପରେ ଗାଳ୍ପିକ ସରଳ ଆଦିବାସୀ ଜୀବନର ପରିଣତି ସମ୍ପର୍କରେ ଗାଳ୍ପିକ ସୂଚନା ଦେଇଛନ୍ତି। କୁଇ ଭାଷା ଶିଖୁଥିବା ଦାମୁରାମ କୁଇ

ଭାଷାରେ ପାର୍ଟି ତରଫରୁ ଗୀତ ଗାଇ ସରକାର ଓ ମଦ ବିରୋଧୀ ତଥ୍ୟ ଉଲ୍ଲେଖ କରିଛି, ଫଳରେ ତାକୁ ଜେଲ ଯିବାକୁ ପଡ଼ିଛି। ଏଠାରେ ଗାଳ୍ପିକ ପ୍ରଚ୍ଛନ୍ନ ଭାବରେ କୁଇ ଭାଷାର ସରକାରୀ ମାନ୍ୟତା ସହିତ ଜନଜାତି ଜୀବନର ସରଳ ଓ ସ୍ୱାଭାବିକତାକୁ ହତ୍ୟା କରା ନଯାଉ ବୋଲି ମତ ପ୍ରକାଶ କରିଛନ୍ତି। ଗାଳ୍ପିକଙ୍କ ଭାଷାରେ ଭୁବନେଶ୍ୱର ପ୍ରେସ୍ ମିଟ୍‌ରେ ଟିଭି କ୍ୟାମେରା ଟେପରେକର୍ଡ଼ର ନୋଟବୁକ୍ ସାମ୍ନାରେ ଛିଡ଼ା ହେବ ଦାମୁ। ଗାଇବ ତା' ଲେଖିଥିବା ଗୀତ, ଦେଖାଇବ ସେ ପ୍ରଥମ କରି ତିଆରି କରିଥିବା କୁଇ ଅକ୍ଷର, ତା'ପରେ ଜଣେ କୁଇ କବିତାର ଷୋହଳ ମାସ ବନ୍ଦୀ ଜୀବନର କାହାଣୀ କହିବ। ନକ୍ସଲ ଗାଁରେ ନିରୀହ ଆଦିବାସୀ ଉପରେ ଆନ୍ଧ୍ର ଓଡ଼ିଶା ପୋଲିସ୍ କିପରି କରୁଛି ଦମନ, ମିଡ଼ିଆ ଆଗରେ ତୋଳି ଧରିବ ଦାମୁରାମ। ପାର୍ଟିର ମିଡ଼ିଆ, ମୋଟିଭେଟଡ଼୍ ପ୍ରୋଗ୍ରାମରେ ଦାମୁ ହେବ ପାର୍ଟିର ପାର୍ଟି (ପୃ-୩୪୮)। ଗାଳ୍ପିକ ଉପରୋକ୍ତ ମତରେ ଆଦିବାସୀ ଜନଜୀବନକୁ ନେଇ ଯେଉଁ ଗଳ୍ପ ସବୁ ରଚନା କରିଛନ୍ତି, ସେଥିରେ ସେମାନଙ୍କର ଉତ୍ତୋରତ୍ତର ବିକାଶ ପାଇଁ ସର୍ବସମ୍ମତି କ୍ରମେ ପଦକ୍ଷେପ ନେବାକୁ ସେ ଆହ୍ୱାନ କରିଛନ୍ତି।

ପୁନଶ୍ଚ ଗାଳ୍ପିକ ସାମ୍ପ୍ରତିକ ଯୁବଗୋଷ୍ଠୀର ଅବକ୍ଷୟ ତଥା ସାମାଜିକ ଅସ୍ଥିରତାକୁ ଲକ୍ଷ୍ୟ କରି ସେମାନଙ୍କ ପାଇଁ ଗଠନମୂଳକ ବାର୍ତ୍ତା ଦେଇଛନ୍ତି। ସମ୍ପ୍ରତି ଯୁବଗୋଷ୍ଠୀର ମାନସିକ ଅସ୍ଥିରତା ହଠାତ୍ ଅନେକ ଗୁଡ଼ିଏ ପଦକ୍ଷେପ ମଧ୍ୟରେ ପ୍ରଚୁର ଅର୍ଥ ରୋଜଗାର କରିବାର ନିଶା ସେମାନଙ୍କ ସୁସ୍ଥ ଓ ପ୍ରଗତିଧର୍ମୀ ଜୀବନକୁ କିପରି ବିପର୍ଯ୍ୟସ୍ତ କରିଛି ତାହା ବିଭିନ୍ନ ଗଳ୍ପ ମାଧ୍ୟମରେ ଗାଳ୍ପିକ ସୂଚନା ଦେଇଛନ୍ତି। ଗାଳ୍ପିକ 'ଜଣେ ମହାପୁରୁଷଙ୍କ ଜନ୍ମ ଦିନ' ଗଳ୍ପରେ ସମ୍ପ୍ରତି ଉଦୀୟମାନ ଯୁବଗୋଷ୍ଠୀ ବନ୍ଧୁ ଆଶା ଓ ସମ୍ଭାବନାର ଲକ୍ଷ୍ୟ ନେଇ ଆଗକୁ ବଢ଼ିବା ସମୟରେ ସମ୍ପ୍ରତି ସାମାଜିକ ବିଧିବ୍ୟବସ୍ଥା ଓ ରାଜନୈତିକ ପୃଷ୍ଠଭୂମି ଉପରେ ଦଣ୍ଡାୟମାନ ହୋଇ ଯୁବଗୋଷ୍ଠୀକୁ ଆହ୍ୱାନ କରୁଥିବା ସ୍ୱର୍ଣ୍ଣ କଙ୍କଣ ଧାରଣ ପୂର୍ବକ ଗଣତନ୍ତ୍ର ରକ୍ଷାକର୍ତ୍ତାମାନେ ସେମାନଙ୍କୁ କିପରି ପଥଭ୍ରଷ୍ଟ କରୁଛନ୍ତି, ତାହା ବର୍ଣ୍ଣିତ। ଶିକ୍ଷିତ ଯୁବଗୋଷ୍ଠୀ, ଶିକ୍ଷାଦାତା ଛାଡ଼ି, ଦଳ କନ୍ଦଳ ମ୍ନରେ ପ୍ରବେଶ କରି ନିଜ ନିଜର ମୁଖ୍ୟ ଲକ୍ଷ୍ୟଠାରୁ ଦୂରେଇ ଯାଉଛନ୍ତି। ନିଜ ନିଜର ସାମାଜିକ ସ୍ଥିତି ଓ ପ୍ରଗତିକୁ ହରାଇ ଜଣେ ଜଣେ ବୋହେମିସିଆନ ଭୂମିକାରେ ଅବତୀର୍ଣ୍ଣ ଫଳରେ ଗୃହହୀନ, ସ୍ଥିତିହୀନ, ଲକ୍ଷ୍ୟହୀନ, ଜୀବନଯାପନ କରିବାକୁ ବାଧ ହେଉଛନ୍ତି ତାହା 'ଘରକୁ ଫେରି ଆସ ମଣିଷ' ଗଳ୍ପରେ ଗାଳ୍ପିକ ଯୁବଗୋଷ୍ଠୀର ମନନଶୀଳତା ସମ୍ପର୍କରେ ଆଲୋକପାତ କରିଛନ୍ତି। ବିଶେଷତଃ ଘରର ବଡ଼ପୁଅ ପରିବାରର ବୋଝ ଓ ଜୀବନର ପ୍ରଗତି ଏଇ ଦୁଇ ସନ୍ଧିକ୍ଷଣରେ ଚାପି ହୋଇ ନିଃଶେଷ ହୋଇଯାଉଛି। ଗାଳ୍ପିକଙ୍କ ଭାଷାରେ "ତେବେ ବେଳେ ବେଳେ ଯେତେବେଳେ ଅତିଷ୍ଠ ହୋଇଯାଉଛି ଗୋଟେ ସୁଇସାଇଡ୍ ଫୁଲ୍ ସାଇଡ୍‌ରେ ମୁଡ୍ ଆସିଯାଉଛି। ନିଜ ପିଠିରେ ହାତମାରି ନିଜକୁ ବୁଝାଉଛି ଆମେ ଥରେ ଅଭିଶପ୍ତ ଭାବେ ପୃଥିବୀକୁ ଆସିଛୁ ମାନେ ଆମକୁ ବଞ୍ଚିବାକୁ ହେବ। ନିଶ୍ଚିତ ୟୁଆର ବାଉଣ୍ଡ ଟୁ ଲିଭ୍ (ପୃ-୬୭)।" 'ମଧ୍ୟବୟସ୍କ' ଗଳ୍ପରେ ଗାଳ୍ପିକ ଜଣେ ଟୁରିଷ୍ଟ ଗାଇଡ୍ ଓ ଭିଜିଟର୍ସ ମାନଙ୍କ ଜୀବନ ଧାରାକୁ ବର୍ଣ୍ଣନା କରିବା ସହିତ ସେମାନେ କିପରି ପରସ୍ପରର ସ୍ୱାର୍ଥସାଧନ ନିମିତ୍ତ ବ୍ୟସ୍ତ ତାହା ଆଧୁନିକ ଜନଜୀବନର ସ୍ୱାକ୍ଷର ବହନ କରିଛି। ସମସ୍ୟା ଚାପରେ ଚାପି ହୋଇ ନିଜର ପୋଷାକପତ୍ର, ଖାଦ୍ୟପେୟ ଓ ସାମାଜିକ ସ୍ଥିତି ପ୍ରତି ଭ୍ରୂକ୍ଷେପ ନକରି କେବଳ ଦାନାଗଣ୍ଡିଏ ଯୋଗାଡ଼ କରିବା ପାଇଁ ବ୍ୟାକୁଳ ହେଉଛନ୍ତି। ଏଣୁ ତାଙ୍କର 'ଗୋବିନ୍ଦ ଚନ୍ଦ୍ର', 'ଗୋଟେ କାଗଜ କାହାଣୀ', 'ଛାତିଫଟା ଖେଳ', 'ଟୁରିଷ୍ଟ', 'କ୍ରମଶଃ ପିଲାମାନେ ବଡ଼ ହେଉଛନ୍ତି' ଆଦି ଗଳ୍ପରେ ଗାଳ୍ପିକ ଯୁବଗୋଷ୍ଠୀର ଅବକ୍ଷୟଧର୍ମୀ ଜୀବନକୁ ସମାଲୋଚନା କରିଛନ୍ତି।

ମଣିଷ ଜୀବନର ପରିଚର୍ଯ୍ୟା ଓ ବିଶ୍ଲେଷଣ ଖୁବ୍ ଜଟିଳ। ଭିନ୍ନ ଭିନ୍ନ ମଣିଷର ଭିନ୍ନ ଭିନ୍ନ ଉଦ୍ଦେଶ୍ୟ ଓ ଅଭିପ୍ରାୟ ଥିଲେ ମଧ୍ୟ ଅନେକ ଦୃଷ୍ଟିକୋଣରୁ ସମସ୍ତଙ୍କ ଜୀବନରେ କେତେକ ମୌଳିକତା ପରିଲକ୍ଷିତ ହୁଏ। ଜୀବନକୁ ସରସ ସୁନ୍ଦର କରିବା ପାଇଁ ମଣିଷ ଜୀବନ ଯନ୍ତ୍ରଣାରୁ ମୁକ୍ତ ହୋଇ ଅଭିନବ ପ୍ରୟାସ କରିଥାଏ। ଗାଳ୍ପିକଙ୍କ 'ଗଳ୍ପ' ଗଳ୍ପ ଏହାର ନିଛକ ନିଦର୍ଶନ। ମଣିଷ ଗାଁ ଛାଡ଼ି ସହର ମହାନଗର ଆଦିକୁ ଯାଇ ନିଜର ଦକ୍ଷତା ଅନୁସାରେ ଜୀବନକୁ ଗଢ଼ିତୋଳେ। ଗଛଟିଏ ଯେପରି ନିଜର ଚେରଗୁଡ଼ିକ ଦ୍ୱାରା ମାଟିକୁ କାମୁଡ଼ି ତା'ର କାୟା ବିସ୍ତାର କରିଥାଏ, ସେହିପରି ମଣିଷ ମନର ସୁଦୂର ପ୍ରସାରୀ ଭାବନା ତାକୁ ଦୂରକୁ ଦୂରକୁ ନେଇ ଯାଇଥାଏ। ସେ ଅଜାଣତରେ ବିଭିନ୍ନ ସମସ୍ୟା ଭିତରେ ଜଡ଼ିତ ହୋଇଯାଇ ଜୀବନର ସଂଗ୍ରାମ ମଧ୍ୟରେ ନିଷ୍ଠୁରତା, କଠୋର ମନୋବୃତ୍ତି, ଗଣ୍ଡଗୋଳ ଓ ରକ୍ତପାତ ଆଦି ପରିସ୍ଥିତିର ସମ୍ମୁଖୀନ

ହୋଇଥାଏ । ତେଣୁ ଗାଳ୍ପିକଙ୍କ 'ଗଳ୍ପ' ଗଳ୍ପରେ ଗଳ୍ପଟିକୁ ପ୍ରତୀକାତ୍ମକ ଭାବେ ଗ୍ରହଣ କରି ମଣିଷ ଜୀବନର ବିଭିନ୍ନ ଦିଗକୁ ପର୍ଯ୍ୟାଲୋଚନା କରିଛନ୍ତି । ଗାଳ୍ପିକଙ୍କ ଉକ୍ତି 'ଆତଙ୍କ ବଦଳରେ ଆରକ୍ଷୀ, ପ୍ରତିହିଂସା ବଦଳରେ ଜୀବନଧାରଣ ପାଇଁ ଅତିଷ୍ଠ ଲୋକମାନେ ଅପାରଗ ସରକାରକୁ ସିଂହାସନରୁ ଓଟାରି ଆଣି ବସାଇ ଦେବେ ଫୁଟପାଥିରେ । ସବୁ ମଣିଷର ମୁହଁରେ ଗୋଟେ ଭାଷା ଆମେ ଆଇନ ଚାହୁଁନା, ଚାହୁଁନା ଶାସନ, ଚାହୁଁ ଜୀବନ (ପୃ-୧୧) ।' ସେହିପରି 'ଘରକୁ ଫେରିଆସ ମଣିଷ' ଗଳ୍ପରେ ଗାଳ୍ପିକ ବୁଲା ବ୍ୟବସାୟୀ ଜୀବନରେ କାରୁଣ୍ୟତାକୁ ଉପଲବ୍ଧି କରି ରଚନା କରିଛନ୍ତି । 'ଦୌଡ଼' ଗଳ୍ପରେ ଜୀବିକା ନିର୍ବାହ ପାଇଁ ରୋଜଗାର ପନ୍ଥା ଖୋଲିବାକୁ ମଣିଷର ଅହରହ ଦୌଡ଼ ଚାଲିଥାଏ ତାହା ଏଥିରେ ବର୍ଣ୍ଣିତ । ତେଣୁ ମଣିଷର ଜୀବନକାଳ ସଂଗ୍ରାମ ଓ ସଂଘର୍ଷର ଏକ ମୂର୍ତ୍ତିମନ୍ତ ପ୍ରତୀକ ରୂପେ ଗାଳ୍ପିକ ଆଲୋଚ୍ୟ ଗଳ୍ପରେ ବର୍ଣ୍ଣନା କରିଛନ୍ତି । ସେହିପରି ଲଛମନିଆ ଗଳ୍ପରେ ଗାଳ୍ପିକ ମୁଖ୍ୟତଃ ସମୟ କ୍ରମେ ଓ ପରିସ୍ଥିତି ଚାପରେ ମଣିଷ ନିଜର ମୌଳିକତା ମାନବୀୟତାକୁ ଯେପରି ବଳି ଦେଇଚାଲିଛି ତାହା ପ୍ରକାଶ କରିଛନ୍ତି । ଗାଳ୍ପିକ ନିଜ ଗଳ୍ପରେ ରେବତୀ, ଅନନ୍ତା, ନଟବର, ରାମଲାଲ, ସଂକର୍ଷଣ ମହାନ୍ତି, ରାମଚନ୍ଦ୍ର ମଙ୍ଗରାଜ, ଚିତ୍ରକଳା, ଉସମାନତାରା, ରାଜୀବଲୋଚନ, ଗୋପାଳସିଂ, ଦିଲଦାର ମିଆଁ, ଗୋବିନ୍ଦା ବାରିକ ଆଦି ଚରିତ୍ରଗୁଡ଼ିକୁ ଆଧୁନିକତାର ପୁଟ ଦେଇ ସମ୍ପ୍ରତି ଅନୁରୂପ ଚରିତ୍ରର ପର୍ଯ୍ୟାଲୋଚନା କରିଛନ୍ତି । ସ୍ୱାର୍ଥ, ଅହଙ୍କାର, ଛନ୍ଦ, କପଟ, ନିଷ୍ଠୁରତା ଆଦି ମନ୍ଦଗୁଣ କିପରି ମଣିଷର ସମସ୍ତ ମାନବୀୟ ଗୁଣକୁ ଅବଦମିତ କରି କଙ୍କାଳସାର ଶୂନ୍ୟ ଜୀବନଯାପନ କରିବାରେ ମଣିଷ କିପରି ପ୍ରୟାସୀ ହୋଇଛି, ତାହା ଗଳ୍ପରେ ଆଲୋଚିତ । ତେଣୁ ସାମ୍ପ୍ରତିକ ସମାଜରେ ଧର୍ମ ନାମରେ ଭଣ୍ଡାମୀ, ସେବା ନାମରେ ପ୍ରତାରଣା, ସାହାଯ୍ୟ ନାମରେ ଶୋଷଣ, ସହଯୋଗ କ୍ଷେତ୍ରରେ ଅସୂୟା ଆଦି ଭାବାବେଗରେ ପ୍ରକାଶ ପାଇଛି । ଗାଳ୍ପିକଙ୍କ ଉକ୍ତି 'ନିଜର ଦୁଃଖ ଆର୍ତ୍ତିରେ ଛଟପଟ ହୋଇ କ୍ଷଣିକର ସୁଖ ସାଉଁଟି ସେମାନେ ନିଜର ଅଲକ୍ଷ୍ୟରେ ଆମନ୍ତ୍ରଣ କରୁଅଛି ଅନ୍ୟ ଏକ ନୂତନ ଦୁଃଖ । ନୂତନ ଅସହାୟତା ନୂତନ ଯନ୍ତ୍ରଣା (ପୃ-୨୦) । 'ହେ ମଣିଷ ମାନେ' ଗଳ୍ପରେ ଗାଳ୍ପିକ ଆଧୁନିକ ଜୀବନ ଯନ୍ତ୍ରଣାର ବାସ୍ତବ ସ୍ୱରୂପକୁ ପ୍ରକାଶ କରିଛନ୍ତି । ଚଳଚଞ୍ଚଳ ଜୀବନ ମଧ୍ୟରେ ମଣିଷ ନିଜର ରୋଜଗାର ପାଇଁ ବିଭିନ୍ନ ପଥ ଅନୁସରଣ କରିଛନ୍ତି । ଭିକ୍ଷାବୃତ୍ତି କରିବା, ପରିତ୍ୟକ୍ତ ଖାଦ୍ୟକୁ ସାଉଁଟି ଖାଇବା, ଅନ୍ୟ ନିକଟରେ ନିଜର ଅସହାୟତାକୁ ଆଞ୍ଜୁଳିରେ ଅର୍ପଣ କରିବାର ଚିତ୍ର ଗାଳ୍ପିକ ଖୁବ୍ ନିକଟରୁ ଲକ୍ଷ୍ୟ କରିଛନ୍ତି । ସେହିପରି 'କୌଶଳ' 'ଆସନ୍ତୁ ଦେଖିବା', 'ଦେଖି ପାରୁଛ ମଣିଷ', 'ର୍ୟାପଷ୍ଟୋରୀ', 'ରାତି ପାହିଲେ', 'ସ୍ୱର୍ଗତ ଲକ୍ଷଣ', 'କ୍ରମଶଃ ପିଲାମାନେ ବଡ଼ ହେଉଛନ୍ତି', 'ଏଠି ସବୁ କ'ଣ ଚାଲିଛି', 'ଏଇଠି ଛିଡ଼ାହୁଅ', 'ଆଜି ତାରିଖର ଗପ' ଆଦି ଏହି ଭାବଧାରାର ଦ୍ୱୈତକ ଅଟେ । ଗାଳ୍ପିକଙ୍କ ଗଳ୍ପ ରଚନା ଗୁଡ଼ିକରେ ମୁଖ୍ୟତଃ ମଣିଷ ଜୀବନର ବିଭିନ୍ନ ଦିଗକୁ ଉନ୍ମୋଚନ କରିଛନ୍ତି । ମଣିଷ ଜୀବନର କାର୍ଯ୍ୟକ୍ରମ ପରିଧିହୀନ ଭାବରେ ପରିବ୍ୟାପ୍ତ । ମାନବବାଦୀ ରଚନା ଗାଳ୍ପିକଙ୍କ ଗଳ୍ପରେ ବିଶେଷ ବୈଶିଷ୍ଟ୍ୟ ।

ମଣିଷ ବିଭିନ୍ନ ପରିସ୍ଥିତି ଚକ୍ରରେ ମାନସିକତା ହରାଇ, ବିଚାର ବୁଦ୍ଧି ହରାଇ ବିଭିନ୍ନ ଅହେତୁକ କାର୍ଯ୍ୟ କରି ବସିଥାଏ । ଯେଉଁଥିରେ କୌଣସି ବାସ୍ତବତା ବା ଉତ୍ତମ ଫଳାଫଳ ନଥାଏ କେବଳ ମାନସିକ ଶାନ୍ତି ସାର ହୋଇଥାଏ । ଆତ୍ମପ୍ରତିଷ୍ଠା ପାଇଁ ପୂଜାପାଠ କରିବା, ଅଲୌକିକ ଘଟଣାର ସାକାର ପାଇଁ ଗୁଣିଗାରେଡ଼ିର ସହାୟତା ନେବା ଆଦି ତଥ୍ୟକୁ ସମ୍ବଳ କରି ଗାଳ୍ପିକଙ୍କ 'ବ୍ଲାକମ୍ୟାଜିକ' ଗଳ୍ପ ସାର୍ଥକତାର ରୂପ ନେଇଛି । ସେହିପରି 'ଗପର ହାତଗୋଡ଼' ଗଳ୍ପରେ ପାଶ୍ଚାତ୍ୟ ଧାରା କିପରି ଓଡ଼ିଆ ଜନଜୀବନକୁ ପ୍ରବେଶ କରିଛି ତାହା ଦର୍ଶାଇଛନ୍ତି । ସବୁ ଏଡ଼ିଟର ପୋଷ୍ଟରେ ଥିବା ଯୁବକ ଓ ଗ୍ଲାମର ଦୁନିଆରେ ପାର୍ଲର କରି ଜୀବନ ଜିଉଁଥିବା ଝିଅର ଜୀବନକୁ ଗାଳ୍ପିକ ଏଠି ଉତ୍ଥାପନ କରିଛନ୍ତି । ଗାଳ୍ପିକଙ୍କ ଭାଷାରେ କେହି କାହାର କାମ ଓ ସ୍ୱାଧୀନତା ଉପରେ ଗଳେଇବୁ ନାହିଁ ନାକ, ଖର୍ଚ୍ଚ ବାଣ୍ଟିନେବୁ ଅଧାଅଧା । ଆମ ଭିତରେ ଗହଳି ଲଗାଇ ଦେବା ପାଇଁ ଆଣିବୁନି ତୃତୀୟ ପକ୍ଷ । ଏମିତି ସବୁ ଅଲିଖିତ ରାଜିନାମା ଭିତରେ ଖୁଡ଼ଖାତ ବିତିଲା ସାଢ଼େ ଛ ବର୍ଷ(ପୃ-୫୨) । ପାରିବାରିକ ମନୋମାଳିନ୍ୟକୁ ନେଇ ଦେଖାଯାଉଥିବା ସମସ୍ୟାଗୁଡ଼ିକର ବାସ୍ତବ ଚିତ୍ରଣ ଗାଳ୍ପିକଙ୍କ 'ବୁମେରାଂର ଗତିପଥ', 'ଉଇହୁଙ୍କା', 'ନିଜ ଭିତରେ ମିଳେଇ ଯାଏ ସୁଖ', 'ଜୀବନ ନିଛକ ଗପଟିଏ', 'ଜିଅନ୍ତା ଚରିତ୍ର' ଆଦି ଗଳ୍ପ ପ୍ରଧାନ । ସରଳ ସହଜ ମନୋବୃତ୍ତି ନେଇ ଧୈର୍ଯ୍ୟର ସହିତ ପାରିବାରିକ କଳହକୁ ଖୁବ୍ ସହଜରେ ସମାଧାନ କରାଯାଇ ପାରିବ ବୋଲି ଗାଳ୍ପିକଙ୍କ ମତ । କିନ୍ତୁ ଏସବୁର ବ୍ୟତିରେକ ଯେଉଁ ପାରିବାରିକ ଅଘଟଣ ଦୃଶ୍ୟମାନ ହେଉଛି ତାହା ସମୟ ସମୟରେ ଉଗ୍ରରୂପ ନେଇ ବିଭୀଷିକାରେ ପରିଣତ ହେଉଛି । ଏଥି ସଂଗେ

ସଂଗେ ସାମାଜିକ ବିଶୃଙ୍ଖଳାର ଭିତ୍ତିରୂପେ ଏହା ଜନଜୀବନକୁ ବିପର୍ଯ୍ୟସ୍ତ କରି ପକାଉଛି।

## ଉପସଂହାର :

ଉପରୋକ୍ତ ପର୍ଯ୍ୟାଲୋଚନାରୁ ସ୍ପଷ୍ଟ ଅନୁମିତ ହୁଏ ଯେ, ଗାଳ୍ପିକ ନିଜ ଗଳ୍ପଗୁଡ଼ିକରେ ସାମ୍ପ୍ରତିକ ସମାଜରେ ଚଳପ୍ରଚଳ କରୁଥିବା ଚରିତ୍ରଗୁଡ଼ିକୁ ଚୟନ କରି ସେମାନଙ୍କ ମାଧ୍ୟମରେ ସମାଜକୁ ଯେଉଁ ମହାନ ବାର୍ତ୍ତା ଦେଇଛନ୍ତି ତାହା ଧ୍ୟେୟ ଓ ଶିକ୍ଷଣୀୟ। ଗଳ୍ପରେ ସେ କୌଣସି ଶ୍ରେଣୀର ଚରିତ୍ରକୁ ଉପେକ୍ଷା କରିନାହାନ୍ତି। ଏହା ତାଙ୍କ ରଚନାର ଅନ୍ୟ ଏକ ବୈଶିଷ୍ଟ୍ୟ। ଏଥିପାଇଁ ଗାଳ୍ପିକଙ୍କ ଗଳ୍ପ ପଠନରୁ ପାଠକ ବିଶ୍ୱର ସମଗ୍ର ଚରିତ୍ରର ବାସ୍ତବ ଅନୁଶୀଳନ କରିପାରେ ଏହା ତାଙ୍କ ଗଳ୍ପର ସ୍ୱାତନ୍ତ୍ର୍ୟତା। ଚରିତ୍ରଗୁଡ଼ିକୁ ପ୍ରକାଶ କରିବାରେ ସେ ଯେଉଁ ଶବ୍ଦ ଗୁଡ଼ିକର ସଂଯୋଜନା କରିଛନ୍ତି ତାହା ଯେପରି ହୃଦୟସ୍ପର୍ଶୀ ସେହିପରି ସମ୍ପୃକ୍ତ ଚରିତ୍ରର ଏକ ବାସ୍ତବ ଚିତ୍ର ପାଠକ ମନରେ ଚିତ୍ରିତ ହୋଇଯାଏ। ତେଣୁ ଗାଳ୍ପିକ ମଣିଷ ଜୀବନର ବିଭିନ୍ନ ଦିଗକୁ ଦୃଷ୍ଟି ନିକ୍ଷେପ କରି ପ୍ରୟାସ କରିଛନ୍ତି ଯେ ଅନ୍ୟକୁ ସେବା ସହାନୁଭୂତି ଓ ସାହାଯ୍ୟ ପ୍ରଦର୍ଶନ କରିବାରେ ମଣିଷର ମାନବିକତା ଜୀବନର ମୂଲ୍ୟବୋଧ ବିକଶିତ ହୋଇଥାଏ।

Albert Schweitzer ଙ୍କ ଭାଷାରେ– "The purpose of human life is to serve and to show compassion and the wish to help others.

ତେଣୁ ଗାଳ୍ପିକଙ୍କ ଗଳ୍ପର ଚରିତ୍ର ଗୁଡ଼ିକ ସମାଜରେ ପ୍ରତିନିଧିତ୍ୱ କରୁଥିଲେ ହେଁ ପ୍ରତ୍ୟେକ ଜୀବନର ସଂଗ୍ରାମ ଜାରିରଖି ପ୍ରତିଷ୍ଠିତ ହେବାର ସ୍ୱପ୍ନ ସଭ୍ୟତାର ପ୍ରଗତିର ପ୍ରତୀକ ରୂପରେ ପ୍ରତୀୟମାନ ହୁଏ।

## ସହାୟକ ଗ୍ରନ୍ଥସୂଚୀ :


୧. ମହାପାତ୍ର, ସୀତାକାନ୍ତ, ନିଃସଙ୍ଗ ମଣିଷ, ଓଡ଼ିଶା ଲେଖକ ସମବାୟ ସମିତି ଲିମିଟେଡ୍, ଭୁବନେଶ୍ୱର, ୧୯୮୦।

୨. ସାହୁ, ଆଦିକନ୍ଦ, ଓଡ଼ିଆ ଗଳ୍ପ ଉପନ୍ୟାସର ନବଦିଗନ୍ତ, ଜ୍ୟୋତିବିହାର, ବୁର୍ଲା, ୧୯୯୯।

୩. ଶତପଥୀ, ନଟବର, ତୃତୀୟ ନେତ୍ର, ଫ୍ରେଣ୍ଡସ୍ ପବ୍ଲିଶର୍ସ, ବାଲୁବଜାର, କଟକ, ୨୦୦୭।

୪. ବାରିକ, କବିତା, ଶହେ ବର୍ଷର ଆଧୁନିକ ଓଡ଼ିଆ କ୍ଷୁଦ୍ରଗଳ୍ପ ଏକ ତାତ୍ତ୍ୱିକ ବିଶ୍ଳେଷଣ (୧୮୯୮–୧୯୯୮), ବିଦ୍ୟାପୁରୀ, କଟକ, ୧୯୯୯।


❖ ❖ ❖

DOI : https://doi.org/10.5281/zenodo.19110647 ମୂଳ ପ୍ରବନ୍ଧ

# ଉଚ୍ଚଶିକ୍ଷାର ମାଧ୍ୟମ ରୂପେ ମାତୃଭାଷା - ଏକ ମୂଲ୍ୟାୟନ

**ପ୍ରଜ୍ଞା ପରମିତା ସାହୁ**

## ସଂକ୍ଷିପ୍ତସାର :

ଉଚ୍ଚଶିକ୍ଷାରେ ମାତୃଭାଷାର ପ୍ରୟୋଗ, ପ୍ରାସଙ୍ଗିକତା ଓ ପ୍ରଭାବକୁ ବିସ୍ତୃତ ଭାବେ ଉକ୍ତ ନିବନ୍ଧରେ ଆଲୋଚନା କରାଯାଇଛି । ମାନବ ଜୀବନରେ ଭାଷା ହେଉଛି ଚିନ୍ତନ, ଅଭିବ୍ୟକ୍ତ ଓ ଜ୍ଞାନାର୍ଜନାର ପ୍ରଧାନ ମାଧ୍ୟମ । ମାତୃଭାଷା ହେଉଛି ଶିଶୁ ଜନ୍ମରୁ ଶୁଣି ଓ ଶିଖିଥିବା ପ୍ରଥମ ଭାଷା, ଯାହା ତାଙ୍କର ବୁଦ୍ଧି, ଭାବନା ଓ ସଂସ୍କୃତି ସହ ଗଭୀର ଭାବେ ଜଡ଼ିତ । ଏହି କାରଣରୁ ଉଚ୍ଚଶିକ୍ଷାରେ ମାତୃଭାଷାର ଭୂମିକା ଅତ୍ୟନ୍ତ ମହତ୍ତ୍ୱପୂର୍ଣ୍ଣ । ଏଥିରେ ଆଲୋଚିତ ହୋଇଛି ଯେ, ଯଦି ଶିକ୍ଷା ମାତୃଭାଷାରେ ଦିଆଯାଏ, ତେବେ ଶିକ୍ଷାର୍ଥୀମାନେ ବିଷୟବସ୍ତୁକୁ ସହଜରେ ବୁଝିପାରନ୍ତି । ବିଦେଶୀ ଭାଷାରେ ଶିକ୍ଷା ଗ୍ରହଣ କରିବାବେଳେ ଅନେକ ସମୟରେ କେତେକ ଶିକ୍ଷାର୍ଥୀଙ୍କ ପକ୍ଷେ ଉକ୍ତ ଭାଷାକୁ ବୁଜିବା କଷ୍ଟସାଧ ହୋଇଥାଏ, ଯାହାଫଳରେ ବିଷୟର ମୂଳ ଧାରଣା ଅସ୍ପଷ୍ଟ ରହିଯାଏ । ମାତୃଭାଷାରେ ଶିକ୍ଷା ଦାନ କରାଗଲେ ଶିକ୍ଷାର୍ଥୀମାନଙ୍କର ଚିନ୍ତନଶକ୍ତି, ସୃଜନଶକ୍ତି ଓ ଗବେଷଣା ମୂଳକ ମନୋଭାବର ବିକାଶ ଘଟେ । ଶିକ୍ଷାର୍ଥୀମାନେ ନିଜ ଭାଷାରେ ସ୍ୱାଧୀନ ଭାବରେ ଚିନ୍ତା କରିବା ସହ ନିଜ ମତାମତକୁ ସ୍ପଷ୍ଟ ଭାବରେ ବ୍ୟକ୍ତ କରିପାରନ୍ତି । ଏହା ସହ ମାତୃଭାଷା ଜାତୀୟ ସଂସ୍କୃତି, ପରମ୍ପରା ଓ ଆତ୍ମ ସ୍ୱାଭିମାନ ରକ୍ଷାରେ ମୁଖ୍ୟ ଭୂମିକା ଗ୍ରହଣ କରେ । ଶିକ୍ଷାକ୍ଷେତ୍ରରେ ଯଦି ମାତୃଭାଷାକୁ ଅବହେଳା କରାଯାଏ, ତେବେ ଦେଶୀୟ ଭାଷା ଓ ସାହିତ୍ୟର ଅବନତି ଥାଏ । ଭାରତର ଶିକ୍ଷାନୀତିରେ ମାତୃଭାଷାକୁ ଗୁରୁତ୍ୱ ଦିଆଯାଇଛି, ବିଶେଷତଃ National Education Policyରେ ପ୍ରାଥମିକ ଓ ଉଚ୍ଚଶିକ୍ଷାରେ ମାତୃଭାଷାର ସଠିକ୍ ବ୍ୟବହାରକୁ ଗୁରୁତ୍ୱ ଦିଆଯାଇଛି । ଏହା ଦ୍ୱାରା ଦେଶୀୟ ଭାଷାମାନଙ୍କର ବିକାଶ ଓ ଶିକ୍ଷାର ସମାନ ଅବସର ସୃଷ୍ଟିର ଲକ୍ଷ୍ୟ ରଖାଯାଇଛି । ସଂପ୍ରତି ବିଜ୍ଞାନ, ପ୍ରଯୁକ୍ତିବିଦ୍ୟା ଓ ଚିକିତ୍ସାଶାସ୍ତ୍ର ପରି କିଛି ବିଷୟରେ ପ୍ରାମାଣିକ ପୁସ୍ତକ ଓ ଗବେଷଣା ସାମଗ୍ରୀ ମୁଖ୍ୟତଃ ଇଂରାଜୀରେ ଉପଲବ୍ଧ । ତେଣୁ ମାତୃଭାଷାରେ ଉଚ୍ଚଶିକ୍ଷା ପ୍ରଚଳନ କରିବା ପାଇଁ ଅନୁବାଦ, ପାଠ୍ୟପୁସ୍ତକ ରଚନା ଓ ଶିକ୍ଷକ ପ୍ରଶିକ୍ଷଣ ଆବଶ୍ୟକ । ମାତୃଭାଷା ଓ ଆନ୍ତର୍ଜାତୀୟ ଭାଷାର ସମନ୍ୱୟ ହେଉଛି ସଠିକ୍ ପଦକ୍ଷେପ । ଶିକ୍ଷାର୍ଥୀମାନେ ମାତୃଭାଷାରେ ନିଜ ଭିତ୍ତି ମଜବୁତ୍ କରିବା ସହିତ ଇଂରାଜୀ ପରି ଆନ୍ତର୍ଜାତୀୟ ଭାଷାର ଜ୍ଞାନ ଅର୍ଜନ କରିବା ଉଚିତ । ଉଚ୍ଚଶିକ୍ଷାରେ ମାତୃଭାଷାର ପ୍ରୟୋଗକୁ ଜ୍ଞାନାର୍ଜନର ସହଜ ମାଧ୍ୟମ, ସୃଜନଶୀଳତାର ଉନ୍ନତି, ସଂସ୍କୃତିର ସୁରକ୍ଷା ଓ ସମାନ ଶିକ୍ଷା ଅବସରର ଗ୍ରହଣ କରିବା ଆବଶ୍ୟକ ।

## ପ୍ରମୁଖ ଶବ୍ଦାବଳୀ :

ମାତୃଭାଷା, ଉଚ୍ଚଶିକ୍ଷା, ଚିନ୍ତନ-ଶକ୍ତି, ନୂତନ ଶିକ୍ଷାନୀତି, କମିଶନ, ଅନୁବାଦକ, ଭାଷା ଓ ଜ୍ଞାନ, ସୃଜନଶୀଳତା ସଂସ୍କୃତି ଓ ପରମ୍ପରା ।

ଏହି ପ୍ରବନ୍ଧକୁ ଅନ୍‌ଲାଇନରେ ପଢିବାପାଇଁ ପ୍ରବେଶ କରନ୍ତୁ

Quick Response Code:

Available online at : https://pracheenews.com/

DOI: https://doi.org/10.5281/zenodo.19110647

Article No - BPP00393

**ଯୋଗାଯୋଗ : ପ୍ରଜ୍ଞା ପରମିତା ସାହୁ**, ଅଧ୍ୟାପିକା
ଓଡ଼ିଆ ଭାଷା ଓ ସାହିତ୍ୟ ବିଭାଗ,
ଧରଣୀଧର ବିଶ୍ୱବିଦ୍ୟାଳୟ, କେନ୍ଦୁଝର
**Email :** pspragyan1@gmail.com
**ORCID ID:** https://orcid.org/0009-0006-9278-5897

This is an open access journal, and articles are distributed under the terms of the Creative Commons Attribution Non Commercial Share Alike 4.0 License, which allows others to remix, tweak, and build upon the work non commercially, as long as appropriate credit is given and the new creations are licensed under the identical terms.

For reprints contact: *pracheepatrika@rediffmail.com*

| ପ୍ରାପ୍ତି | ସମୀକ୍ଷିତ | ଗୃହୀତ | ପ୍ରକାଶିତ |
|---|---|---|---|
| ୧୫.୧୨.୨୦୨୫ | ୧୬.୦୧.୨୦୨୬ | ୨୭.୦୧.୨୦୨୬ | ୧.୦୩.୨୦୨୬ |

ଏହି ପ୍ରବନ୍ଧକୁ କିପରି ଉଦ୍ଧୃତ କରିବେ : ସାହୁ, ପ୍ରଜ୍ଞା ପରମିତା ; ୨୦୨୬ । "ଉଚ୍ଚଶିକ୍ଷାର ମାଧ୍ୟମ ରୂପେ ମାତୃଭାଷା - ଏକ ମୂଲ୍ୟାୟନ" । ବାସ୍ତବତାର ପରିପ୍ରକାଶ ପ୍ରାଚୀ । ଭାଗ :୧୧, ସଂଖ୍ୟା : ୦; ପୃଷ୍ଠା :୧୭-୨୧ ।

**ବିଷୟ :**

ଭାଷା ମାନବ ଜାତିର ସର୍ବଶ୍ରେଷ୍ଠ ସମ୍ପଦ। ଏହି ସମ୍ପଦ ତା'ର ସଭ୍ୟତା ଓ ସାଂସ୍କୃତିର କ୍ରମୋନ୍ନତିରେ ହୁଏ। ମଣିଷ ଏକ ସାମାଜିକ ପ୍ରାଣୀ, ଅନ୍ୟମାନଙ୍କ ସହ ଭାବ ବିନିମୟ କରି ବଞ୍ଚିବାକୁ ପଡ଼ିଥାଏ। ଏହି ଭାବ ବିନିମୟ ବଳିଷ୍ଠ ମାଧ୍ୟମ ହେଉଛି ଭାଷା। ମଣିଷର ଏହି ପ୍ରକ୍ରିୟା ଆରମ୍ଭ ହୋଇଛି ଶୈଶବ କାଳରୁ। ସେତେବେଳେ ମଣିଷକୁ ସବୁରେ ଯଥେଷ୍ଟ ସାହାଯ୍ୟ କରିଥାଏ ତା'ର ମାତୃଭାଷା। ଶିଶୁ ତା'ର ମା କୋଳରୁ ଯେଉଁ ଭାଷା ଶିଖିଥାଏ ତାହା ହିଁ ତା'ର ମାତୃଭାଷା। ଶିଶୁ ସ୍ୱତଃସ୍ଫୂର୍ତ୍ତ ଭାବେ ମାତୃଭାଷାକୁ ହୃଦୟଙ୍ଗମ କରେ। ମାତୃଭାଷା ମାଧ୍ୟମରେ ଜଣେ ବ୍ୟକ୍ତି ଯେପରି ନିଜ ହୃଦୟର ଭାବକୁ ବ୍ୟକ୍ତ କରେ ଅନ୍ୟ କୌଣସି ଭାଷାରେ ସେହିପରି ପ୍ରକାଶ କରିପାରେ ନାହିଁ। ଭାବର ସ୍ୱାଭାବିକ ପ୍ରକାଶ ଓ ବିକାଶ ପାଇଁ ମାତୃଭାଷା ଏକାନ୍ତ ଆବଶ୍ୟକ। ଜାତିର ଉନ୍ନତି ହୁଏ ମାତୃଭାଷାର ଉନ୍ନତିରେ। ମଣିଷ ଜୀବନରେ ମାତୃଭାଷାର ଗୁରୁତ୍ୱ ସମ୍ପର୍କରେ ଅବଗତ କରାଇବାକୁ ଯାଇ ଜାତିର ପିତା ମହାତ୍ମା ଗାନ୍ଧୀ କହିଛନ୍ତି, "The mother tonge is natural for the development of man's mind as mother's milk for the development of infants body" ଅର୍ଥାତ୍ ଶିଶୁର ଶାରୀରିକ ବିକାଶ ନିମନ୍ତେ ମାତୃ କ୍ଷୀର ଯେପରି ମଣିଷର ମାନସିକ ବିକାଶ ନିମନ୍ତେ ମାତୃଭାଷା ଯଥେଷ୍ଟ ସହାୟକ ହୋଇଥାଏ। ଭକ୍ତକବି ମଧୁସୂଦନ ରାଓ ମାତୃଭାଷାର ଅବଦାନ ସମ୍ପର୍କରେ ଅବଗତ କରାଇବାକୁ ଯାଇ କହିଛନ୍ତି।

"ମାତୃଭାଷା ମାତୃଭୂମି ଏ ଦୁହେଁ ଜନନୀ
ଭକ୍ତି ଭରେ ସେବ ତାଙ୍କୁ ଦିବସ ରଜନୀ।"

ଶିଶୁ ପାଇଁ ମାତୃଭାଷା ଏବଂ ମାତୃଭୂମି ଉଭୟ ସେବରେ ନିୟୋଜିତ ହେବାକୁ କବି ଯେଉଁ ଆହ୍ୱାନ ଦେଇଛନ୍ତି, ତହିଁରୁ ମାତୃଭାଷାର ଗୁରୁତ୍ୱ ଉପଲବ୍ଧି କରିହୁଏ। ମନୁଷ୍ୟର ପ୍ରଜ୍ଞା ପରିସର ବୃଦ୍ଧି କରିବା କ୍ଷେତ୍ରରେ ମାତୃଭାଷା ଯଥେଷ୍ଟ ଗୁରୁତ୍ୱପୂର୍ଣ୍ଣ। କେବଳ ସେତିକି ନୁହେଁ ମାତୃଭାଷା ଦ୍ୱାରା ଜଣେ ମଣିଷର ମୂଲ୍ୟବୋଧ ଓ ଆବେଗାନୁଭୂତିର ବିକାଶ ହୋଇଥାଏ। ମାତୃଭାଷା ବ୍ୟକ୍ତିର ଲୁକ୍କାୟିତ ସୃଜନ ସାମର୍ଥ୍ୟର ବିକାଶ ମଧ୍ୟ ହୋଇଥାଏ।

ଭାରତୀୟ ଶିକ୍ଷାବ୍ୟବସ୍ଥାକୁ ଉନ୍ନତ କରିବା ପାଇଁ ଭାରତରେ ଅନେକ ସମୟରେ ଭିନ୍ନ କମିଟି କମିଶନ ଦ୍ୱାରା ବିଭିନ୍ନ ଶିକ୍ଷାନୀତି ଗୁଡ଼ିକ ପ୍ରଚଳିତ ହୋଇଆସିଛି। ଏହି ଶିକ୍ଷାନୀତି ଗୁଡ଼ିକ ମଧ୍ୟରେ ଅନେକ ଭାରତୀୟ ଶିକ୍ଷା ତଥା ଉଚ୍ଚଶିକ୍ଷା ବ୍ୟବସ୍ଥାରେ ମାତୃଭାଷାର ଉପରେ ଗୁରୁତ୍ୱରୋପ କରିଛନ୍ତି। ସେଗୁଡ଼ିକ ସମ୍ପର୍କରେ ନିମ୍ନରେ ଆଲୋଚନା କରାଗଲା।

- ହଣ୍ଟର କମିଶନ ( Hunter commission) ୧୮୮୨
- ସାଡ଼ଲର୍ କମିଶନ ( Sadler commission) ୧୯୧୭-୧୯
- ଓ୍ୱର୍ଦ୍ଧା କମିଟି ( Wardha Scheme of basic education) ୧୯୩୭
- ବିଶ୍ୱବିଦ୍ୟାଳୟ ଶିକ୍ଷା କମିଶନ ( University educationcommission of Rsdhakrishna Commission) ୧୯୪୮-୪୯
- ମୁଦଲିଆର୍ କମିଶନ ( Mudalior commission) ୧୯୫୨-୫୩
- କୋଠାରୀ କମିଶନ ( Kothari commission) ୧୯୬୪-୬୬
- ରାଷ୍ଟ୍ରୀୟ ଶିକ୍ଷାନୀତି ( National education policy) ୧୯୬୮
- ରାଷ୍ଟ୍ରୀୟ ଶିକ୍ଷାନୀତି ( National education policy) ୧୯୮୬
- ସଂଶୋଧିତ ନୀତି ( Revised policy) ୧୯୯୨
- ରାଷ୍ଟ୍ରୀୟ ପାଠ୍ୟକ୍ରମ ( NCF) ୨୦୦୫
- ଜାତୀୟ ଶିକ୍ଷାନୀତି ( National education policy) ୨୦୨୦ରେ ମାତୃଭାଷାର ଗୁରୁତ୍ୱ ଏବଂ ମାତୃଭାଷା ମାଧ୍ୟମରେ ଶିକ୍ଷା ପ୍ରଦାନ ଉପରେ ଯଥେଷ୍ଟ ପ୍ରାଧାନ୍ୟ ଦେଇଛନ୍ତି। ଏଗୁଡ଼ିକ ମଧ୍ୟରୁ ଅନେକ କମିଟି କମିଶନ ଓ ଶିକ୍ଷାନୀତି ଉଚ୍ଚଶିକ୍ଷା କ୍ଷେତ୍ରରେ ବ୍ୟବହାର ଉପରେ ଗୁରୁତ୍ୱାରୋପ କରିଛନ୍ତି। ଯେପରି ;-

**(କ) ବିଶ୍ୱବିଦ୍ୟାଳୟ ଶିକ୍ଷା କମିଶନ୍ (University education commission of Radhakrishna Commission - 1948-49 )**

ସ୍ୱାଧୀନତା ପରବର୍ତ୍ତୀ ସମୟର ଏହା ହେଉଛି ପ୍ରଥମ କମିଶନ୍। ଏହି କମିଶନର ଅଧ୍ୟକ୍ଷ ଥିଲେ ଡଃ ସର୍ବପଲ୍ଲୀ ରାଧାକ୍ରୀଷ୍ଣ। ଏହି କମିଶନ୍ ଉଚ୍ଚଶିକ୍ଷାର ମାଧ୍ୟମ ରୂପେ ମାତୃଭାଷା ତଥା ଆଞ୍ଚଳିକ ଭାଷାର ବ୍ୟବହାର ଉପରେ ଗୁରୁତ୍ୱାରୋପ କରିବା ସହ ବିଜ୍ଞାନ ଓ କଳା ବିଷୟର ପାଠ୍ୟପୁସ୍ତକ ଗୁଡ଼ିକ ମାତୃଭାଷା ତଥା ଆଞ୍ଚଳିକ ଭାଷାରେ ଅନୁବାଦ ହେବା ଆବଶ୍ୟକ ଏବଂ ଇଂରାଜୀ ସହାୟକ ଭାଷା ଭାବରେ ବ୍ୟବହୃତ ହେବ ବୋଲି ନିର୍ଣ୍ଣୟ କରିଥିଲେ।

### (ଖ) କୋଠାରୀ କମିଶନ୍ (୧୮୬୪-୬୬)

ଏହି କମିଶନର ଅଧ୍ୟକ୍ଷ ଡଃ. ଦୌଲାତ୍ ସିଂ କୋଠାରୀ। ଏହି କମିଶନ୍ ସମସ୍ତ ବିଶ୍ୱବିଦ୍ୟାଳୟରେ ମାତୃଭାଷା ଶିକ୍ଷା। ମାତୃଭାଷା ସମ୍ବନ୍ଧୀୟ ଅନୁସନ୍ଧାନ ଓ ପ୍ରକାଶନକୁ ପ୍ରୋତ୍ସାହିତ କରିବା ସହ ଶିକ୍ଷାର ମୂଳ ମାତୃଭାଷା ହେବା ଉଚିତ୍ ବୋଲି ନିର୍ଣ୍ଣୟ କରିଥିଲେ ଏବଂ ଇଂରାଜୀକୁ ଏକ ସାଧନ ଭାଷା ଭାବରେ ଗ୍ରହଣ କରିବା ଉପରେ ଗୁରୁତ୍ୱ ଦେଇଥିଲେ। ଏହି କମିଶନର ସୁପାରିଶ୍ କ୍ରମେ ରାଷ୍ଟ୍ରୀୟ ଶିକ୍ଷାନୀତି (ଘରଚ-୧୯୬୮) ପ୍ରଣୟନ ହୋଇଥିଲା। ଏହା ମଧ୍ୟ ମାତୃଭାଷାକୁ ମାଧ୍ୟମ କରି ଉଚ୍ଚଶିକ୍ଷା ପ୍ରଦାନକୁ ନୀତିଗତ ସମର୍ଥନ ଜଣାଇଛି।

### (ଗ) ଜାତୀୟ ଶିକ୍ଷାନୀତି (National Education Policy- NEP-2020)

ଜାତୀୟ ଶିକ୍ଷାନୀତି ୨୦୨୦ ମଧ୍ୟ ମାତୃଭାଷା, ଆଞ୍ଚଳିକ ଭାଷା ସ୍ଥାନୀୟ ଭାଷାରେ ଗବେଷଣା ଉପରେ ଗୁରୁତ୍ୱାରୋପ କରିଛି। ଏହା ସହ ବୈଷୟିକ ଏବଂ ପ୍ରଯୁକ୍ତି ବିଦ୍ୟାର ଯେପରି ଇଞ୍ଜିନିୟରଂ, ଡାକ୍ତରୀ, ଆଇନ୍ ଇତ୍ୟାଦିରେ ମଧ୍ୟ ମାତୃଭାଷାରେ ପଢ଼ାଯିବା ପାଇଁ ପ୍ରୟାସ ଆରମ୍ଭ ହୋଇଛି।

ଉଚ୍ଚଶିକ୍ଷା କ୍ଷେତ୍ରରେ ମାତୃଭାଷା ମାଧ୍ୟମ ରୂପେ ବ୍ୟବହାର ହେବା ଦ୍ୱାରା ଶିକ୍ଷା ବ୍ୟବସ୍ଥା ସାଫଲ୍ୟ ମଣ୍ଡିତ ହୋଇଥାଏ, ମାତ୍ର ଏଥିରେ ମଧ୍ୟ କିଛି ବାଧାର ସମ୍ମୁଖୀନ ହେବାକୁ ହୁଏ। ତେବେ ଉଚ୍ଚଶିକ୍ଷା କ୍ଷେତ୍ରରେ ମାତୃଭାଷା ମାଧ୍ୟମ ରୂପେ ବ୍ୟବହାର କରିବା ଦ୍ୱାରା ଯେଉଁସବୁ ସକାରାତ୍ମକ ପ୍ରଭାବ ଓ ସୃଷ୍ଟି ହେଉଥିବା ବିଘ୍ନଗୁଡ଼ିକ ସମ୍ପର୍କରେ ନିମ୍ନରେ ଆଲୋଚନା କରାଗଲା।

## ସକାରାତ୍ମକ ଦିଗ :

### (କ) ସହଜ ବୋଧଗମ୍ୟ

ମାତୃଭାଷାକୁ ମାଧ୍ୟମ ରୂପେ ଉଚ୍ଚଶିକ୍ଷାରେ ବ୍ୟବହାର କରିବା ଦ୍ୱାରା ଏହା ଶ୍ରେଣୀ କକ୍ଷର ସବୁ ବର୍ଗର ଶିକ୍ଷାର୍ଥୀମାନଙ୍କ ଦ୍ୱାରା ଗ୍ରହଣୀୟ ହେବା ସହ ସେମାନେ ଶିକ୍ଷାକୁ ଅତି ସହଜରେ ବୋଧଗମ୍ୟ କରିପାରନ୍ତି ଏବଂ ପଠିତ ବିଷୟ ପ୍ରତି ସେମାନଙ୍କର ଆଗ୍ରହ ସୃଷ୍ଟି ହୋଇଥାଏ। ଯାହାଦ୍ୱାରା ଶିକ୍ଷଣ ପ୍ରକ୍ରିୟା ଉଭୟ ଶିକ୍ଷକ ଓ ଶିକ୍ଷାର୍ଥୀଙ୍କ ନିମନ୍ତେ ସହଜସାଧ୍ୟ ହୋଇଥାଏ।

### (ଖ) ଚିନ୍ତନ ଓ ଗବେଷଣାର ସ୍ୱାଧୀନତା

ମାତୃଭାଷା ମାଧ୍ୟମରେ ଶିକ୍ଷାଦାନ ଶିକ୍ଷଣ ପ୍ରକ୍ରିୟା ତ୍ୱୋରାନ୍ୱିତ କରିଥାଏ। ଏହାଦ୍ୱାରା ଶିକ୍ଷାର୍ଥୀମାନଙ୍କ ଚିନ୍ତନଶକ୍ତି ଏବଂ ମତପ୍ରକାଶ କରିବାର କ୍ଷମତା ବୃଦ୍ଧି ହୋଇଥାଏ। କାରଣ ମାତୃଭାଷା ମାଧ୍ୟମରେ ନିଜ ସୁଚିନ୍ତନ ଅଭିମତକୁ ଶିକ୍ଷାର୍ଥୀମାନେ ସ୍ୱାଧୀନ ଭାବରେ ନିଦ୍ୱନ୍ଦରେ ଉପସ୍ଥାପିତ କରିପାରିବେ ଏହା ସହ ସେମାନେ କିଛି ନୂତନ ଅନ୍ୱେଷଣ ତଥା ବିଭିନ୍ନ ଗବେଷଣା କାର୍ଯ୍ୟ ଭାବରେ କରିପାରିବେ।

### (ଗ) ମାତୃଭାଷା ମାଧ୍ୟମରେ ସଂସ୍କୃତିକୁ ଗୁରୁତ୍ୱ

ମାତୃଭାଷା ମାଧ୍ୟମରେ ଶିକ୍ଷାଦାନ ଦ୍ୱାରା ଶିକ୍ଷାର୍ଥୀମାନେ ନିଜ ମାତୃଭାଷା ସହ ଜଡ଼ିତ ରହିବା ସହ ନିଜ ପରମ୍ପରା ଓ ସଂସ୍କୃତି ସହ ମଧ୍ୟ ଜଡ଼ିତ ହୋଇ ରହିଥାନ୍ତି, ଯାହାଦ୍ୱାରା ସେମାନେ ପରମ୍ପରା, ସଂସ୍କୃତିର ମହତ୍ତ୍ୱ ଓ ଗୁରୁତ୍ୱ ବୁଝିବା ସହ ତାହାକୁ ସୁଦୂର ପ୍ରସାରୀ କରିବା ନିମନ୍ତେ ସର୍ବଦା ଚେଷ୍ଟିତ ରହିଥାନ୍ତି। ଏକ ଭାଷା ସହ ସର୍ବଦା ଏକ ଭୂଖଣ୍ଡ ତଥା ଅଞ୍ଚଳର ପରମ୍ପରା ସଂସ୍କୃତି, ଚାଲିଚଳଣି ଓତଃପ୍ରୋତ ଭାବରେ ଜଡ଼ିତ ରହିଥାଏ।

### (ଘ) ଆଞ୍ଚଳିକ ଭିତ୍ତିରେ ଭାଷାର ସମାନତା

ଉଚ୍ଚଶିକ୍ଷା କ୍ଷେତ୍ରରେ ଇଂରାଜୀ ଭାଷାକୁ ମାଧ୍ୟମ ରୂପେ ଗ୍ରହଣ କରିବା ଦ୍ୱାରା ଯେଉଁ ଶିକ୍ଷାର୍ଥୀମାନେ ମାତୃଭାଷା ତଥା ଆଞ୍ଚଳିକ ଭାଷାରେ ଶିକ୍ଷା ଗ୍ରହଣ କରିଥାନ୍ତି, ସେମାନେ ଉଚ୍ଚଶିକ୍ଷା ଗ୍ରହଣ କରିବାରେ ଅନେକ ବାଧାର ସମ୍ମୁଖୀନ ହୋଇଥାନ୍ତି, ମାତ୍ର ଯଦି ମାତୃଭାଷା ମାଧ୍ୟମରେ ଶିକ୍ଷା ବ୍ୟବସ୍ଥା ପ୍ରଚଳନ କରାଯାଏ। ତେବେ ଶ୍ରେଣୀ ଗୃହରେ ସବୁ ବର୍ଗର ପିଲାଙ୍କ ମଧ୍ୟରେ ଶିକ୍ଷା ଗ୍ରହଣରେ ସହଜ ଓ ବୋଧଗମ୍ୟ ହୋଇପାରିବ ଯାହାଦ୍ୱାରା ସେମାନଙ୍କ ମଧ୍ୟରେ ଭାଷାଗତ ସମାନତା ମଧ୍ୟ ରହିପାରିବ।

## ପ୍ରତିବନ୍ଧକ :

### (କ) ପାଠ୍ୟ ପୁସ୍ତକ ଓ ପାଠ୍ୟ ଉପକରଣ ଅଭାବ

ଉଚ୍ଚଶିକ୍ଷା କ୍ଷେତ୍ରରେ ମାତୃଭାଷାକୁ ମାଧ୍ୟମ ରୂପେ ଗ୍ରହଣ କରିବା ପୂର୍ବରୁ ଉଚ୍ଚଶିକ୍ଷା କ୍ଷେତ୍ରରେ ବ୍ୟବହୃତ ସମସ୍ତ ପୁସ୍ତକ ମାତୃଭାଷା ହେବା ଆବଶ୍ୟକ ମାତ୍ର ବର୍ତ୍ତମାନ ପକ୍ଷେ ତାହା ସମ୍ଭବପର ନୁହେଁ। କାରଣ ଏଥି ନିମନ୍ତେ ଯଥେଷ୍ଟ ସମୟ, ଉପଯୁକ୍ତ ଅର୍ଥର ବିନିମୟ ଓ ତାଲିମ୍‌ପ୍ରାପ୍ତ ଶିକ୍ଷକ ଯେଉଁମାନେ ନିଜ ମାତୃଭାଷାରେ ଦକ୍ଷ ହେବା ସହ ନିଜ ପାଠ୍ୟ ବିଷୟରେ ମଧ୍ୟ ଦକ୍ଷ ହେବା ଆବଶ୍ୟକ। ତେଣୁ ଆମେ କହିପାରିବା ପାଠ୍ୟ ପୁସ୍ତକର ଅଭାବ ଉଚ୍ଚଶିକ୍ଷା କ୍ଷେତ୍ରରେ ମାତୃଭାଷାର ସ୍ଥାନ ନିରୂପଣ କରିବାରେ ଏକ ବିଘ୍ନ ସଦୃଶ। ସେହିପରି ଶିକ୍ଷାଦାନକୁ ଅଧିକ ଫଳପ୍ରଦ କରିଥାଏ ପାଠ୍ୟ ଉପକରଣ। ଏହା ଶିକ୍ଷାର୍ଥୀମାନଙ୍କର ଆଗ୍ରହ ବଢ଼ାଇବା ସହ, ସେମାନଙ୍କୁ ବିଷୟବସ୍ତୁ ସହ ସୂଚିତ କରିଥାଏ। ମାତ୍ର ମାତୃଭାଷା ମାଧ୍ୟମରେ ଉଚ୍ଚଶିକ୍ଷା କ୍ଷେତ୍ରରେ ଶିକ୍ଷାଦାନ କରିବା ନିମନ୍ତେ ମଧ୍ୟ ଅନେକ ପାଠ୍ୟ ଉପକରଣର ଆବଶ୍ୟକତା ରହିଛି। ଯାହାଦ୍ୱାରା ମାତୃଭାଷା ମାଧ୍ୟମରେ ଶିକ୍ଷା ବାଧାପ୍ରାପ୍ତ ହୋଇଥାଏ।

### (ଖ) ପ୍ରବୀଣ ଶିକ୍ଷକଙ୍କ ଅଭାବ

ଉଚ୍ଚଶିକ୍ଷା କ୍ଷେତ୍ରରେ ମାତୃଭାଷାକୁ ମାଧ୍ୟମ ରୂପେ ଗ୍ରହଣ କରିବାକୁ ହେଲେ ଉକ୍ତ ବିଷୟର ଶିକ୍ଷକ ମଧ୍ୟ ମାତୃଭାଷାରେ ପ୍ରବୀଣ ହୋଇଥିବା ଆବଶ୍ୟକ। ଯାହାଦ୍ୱାରା ସେ ସହଜ ଭାଷାରେ ବିଷୟକୁ ମାତୃଭାଷା ମାଧ୍ୟମରେ ସରଳ ଉପାୟରେ ଶିକ୍ଷାର୍ଥୀମାନଙ୍କ ପାଖରେ ଉପସ୍ଥାପିତ କରିପାରିବ। ଏହା ଦ୍ୱାରା ଶିକ୍ଷାଦାନ ପ୍ରକ୍ରିୟା ମଧ୍ୟ ସହଜସାଧ୍ୟ ହୋଇଥାଏ। ମାତ୍ର ଶିକ୍ଷକଙ୍କ ମାତୃଭାଷା ଜନିତ ଜ୍ଞାନ ଅଭାବ ଉଚ୍ଚଶିକ୍ଷା କ୍ଷେତ୍ରରେ ମାତୃଭାଷାକୁ ମାଧ୍ୟମ ରୂପେ ଗ୍ରହଣ କରିବାର ପ୍ରକ୍ରିୟାକୁ ଫଳପ୍ରଦ କରିପାରେ ନାହିଁ।

### (ଗ) ଅଭିଭାବକଙ୍କ ନିମ୍ନ ମାନସିକତା

ଉଚ୍ଚଶିକ୍ଷା କ୍ଷେତ୍ରରେ ମାତୃଭାଷାକୁ ମାଧ୍ୟମ ରୂପେ ଗ୍ରହଣ କରିବା ପାଇଁ ଅନେକ ଶିକ୍ଷାର୍ଥୀ ରାଜିହୁଅନ୍ତି ନାହିଁ। ଏହାର କାରଣ ହେଉଛି ପିତାମାତାଙ୍କର ମାତୃଭାଷାକୁ ନେଇ ରହିଥିବା ନିମ୍ନ ମାନସିକତା। ଏପରି ମାନସିକତା ବର୍ତ୍ତମାନ ସମୟରେ ଶିକ୍ଷିତ ଅଭିଭାବକଙ୍କ ପାଖରେ ଅଧିକ ଦେଖିବାକୁ ମିଳୁଛି। ଜଣେ ମାତୃଭାଷାର ଶିକ୍ଷକ ତଥା ଅଧ୍ୟାପକ ମଧ୍ୟ ନିଜ ପିଲାମାନଙ୍କୁ ମାତୃଭାଷା ଶିକ୍ଷାଠାରୁ ବିରତ ରଖୁଛନ୍ତି। ଏପରି ସ୍ଥିତିରେ ମାତୃଭାଷା ମାଧ୍ୟମରେ ଉଚ୍ଚଶିକ୍ଷା କଷ୍ଟକର ବ୍ୟାପାର।

### (ଘ) ଆନ୍ତର୍ଜାତିକ ସ୍ତରରେ ଭାଷାଗତ ସମସ୍ୟା

ଉଚ୍ଚଶିକ୍ଷା କ୍ଷେତ୍ରରେ ମାତୃଭାଷାକୁ ଗ୍ରହଣ କରିବା ଦ୍ୱାରା ବେଳେବେଳେ ଶିକ୍ଷାର୍ଥୀମାନେ ଆନ୍ତର୍ଜାତୀୟ ସ୍ତରରେ ଅନୁଷ୍ଠିତ ହେଉଥିବା ପାଠ୍ୟଚକ୍ର ତଥା ଆଲୋଚନାଚକ୍ରଗୁଡ଼ିକରେ ଭାଷାଗତ ସମସ୍ୟାର ସମ୍ମୁଖୀନ ହୋଇଥାନ୍ତି। ସାଧାରଣତଃ ଆନ୍ତର୍ଜାତୀୟ ସ୍ତରରେ ଆୟୋଜିତ ସମସ୍ତ ପାଠ୍ୟଚକ୍ର ତଥା ଆଲୋଚନାଚକ୍ର ଗୁଡ଼ିକର ଭାଷା ଇଂରାଜୀ ଥିବା ଯୋଗୁଁ ମାତୃଭାଷାକୁ ମାଧ୍ୟମ ରୂପେ ଗ୍ରହଣ କରିଥିବା ଶିକ୍ଷାର୍ଥୀ ଉକ୍ତ ଭାଷାଗତ ସମସ୍ୟାରେ ସମ୍ମୁଖୀନ ହୋଇଥାଏ।

## ନିରାକରଣ :

### (କ) ଦ୍ୱି-ଭାଷିକ ଶିକ୍ଷା ବ୍ୟବସ୍ଥା

ଉଚ୍ଚଶିକ୍ଷା କ୍ଷେତ୍ରରେ ଶିକ୍ଷାଦାନ ପ୍ରଦାନର ମାଧ୍ୟମ ସାଧାରଣତଃ ଦ୍ୱି-ଭାଷିକ ହେବା ଆବଶ୍ୟକ। ମାତୃଭାଷା ସହ ଇଂରାଜୀ ଭାଷାରେ ଶିକ୍ଷଣ ପ୍ରକ୍ରିୟା ହେବା ଆବଶ୍ୟକ ମାତ୍ର ଏହା ଅଧିକ ସମୟ ସାପେକ୍ଷ ହୋଇପାରେ। ଉଚ୍ଚଶିକ୍ଷାର ମାଧ୍ୟମ ରୂପରେ ଇଂରାଜୀ ଭାଷାକୁ ଅଧିକ ଗୁରୁତ୍ୱ ଦିଆଯାଉଥିବାବେଳେ, ଶିକ୍ଷକ ଉଭୟ ଇଂରାଜୀ ଓ ମାତୃଭାଷାରେ ଏହାକୁ ଶିକ୍ଷାର୍ଥୀଙ୍କ ନିକଟରେ ଉପସ୍ଥାପିତ କରିବା ଆବଶ୍ୟକ। ଏଥିପାଇଁ ଶିକ୍ଷକ ମଧ୍ୟ ଉଭୟ ଇଂରାଜୀ ଓ ମାତୃଭାଷାରେ ପ୍ରବୀଣ ହୋଇଥିବା ଆବଶ୍ୟକ।

### (ଖ) ଅନୁବାଦ ଓ ଡିଜିଟାଲ ଅନୁବାଦକରଣ ବ୍ୟବହାର

ଉଚ୍ଚଶିକ୍ଷା କ୍ଷେତ୍ରରେ ମାତୃଭାଷାକୁ ମାଧ୍ୟମ ରୂପେ ଗ୍ରହଣ କରିବା ପୂର୍ବରୁ ଉଚ୍ଚଶିକ୍ଷାର ଆଧୁନିକ ପାଠ୍ୟପୁସ୍ତକ, ଲେକ୍‌ଚର୍ ଓ ଗବେଷଣା ପତ୍ରଗୁଡ଼ିକୁ ମାତୃଭାଷାର ଅନୁବାଦ କରି ଡିଜିଟାଲର ସହାୟତାରେ ଉପଲବ୍ଧ କରାଯିବା ଆବଶ୍ୟକ। ଯାହାଦ୍ୱାରା ଶିକ୍ଷାଦାନ ପଦ୍ଧତି ସହଜସାଧ୍ୟ ହୋଇପାରିବ।

### (ଗ) ମାତୃଭାଷା ଆଧାରିତ ଗବେଷଣା

ମାତୃଭାଷାକୁ ମାଧ୍ୟମ ରୂପେ ଗ୍ରହଣ କରିବାକୁ ହେଲେ ମାତୃଭାଷା ଆଧାରିତ ଗବେଷଣାକୁ ତ୍ୱରାନ୍ୱିତ କରିବାକୁ ହେବ। ଯାହାଦ୍ୱାରା ସେମାନେ ନିର୍ଦ୍ୱନ୍ଦରେ ବିଷୟ ଉପଯୋଗୀ କୌଣସି

ନୂତନ ତଥ୍ୟ ଅନ୍ୱେଷଣ କରିବା ସହ ସେଗୁଡ଼ିକୁ ନିଜ ମାତୃଭାଷା ମାଧ୍ୟମରେ ଉପସ୍ଥାପିତ ମଧ୍ୟ କରିଥାନ୍ତି । ଯାହାଦ୍ୱାରା ଗବେଷଣା କାର୍ଯ୍ୟ ଫଳପ୍ରଦ ହୋଇପାରୁଛି ।

## (ଘ) ସରକାରଙ୍କ ପ୍ରୋତ୍ସାହନ

ଶିକ୍ଷାର୍ଥୀମାନେ ନିଜ ମାତୃଭାଷାରେ ଶିକ୍ଷାଲାଭ କଲେ ଶିକ୍ଷଣ ପ୍ରକ୍ରିୟା ସହଜ ହୋଇଥାଏ । ମନୋବୈଜ୍ଞାନିକ ଦୃଷ୍ଟିକୋଣରୁ ମାତୃଭାଷା ମାଧ୍ୟମରେ ଶିକ୍ଷାଦାନ ଶିକ୍ଷା ବ୍ୟବସ୍ଥାକୁ ସ୍ୱାଭାବିକ କରିଥାଏ । ଉଚ୍ଚଶିକ୍ଷା କ୍ଷେତ୍ରରେ ମାତୃଭାଷାକୁ ମାଧ୍ୟମ ରୂପେ ଗ୍ରହଣ କରିବା ନିମନ୍ତେ ଶିକ୍ଷାର୍ଥୀ ତଥା ଶିକ୍ଷକମାନଙ୍କ ପାଇଁ ସରକାରୀ ପ୍ରୋତ୍ସାହନର ଆବଶ୍ୟକତା ରହିଛି । ଯେପରି ବିଭିନ୍ନ କର୍ମଶାଳା ତଥା କାର୍ଯ୍ୟକ୍ରମ ମାଧ୍ୟମରେ ମାତୃଭାଷାର ଗୁରୁତ୍ୱ ସମ୍ପର୍କରେ ଅବଗତ କରାଇବା, ଶିକ୍ଷାର୍ଥୀମାନଙ୍କ ନିମନ୍ତେ ମାତୃଭାଷା ଆଧାରରେ ବିଭିନ୍ନ ପ୍ରତିଯୋଗିତାମାନ ଆୟୋଜନ କରିବା ସହ ସରକାରଙ୍କ ଦ୍ୱାରା ଶିକ୍ଷାର୍ଥୀମାନଙ୍କୁ ମାତୃଭାଷା ଭିତ୍ତିକ ଶିକ୍ଷାବୃତ୍ତି ପ୍ରଦାନ କରାଯିବା ଆବଶ୍ୟକ ।

## ଉପସଂହାର :

ଉଚ୍ଚଶିକ୍ଷାରେ ମାତୃଭାଷାର ବ୍ୟବହାର କେବଳ ଜ୍ଞାନ ଲାଭକୁ ସହଜ କରେ ନାହିଁ, ବରଂ ଛାତ୍ରଛାତ୍ରୀଙ୍କ ଭାବନା, ଚିନ୍ତା ଶକ୍ତି, ସୃଜନଶୀଳତା ଓ ସାଂସ୍କୃତିକ ପରିଚୟକୁ ମଧ୍ୟ ଦୃଢ଼କରେ । ଯେତେବେଳେ ଶିକ୍ଷା ନିଜ ମାତୃଭାଷାରେ ହୁଏ, ଶିକ୍ଷାର ମୂଳ ଅର୍ଥ ସମସ୍ତଙ୍କ ପାଇଁ ସମାନ ହୁଏ । ମାତୃଭାଷା ମାଧ୍ୟମରେ ଶିକ୍ଷା ଦେଇ, ଆମେ ଏକ ଏମିତି ପିଢ଼ି ତିଆରି କରିପାରିବା ଯେଉଁମାନେ ଜ୍ଞାନର ସହ ନିଜ ମା, ମାଟି ଓ ମୂଲ୍ୟବୋଧ ସହିତ ସଂଯୁକ୍ତ ରହିବେ । ସେପରି ଉଚ୍ଚଶିକ୍ଷାରେ ମାତୃଭାଷାକୁ ଯଥୋଚିତ ସ୍ଥାନ ଦେବା ହେଉଛି ଏକ ସଶକ୍ତ ଓ ସ୍ୱାଭିମାନ ଜାତି ଗଠନର ପ୍ରଥମ କର୍ତ୍ତବ୍ୟ । ଉଚ୍ଚଶିକ୍ଷାରେ ମାତୃଭାଷାର ବ୍ୟବହାର ଜ୍ଞାନର ସତ୍ୟ ସାଧନ ଏବଂ ଶିକ୍ଷାର ସାର୍ବଜନୀନ ପ୍ରବେଶକୁ ସୁନିଶ୍ଚିତ କରେ । ମାତୃଭାଷା ମାନସିକ ଏବଂ ସାଂସ୍କୃତିକ ଭିତ୍ତିକୁ ଶକ୍ତିଶାଳୀ କରେ, ଯାହା ଆତ୍ମଗୌରବ ଓ ଜାତୀୟ ପରିଚୟର ଆଧାର । ସେହିପରି, ଆଧୁନିକ ଗ୍ଲୋବାଲ୍ ଯୁଗରେ ମଧ୍ୟ ମାତୃଭାଷା ସହିତ ଆନ୍ତର୍ଜାତିକ ଭାଷାର ସମନ୍ୱୟ ରଖି ଶିକ୍ଷାକୁ ଗଠନ କରିବା ଆବଶ୍ୟକ ମାତ୍ର ସୀମିତ ସମୟ ଓ ଉପଯୁକ୍ତ ଉତ୍ସ ଅଭାବ ଯୋଗୁଁ ଏହା କାଠିକର ପାଠ । ସୁତରାଂ ଏପରି ପଦକ୍ଷେପ ନେବା ଆବଶ୍ୟକ ଯାହା ଉଚ୍ଚଶିକ୍ଷା କ୍ଷେତ୍ରରେ ମାତୃଭାଷାର ଶିକ୍ଷାକୁ ତ୍ୱରାନିତ କରିବା ସହ ଏହାକୁ ବିଶ୍ୱ ଦରବାରରେ ଏକ ସ୍ୱତନ୍ତ୍ର ସ୍ଥାନରେ ପହଞ୍ଚାଇ ପାରିବ ।

## ସହାୟକ ଗ୍ରନ୍ଥସୂଚୀ :


- ନାୟକ, ଭାଗୀରଥି, 'ମାତୃଭାଷା ଶିକ୍ଷାଦାନ ପଦ୍ଧତି', ଓଡ଼ିଶା ରାଜ୍ୟ ପାଠ୍ୟ ପୁସ୍ତକ, ପ୍ରଣୟନ ସଂସ୍ଥା, ଭୁବନେଶ୍ୱର, ୧୯୭୪ ।
- Diba, F & Priyadarshini, 'A – Mother Tongue Education as medium of Intrution', E-ISSN : 2582-2160, Vol – 5, Issue – 6, Nov-Dec-2023.
- Naika, 'A – Mother tounge as the medium of Instruction at developing country universities in a global context', Volume – 111, January/February 2015.


❖ ❖ ❖

DOI : https://doi.org/10.5281/zenodo.19110702 ମୂଳ ପ୍ରବନ୍ଧ

# ବାକ୍ୟ ଗଠନ ଶିକ୍ଷା: ଶୁଦ୍ଧତା ସମୀକ୍ଷା ଓ ଆଲୋଚନା

**ସୁମନ୍ତ କୁମାର ଭୋଇ**

**ସଂକ୍ଷିପ୍ତସାର :**

ଭାଷା ହେଉଛି ଭାବର ବାହକ। ଭାଷାର ସର୍ବନିମ୍ନ ଏକକ ଧ୍ୱନି ହୋଇଥିବା ସ୍ଥଳେ ଭାଷାର ସର୍ବବୃହତ ଅର୍ଥଯୁକ୍ତ ଏକକ ହେଉଛି ବାକ୍ୟ। ବାକ୍ୟ ହେଉଛି ଭାଷାର ମୂଳଭିତ୍ତି। ମାନବର ଚିନ୍ତା, ଚେତନା, ଅଭିବ୍ୟକ୍ତି ଓ ଉପଲବ୍ଧି ଆଦି ବାକ୍ୟଦ୍ୱାରା ହିଁ ସମ୍ଭବ ହୋଇଥାଏ। 'ବାକ୍ୟ' ହିଁ ହେଉଛି ଭାଷାର ଅକୃତ୍ରିମ ଏକକ ଯାହା ବ୍ୟାକରଣଦ୍ୱାରା ସୃଷ୍ଟି ନହୋଇ ଭାଷାଭାଷୀ ଜନସାଧାରଣଙ୍କଦ୍ୱାରା ଅର୍ଥାତ୍ ସେମାନଙ୍କ ବ୍ୟବହାରରୁ ପ୍ରତିଷ୍ଠିତ ହୋଇଅଛି। ଏଣୁ ଭର୍ତ୍ତୃହରି ତାଙ୍କର 'ବାକ୍ୟପଦୀୟ' ଗ୍ରନ୍ଥର ବ୍ରହ୍ମକାଣ୍ଡରେ ଉଲ୍ଲେଖ କରିଛନ୍ତି ଯେ, 'ବାକ୍ୟ ହିଁ ମୂଳସତ୍ତା।'

**ପ୍ରମୁଖ ଶବ୍ଦାବଳୀ :**

ବାକ୍ୟ, ଯୋଗ୍ୟତା, ଆକାଂକ୍ଷା, ଆସତ୍ତି, ସରଳ, ଯୌଗିକ, ଜଟିଳ, ବାକ୍ୟାଂଶ, ଖଣ୍ଡବାକ୍ୟ, ଉପବାକ୍ୟ, ବାକ୍ୟ ରୂପାନ୍ତର

ଭାଷା ହେଉଛି ମାନବର ସର୍ବଶ୍ରେଷ୍ଠ ସୃଷ୍ଟି। ଏହା ମନୁଷ୍ୟର ମୁଖ ନିସୃତ ଧ୍ୱନିମାନଙ୍କର ଏକ ନିୟମବଦ୍ଧ ପଦ୍ଧତି। ଭାଷାର ସର୍ବନିମ୍ନ ଏକକ ଧ୍ୱନି ହୋଇଥିବା ବେଳେ ଭାଷାର ସର୍ବବୃହତ ଏକକ ହେଉଛି 'ବାକ୍ୟ'। 'ବଚ୍' ଧାତୁ ସଙ୍ଗେ କର୍ମବାଚ୍ୟରେ 'ଯ' ପ୍ରତ୍ୟୟ ଯୋଗେ 'ବାକ୍ୟ' ଶବ୍ଦର ସୃଷ୍ଟି। ଯାହାର ଅର୍ଥ କଥା, ବଚନ, ପ୍ରତିଶ୍ରୁତି, ପ୍ରତିଜ୍ଞା, ବିଭକ୍ତ୍ୟନ୍ତ ପଦସମୂହ ତଥା ବକ୍ତବ୍ୟର ପୂର୍ଣ୍ଣତାଜ୍ଞାପକ ପଦ ସମଷ୍ଟି। ପୂର୍ଣ୍ଣଭାବର ପରିପ୍ରକାଶ ନିମନ୍ତେ ଏକ ବା ଏକାଧିକ ବାକ୍ୟ ହିଁ ମାନବର ଭାବ ଆଦାନପ୍ରଦାନରେ ସହାୟ ହୋଇଥାଏ। ଏଣୁ ମାନବର ବ୍ୟବହାରକୁ ତଥା ଭାବ ବିନିମୟରୁ ହିଁ ବାକ୍ୟର ସୃଷ୍ଟି।

## (କ) ବାକ୍ୟର ସଂଜ୍ଞା:

୧. ଏକ ବା ଏକାଧିକ ପଦ ମିଳିତ ହୋଇ ମନର ଭାବକୁ ସଂପୂର୍ଣ୍ଣ ରୂପେ ପ୍ରକାଶ କଲେ ତାହାକୁ ବାକ୍ୟ କୁହାଯାଏ।

୨. ଭାଷାରେ ଯେଉଁ ଉକ୍ତିଟି ସାର୍ଥକ ତଥା ଅର୍ଥବୋଧକ ତାହାକୁ ବାକ୍ୟ କୁହାଯାଏ।

୩. ଭାଷାର ସର୍ବବୃହତ ଏକକକୁ ବାକ୍ୟ କୁହାଯାଏ।

୪. ସ୍ୱାଧୀନ ଓ ସାର୍ଥକ ଉକ୍ତିକୁ ବାକ୍ୟ କୁହନ୍ତି।(ବ୍ୟାକରଣ କୋଷ,ପୃ-୨୪୪)

୫. ବାକ୍ୟଂ ସ୍ୟାଦ୍ ଯୋଗ୍ୟତାକାଂକ୍ଷାସତ୍ତିଯୁକ୍ତଃ ପଦୋଚ୍ଚୟଃ। ଅର୍ଥାତ୍, ଯୋଗ୍ୟତା, ଆକାଂକ୍ଷା ଓ ଆସତ୍ତି ଥିବା ପଦସମଷ୍ଟିକୁ

**ଯୋଗାଯୋଗ : ଡକ୍ଟର ସୁମନ୍ତ କୁମାର ଭୋଇ,** ଅଧ୍ୟାପକ, ଓଡ଼ିଆ ବିଭାଗ, ଆଦିକବି ସାରଳାଦାସ ମହାବିଦ୍ୟାଳୟ, ତିର୍ତ୍ତୋଲ, ଜଗତସିଂହପୁର।
Email : anantabhoi2024@gmail.com
ORCID ID : https://orcid.org/-0009-0006-0739-8148

This is an open access journal, and articles are distributed under the terms of the Creative Commons Attribution Non Commercial Share Alike 4.0 License, which allows others to remix, tweak, and build upon the work non commercially, as long as appropriate credit is given and the new creations are licensed under the identical terms.

For reprints contact: *pracheepatrika@rediffmail.com*

| ପ୍ରାପ୍ତି | ସମୀକ୍ଷିତ | ଗୃହୀତ | ପ୍ରକାଶିତ |
|---|---|---|---|
| ୧୫.୧୨.୨୦୨୫ | ୧୬.୦୧.୨୦୨୬ | ୨୭.୦୧.୨୦୨୬ | ୧.୦୩.୨୦୨୬ |

ଏହି ପ୍ରବନ୍ଧକୁ କିପରି ଉଦ୍ଧୃତ କରିବେ : ଭୋଇ, ସୁମନ୍ତ କୁମାର; ୨୦୨୬। ବାକ୍ୟ ଗଠନ ଶିକ୍ଷା: ଶୁଦ୍ଧତା ସମୀକ୍ଷା ଓ ଆଲୋଚନା। ବାସ୍ତବତାର ପରିପ୍ରକାଶ ପ୍ରାଚୀ। ଭାଗ :୧୧, ସଂଖ୍ୟା : ୦; ପୃଷ୍ଠା :୨୨-୩୧।

ଏହି ପ୍ରବନ୍ଧକୁ ଅନ୍‌ଲାଇନରେ ପଢିବାପାଇଁ ପ୍ରବେଶ କରନ୍ତୁ

Quick Response Code:

Available online at : https://pracheenews.com/

DOI : https://doi.org/10.5281/zenodo.19110702
Article No - BPP00394

ବାକ୍ୟ କୁହାଯାଏ।(ଦ୍ୱିତୀୟ ପରିଚ୍ଛେଦ, ସାହିତ୍ୟ ଦର୍ପଣ- ବିଶ୍ୱନାଥ କବିରାଜ)।

**ବାକ୍ୟ ଗଠନରୀତି ଶିକ୍ଷା:**

ଓଡ଼ିଆ ଭାଷାରେ ବାକ୍ୟ ଗଠନର କେତୋଟି କ୍ରମ, ଯଥା-

(କ) କର୍ତ୍ତା + କ୍ରିୟା

୧. ତୁମେ ପଢ଼।

୨. ସେ ପଢୁଛି।

(ଖ) କର୍ତ୍ତା + କର୍ମ + କ୍ରିୟା

୧. ଦୁଷ୍ମନ୍ତ ପାଠ ପଢୁଅଛି।

୨. ଯଶୋବନ୍ତ ଗୀତ ଶୁଣୁଅଛି।

(ଗ) ସମ୍ମତି/ଅସମ୍ମତିସୂଚକ ପଦ + କର୍ତ୍ତା + କ୍ରିୟା

୧. ଆପଣ ଖାଇଛନ୍ତି ?

ଉ- ହଁ, ଖାଇଛି।(ଏଠାରେ କର୍ତ୍ତା ଉହ୍ୟ ରହିଛି।)

(ଘ) କେବଳ ସମ୍ମତି/ଅସମ୍ମତି ଶବ୍ଦ ଯୋଗେ ବାକ୍ୟ ଗଠନ।

୧. ତୁ ଖାଇଛୁ ?

ଉ- ହଁ/ନାଇଁ।

ଓଡ଼ିଆ ଭାଷାରେ ଉପର୍ଯ୍ୟୁକ୍ତ କ୍ରମାନୁଯାୟୀ ବାକ୍ୟ ଗଠନ ହେଉଥିଲେ ହେଁ ବାକ୍ୟ ଗଠନ କାଳରେ ବାକ୍ୟର ଲକ୍ଷଣ ହିଁ ସାର୍ଥକ ବାକ୍ୟ ସୃଷ୍ଟି ନିମନ୍ତେ ଅପରିହାର୍ଯ୍ୟ।

**(ଖ) ବାକ୍ୟର ଲକ୍ଷଣ:**

ବିଶୁଦ୍ଧ ବାକ୍ୟର ତିନୋଟି ଲକ୍ଷଣ ପରିଦୃଷ୍ଟ ହୋଇଥାଏ। ସେଗୁଡ଼ିକ ହେଲା, ଯଥା-

(କ) ଆକାଙ୍କ୍ଷା

(ଖ) ଯୋଗ୍ୟତା

(ଗ) ଆସତ୍ତି

**(କ) ଆକାଙ୍କ୍ଷା:**

ଅର୍ଥବୋଧ ନିମିତ୍ତ ଏକ ପଦ ଅନ୍ୟ ପଦର ବା ପଦଗୁଡ଼ିକର ଅପେକ୍ଷା ରଖେ। ଏହି ସାପେକ୍ଷତାର ନାମ ହେଉଛି ଆକାଙ୍କ୍ଷା।

ଉଦାହରଣ- (କ) ଗଛଟି ବାତ୍ୟା ଦ୍ୱାରା....

(ଖ) ଆସନ୍ତାକାଲି ଦେଶର ପ୍ରଧାନମନ୍ତ୍ରୀ....

ଉପର୍ଯ୍ୟୁକ୍ତ ଉଦାହରଣ ଦ୍ୱୟରୁ ପ୍ରତ୍ୟେକ ଅର୍ଥବୋଧ ନିମିତ୍ତ ଅନ୍ୟ ପଦଗୁଡ଼ିକର ଅପେକ୍ଷା ରଖୁଛନ୍ତି। ମାତ୍ର ସେହି ପଦର ଅଭାବଥିବାରୁ ଏଗୁଡ଼ିକ ବାକ୍ୟ ନୁହେଁ। ଏହି ଅଭାବ ପୂରଣ ହେଲେ ଅର୍ଥବୋଧ ବା ଅର୍ଥ ପ୍ରତୀତିରେ ବ୍ୟାଘାତ ଘଟିବ ନାହିଁ ଏବଂ ସେତେବେଳେ ଏଗୁଡ଼ିକ ସାର୍ଥକ ବାକ୍ୟ ରୂପେ ଗୃହୀତ ହେବ। ଯଥା-

ଉଦାହରଣ-(କ) ଗଛଟି ବାତ୍ୟା ଦ୍ୱାରା ଭାଙ୍ଗିଗଲା।

(ଖ) ଆସନ୍ତାକାଲି ଦେଶର ପ୍ରଧାନମନ୍ତ୍ରୀ କଟକ ଆସିବେ।

**(ଖ) ଯୋଗ୍ୟତା:**

ବାକ୍ୟରେ ବ୍ୟବହୃତ ପଦଗୁଡ଼ିକର ପରସ୍ପର ସମ୍ବନ୍ଧ ଥାଏ। ଏହି ସମ୍ବନ୍ଧ ପରସ୍ପର ବିରୋଧୀ ହେଲେ ଅର୍ଥ ପ୍ରତୀତିରେ ବାଧା ଜନ୍ମେ। ବାକ୍ୟାନ୍ତର୍ଗତ ପଦଗୁଡ଼ିକର ପରସ୍ପର ବିରେଧୀ ନହେବା ବାକ୍ୟର ଗୋଟିଏ ଲକ୍ଷଣ। ବାକ୍ୟର ଏହି ଲକ୍ଷଣକୁ ଯୋଗ୍ୟତା କୁହାଯାଏ। ଅର୍ଥାତ୍ ବାକ୍ୟରେ ବ୍ୟବହୃତ ପଦଗୁଡ଼ିକର ପାରସ୍ପରିକ ସମ୍ବନ୍ଧକୁ ଯୋଗ୍ୟତା କୁହାଯାଏ।

ଉଦାହରଣ- (କ) ପିଲାଟି ଉଡୁଛି।

(ଖ) ଗାଈମାନେ ଗୀତ ଗାଉଛନ୍ତି।

(ଗ) ଲୋକଟି ନିଆଁ ପିଉଛି।

ପ୍ରଥମ ବାକ୍ୟରେ ପିଲାଟିର ଉଡ଼ିବାର ଯୋଗ୍ୟତା ନାହିଁ। ଦ୍ୱିତୀୟ ବାକ୍ୟରେ ଗାଈମାନଙ୍କର ଗୀତ ଗାଇବାର ଯୋଗ୍ୟତା ନାହିଁ ଏବଂ ଲୋକଟିର ମଧ୍ୟ ନିଆଁ ପିଇବାର ଯୋଗ୍ୟତା ନାହିଁ। ଯଦି ଉପର୍ଯ୍ୟୁକ୍ତ ବାକ୍ୟଗୁଡ଼ିକୁ ନିମ୍ନ ଭାବରେ ଲେଖାଯାଏ ତେବେ ଏଗୁଡ଼ିକ ସାର୍ଥକ ବାକ୍ୟ ରୂପେ ବିବେଚିତ ହେବେ। ଯଥା-

ଉଦାହରଣ- (କ) ପିଲାଟି ଦୌଡୁଛି।

(ଖ) ଗାଈମାନେ ହମ୍ବାରଡ଼ି ଛାଡୁଛନ୍ତି।

(ଗ) ଲୋକଟି ପାଣି ପିଉଛି।

ସ୍ଥଳବିଶେଷରେ ଦୈବୀଶକ୍ତି ବା ଦୈବୀକୃପା ସୂଚାଇବା

ପାଇଁ ଯୋଗ୍ୟତା ଅଭାବରେ ଅସମ୍ଭବ ବିଷୟର ସମ୍ଭାବନାରେ ମଧ୍ୟ ବାକ୍ୟ ହୋଇଥାଏ। ଯଥା-

ଉଦାହରଣ- (କ) ଭଗବାନଙ୍କ କୃପାରୁ ପଙ୍ଗୁ ଗିରି ଲଙ୍ଘିପାରେ।

(ଖ) ଈଶ୍ୱରଙ୍କ ଦୟାରୁ ମୂକ ଅନର୍ଗଳ କହିପାରେ।

**(ଗ) ଆସତ୍ତି:**

ବାକ୍ୟରେ ପଦଗୁଡ଼ିକର ନିର୍ଦ୍ଦିଷ୍ଟ କ୍ରମ ଥାଏ। ଗୋଟିଏ ପଦ ପରେ ଆଉ ଗୋଟିଏ ପଦ ଶୁଣିଲେ ଅର୍ଥବୋଧର ଧାରା ଅବିଚ୍ଛିନ୍ନ ରହେ। ଏହି ଅବିଚ୍ଛିନ୍ନତାକୁ ଆସତ୍ତି କୁହାଯାଏ। ଆସତ୍ତିର ଅନ୍ୟ ନାମ ପଦ ସଂହତି, ପଦ ବିନ୍ୟାସ ବା ପଦ ସଂଯୋଜନ। ଆସତ୍ତି ବ୍ୟତିରେକ ସାର୍ଥକ ବାକ୍ୟ ସମ୍ଭବପର ନୁହେଁ।

ଉଦାହରଣ-(କ) ପକ୍ଷୀଟି ଡାଳରେ ଗଛ ବାନ୍ଧିଛି ବସା।

(ଖ) ନାଚେ ବର୍ଷା ମୟୂର ଆଗମନରେ ଜଙ୍ଗଲରେ।

ଉପର୍ଯ୍ୟୁକ୍ତ ଉଦାହରଣ ଦ୍ୱୟରେ ଆସତ୍ତିର ଅଭାବ ହେତୁ ବାକ୍ୟ ଦ୍ୱୟର ଅର୍ଥ ଅବବୋଧରେ ବ୍ୟାଘାତ ଘଟୁଅଛି। ତେବେ ଅର୍ଥ ପ୍ରତୀତି ନିମନ୍ତେ ବାକ୍ୟାନ୍ତର୍ଗତ ପଦଗୁଡ଼ିକର ଯଥାଯଥ ବିନ୍ୟାସ ହିଁ ଆସତ୍ତି। ଯଥା-

ଉଦାହରଣ-(କ) ପକ୍ଷୀଟି ଗଛ ଡାଳରେ ବସା ବାନ୍ଧିଛି।

(ଖ) ବର୍ଷା ଆଗମନରେ ଜଙ୍ଗଲରେ ମୟୂର ନାଚେ।

**(ଗ) ବାକ୍ୟ ମଧ୍ୟରେ ପଦ ବିନ୍ୟାସର ସାଧାରଣ ନିୟମ-**

୧. ବାକ୍ୟର ଆରମ୍ଭରେ କର୍ତ୍ତା ଓ ଶେଷରେ ସମାପିକା କ୍ରିୟା ବସେ।

(କ) ଇତିଶ୍ରୀ ସୁନ୍ଦର ଗୀତଟିଏ ଗାଇଲା।

(ଖ) ପ୍ରିୟଙ୍କା ଚିତ୍ର ଆଙ୍କୁଛି।

୨. ସକର୍ମକ କ୍ରିୟାର କର୍ମ କ୍ରିୟାର ପୂର୍ବରେ ବସେ।

(କ) ଅଜା ଗୋଟିଏ ଗପ କହିଲେ।

(ଖ) ମାମୁଁ ଶହେ ଟଙ୍କା ଦେଲେ।

୩. ଦ୍ୱିକର୍ମକ କ୍ରିୟାର ଅପ୍ରଧାନ କର୍ମ ପ୍ରଧାନ କର୍ମର ପୂର୍ବରୁ ବସେ।

(କ) ଅଜା ନାତିକୁ ଗପ କହିଲେ।

(ଖ) ଶିକ୍ଷକ ଛାତ୍ରଙ୍କୁ ପାଠ ପଢ଼ାଇଲେ।

୪. କରଣ, ସଂପ୍ରଦାନ, ଅପାଦାନ ଓ ଅଧିକରଣ କାରକର ପଦ କର୍ମର ପୂର୍ବେ ବା ପରେ ବ୍ୟବହୃତ ହୋଇପାରେ-

(କ) ରାମ ତାଙ୍କୁ ହାତରେ ଦେଲା। ରାମ ହାତରେ ତାଙ୍କୁ ଦେଲା।

(ଖ) ପୂର୍ବୀ ଭିକାରୀକୁ ଟଙ୍କାଟିଏ ଦେଲା। ପୂର୍ବୀ ଟଙ୍କାଟିଏ ଭିକାରୀକୁ ଦେଲା।

(ଗ) ଶୁଭମ ବ୍ୟବସାୟରୁ ବହୁତ ଲାଭ ପାଉଛି। ଶୁଭମ ବହୁତ ଲାଭ ବ୍ୟବସାୟରୁ ପାଉଛି।

(ଘ) ମୁଁ ଗୋବିନ୍ଦକୁ କଟକରେ ଭେଟିଲି। ମୁଁ କଟକରେ ଗୋବିନ୍ଦକୁ ଭେଟିଲି।

୫. ସ୍ଥଳବିଶେଷରେ ଅଧିକରଣ କାରକ ବାକ୍ୟର ଆରମ୍ଭରେ ବସିଥାଏ।

(କ) କଟକରେ ପ୍ରତିବର୍ଷ ବାଲିଯାତ୍ରା ହୁଏ।

(ଖ) ଆକାଶରେ ଉଡ଼ାଜାହଜ ଉଡୁଛି।

୬. ସମ୍ବନ୍ଧ ପଦ ସମ୍ବନ୍ଧିତ ପଦର ପୂର୍ବରୁ ବସେ।

(କ) ଦଶରଥଙ୍କ ପୁଅ ରାମ ରାବଣକୁ ମାରିଥିଲେ।

(ଖ) ବସୁଦେବଙ୍କ ପୁତ୍ର କୃଷ୍ଣ କଂସକୁ ମାରିଥିଲେ।

୭. ଏକାଧିକ ବସ୍ତୁ/ବ୍ୟକ୍ତି ସହିତ ଗୋଟିଏ ବସ୍ତୁର ସମ୍ବନ୍ଧ ସୂଚିତ ହେଉଥିଲେ, କେବଳ ଶେଷ ପଦରେ(ବ୍ୟକ୍ତି/ବସ୍ତୁ) ବିଭକ୍ତିର ଚିହ୍ନ ଲାଗେ।

(କ) ବାଲି, ଗୋଡ଼ି, ଇଟା ଓ ସିମେଣ୍ଟର ଘର।

(ଖ) ରାମ, ଶ୍ୟମ ଓ ହରିଙ୍କ ଘର।

୮. ଗୁରୁତ୍ୱାରୋପ ପାଇଁ ଯେକୌଣସି ପଦ ବାକ୍ୟର ଶେଷରେ ବସିପାରେ।

(କ) ମୁଁ ଚାହେଁ ଯଥୋଚିତ ପ୍ରାପ୍ୟ।

(ଖ) ଏହା କେବଳ ସମ୍ଭବ ହେଲା କଠିନ ପରିଶ୍ରମ ଦ୍ୱାରା।

୯. ବିଭିନ୍ନ ବ୍ୟକ୍ତିଙ୍କର ସମ୍ବନ୍ଧ ବୁଝାଇବାକୁ ହେଲେ ପ୍ରତ୍ୟେକ ସମ୍ବନ୍ଧ ପଦରେ ବିଭକ୍ତି ଲାଗେ।

(କ) ଶିବବାବୁ ପ୍ରାଚୀର ଓ ପୂର୍ବୀର ପଢ଼ାଖର୍ଚ୍ଚ ବହନ କରୁଛନ୍ତି।

(ଖ) ଡାକ୍ତରବାବୁ ଗୀତାର ଓ ସୀତାର ଅସୁସ୍ଥତା ସଂପର୍କରେ ବୁଝୁଛନ୍ତି।

୧୦. ସମ୍ବୋଧନ ପଦ ବାକ୍ୟର ଆରମ୍ଭରେ ବା ଶେଷରେ ବ୍ୟବହୃତ ହୁଏ।

(କ) ହେ ଭଗବାନ! ମୋତେ ଉଦ୍ଧାର କର।

(ଖ) ମୋତେ ରକ୍ଷା କର ହେ ପ୍ରଭୁ।

୧୧. ବିଧେୟ କର୍ତ୍ତା ଉଦ୍ଦେଶ୍ୟ କର୍ତ୍ତାର ପରେ ବସେ।

(କ) ବି. ଆର୍. ଗଭାଇ ସର୍ବୋଚ୍ଚ ନ୍ୟାୟାଳୟର ପ୍ରଧାନ ବିଚାରପତି ହେଲେ।

(ଖ) ମୋହନ ଚରଣ ମାଝୀ ଓଡ଼ିଶାର ମୁଖ୍ୟମନ୍ତ୍ରୀ ହେଲେ।

୧୨. ବିଧେୟ କର୍ମ ଉଦ୍ଦେଶ୍ୟ କର୍ମର ପରେ ବସେ।

(କ) ଲୋକମାନେ ତାଙ୍କୁ (ଉଦ୍ଦେଶ୍ୟ କର୍ମ) ସଭାପତି (ବିଧେୟ କର୍ମ) ବାଛିଲେ।

(ଖ) ଜନସାଧାରଣ ମହେଶ ବାବୁଙ୍କୁ ବିଧାୟକ ବାଛିଲେ।

୧୩. ବିଶେଷଣ ବିଶେଷିତ ପଦର ପୂର୍ବରେ ବସେ।

(କ) ଦୋଷୀ ଲୋକ ଦଣ୍ଡ ପାଇବ।

(ଖ) ଦଦରା ନାବଟି ପାଣରେ ଭାସୁଛି।

୧୪. ସ୍ଥଳବିଶେଷରେ ବିଶେଷଣ ବିଶେଷିତ ପଦର ପରେ ବସିଲେ ତାକୁ ବିଧେୟ ବିଶେଷଣ କୁହନ୍ତି।

(କ) ଘରଟି ପୁରୁଣା ହୋଇଥିବାରୁ ଭାଙ୍ଗିଗଲା।

(ଖ) ମକା ସିଝା ସୁଆଦ ଲାଗେ।

୧୫. ବହୁ ପୁରୁଷ ଥିବା ବାକ୍ୟରେ ପ୍ରଥମ ପୁରୁଷ ଶେଷରେ ରୁହେ।

(କ) ବିକ୍ରମ, ଦୀପକ ଓ ମୁଁ ଭୁବନେଶ୍ୱର ଯିବୁ।

(ଖ) ଦୁଷ୍ମନ୍ତ, ଯଶୋବନ୍ତ ଓ ମୁଁ ମାମୁଁ ଘର ଯିବୁ।

୧୬. ପଦାନ୍ୱୟୀ ଅବ୍ୟୟମାନ ସମ୍ବନ୍ଧ ପଦର ପରେ ବ୍ୟବହୃତ ହୁଅନ୍ତି।

(କ) ଦୟାନିଧି ସହ ମୋର ବନ୍ଧୁତା ବହୁ ଦିନରୁ ଅଛି।

(ଖ) ଅର୍ଚ୍ଚନା ବିନା ପ୍ରମିଳା ଚଳିପାରିବ ନାହିଁ।

୧୭. ପ୍ରଶ୍ନସୂଚକ ଓ ଭାବବୋଧକ ଅବ୍ୟୟମାନ ବାକ୍ୟ ଆରମ୍ଭରେ, ମଧ୍ୟରେ ଓ ଶେଷରେ ବ୍ୟବହୃତ ହୋଇପାରନ୍ତି।

(କ) କିଏ ତୁମେ ? ତୁମେ କିଏ ?

(ଖ) ସାବାସ୍, ଆଶୁତୋଷ। ଆଶୁତୋଷ, ସାବାସ୍।

(ଗ) ତୁମେ କ'ଣ କଟକ ଯିବ ?

୧୮. ସଂଯୋଜକ ଓ ବିଯୋଜକ ଅବ୍ୟୟଗୁଡ଼ିକ ଦୁଇ ପଦର ଏବଂ ଦୁଇ ବାକ୍ୟର ମଧ୍ୟରେ ବ୍ୟବହୃତ ହୁଅନ୍ତି।

(କ) ରାମ ଓ ଶ୍ୟାମ ଦୁଇ ବନ୍ଧୁ ଅଟନ୍ତି।

(ଖ) ରାଜେଶ କଟକ ଯାଇଥିଲା, କିନ୍ତୁ ସେ ଫେରିଲା ନାହିଁ।

୧୯. ନାହିଁ ଓ ନାହିଁ ସଂଯୁକ୍ତ ପଦ କ୍ରିୟାର ପରେ ବ୍ୟବହୃତ ହୁଏ, କିନ୍ତୁ 'ନ' କ୍ରିୟାର ପୂର୍ବରୁ ବସେ।

(କ) ବିଷ୍ଣୁ ବିଦ୍ୟାଳୟକୁ ଗଲା ନାହିଁ।

(ଖ) ତୁମର କାମ ହେଲା ନାହିଁକି ?

(ଗ) ମୁଁ ନ ଗଲେ ତୁମେ ଯିବ।

୨୦. ଗୁରୁତ୍ୱାରୋପ ପାଇଁ ବାକ୍ୟାଂଶଟିଏ ବାକ୍ୟ ଆରମ୍ଭରେ ବସିପାରେ-

(କ) ତୁମର କର୍ତ୍ତବ୍ୟ ହେଲା ଗୁରୁଙ୍କର ଆଜ୍ଞା ପାଳନ।

(ଖ) ପୁତ୍ରର କର୍ତ୍ତବ୍ୟ ହେଲା ପିତାଙ୍କର ଆଦେଶ ପାଳନ।

ବି.ଦ୍ର: ପଦ୍ୟରେ ବାକ୍ୟ ଗଠନର ନିୟମ ଅନୁସୃତ ହୁଏ ନାହିଁ।

(କ) ବାତାୟନ ଖୋଲି ମୁଁ ଚାହିଁଲି ଆକାଶେ ଟିଣ ପରି ଜହ୍ନ ସତେ ତୁଷାର ବରଷେ।

(ଖ) ଉଚ୍ଚ ହେବା ପାଇଁ କର ଯେବେ ଆଶା ଉଚ୍ଚ କର ଆଗେ ନିଜ ମାତୃଭାଷା।

**(ଘ) ବାକ୍ୟର ଶୁଦ୍ଧତା ସମୀକ୍ଷା:**

ଆମର ଦୈନନ୍ଦିନ ଜୀବନରେ ମନର ଭାବକୁ ପ୍ରକାଶ କରିବା ନିମନ୍ତେ ଆମେ ବହୁ ବାକ୍ୟ ବିନିମୟ କରିଥାଉ। ଅନେକ ସମୟରେ ଦେଖାଯାଏ ଯେ ଆମେ ଆମର ଅଜାଣତରେ କିମ୍ବା ଅଜ୍ଞତାବଶତଃ ବାକ୍ୟ ଗଠନ କାଳରେ ବହୁ ଭୁଲ୍ କରିବସୁ। ଏହାର କାରଣ ହେଉଛି ପ୍ରଥମତଃ, ପୁସ୍ତକ ପଠନର ଘୋର ଅଭାବ। ଦ୍ୱିତୀୟତଃ, ଆମର ଅଜ୍ଞତା। ତୃତୀୟତଃ, ବାକ୍ୟରେ ଉପଯୁକ୍ତ ପଦ ବିନ୍ୟାସଗତ ତ୍ରୁଟି ଆଦି କାରଣ ଦାୟୀ। ପ୍ରଧାନତଃ, ଶବ୍ଦର ଉଚ୍ଚାରଣ କାଳରେ ଯଦି ତ୍ରୁଟି ରହିଥାଏ ତେବେ ବାକ୍ୟରେ ବ୍ୟବହୃତ ସେହି ତ୍ରୁଟିପୂର୍ଣ୍ଣ ଶବ୍ଦଟି ସଂପୂର୍ଣ୍ଣ ବାକ୍ୟଟିକୁ ମଧ୍ୟ ଅଶୁଦ୍ଧ କରିଦିଏ। ଗୋଟିଏ ବାକ୍ୟରେ ଏକାଧିକ ଅଶୁଦ୍ଧି ମଧ୍ୟ ଥାଇପାରେ। ବେଳେବେଳେ ବାକ୍ୟରେ ଥିବା ଭୁଲ୍‌ଟି ଏପରି ଛପି ରହିଥାଏ ଯେ ତାହା ସହଜରେ ଧରାପଡ଼େ ନାହିଁ ଓ ବାକ୍ୟଟି ଠିକ୍ ଥିବାର ଭ୍ରମ ମଧ୍ୟ ଜାତ ହୁଏ। ଏଣୁ ବାକ୍ୟ ଗଠନ କାଳରେ ସତର୍କତା ଅବଲମ୍ବନ କରିବା ଏକାନ୍ତ ଆବଶ୍ୟକ। ତେବେ ନିର୍ଭୁଲ ଭାବରେ କିପରି ବାକ୍ୟ ଗଠନ କରାଯାଏ ଏବଂ ବାକ୍ୟ ଗଠନ କାଳରେ କିପରି ବ୍ୟାକରଣଗତ ନିୟମ ଅନୁସୃତ ହୁଏ ତାହା ନିମ୍ନରେ ଅଶୁଦ୍ଧ ବାକ୍ୟର ଶୁଦ୍ଧରୂପ ସହ ପ୍ରଦତ୍ତ ହୋଇଛି–

୧. **ସ୍ୱର୍ଗତଃ** ଶିକ୍ଷକଙ୍କ ପାଇଁ ଆମେ ନିରବ ପ୍ରାର୍ଥନା କଲୁ।

**ସ୍ୱର୍ଗତ** ଶିକ୍ଷକଙ୍କ ପାଇଁ ଆମେ ନିରବ ପ୍ରାର୍ଥନା କଲୁ।

ଏଠାରେ ସ୍ୱର୍ଗତଃ ଅର୍ଥ ସ୍ୱର୍ଗରେ; କିନ୍ତୁ ସ୍ୱର୍ଗତ ଅର୍ଥ ସ୍ୱର୍ଗଗତ ବା ମୃତ। ତେଣୁ ଏଠାରେ ସ୍ୱର୍ଗତ ପଦଟି ଠିକ୍।

୨. **ଅତି ଲେମ୍ବୁ** ଚିପୁଡ଼ିଲେ ପିତା।

**ଲେମ୍ବୁ ଅତି** ଚିପୁଡ଼ିଲେ ପିତା।

'ଅତି' ଚିପୁଡ଼ିଲେ କ୍ରିୟାର ବିଶେଷଣ। ତେଣୁ ଚିପୁଡ଼ିଲେ ପୂର୍ବରୁ 'ଅତି' ରହିବ।

୩. **ସଂକ୍ଷିପ୍ତରେ** ପ୍ରଶ୍ନର ଉତ୍ତର ପ୍ରଦାନ କର।

**ସଂକ୍ଷେପରେ** ପ୍ରଶ୍ନର ଉତ୍ତର ପ୍ରଦାନ କର।

'ସଂକ୍ଷିପ୍ତ' ବିଶେଷଣ। ଏଥିରେ ବିଭକ୍ତି ଚିହ୍ନ ଲାଗିବ ନାହିଁ। ଏହାର ବିଶେଷ୍ୟ ରୂପ 'ସଂକ୍ଷେପ'। ଏଥିରେ 'ରେ' ବିଭକ୍ତି ଚିହ୍ନ ଲାଗି ହେବ 'ସଂକ୍ଷେପରେ'।

୪. ସମସ୍ତ ପ୍ରଶ୍ନର **ସଠିକ୍** ଉତ୍ତର ପ୍ରଦାନ କର।

ସମସ୍ତ ପ୍ରଶ୍ନର **ଠିକ୍** ଉତ୍ତର ପ୍ରଦାନ କର।

'ସଠିକ୍' ଶବ୍ଦଟି ବ୍ୟାକରଣ ଦୃଷ୍ଟିରୁ ଭୁଲ୍।

୫. ସୁଦର୍ଶନ ପଟ୍ଟନାୟକଙ୍କ ବାଲୁକା କଳାର **ଉତ୍କର୍ଷତା** ଅତୁଳନୀୟ।

ସୁଦର୍ଶନ ପଟ୍ଟନାୟକଙ୍କ ବାଲୁକା କଳାର **ଉତ୍କର୍ଷ** ଅତୁଳନୀୟ।

'ଉତ୍କର୍ଷ' ଏକ ବିଶେଷ୍ୟ ଶବ୍ଦ। ଏଥିରେ ଅନାବଶ୍ୟକ 'ତା' ଲଗାଇ ପୁନର୍ବାର ବିଶେଷ୍ୟ କରିବାର ଆବଶ୍ୟକତା ନାହିଁ।

୬. ହାଟରେ **ବିବିଧ ପ୍ରକାର** ମାଛ ବିକ୍ରି ହେଉଛି।

ହାଟରେ **ବିବିଧ** ମାଛ ବିକ୍ରି ହେଉଛି।

'ବିବିଧ' ଅର୍ଥ ପ୍ରକାର। ତେଣୁ ଏଠାରେ ବିବିଧ ପରେ ଆଉ 'ପ୍ରକାର' ଲାଗିବ ନାହିଁ।

୭. ଦୀପକ, ଦୟା, ଶମ୍ଭୁ, ଶ୍ରୀଧର, ବିକ୍ରମ **ପ୍ରଭୃତି** ଗତକାଲି ଆମ ଘରକୁ ଆସିଥିଲେ।

ଦୀପକ, ଦୟା, ଶମ୍ଭୁ, ଶ୍ରୀଧର, ବିକ୍ରମ **ପ୍ରମୁଖ** ଗତକାଲି ଆମ ଘରକୁ ଆସିଥିଲେ।

ମନୁଷ୍ୟମାନଙ୍କ କ୍ଷେତ୍ରରେ ପ୍ରଭୃତି, ଆଦି, ଇତ୍ୟାଦି ଲେଖିବା ପରିବର୍ତ୍ତେ ପ୍ରମୁଖ ଲେଖିବା ହିଁ ଠିକ୍।

୮. ତରୁଣ ବାବୁ **ସପରିବାରେ** ଆମ ଘରକୁ ଆସିଥିଲେ।

ତରୁଣ ବାବୁ **ସପରିବାର** ଆମ ଘରକୁ ଆସିଥିଲେ।

'ସପରିବାର' ଅର୍ଥ ପରିବାର ସହିତ। ତେଣୁ 'ସପରିବାରେ' ଲେଖିବା ହିଁ ବ୍ୟାକରଣ ଦୃଷ୍ଟିରୁ ଭୁଲ୍।

୯. **ବହୁ ଲୋକମାନେ** ସଭାକୁ ଆସିଛନ୍ତି।

**ଲୋକମାନେ** ସଭାକୁ ଆସିଛନ୍ତି। ନଚେତ, **ବହୁ ଲୋକ** ସଭାକୁ ଆସିଛନ୍ତି।

'ଲୋକମାନେ' ବହୁବଚନକୁ ନିର୍ଦ୍ଦେଶ କରୁଛି ତେଣୁ

'ଲୋକମାନେ' ପୂର୍ବରୁ 'ବହୁ' ଲଗାଇବା ଭୁଲ୍ ଅଟେ। ବରଂ 'ଲୋକ' ପୂର୍ବରୁ 'ବହୁ' ଶବ୍ଦର ବ୍ୟବହାର ଠିକ୍।

୧୦. ଆନ୍ଦୋଳନରତ **ଜନତାମାନେ** ବିଭାଗୀୟ ମନ୍ତ୍ରୀଙ୍କ ଘୋଷଣାରେ ଖୁସି ହେଲେ।

ଆନ୍ଦୋଳନରତ **ଜନତା** ବିଭାଗୀୟ ମନ୍ତ୍ରୀଙ୍କ ଘୋଷଣାରେ ଖୁସି ହେଲେ।

'ଜନତା' ଶବ୍ଦ ହିଁ ଜନସମୂହକୁ ବୁଝାଉଛି। ଏଣୁ 'ଜନତାମାନେ' ଲେଖିବା ବଚନଗତ ଭୁଲ୍।

୧୧. ସେ ଯାହା କରୁଛନ୍ତି, **ତା'ର ଶେଷ** ପରିଣାମ ଭୟାବହ।

ସେ ଯାହା କରୁଛନ୍ତି, ତା'ର **ପରିଣାମ** ଭୟାବହ।

'ପରିଣାମ' ଅର୍ଥ ଶେଷଫଳ। ତେଣୁ ଶେଷ ପରିଣାମ ଲେଖିବା ଭୁଲ୍ ଅଟେ।

୧୨. ଛାତ୍ରଟି ଶିକ୍ଷକଙ୍କୁ **ସବିନୟ ସହକାରେ** ପ୍ରଣାମ କଲା।

ଛାତ୍ରଟି ଶିକ୍ଷକଙ୍କ **ସବିନୟ** ପ୍ରଣାମ କଲା। ନଚେତ୍, ଛାତ୍ରଟି ଶିକ୍ଷକଙ୍କ **ବିନୟ ସହକାରେ** ପ୍ରଣାମ କଲା।

'ସବିନୟ' ଅର୍ଥ ବିନୟ ସହକାରେ। ତେଣୁ ଏଠାରେ 'ସବିନୟ ସହକାରେ' ଲେଖିବା ବ୍ୟାକରଣ ଦୃଷ୍ଟିରୁ ଭୁଲ୍।

୧୩. ସେ ମୋତେ **ତାସଲ୍ୟଭରା** ଦୃଷ୍ଟିରେ ଚାହିଁଲେ।

ସେ ମୋତେ **ତାଚ୍ଛଲ୍ୟଭରା** ଦୃଷ୍ଟିରେ ଚାହିଁଲେ।

'ତାସଲ୍ୟ' ଶବ୍ଦଟି ଅଶୁଦ୍ଧ। ଶୁଦ୍ଧ ଶବ୍ଦଟି 'ତାଚ୍ଛଲ୍ୟ'। ଯାହାର ଅର୍ଥ ଅବଜ୍ଞା, ଉପେକ୍ଷା ଇତ୍ୟାଦି।

୧୪. **ଅନାବଶ୍ୟକୀୟ** କାର୍ଯ୍ୟରେ ସମୟ ନଷ୍ଟ କର ନାହିଁ।

**ଅନାବଶ୍ୟକ** କାର୍ଯ୍ୟରେ ସମୟ ନଷ୍ଟ କର ନାହିଁ।

'ଅନାବଶ୍ୟକ' ଶବ୍ଦଟି ବିଶେଷଣ। 'ଈୟ' ପ୍ରତ୍ୟୟ ଯୋଗରେ ଏହାକୁ ପୁନଃ ବିଶେଷଣ କରିବା ଦୋଷାବହ।

୧୫. ନବ ବର୍ଷର **ହାର୍ଦ୍ଧିକ** ଅଭିନନ୍ଦନ ଓ ଶୁଭେଚ୍ଛା।

ନବ ବର୍ଷର **ହାର୍ଦ୍ଦିକ** ଅଭିନନ୍ଦନ ଓ ଶୁଭେଚ୍ଛା।

'ହାର୍ଦ୍ଧିକ' ଶବ୍ଦଟି ହିଁ ଭୁଲ୍। ତେଣୁ 'ହାର୍ଦ୍ଦିକ' ଲେଖାଯିବା ଠିକ୍।

୧୬. ମୁଖ୍ୟମନ୍ତ୍ରୀଙ୍କ ସଭାରେ **ଆବାଳବୃଦ୍ଧବନିତା ପର୍ଯ୍ୟନ୍ତ** ଯୋଗ ଦେଇଥିଲେ।

ମୁଖ୍ୟମନ୍ତ୍ରୀଙ୍କ ସଭାରେ **ଆବାଳବୃଦ୍ଧବନିତା** ଯୋଗ ଦେଇଥିଲେ।

'ଆବାଳବୃଦ୍ଧବନିତା' ଅର୍ଥ ବାଳକଠାରୁ ବୃଦ୍ଧବନିତା ପର୍ଯ୍ୟନ୍ତ। ଏଣୁ ଉପର୍ଯ୍ୟୁକ୍ତ ବାକ୍ୟଟିରୁ 'ପର୍ଯ୍ୟନ୍ତ' ଶବ୍ଦଟିକୁ ବାଦ୍ ଦେଲେ ବାକ୍ୟଟି ଶୁଦ୍ଧ ବାକ୍ୟ ହେବ।

୧୭. ଲୋକଟି ବିନା କାରଣରେ **ଅନେକ** ଦଣ୍ଡ ପାଇଲା।

ଲୋକଟି ବିନା କାରଣରେ **ବହୁତ** ଦଣ୍ଡ ପାଇଲା।

'ଏକ' ବା 'ଅନେକ' ସଂଖ୍ୟାବାଚକ ବିଶେଷଣ; କିନ୍ତୁ 'ବହୁତ' ପରିମାଣବାଚକ ବିଶେଷଣ। ଏହାରେ 'ବହୁତ' ହିଁ ଉପଯୁକ୍ତ ଶବ୍ଦ।

୧୮. ରାମବାବୁ ଜଣେ **ନିର୍ଦ୍ଦୟୀ** ବ୍ୟକ୍ତି ଅଟନ୍ତି।

ରାମବାବୁ ଜଣେ **ନିର୍ଦ୍ଦୟ** ବ୍ୟକ୍ତି ଅଟନ୍ତି।

ନାହିଁ ଦୟା ଯାହାର, 'ନିର୍ଦ୍ଦୟ'। ତେଣୁ 'ନିର୍ଦ୍ଦୟୀ' ଶବ୍ଦଟି ଭୁଲ୍।

୧୯. ଏଠାରେ **ଧୂମ୍ରପାନ** ନିଷେଧ।

ଏଠାରେ **ଧୂମପାନ** ନିଷେଧ।

'ଧୂମ୍ରପାନ' ଏକ ଅଶୁଦ୍ଧ ଶବ୍ଦ। ଏହାର ଶୁଦ୍ଧ ଶବ୍ଦ ହେଉଛି 'ଧୂମପାନ'।

୨୦. ଏତେବଡ଼ ସହର ହେଲେ ଏଠାରେ **ବିଶ୍ରାମଗାରଟେ** ନାହିଁ।

ଏତେବଡ଼ ସହର ହେଲେ ଏଠାରେ **ବିଶ୍ରାମାଗାରଟେ** ନାହିଁ।

'ବିଶ୍ରାମଗାର' ଶବ୍ଦଟି ଭୁଲ୍। ସନ୍ଧି ନିୟମାନୁଯାୟୀ 'ବିଶ୍ରାମାଗାର' (ବିଶ୍ରାମ+ ଆଗାର) ଠିକ୍।

### (ଙ) ବାକ୍ୟର ପ୍ରକାରଭେଦ:

ଗଠନକଳା ଓ ପ୍ରକାର୍ଯ୍ୟ ଉଭୟ ଦୃଷ୍ଟିରୁ ବାକ୍ୟ ଦୁଇ ପ୍ରକାର। ଉଭୟକୁ ମୁଖ୍ୟତଃ ବାକ୍ୟ ରୂପ କୁହାଯାଏ।

#### ବାକ୍ୟରୂପ

(କ) ଗଠନାତ୍ମକ/ ଗଠନମୂଳକ/ ରୂପସୂଚକ ବାକ୍ୟ

(ଖ) ପ୍ରକାର୍ଯ୍ୟାତ୍ମକ/ ଭାବସୂଚକ ବାକ୍ୟ

**ବାକ୍ୟର ଗଠନାତ୍ମକ ଶ୍ରେଣୀ ବିଭାଗ**

୧. ସରଳ ବାକ୍ୟ

୨. ଯୌଗିକ ବାକ୍ୟ

୩. ଜଟିଳ ବାକ୍ୟ

**ବାକ୍ୟର ପ୍ରକାର୍ଯ୍ୟାତ୍ମକ ଶ୍ରେଣୀ ବିଭାଗ**

୧. ବିବୃତିସୂଚକ ବାକ୍ୟ

୨. ନାସ୍ତିସୂଚକ ବାକ୍ୟ

୩. ପ୍ରଶ୍ନସୂଚକ ବାକ୍ୟ

୪. ବିସ୍ମୟସୂଚକ ବାକ୍ୟ

୫. ଆଦେଶ/ଅନୁରୋଧ/ଉପଦେଶ/ଆଶିଷସୂଚକ ବାକ୍ୟ

## (କ) ବାକ୍ୟର ଗଠନାତ୍ମକ ଶ୍ରେଣୀ ବିଭାଗ:

### (୧) ସରଳ ବାକ୍ୟ:

ଯେଉଁ ବାକ୍ୟରେ ଗୋଟିଏ ମାତ୍ର ସମାପିକା କ୍ରିୟା ଥାଏ, ତାହାକୁ ସରଳ ବାକ୍ୟ କୁହାଯାଏ।

ଯଥା- (କ) ବିଷ୍ଣୁବାବୁ ଜଣେ ସରଳ ଲୋକ।

(ଖ) ପ୍ରକାଶ ଶାନ୍ତିନିକେତନ ଗଲା।

ପ୍ରଥମ ବାକ୍ୟରେ 'ଲୋକ' ପରେ 'ଅଟନ୍ତି' ସମାପିକା କ୍ରିୟା ଲାଗିବ ଯାହାକି ଊହ୍ୟ ରହିଛି ଏବଂ ଦ୍ୱିତୀୟ ବାକ୍ୟରେ 'ଗଲା' ହେଉଛି ସମାପିକା କ୍ରିୟା।

### (୨) ଯୌଗିକ ବାକ୍ୟ:

ଏକାଧିକ ସରଳ ବାକ୍ୟର ସଂଯୋଗରେ ଯେଉଁ ବାକ୍ୟ ଗଠିତ ହୁଏ, ତାହାକୁ ଯୌଗିକ ବାକ୍ୟ କୁହାଯାଏ।

ଯଥା- (କ) ଶ୍ରୀଧର ଆଜି କଟକ ଗଲା ଏବଂ ସେ ସେଠାରେ ରହିଲା।

(ଖ) ପ୍ରାଚୀ ପାରାଦ୍ୱୀପ ଗଲା ମାତ୍ର ସମୁଦ୍ର ଦେଖିପାରିଲା ନାହିଁ।

(ଗ) ବାପା ଡାକିଲେ, ଗୀତା ଓ ସୀତା ଆସିଲେ।

ଯୌଗିକ ବାକ୍ୟର ପ୍ରତ୍ୟେକ ବାକ୍ୟ ସ୍ୱାଧୀନ। ଏହାର ପ୍ରଥମ ବାକ୍ୟକୁ ପ୍ରଧାନ ବାକ୍ୟ ଓ ଅନ୍ୟଗୁଡ଼ିକୁ ସମକକ୍ଷ ବାକ୍ୟ କୁହାଯାଏ। ଉପର୍ଯ୍ୟୁକ୍ତ ବାକ୍ୟ ତିନୋଟିରେ 'ଏବଂ', 'ମାତ୍ର', 'ଓ' ପ୍ରଭୃତି ଅବ୍ୟୟ ପଦଗୁଡ଼ିକଦ୍ୱାରା ବାକ୍ୟର ପ୍ରଥମ ଅଂଶ ଓ ଦ୍ୱିତୀୟ ଅଂଶ ମିଶି ପୂର୍ଣ୍ଣବାକ୍ୟ ହୋଇଛି। ତେବେ ଏଥିରୁ ସ୍ପଷ୍ଟ ବୁଝା ପଡ଼ିଲା ଯେ ଏଇ ଧରଣର ଅବ୍ୟୟପଦ ଯୌଗିକ ବାକ୍ୟ ଗଠନରେ ସହାୟତା କରନ୍ତି।

### (୩) ଜଟିଳ ବାକ୍ୟ:

ପରସ୍ପର ସାପେକ୍ଷ ଦୁଇ ବା ତତୋଽଧିକ ଖଣ୍ଡବାକ୍ୟ ବା ଆଶ୍ରିତବାକ୍ୟର ମିଳନରେ ଯେଉଁ ବାକ୍ୟ ଗଠିତ ହୋଇଥାଏ, ତାହାକୁ ଜଟିଳ ବାକ୍ୟ କୁହାଯାଏ।

ଯଥା- (କ) ଯେତେବେଳେ ସକାଳ ହେଲା, <u>ସେତେବେଳେ ପକ୍ଷୀମାନେ ଆକାଶରେ ଉଡ଼ିଲେ।</u>

(ଖ) ବିପଦ ସମୟରେ ଯେ ସାହା ହୁଏ, <u>ସେ ହିଁ ପ୍ରକୃତ ବନ୍ଧୁ।</u>

(ଗ) ଯେଉଁମାନଙ୍କ ଉଦ୍ଦେଶ୍ୟ ମହତ, <u>ସେମାନଙ୍କୁ ଭଗବାନ ସାହାଯ୍ୟ କରନ୍ତି।</u>

ଉପର୍ଯ୍ୟୁକ୍ତ ଉଦାହରଣ ତିନୋଟିରେ ରେଖାଙ୍କିତ ଅଂଶଗୁଡ଼ିକ ପ୍ରଧାନ ବାକ୍ୟ ଏବଂ ଅନ୍ୟ ଅଂଶଗୁଡ଼ିକ ପ୍ରଧାନ ବାକ୍ୟ ଉପରେ ନିର୍ଭରଶୀଳ ହୋଇଥିବାରୁ ଅପ୍ରଧାନ ବାକ୍ୟ। ଏହି ଅପ୍ରଧାନ ବାକ୍ୟକୁ 'ସାପେକ୍ଷ ଖଣ୍ଡବାକ୍ୟ' ବା 'ଅଶ୍ରିତ ବାକ୍ୟ' ମଧ୍ୟ କୁହାଯାଏ।

## (କ) ବାକ୍ୟର ପ୍ରକାର୍ଯ୍ୟାତ୍ମକ ଶ୍ରେଣୀ ବିଭାଗ:

### ୧. ବିବୃତିସୂଚକ ବାକ୍ୟ:

ଯେଉଁ ବାକ୍ୟରେ କୌଣସି ବିଷୟରେ ବିବୃତି ବା ବକ୍ତବ୍ୟଟିଏ ରହିଥାଏ, ତାହାକୁ ବିବୃତିସୂଚକ ବାକ୍ୟ କୁହଯାଏ।

ଯଥା- (କ) ଏ ବର୍ଷ ପ୍ରଚୁର ବର୍ଷା ହୋଇଛି।

(ଖ) ମନମୋହନ ବାବୁ ଜଣେ ସଚ୍ଚୋଟ ବ୍ୟକ୍ତି ଅଟନ୍ତି।

(ଗ) ଆଧୁନିକ ଓଡ଼ିଆ ସାହିତ୍ୟର ଯଥାର୍ଥ ସେନାପତି ହେଉଛନ୍ତି ଫକୀର ମୋହନ ସେନାପତି।

ପ୍ରଥମ ବାକ୍ୟରେ 'ବର୍ଷା', ଦ୍ୱିତୀୟ ବାକ୍ୟରେ 'ମନମୋହନ ବାବୁ' ଏବଂ ତୃତୀୟ ବାକ୍ୟରେ 'ଫକୀର ମୋହନ ସେନାପତିଙ୍କ' ସଂପର୍କରେ ବିବୃତି ପ୍ରଦତ୍ତ ହୋଇଛି।

### ୨. ନାସ୍ତିସୂଚକ ବାକ୍ୟ:

ଯେଉଁ ବାକ୍ୟ ନାସ୍ତିର ସୂଚନା ପ୍ରଦାନ କରୁଥାଏ, ତାହାକୁ ନାସ୍ତିସୂଚକ ବାକ୍ୟ କୁହାଯାଏ ।

ଯଥା- (କ) ମୁଁ ଏ କାମ କରିବି ନାହିଁ ।

(ଖ) ତପସ୍ୱିନୀ ଆଜି ଖେଳିବାକୁ ଯିବ ନାହିଁ ।

(ଗ) ଶୁଭଶ୍ରୀ ମାଛ ଖାଏ ନାହିଁ ।

**୩. ପ୍ରଶ୍ନସୂଚକ ବାକ୍ୟ:**

କୌଣସି ପ୍ରଶ୍ନର ସୂଚନା ପ୍ରଦାନ କରୁଥିବା ବାକ୍ୟକୁ ପ୍ରଶ୍ନସୂଚକ ବାକ୍ୟ କୁହାଯାଏ ।

ଯଥା- (କ) ତୁମର ଆସିବା କାହିଁକି ଡେରିହେଲା ?

(ଖ) ତୁମେ ଆଜି ସମ୍ବଲପୁର ଯାଇ ନାହଁ କି ?

(ଗ) ଶମ୍ଭୁ ତୁମେ କ'ଣ ଖାଇଛ ?

**୪. ବିସ୍ମୟସୂଚକ ବାକ୍ୟ:**

ବିସ୍ମୟ ଭାବ ପ୍ରକାଶ କରୁଥିବା ବାକ୍ୟକୁ ବିସ୍ମୟସୂଚକ ବାକ୍ୟ କୁହାଯାଏ ।

ଯଥା- (କ) ସତରେ, ଚିଲିକା କି ସୁନ୍ଦର !

(ଖ) ଓଃ, କି ଭୀଷଣ ଗରମ !

(ଗ) ଏଇ କି ସେ ଆର୍ଯ୍ୟଭୂମି !

**୫. ଆଦେଶ/ଅନୁରୋଧ/ଉପଦେଶ/ଆଶିଷସୂଚକ ବାକ୍ୟ:**

ଯେଉଁ ବାକ୍ୟରେ ଆଦେଶ/ଅନୁରୋଧ/ଉପଦେଶ/ଆଶିଷ ଆଦି ଭାବ ପ୍ରକାଶିତ ହୋଇଥାଏ, ତାହାକୁ ଆଦେଶ/ଅନୁରୋଧ/ଉପଦେଶ/ଆଶିଷସୂଚକ ବାକ୍ୟ କୁହାଯାଏ ।

ଯଥା- (କ) ମନସ୍ୱିନୀ ତୁମେ ପାଠ ପଢ଼ ।(ଆଦେଶ)

(ଖ) ବାବୁ ମୋତେ କିଛି ସାହାଯ୍ୟ କରନ୍ତୁ ।(ଅନୁରୋଧ)

(ଗ) ପରୋପକାରୀ ହୁଅ ।(ଉପଦେଶ)

(ଘ) ଭଗବାନ ତୁମର ମଙ୍ଗଳ କରନ୍ତୁ ।(ଆଶିଷ)

**(ଚ) ବାକ୍ୟ ରୂପାନ୍ତର:**

ଅର୍ଥକୁ ଅପରିବର୍ତ୍ତିତ ରଖି ଗୋଟିଏ ବାକ୍ୟକୁ ଅନ୍ୟ ଗୋଟିଏ ପ୍ରକାର ବାକ୍ୟରେ ପ୍ରକାଶ କରାଗଲେ, ତାହାକୁ ବାକ୍ୟ ରୂପାନ୍ତର କୁହାଯାଏ ।

(କ) ଗଠନାତ୍ମକ/ଗଠନମୂଳକ/ରୂପସୂଚକ ବାକ୍ୟର ରୂପାନ୍ତର:

୧. ସରଳ- ସଂଧ୍ୟା ହେବାରୁ ପକ୍ଷୀମାନେ ବସାକୁ ଫେରିଲେ ।

ଯୌଗିକ- ସଂଧ୍ୟା ହେଲା ଓ ପକ୍ଷୀମାନେ ବସାକୁ ଫେରିଲେ ।

ଜଟିଳ- ଯେତେବେଳେ ସଂଧ୍ୟା ହେଲା, ସେତେବେଳେ ପକ୍ଷୀମାନେ ବସାକୁ ଫେରିଲେ ।

୨. ସରଳ- ଶୀତରତୁ ଆସିବାରୁ ବାଡ଼ି ବଗିଚାରେ ନାନା ଜାତିର ଫୁଲ ଫୁଟିଲା ।

ଯୌଗିକ- ଶୀତରତୁ ଆସିଲା ଓ ବାଡ଼ି ବଗିଚାରେ ନାନା ଜାତିର ଫୁଲ ଫୁଟିଲା ।

ଜଟିଳ- ଯେବେ ଶୀତରତୁ ଆସିଲା, ସେବେ ବାଡ଼ି ବଗିଚାରେ ନାନା ଜାତିର ଫୁଲ ଫୁଟିଲ ।

୩. ସରଳ- ଶୁଭଶ୍ରୀ ମନଦେଇ ପାଠ ପଢ଼ିବାରୁ ପରୀକ୍ଷାରେ କୃତକାର୍ଯ୍ୟ ହେଲା ।

ଯୌଗିକ- ଶୁଭଶ୍ରୀ ମନଦେଇ ପାଠ ପଢ଼ିଲା ଓ ପରୀକ୍ଷାରେ କୃତକାର୍ଯ୍ୟ ହେଲା ।

ଜଟିଳ- ଯେଣୁ ଶୁଭଶ୍ରୀ ମନଦେଇ ପାଠ ପଢ଼ିଲା, ତେଣୁ ସେ ପରୀକ୍ଷାରେ କୃତକାର୍ଯ୍ୟ ହେଲା ।

୪. ସରଳ- ମୋ କଥାକୁ ସରୋଜ ବିଶ୍ୱାସ କଲା ନାହିଁ ।

ଯୌଗିକ- ମୁଁ କଥା କହିଲି କିନ୍ତୁ ସରୋଜ ବିଶ୍ୱାସ କଲା ନାହିଁ ।

ଜଟିଳ- ମୁଁ ଯେଉଁ କଥା କହିଲି, ସରୋଜ ତାକୁ ବିଶ୍ୱାସ କଲା ନାହିଁ ।

୫. ସରଳ- ମାନସ ବିଦ୍ୟାଳୟକୁ ଯାଇ ସେଠାରେ ପାଠ ପଢ଼ିଲା ।

ଯୌଗିକ- ମାନସ ବିଦ୍ୟାଳୟକୁ ଗଲା ଓ ସେଠାରେ ସେ ପାଠ ପଢ଼ିଲା ।

ଜଟିଳ- ମାନସ ଯେତେବେଳେ ବିଦ୍ୟାଳୟକୁ ଗଲା, ସେତେବେଳେ ସେ ସେଠାରେ ପାଠ ପଢ଼ିଲା ।

**ପ୍ରକାର୍ଯ୍ୟାତ୍ମକ ବାକ୍ୟର ରୂପାନ୍ତର:**

୧. ବିବୃତିସୂଚକ- ଏ ବର୍ଷର ଶୀତ ଅସହ୍ୟ ।

ପ୍ରଶ୍ନସୂଚକ- ଏ ବର୍ଷର ଶୀତ କିଏ ସହିବ ?

ନାସ୍ତିସୂଚକ- ଏ ବର୍ଷର ଶୀତ ସହି ହେଉନାହିଁ।

ବିସ୍ମୟସୂଚକ- ଏ ବର୍ଷର ଶୀତ କି ଅସହ୍ୟ !

୨. ବିବୃତିସୂଚକ- ଚିହ୍ନା ବ୍ରାହ୍ମଣର ପଇତା ଲୋଡ଼ିବା ଭୁଲ୍।

ପ୍ରଶ୍ନସୂଚକ- ଚିହ୍ନା ବ୍ରାହ୍ମଣର କ'ଣ ପଇତା ଲୋଡ଼ା ପଡ଼େ ?

ନାସ୍ତିସୂଚକ- ଚିହ୍ନା ବ୍ରାହ୍ମଣର ପଇତା ଲୋଡ଼ା ନାହିଁ।

ବିସ୍ମୟସୂଚକ- ଚିହ୍ନା ବ୍ରାହ୍ମଣର ପୁଣି ପଇତା ଲୋଡ଼ା !

୩. ବିବୃତିସୂଚକ- ଛବିଟି ଖୁବ୍ ସୁନ୍ଦର ହୋଇଛି।

ପ୍ରଶ୍ନସୂଚକ- ଛବିଟି କ'ଣ ଅସୁନ୍ଦର ?

ନାସ୍ତିସୂଚକ- ଛବିଟି ଆଦୌ ଅସୁନ୍ଦର ହୋଇନାହିଁ।

ବିସ୍ମୟସୂଚକ- ଛବିଟି କେଡ଼େ ସୁନ୍ଦର !

୪. ବିବୃତିସୂଚକ- ଲଙ୍କାରେ ହରି ଶବ୍ଦ ଖୋଜିବା ବୃଥା।

ପ୍ରଶ୍ନସୂଚକ- ଲଙ୍କାରେ ହରିଶବ୍ଦ ଶୁଣାଯାଏ କି ?

ନାସ୍ତିସୂଚକ- ଲଙ୍କାରେ ହରିଶବ୍ଦ ଖୋଜିବା ସମ୍ଭବ ନୁହେଁ।

ବିସ୍ମୟସୂଚକ- ଲଙ୍କାରେ ପୁଣି ହରିଶବ୍ଦ !

୫. ବିବୃତିସୂଚକ- ମୁଁ ତା'ର ମଙ୍ଗଳ ଚାହେଁ।

ପ୍ରଶ୍ନସୂଚକ- ମୁଁ କ'ଣ ତା'ର ମଙ୍ଗଳ ଚାହେଁ ନାହିଁ ?

ନାସ୍ତିସୂଚକ- ମୁଁ ତା'ର ଅମଙ୍ଗଳ ଚାହେଁ ନାହିଁ।

ବିସ୍ମୟସୂଚକ- ମୁଁ ପୁଣି ତା'ର ଅମଙ୍ଗଳ ଚାହୁଁଛି !

**ବାକ୍ୟାଂଶ, ଖଣ୍ଡବାକ୍ୟ ଓ ଉପବାକ୍ୟ:**

ଭାବପ୍ରକାଶକ ପୂର୍ଣ୍ଣାଙ୍ଗ ଉକ୍ତି ହେଉଛି ବାକ୍ୟ। ସାଧାରଣତଃ ଗୋଟିଏ ଛୋଟ ବାକ୍ୟରେ ଗୋଟିଏ କର୍ତ୍ତା ଓ ଗୋଟିଏ ସମାପିକା କ୍ରିୟା ଥାଏ। ଯେପରି- ରାମ ଖେଳୁଛି। ପୁନଶ୍ଚ, କର୍ତ୍ତା ନଥାଇ କେବଳ ସମାପିକା କ୍ରିୟା ମଧ୍ୟ ବାକ୍ୟ ହୋଇପାରେ। ଯେପରି- ବସନ୍ତୁ। ଏଥିରେ 'ଆପଣ' କର୍ତ୍ତା ପଦଟି ଉହ୍ୟ ରହିଛି।

ବାକ୍ୟଟି ଛୋଟ ହେବ କି ବଡ଼ ହେବ ତାହା ବକ୍ତାର ଭାବ କିମ୍ବା ଇଚ୍ଛା ତଥା ଆବଶ୍ୟକତା ଉପରେ ନିର୍ଭର କରିଥାଏ। ଏହି ଭାବ ସର୍ବଦା ପ୍ରସଙ୍ଗ ଓ ପରିସ୍ଥିତିଦ୍ୱାରା ନିର୍ଦ୍ଧାରିତ ହୁଏ। ଯେପରି- ***ଆଜିକାଲି କଲେଜ ପଢୁଆ ପିଲାମାନେ ଭବିଷ୍ୟତ ସଂପର୍କରେ ସଚେତନ ନହୋଇ ଅଯଥାରେ ମୋବାଇଲ ବ୍ୟବହାର କରିବାଦ୍ୱାରା ନିଜେ ହିଁ ନିଜର ଭବିଷ୍ୟତକୁ ନଷ୍ଟ କରୁଛନ୍ତି।***

ଏହି ବାକ୍ୟଟିର ଭାବକୁ ଯଦି ଆମେ ଅନୁଧ୍ୟାନ କରିବା, ତେବେ ଚାରୋଟି ଅର୍ଥମଣ୍ଡଳ ଥିବାର ଜାଣିପାରିବା। ଯଥା- ଆଜିକାଲି କଲେଜ ପଢୁଆ ପିଲାମାନେ ଭବିଷ୍ୟତ ସଂପର୍କରେ ସଚେତନ ନହୋଇ ଅଯଥାରେ ମୋବାଇଲ ବ୍ୟବହାର କରିବାଦ୍ୱାରା ନିଜେ ହିଁ ନିଜର ଭବିଷ୍ୟତକୁ ନଷ୍ଟ କରୁଛନ୍ତି।

ଉପର୍ଯ୍ୟୁକ୍ତ ବାକ୍ୟରେ କେତୋଟି ଲେଖାଏଁ ପଦ ମିଶି ଗୋଟିଏ ଗୋଟିଏ ଅର୍ଥମଣ୍ଡଳ ସୃଷ୍ଟି କରୁଛନ୍ତି ଏବଂ ସେହି ଅର୍ଥମଣ୍ଡଳଗୁଡ଼ିକ ମିଳିତ ଭାବେ ସାମୂହିକ ଭାବ ମଧ୍ୟ ପ୍ରକାଶ କରୁଛନ୍ତି। ତେବେ ଏଥିରୁ ସ୍ପଷ୍ଟ ଅନୁମିତ ହୁଏ ଯେ, **ବାକ୍ୟରେ ଅର୍ଥମଣ୍ଡଳ ପ୍ରକାଶକ ଗୋଟିଏ ଗୋଟିଏ ଅଂଶକୁ ବାକ୍ୟାଂଶ କୁହାଯାଏ।**

**ଖଣ୍ଡବାକ୍ୟ:**

ସାଧାରଣତଃ ବାକ୍ୟରେ ସମାପିକା କ୍ରିୟା ଥିଲେ ବାକ୍ୟଟିର ସମାପ୍ତି ଜଣାପଡ଼େ। ଯେପରି- ରାମ ଯେତେବେଳେ କଟକ ଯାଇଥିଲା, ଏଠାରେ 'ଯାଇଥିଲା' ସମାପିକା କ୍ରିୟାଟି ଅଛି ସତ, କିନ୍ତୁ ବାକ୍ୟ ସଂପୂର୍ଣ୍ଣ ହୋଇନାହିଁ। ଏହି ଅସଂପୂର୍ଣ୍ଣ ବାକ୍ୟକୁ ଆମେ ନିମ୍ନ ପ୍ରକାରେ ସଂପୂର୍ଣ୍ଣ କରିପାରିବା।

**ରାମ ଯେତେବେଳେ କଟକ ଯାଇଥିଲା, ସେତେବେଳେ ସେ ଶ୍ୟାମକୁ ଭେଟିଥିଲା।**

ଏଥିରୁ ଅନୁମିତ ହୁଏ ଯେ, ଯେଉଁ ବାକ୍ୟରେ ସମାପିକା କ୍ରିୟା ଥାଇ ମଧ୍ୟ ବାକ୍ୟ ଅସଂପୂର୍ଣ୍ଣ ଥାଏ ତାହାକୁ ଖଣ୍ଡବାକ୍ୟ କୁହଯାଏ।

ଉପର ଉଦାହରଣ ବାକ୍ୟଟିରେ "ରାମ ଯେତେବେଳେ କଟକ ଯାଇଥିଲା", ଗୋଟିଏ ଖଣ୍ଡବାକ୍ୟ ଏବଂ "ସେତେବେଳେ ସେ ଶ୍ୟାମକୁ ଭେଟିଥିଲା।" ଆଉ ଗୋଟିଏ ଖଣ୍ଡବାକ୍ୟ। ଦୁଇଟି ଖଣ୍ଡବାକ୍ୟ ନେଇ ଗୋଟିଏ ପୂର୍ଣ୍ଣାଙ୍ଗ ବାକ୍ୟ ଗଠିତ ହୋଇଛି। ପ୍ରଥମ ବାକ୍ୟଟି ଏକାକୀ ପୂର୍ଣ୍ଣାଙ୍ଗ ବାକ୍ୟ ନୁହେଁ କି ଦ୍ୱିତୀୟ ବାକ୍ୟଟି ଏକାକୀ ପୂର୍ଣ୍ଣାଙ୍ଗ ବାକ୍ୟ ନୁହେଁ।

କୌଣସି ପୂର୍ଣ୍ଣାଙ୍ଗ ବାକ୍ୟରେ ଯଦି ଏକାଧିକ ଖଣ୍ଡବାକ୍ୟ ଥାଏ, ତେବେ ସେଗୁଡ଼ିକ ମଧ୍ୟରେ ଗୋଟିଏ ଖଣ୍ଡବାକ୍ୟ ପ୍ରଧାନ ଏବଂ ଅନ୍ୟ ବାକ୍ୟ ବା ବାକ୍ୟଗୁଡ଼ିକ ଅପ୍ରଧାନ। ଅପ୍ରଧାନ ଖଣ୍ଡବାକ୍ୟକୁ ଉପବାକ୍ୟ କୁହାଯାଏ। ଉପର୍ଯ୍ୟୁକ୍ତ ଉଦାହରଣରେ "ରାମ ଯେତେବେଳେ କଟକ ଯାଇଥିଲା" ଖଣ୍ଡବାକ୍ୟଟି ଅପ୍ରଧାନ। ତେଣୁ ଏହା ଏକ ଉପବାକ୍ୟ। "ସେତେବେଳେ ସେ ଶ୍ୟାମକୁ ଭେଟିଥିଲା।" ଖଣ୍ଡବାକ୍ୟଟି ପ୍ରଧାନ। ସେହିପରି- "ଯେଉଁମାନେ ବର୍ଷକରେ କୌଣସି ଏକ ଦିନ ଗାଁ ଗଣ୍ଡାର ମାଟି ମାଡ଼ି ନଥାନ୍ତି, ଯେଉଁମାନଙ୍କର କାମ ହେଲା ସାଧାରଣ ଲୋକଙ୍କୁ ନିର୍ବାଚନ ବେଳେ ଅର୍ଥ ଲୋଭ ଦେଖାଇ ପ୍ରଲୋଭିତ କରିବା, ସେହିଭଳି ବିରାଡ଼ି ବୈଷ୍ଣବ ନେତାମାନେ ଜନତାର ପ୍ରତିନିଧି ହୋଇ ଦେଶ ସେବା ନାମରେ ଦେଶକୁ ଲୁଟିବାରେ ଲାଗନ୍ତି।" ଏହି ବାକ୍ୟରେ ତିନୋଟି ଖଣ୍ଡବାକ୍ୟ ରହିଛି। ତନ୍ମଧ୍ୟରେ ଶେଷଟି ପ୍ରଧାନ ଖଣ୍ଡବାକ୍ୟ ଏବଂ ଅନ୍ୟ ଦୁଇଟି ଅପ୍ରଧାନ ଖଣ୍ଡବାକ୍ୟ। ଦୁଇଟି ଅପ୍ରଧାନ ଖଣ୍ଡବାକ୍ୟ ଦୁଇଟି ଉପବାକ୍ୟ।

ଉପବାକ୍ୟଗୁଡ଼ିକୁ ତିନି ଶ୍ରେଣୀରେ ବିଭକ୍ତ କରାଯାଇପାରେ- **ବିଶେଷ୍ୟାତ୍ମକ, ବିଶେଷଣାତ୍ମକ ଓ କ୍ରିୟାବିଶେଷଣାତ୍ମକ।**

**ବିଶେଷ୍ୟାତ୍ମକ ଉପବାକ୍ୟ- ଯେଉଁ ଉପବାକ୍ୟ ବିଶେଷ୍ୟ ଭଳି ବ୍ୟବହୃତ ହୋଇଥାଏ, ତାହାକୁ ବିଶେଷ୍ୟାତ୍ମକ ଉପବାକ୍ୟ କୁହାଯାଏ।**

ଯଥା:-ରେଡ଼ିଓ କହିଛି, **କାଲି ବର୍ଷା ହେବ।**

- **ଶିବାନୀ ପାଶ୍ କରିଛି**, ଭଲ କଥା।

ଉପଯୁକ୍ତ ଦୁଇଗୋଟି ବାକ୍ୟରେ ରେଖାଙ୍କିତ ବାକ୍ୟଗୁଡ଼ିକ ବିଶେଷ୍ୟାତ୍ମକ ଉପବାକ୍ୟର ଗୋଟିଏ ଗୋଟିଏ ଉଦାହରଣ।

**ବିଶେଷଣାତ୍ମକ ଉପବାକ୍ୟ- ଯେଉଁ ଉପବାକ୍ୟ ବିଶେଷଣ ପଦର କାର୍ଯ୍ୟ କରେ, ତାହାକୁ ବିଶେଷଣାତ୍ମକ ଉପବାକ୍ୟ କୁହାଯାଏ।**

ଯଥା: - **ଯିଏ ଜନ୍ମଭୂମିକୁ ଭଲପାଏ ନାହିଁ**, ସିଏ ପ୍ରକୃତରେ ଦେଶପ୍ରେମୀ ନୁହେଁ।

- **ଯେଉଁମାନେ ପରିଶ୍ରମ କରନ୍ତି ନାହିଁ**, ସେମାନେ ସଫଳତାର ସ୍ୱାଦ କାହୁଁ ଜାଣିବେ।

ଉପର୍ଯ୍ୟୁକ୍ତ ଦୁଇଗୋଟି ବାକ୍ୟରେ ରେଖାଙ୍କିତ ବାକ୍ୟଗୁଡ଼ିକ ବିଶେଷଣାତ୍ମକ ଉପବାକ୍ୟର ଗୋଟିଏ ଗୋଟିଏ ଉଦାହରଣ।

**କ୍ରିୟାବିଶେଷଣାତ୍ମକ ଉପବାକ୍ୟ- ଯେଉଁ ଉପବାକ୍ୟ କ୍ରିୟାବିଶେଷଣର କାର୍ଯ୍ୟକରେ, ତାହାକୁ କ୍ରିୟାବିଶେଷଣାତ୍ମକ ଉପବାକ୍ୟ କୁହାଯାଏ।**

**ଯଥା: - ତୁ ଯେତେ ମାଠିବୁ ମାଠ,** ମୁଁ ସେଇ ଦରପୋଡ଼ା କାଠ।

- **ଯେହେତୁ ସେ ଦୋଷ କଲା**, ତେଣୁ ସେ ଦଣ୍ଡ ପାଇଲା।

ଉପର୍ଯ୍ୟୁକ୍ତ ଦୁଇଗୋଟି ବାକ୍ୟରେ ରେଖାଙ୍କିତ ବାକ୍ୟଗୁଡ଼ିକ କ୍ରିୟାବିଶେଷଣାତ୍ମକ ଉପବାକ୍ୟର ଗୋଟିଏ ଗୋଟିଏ ଉଦାହରଣ।

ପରିଶେଷରେ, ପୂର୍ଣ୍ଣ ରୂପେ ମନର ଭାବକୁ ପ୍ରକାଶ କରୁଥିବା ଅର୍ଥଯୁକ୍ତ ପଦ ବା ପଦ ସମଷ୍ଟିର ସମାହାର ହିଁ ହେଉଛି ବାକ୍ୟ। ଯୋଗ୍ୟତା, ଆକାଂକ୍ଷା ଓ ଆସତ୍ତି ଆଦି ବାକ୍ୟର ତ୍ରୟୀ ଲକ୍ଷଣ ବାକ୍ୟକୁ ସାର୍ଥକତା ପ୍ରଦାନ କରିବା ସହ ମନର ଭାବକୁ ପୂର୍ଣ୍ଣତା ମଧ୍ୟ ପ୍ରଦାନ କରିଥାନ୍ତି। ଅର୍ଥାତ୍, ଯୋଗ୍ୟତା, ଆକାଂକ୍ଷା ଓ ଆସତ୍ତି ଥିବା ପଦସମଷ୍ଟିକୁ ବାକ୍ୟ କୁହାଯାଏ। ପୁନଶ୍ଚ ବାକ୍ୟ ହେଉଛି ଭାଷାର ମୂଳଭିତ୍ତି ଓ ସର୍ବବୃହତ ଏକକ। ମାନବର ଭାବ ଓ ଭାବନା, ଚିନ୍ତା ଓ ଚିନ୍ତନ ତଥା ଉପଲବ୍ଧି ଆଦିର ଅଭିବ୍ୟକ୍ତି ହିଁ ବାକ୍ୟଦ୍ୱାରା ସମ୍ଭବ ହୋଇଥାଏ।

**ସହାୟକ ଗ୍ରନ୍ଥସୂଚୀ:**


୧. ତ୍ରିପାଠୀ, ଡକ୍ଟର ପ୍ରଫୁଲ୍ଲ କୁମାର। ବ୍ୟାକରଣ କୋଷ। ଅକ୍ଷର, କଲ୍ୟାଣୀ ନଗର, କଟକ, ୨୦୧୩।

୨. ମାହପାତ୍ର, ଧନେଶ୍ୱର। ଆଧୁନିକ ଓଡ଼ିଆ ବ୍ୟାକରଣ। ପଞ୍ଚମ ସଂସ୍କରଣ, କିତାବ ମହଲ, କଲେଜ ସ୍କୋୟାର, କଟକ, ୨୦୧୦।

୩. ହରିଚନ୍ଦନ, ପ୍ରଫେସର ନୀଳାଦ୍ରି ଭୂଷଣ। ନିର୍ଭୁଲ ଲେଖାର ମୂଳସୂତ୍ର। ପ୍ରଥମ ସଂସ୍କରଣ। ମାଲ୍ୟବନ୍ତ ପ୍ରକାଶନ, ଏକାମ୍ର ମଲ୍ୟବନ୍ତ, ୧୬୮/କେ-୩, କଳିଙ୍ଗନଗର, ଭୁବନେଶ୍ୱର-୭୫୧୦୨୯।

୪. ମହାପାତ୍ର, ପଣ୍ଡିତ ନାରାୟଣ। ଦାସ, ଅଧ୍ୟାପକ ଶ୍ରୀଧର। ସର୍ବସାର ବ୍ୟାକରଣ। ପୁନଃ ମୁଦ୍ରଣ-୨୦୨୩, ନିଉ ଷ୍ଟୁଡେଣ୍ଟସ୍ ଷ୍ଟୋର୍ସ, ବିନୋଦ ବିହାରୀ, କଟକ, ୨୦୨୩।

୫. ସାହୁ, ଡକ୍ଟର ବାସୁଦେବ। ଭାଷାବିଜ୍ଞାନର ରୂପରେଖା। ଦ୍ୱାଦଶ ପୁନଃମୁଦ୍ରଣ, ଫ୍ରେଣ୍ଡସ୍ ପବ୍ଲିଶର୍ସ, ବିନୋଦବିହାରୀ, କଟକ, ୨୦୨୧।

୬. ରଥ, ପ୍ରଫେସର ଡ. ସୂର୍ଯ୍ୟମଣି(ବ୍ୟାଖ୍ୟାକାର)। ସାହିତ୍ୟ ଦର୍ପଣ। ସଂବିଦୀ ପ୍ରକାଶନମ୍, ୪୭, ମହୋଦଧିମାର୍କେଟ୍, ମୋଚିସାହି, ପୁରୀ-୦୧।


❖ ❖ ❖

DOI : https://doi.org/10.5281/zenodo.19110754 ମୂଳ ପ୍ରବନ୍ଧ

# ନିଳାଦ୍ରି ଭୂଷଣ ହରିଚନ୍ଦନଙ୍କ ନାଟ୍ୟ ମାନସ ଓ ନବଇତିହାସବାଦ

**ମନୋରଞ୍ଜନ ସାହୁ**

**ସଂକ୍ଷିପ୍ତସାର:**

ନାଟ୍ୟକାର ନୀଳାଦ୍ରି ଭୂଷଣ ହରିଚନ୍ଦନଙ୍କ ନାଟ୍ୟ ମାନସରେ ମୁଖ୍ୟତଃ ଦୁଇଟି ନାଟକ 'ନିରାପଦ ଭବିଷ୍ୟତ' ଓ 'ପୁଣ୍ୟଭୂମି ଭାରତ' ରେ ନବଇତିହାସବାଦର ପ୍ରାୟୋଗିକ ମୂଲ୍ୟ ବିଚାର କରାଯାଇଛି ଏହି ପ୍ରବନ୍ଧରେ। ପୁରାଣ ଓ ଇତିହାସର ଘଟଣା ଚରିତ୍ର ଆଦିକୁ ସାମ୍ପ୍ରତିକ ପରିପ୍ରେକ୍ଷୀରେ ବିଚାର କରି ତାହାର ନୂତନ ମୂଲ୍ୟବୋଧ ନିର୍ଣ୍ଣୟ କରିଛନ୍ତି ନାଟ୍ୟକାର। ତାଙ୍କ ରଚିତ 'ନିରାପଦ ଭବିଷ୍ୟତ' ନାଟକ ପୌରାଣିକ କଥାବସ୍ତୁ ଆଧାରରେ ପରିକଳ୍ପିତ। ସେ ମହାଭାରତର ପୃଷ୍ଠଭୂମିରୁ କଥା ସଂଗ୍ରହକରି ସାମ୍ପ୍ରତିକ ପ୍ରେକ୍ଷାପଟରେ ଉପସ୍ଥାପନ କରିଛନ୍ତି। ଏହି ଉପସ୍ଥାପନ କରିବାବେଳେ ସେ ଅତୀତର ପୌରାଣିକ ଚରିତ୍ରମାନଙ୍କର ଆଦର୍ଶବୋଧକୁ ସ୍ଥିର ନ ରଖି କିଞ୍ଚିତ ବ୍ୟତିକ୍ରମ ସୃଷ୍ଟି କରିଛନ୍ତି। ଏହି ବ୍ୟତିକ୍ରମ ହିଁ ତାଙ୍କ ଭାବଜଗତର ପରିଚୟ ଓ ନବଇତିହାସବାଦର ଭିତ୍ତିଭୂମି। ସେ ନାଟକରେ ଐତିହାସିକ ଚରିତ୍ର ସହିତ ନିଜର କଳ୍ପନା ପ୍ରସୂତ ଚରିତ୍ରର ସମାବେଶ ଘଟାଇ ନାଟକର ମୂଲ୍ୟ ବଢ଼ାଇଛନ୍ତି। ସେ ନିୟତି ଚରିତ୍ର ମାଧ୍ୟମରେ ବ୍ୟତିକ୍ରମ ସୃଷ୍ଟି କରି ମୂଳ ମହାଭାରତ ଚରିତ୍ରର ଆଦର୍ଶବୋଧକୁ ବ୍ୟଙ୍ଗ କରିବା ସହ ବର୍ତ୍ତମାନର ସମାଜରେ, ତାହାର ଚିତ୍ର ପରିଲକ୍ଷିତ ହେଉଛି ବୋଲି ମତ ପ୍ରଦାନ କରିଛନ୍ତି। ସେହିପରି ନାଟ୍ୟକାର 'ପୁଣ୍ୟଭୂମି ଭାରତ' ନାଟକରେ ଭାରତ ବର୍ଷର କଳଙ୍କିତ ଇତିହାସକୁ କିମ୍ବା ଭାରତ ବର୍ଷର ଇତିହାସରେ ସ୍ଥାନ ପାଇ ନ ଥିବା କେତେକ ସତ୍ୟ ଘଟଣାକୁ ଯଥାର୍ଥ ରୂପ ଦେଇ ଉପଯୁକ୍ତ ଚରିତ୍ର ମାଧ୍ୟମରେ ତା'ର ସଫଳ ରୂପାୟନ ଘଟାଇଛନ୍ତି। ଏଠାରେ ଏହି ପ୍ରସଙ୍ଗକୁ ପରିବେଷଣ କରିବା ପାଇଁ ସେ ଉଭୟ ଇତିହାସର ପୃଷ୍ଠଭୂମି ଏବଂ ସାଂପ୍ରତିକ ସମୟର ପୃଷ୍ଠଭୂମିରୁ ଚରିତ୍ର ସଂଗ୍ରହ କରିଛନ୍ତି। ଉଭୟ ପୃଷ୍ଠଭୂମିରୁ ଚରିତ୍ର ଚୟନ କରି ଅତୀତ ଓ ବର୍ତ୍ତମାନ, ଏହି ଦୁଇ କାଳଖଣ୍ଡ ମଧ୍ୟରେ ସମୀକରଣ କରିବାକୁ ପ୍ରୟାସ କରିଛନ୍ତି।

**ପ୍ରମୁଖ ଶବ୍ଦାବଳୀ:**

ନବଇତିହାସବାଦ, ପୁରାଣ ପ୍ରସଙ୍ଗ, ଇତିହାସ ପ୍ରସଙ୍ଗ, ସାମ୍ପ୍ରତିକୀକରଣ, ନୂତନ ମୂଲ୍ୟବୋଧ

ଆଧୁନିକ ଓଡ଼ିଆ ନାଟକ ସାହିତ୍ୟରେ ଜଣେ ବହୁ ପରିଚିତ ସ୍ରଷ୍ଟା ନାଟ୍ୟକାର ନୀଳାଦ୍ରି ଭୂଷଣ ହରିଚନ୍ଦନ । ସାମ୍ପ୍ରତିକ ସମାଜର ବହୁ ଦିଗକୁ ଆଧାର କରି ସେ ନାଟକ ଲେଖନ୍ତି। ତାଙ୍କ ନାଟକରେ ଥାଏ ଇତିହାସର ନବୀନତା । ପୁରାଣର ନବଗାଥା। ଆଦିମ ଲୋକର ଜୀବନ କଥା। ଅତୀତ ଓ ବର୍ତ୍ତମାନର ସମୟୋପଯୋଗୀ ବାର୍ତ୍ତା। ପୁରୁଣା ପ୍ରସଙ୍ଗକୁ ନୂଆ ରୂପ ଦେବାରେ ସେ ଧୁରୀଣ ସ୍ରଷ୍ଟା।

ଏହି ପ୍ରବନ୍ଧକୁ ଅନ୍‌ଲାଇନରେ ପଢିବାପାଇଁ ପ୍ରବେଶ କରନ୍ତୁ

Quick Response Code:

Available online at : https://pracheenews.com/

DOI : https://doi.org/10.5281/zenodo.19110754

Article No - BPP00395

**ଯୋଗାଯୋଗ :**
**ଡକ୍ଟର ମନୋରଞ୍ଜନ ସାହୁ,** ଓଡ଼ିଆ ବିଭାଗ ମୁଖ୍ୟ, ବ୍ରାହ୍ମଣୀ ମହାବିଦ୍ୟାଳୟ, ବିଦ୍ୟାନଗର, କେନ୍ଦ୍ରାପଡ଼ା
**Email :** mnsahu92@gmail.com
**ORCID ID :** https://orcid.org/0009-0001-5830-0060

This is an open access journal, and articles are distributed under the terms of the Creative Commons Attribution Non Commercial Share Alike 4.0 License, which allows others to remix, tweak, and build upon the work non commercially, as long as appropriate credit is given and the new creations are licensed under the identical terms.

For reprints contact: *pracheepatrika@rediffmail.com*

| ପ୍ରାପ୍ତି | ସମୀକ୍ଷିତ | ଗୃହୀତ | ପ୍ରକାଶିତ |
|---|---|---|---|
| ୧୫.୧୨.୨୦୨୫ | ୧୬.୦୧.୨୦୨୬ | ୨୭.୦୧.୨୦୨୬ | ୧.୦୩.୨୦୨୬ |

ଏହି ପ୍ରବନ୍ଧକୁ କିପରି ଉଦ୍ଧୃତ କରିବେ : ସାହୁ, ମନୋରଞ୍ଜନ; ୨୦୨୬। ନିଳାଦ୍ରି ଭୂଷଣ ହରିଚନ୍ଦନଙ୍କ ନାଟ୍ୟ ମାନସ ଓ ନବଇତିହାସବାଦ। ବାସ୍ତବତାର ପରିପ୍ରକାଶ ପ୍ରାଚୀ। ଭାଗ :୧୧, ସଂଖ୍ୟା : ୦; ପୃଷ୍ଠା : ୩୨-୩୬।

## ନିରାପଦ ଭବିଷ୍ୟତ :

'ନିରାପଦ ଭବିଷ୍ୟତ' ନାଟ୍ୟକାରଙ୍କ ଏକ ଅମଳିନ ପ୍ରତିଭା। ନାଟ୍ୟକାର ନିଳାଦ୍ରି ଭୂଷଣ ହରିଚନ୍ଦନ ଏହି ନାଟକକୁ ପୌରାଣିକ କଥାବସ୍ତୁ ଆଧାରରେ ପରିକଳ୍ପନା କରିଛନ୍ତି। ସେ ମହାଭାରତର ପୃଷ୍ଠଭୂମିରୁ କଥା ସଂଗ୍ରହକରି ସାମ୍ପ୍ରତିକ ପ୍ରେକ୍ଷାପଟରେ ଉପସ୍ଥାପନ କରିଛନ୍ତି। ଏହି ଉପସ୍ଥାପନ କରିବାବେଳେ ସେ ଅତୀତର ପୌରାଣିକ ଚରିତ୍ରମାନଙ୍କର ଆଦର୍ଶବୋଧକୁ ସ୍ଥିର ନ ରଖି କିଞ୍ଚିତ ବ୍ୟତିକ୍ରମ ସୃଷ୍ଟି କରିଛନ୍ତି। ଏହି ବ୍ୟତିକ୍ରମ ହିଁ ତାଙ୍କ ଭାବଜଗତର ପରିଚୟ ଓ ନବଇତିହାସବାଦର ଭିତ୍ତିଭୂମି। ସେ ନାଟକରେ ଐତିହାସିକ ଚରିତ୍ର ସହିତ ନିଜର କଳ୍ପନା ପ୍ରସୂତ ଚରିତ୍ରର ସମାବେଶ ଘଟାଇ ନାଟକର ମୂଲ୍ୟ ବୃଦ୍ଧି କରିଛନ୍ତି। ସେ ନିୟତି ଚରିତ୍ର ମାଧ୍ୟମରେ ବ୍ୟତିକ୍ରମ ସୃଷ୍ଟି କରି ମୂଳ ମହାଭାରତ ଚରିତ୍ରର ଆଦର୍ଶବୋଧକୁ ବ୍ୟଙ୍ଗ କରିବା ସହିତ ବର୍ତ୍ତମାନ ସମାଜରେ, ତାହାର ନିଚ୍ଛକ ଚିତ୍ର ପରିଲକ୍ଷିତ ହେଉଛି ବୋଲି ମତ ପ୍ରଦାନ କରିଛନ୍ତି। ପ୍ରସଙ୍ଗକ୍ରମେ ନିୟତି ଚରିତ୍ର ଦେଇ ନାଟ୍ୟକାର କହୁଛନ୍ତି ଯୁଧିଷ୍ଠିରଙ୍କୁ ତୁମେ ତ ପରାଧୀନତାର ଦୁଃଖ କେବେ ଅନୁଭବ କରି ନାହଁ ଅଥଚ ପରାଧୀନତାର କଥା ସ୍ମରଣ କରି ଏପରି ବିଚଳିତ ହୋଇ ଉଠୁଛ କାହିଁକି ? ତୁମର କଳ୍ପନା ଠାରୁ ଏହା ଶତ ଗୁଣରେ ଗ୍ଲାନିକର ହୋଇପାରେ, ହୃଦୟ ବିଦାରକ ହୋଇପାରେ। ସେ କଥା ତ ଏ ପର୍ଯ୍ୟନ୍ତ ତୁମେ ଚିନ୍ତା ବି କରି ନାହଁ ? ଦାସତ୍ୱ ପଥରେ ଆଜି ତୁମର ପ୍ରଥମ ପଦପାତ। କିଛି ଦୂର ଆଗେଇ ଯାଅ ତମ ପାଇଁ ଅପେକ୍ଷା କରି ରହିଛି ଜୀବନର ନିଷ୍ଠୁରତମ ପରିହାସ। ତା'ର ସ୍ୱରୂପ ତ ଦେଖି ନାହଁ ଏ ପର୍ଯ୍ୟନ୍ତ। ଦାସତ୍ୱ ମଣିଷକୁ ଗୋଟିଏ ମାନସିକ ପ୍ରତିକ୍ରିୟାହୀନ ନିର୍ଜୀବ ବସ୍ତୁରେ ପରିଣତ କରିପକାଏ। ତା ତୁମେ ନିଜେ ଅନୁଭବ କରିପାରିବ। ପଞ୍ଚୁପାଣ୍ଡବ ଏବଂ ଦ୍ରୌପଦୀ ପରିସ୍ଥିତିର ସମ୍ମୁଖୀନ ହୋଇ କୀଚକର ଶରଣାପନ୍ନ ହୋଇଛନ୍ତି। ସେହି ସମୟରେ ଦ୍ରୌପଦୀଙ୍କ ଉପରେ ମନ୍ଦ ଦୃଷ୍ଟି ପଡ଼ିଛି କୀଚକର। ସେ ଦ୍ରୌପଦୀଙ୍କୁ ବିବାହ କରିବା ପାଇଁ ପ୍ରସ୍ତାବ ଦେଇଛି କିନ୍ତୁ ଏହି ପ୍ରସ୍ତାବକୁ ଦ୍ରୌପଦୀ ପ୍ରତ୍ୟାଖ୍ୟାନ କରିବା ପରେ ସେ ନିଜର ଗର୍ବ ଓ ବାହୁ ବଳରେ ତାଙ୍କୁ ନିଜର କରିବା ପାଇଁ ଚେଷ୍ଟା କରିଛି। ଏହି ସମୟରେ ଦ୍ରୌପଦୀ ତାଙ୍କ ସମସ୍ତ ପତିମାନଙ୍କୁ ଏହି ଘଟଣା ସମ୍ବନ୍ଧରେ ଅବଗତ କରାଇଛନ୍ତି। କେବଳ ଭୀମଙ୍କ ବ୍ୟତୀତ ଅନ୍ୟ କେହି ତା'ର ସତୀତ୍ୱ ରକ୍ଷା କରିବା ପାଇଁ ଚେଷ୍ଟା କରି ନାହାଁନ୍ତି। ଧର୍ମବୀର ଯୁଧିଷ୍ଠିର ମଧ୍ୟ ନିଜର ଧର୍ମକୁ ଦ୍ୱାହି ଦେଇ ପଛ ଘୁଞ୍ଚା ଦେଇଛନ୍ତି। ସେଥିପାଇଁ ନାଟ୍ୟକାର କହିବାକୁ ଚାହିଁଛନ୍ତି ଯେ, ଯୁଗେ ଯୁଗେ ଧର୍ମ ତ ଅନ୍ୟାୟ, ଅତ୍ୟାଚାର ଓ ଦୁର୍ନୀତି ଆଦିକୁ ପ୍ରଶ୍ରୟ ଦିଏ ନାହିଁ। ତେଣୁ ଯୁଧିଷ୍ଠିର ଆପଣ ତ ଧର୍ମବୀର। ସର୍ବଦା ଧର୍ମକୁ ସମ୍ମାନ ପ୍ରଦର୍ଶନ କରନ୍ତି। ଆପଣଙ୍କ ସମ୍ମୁଖରେ ଆପଣଙ୍କର ପତ୍ନୀକୁ ଅନ୍ୟ ଜଣେ ପୁରୁଷ ତାର ସତୀତ୍ୱ ନଷ୍ଟ କରିବା ପାଇଁ ଚେଷ୍ଟା କରୁଛି ଅଥଚ ଆପଣ ଧର୍ମକୁ ଦ୍ୱାହି ଦେଇ ନିରବ ରହିଯାଉଛନ୍ତି। ଏହା ଆପଣଙ୍କ ଧର୍ମର କେଉଁ ପର୍ଯ୍ୟାୟରେ ଅନ୍ତର୍ଭୁକ୍ତ। କେବଳ ଆପଣଙ୍କର ପତ୍ନୀ ବୋଲି ନୁହେଁ, ତୁମ ଭଳି ଧର୍ମକୁ ପ୍ରାଧାନ୍ୟ ଦେଉଥିବା ବ୍ୟକ୍ତିଙ୍କ ସମ୍ମୁଖରେ ଗୋଟାଏ ନାରୀ ତା'ର ସତୀତ୍ୱ ରକ୍ଷା କରିବା ନିମନ୍ତେ ଆପଣଙ୍କ ସାହାଯ୍ୟ ଭିକ୍ଷା କରୁଛି। ଏହା କ'ଣ ଆପଣଙ୍କ ଧର୍ମର କର୍ତ୍ତବ୍ୟ ନୁହେଁ, ଯେଉଁ ଧର୍ମ ସମାଜରେ ଅସାମାଜିକ ବାତାବରଣକୁ ପ୍ରୋତ୍ସାହନ ଦିଏ ତାହା କ'ଣ ଆପଣଙ୍କର ସେହି ଧର୍ମ ? ଏହିପରି ଅନେକ ବିରୋଧାଭାଷ ଦ୍ରୌପଦୀଙ୍କ ମୁଖରେ ନାଟ୍ୟକାର ସଂଯୋଗ କରି ମୂଳ ମହାଭାରତର ଚରିତ୍ର ଅନୁସରଣରେ ବ୍ୟତିକ୍ରମ ସୃଷ୍ଟି କରିଛନ୍ତି। ମହାଭାରତରେ ଦ୍ରୌପଦୀ ଆଦର୍ଶର ଦାସୀ ହୋଇ ନିଜ ପ୍ରତି ହୋଇଥିବା ଅନ୍ୟାୟ ଅତ୍ୟାଚାରକୁ ସହ୍ୟ କରିଛନ୍ତି। ତାଙ୍କ ମନରେ ପ୍ରତିବାଦର ସ୍ୱର ଉଠିଥିଲେ ମଧ୍ୟ ସେ ନୀରବ ଦ୍ରଷ୍ଟା ହୋଇ ଆଦର୍ଶକୁ ସମ୍ମାନ ଜଣାଇଛନ୍ତି। କେବଳ ନାଟକରେ ବର୍ଣ୍ଣିତ ଘଟଣାରେ ନୁହେଁ, ମହାଭାରତ ସ୍ଥିତ ଅନ୍ୟାନ୍ୟ ଘଟଣାରେ ମଧ୍ୟ ଏହାର ଦୃଷ୍ଟାନ୍ତ ରହିଛି। ଅପରପକ୍ଷରେ ନାଟ୍ୟକାର ନାଟକରେ ବ୍ୟବହାର କରିଥିବା ପୌରାଣିକ ଚରିତ୍ର ଦ୍ରୌପଦୀଙ୍କୁ ଆଉ ନୀରବ ଦ୍ରଷ୍ଟା କରି ରଖି ନାହାଁନ୍ତି। ସେ ତାଙ୍କ ମୁଖରେ ନିଜ ପ୍ରତି ଏବଂ ସମଗ୍ର ନାରୀ ଜାତି ପ୍ରତି ହେଉଥିବା ଅନ୍ୟାୟର ପ୍ରତିବାଦ ନିମନ୍ତେ ଭାଷା ସଂଯୋଗ କରିଛନ୍ତି। ଏହି ବ୍ୟତିକ୍ରମ ହିଁ ନବ ଇତିହାସବାଦ। ବର୍ତ୍ତମାନ ସମାଜରେ ମଧ୍ୟ ଦ୍ରୌପଦୀଙ୍କ ପରି ଅନେକ ନାରୀ ଉପେକ୍ଷିତ ହେଉଛନ୍ତି ଏବଂ ଉପଭୋଗ୍ୟର ସାମଗ୍ରୀ ସାଜି ନିଜ ସତୀତ୍ୱକୁ ବଳି ଦେଉଛନ୍ତି। କେବଳ ମୁଠା ମୁଠା ଆଦର୍ଶକୁ ଧରି ସେମାନେ ନୀରବ ପଥର ଯାତ୍ରୀ। ନାଟ୍ୟକାର ଏହିପରି ଗୋଟିଏ ନାଟକ ରଚନା କରି ଆଜିର ସମାଜକୁ ଚେତାବନୀ ଦେବାକୁ ଶତମୁଖୀ ହୋଇଛନ୍ତି। ସେ କହିବାକୁ ଚେଷ୍ଟା କରିଛନ୍ତି ମହାଭାରତର ଦ୍ରୌପଦୀ ହୋଇ ମିଥ୍ୟା ଆଦର୍ଶକୁ ପୁଞ୍ଜିକରି ନିଜର ବେଦନାବୋଧକୁ ଅବରୁଦ୍ଧ ନ କରି ଆଜିର ସାମ୍ପ୍ରତିକ ସମାଜରେ ନିଜର ପ୍ରତିକ୍ରିୟାକୁ ପ୍ରକାଶ

କରି ସାମାଜିକ ଅଧିକାର ସାବ୍ୟସ୍ତ କରିବାକୁ ହେଲେ ଏହି ନାଟକର ଦ୍ରୌପଦୀ ପରି ପ୍ରତିବାଦର ଭାଷା ମୁଖରେ ସଞ୍ଚାର କରିବାକୁ ପଡ଼ିବ।

## ପୁଣ୍ୟଭୂମି ଭାରତ :

'ପୁଣ୍ୟଭୂମି ଭାରତ' ୧୯୮୩ ମସିହାରେ ପ୍ରକାଶ ଲାଭ କରିଥିଲା। ଏହି ନାଟକର ନାଟ୍ୟକାର ନିଳାଦ୍ରି ଭୂଷଣ ହରିଚନ୍ଦନ। ପୁଣ୍ୟଭୂମି ଭାରତ ବର୍ଷର ଇତିହାସ ବିଶ୍ୱ ଇତିହାସରେ ଅତୁଳନୀୟ ଅଧ୍ୟାୟ। ଭାରତ ବର୍ଷର ପବିତ୍ର ନାମ ସ୍ମରଣ କଲେ ହୃଦୟର ପ୍ରତିଟି କୋଣରେ ସ୍ପନ୍ଦନ ସୃଷ୍ଟି ହୁଏ। ହିମାଳୟ ଠାରୁ ଆରମ୍ଭ କରି କନ୍ୟା କୁମାରୀ ପର୍ଯ୍ୟନ୍ତ ବିସ୍ତୃତ ବିରାଟ ଭୂଖଣ୍ଡ ଆର୍ଯ୍ୟ ଋଷିର ଓଁ କାର ଧ୍ୱନିରେ ଚିରଦିନ ମହିମା ମଣ୍ଡିତ। ଶୌର୍ଯ୍ୟ, ବୀର୍ଯ୍ୟ, ତ୍ୟାଗ, କ୍ଷମା, ପ୍ରେମ, ବିଶ୍ୱାସ ସମସ୍ତ ମାନବିକ ଗୁଣରେ ବିମଣ୍ଡିତ ଭାରତର ବୀରପୁରୁଷ ଚିରଦିନ ଘୋଷଣା କରିଆସିଛନ୍ତି – "ହତୋ ବା ପ୍ରାପ୍ସ୍ୟସେ ସ୍ୱର୍ଗଂ ଜିତ୍ୱା ବା ଭୋକ୍ଷସେ ମହୀମ୍ ।" ଆଜି କିନ୍ତୁ ସେ ସବୁକୁ ନୀତି ବାଣୀ କହି ପରିତ୍ୟାଗ କରିବାର ସାହସ ଆମର ନାହିଁ। ସାହସ ନାହିଁ ସତ ନୀତି ବାଣୀ ବିରୋଧରେ ସ୍ୱର ଉତ୍ତୋଳନ କରିବାକୁ, ସାହସ ନାହିଁ ସତ ପରମ୍ପରା ବିରୋଧରେ କୌଣସି ପଦକ୍ଷେପ ନେବାକୁ, ସାହସ ନାହିଁ ସତ ଭାରତ ବର୍ଷର ଆଦର୍ଶବୋଧକୁ କୁଠାର ଘାତ କରିବାରେ, କିନ୍ତୁ ଯେଉଁ ନୀତି ବାଣୀ, ଯେଉଁ ପରମ୍ପରା କିମ୍ବା ଯେଉଁ ଆଦର୍ଶବୋଧ ଉତ୍ତର ପିଢ଼ୀମାନଙ୍କର ବିକାଶରେ ପ୍ରତିବନ୍ଧକ ସାଜିବାକୁ ପ୍ରବର୍ତ୍ତାଉଛି, ଯାହା ବ୍ୟକ୍ତିକୁ ଗୋଟିଏ ନିର୍ଦ୍ଦିଷ୍ଟ ପରିମଣ୍ଡଳ ଭିତରେ ଆବଦ୍ଧ କରି ତା'ର ସ୍ୱାଧୀନତାରେ ହସ୍ତକ୍ଷେପ କରୁଛି, ଯାହା ବ୍ୟକ୍ତିକୁ ତା'ର ଭାବ ଜଗତରୁ ଉର୍ଦ୍ଧ୍ୱକୁ ଉଠାଇଦେବାକୁ ଚେଷ୍ଟା କରେ ନାହିଁ, ତାହାକୁ ମାନିନେବାକୁ ଏ ସମାଜ ବାଧ୍ୟ ନୁହେଁ। ଏ ସମାଜରେ ବାସ କରୁଥିବା ସମସ୍ତ ସାମାଜିକ ପ୍ରାଣୀ ମଧ୍ୟ ଏ ମତବାଦର ବହିର୍ଭୂତ ନୁହଁନ୍ତି। ତେଣୁ ଭାରତ ବର୍ଷର ଇତିହାସରେ ଯେଉଁ ଯେଉଁ ଜାଗାରେ କଳଙ୍କର ଦାଗ ଲାଗିଛି, ତାକୁ ପରିଷ୍କାର କରି କିମ୍ବା ପରିମାର୍ଜିତ କରି ପୁନରାୟ ଯଦି ଶୁଦ୍ଧପୂତ ମନନେଇ ଇତିହାସର ନବାୟନ କରାଯାଏ, ତେବେ ଏ ଜାତି ବିକାଶ ଦିଗରେ ଅଗ୍ରମୁଖୀ ହୋଇପାରିବ। ଆଜିର ସମାଜରେ ପ୍ରତ୍ୟେକ ଦିନ ଖବର କାଗଜ ପୃଷ୍ଠାରେ ଇତିହାସର ସେଇ ଉପେକ୍ଷିତ ଅଧ୍ୟାୟ ଧାରାବାହିକ ଭାବରେ ପ୍ରକାଶ ପାଉଛି। ନିଆଁ ନ ଥିଲେ ଧୂଆଁର ପରିକଳ୍ପନା ଯେପରି ଅସମ୍ଭବ ଠିକ୍ ସେହିପରି ଇତିହାସ କ୍ଷେତ୍ରରେ ଏହିପରି ଗୋଟିଏ ସମସ୍ୟା ନ ଥିଲେ ଆଜି ଏ ପ୍ରଶ୍ନ କାହିଁକି ଉଠିଛି। ଯଦି ଏହି ପ୍ରଶ୍ନ ଆଜି ସମାଜର ଲୋକମାନଙ୍କ ମଧ୍ୟରେ କିମ୍ବା ଐତିହାସିକମାନଙ୍କ ମଧ୍ୟରେ ଗଭୀର ଆଲୋଡ଼ନ ସୃଷ୍ଟି କରିଛି, ତେବେ ଏହାକୁ ପ୍ରମାଣ କରିବା ପାଇଁ ଆମର ସମସ୍ତ ମାର୍ଗ ଉନ୍ମୁକ୍ତ ରହିଛି ବୋଲି କହିବାରେ କିଛି ଭୁଲ୍ ହେବ ନାହିଁ। ନାଟ୍ୟକାର ଏହି ନାଟକରେ ଭାରତବର୍ଷର କଳଙ୍କିତ ଇତିହାସକୁ କିମ୍ବା ଭାରତବର୍ଷର ଇତିହାସରେ ସ୍ଥାନ ପାଇ ନ ଥିବା କେତେକ ସତ୍ୟ ଘଟଣାକୁ ଯଥାର୍ଥ ରୂପ ଦେଇ ଉପଯୁକ୍ତ ଚରିତ୍ର ମାଧ୍ୟମରେ ତାର ସଫଳ ରୂପାୟନ ଘଟାଇଛନ୍ତି। ଏଠାରେ ଏହି ପ୍ରସଙ୍ଗକୁ ପରିବେଷଣ କରିବା ପାଇଁ ସେ ଉଭୟ ଇତିହାସର ପୃଷ୍ଠଭୂମି ଏବଂ ସାଂପ୍ରତିକ ସମୟର ପୃଷ୍ଠଭୂମିରୁ ଚରିତ୍ର ସଂଗ୍ରହ କରିଛନ୍ତି। ସେ ଭବତୋଷ ଚରିତ୍ର ମାଧ୍ୟମରେ ଗତାନୁଗତିକ ଇତିହାସକୁ, ତାହାର ପ୍ରତିନିଧି ଭାବରେ ଗ୍ରହଣ କରିଥିବାବେଳେ ତାର ବିପରୀତ ପକ୍ଷରେ ଭବତୋଷଙ୍କର ତିନିଜଣ ଛାତ୍ର ଏବଂ ଛାତ୍ରୀ ଯଥାକ୍ରମେ ନିଶୀଥ, ଉଦିତ ଓ ରେବା, ଏହି ତିନି ଜଣଙ୍କୁ ଭବତୋଷଙ୍କର ଧାରାବାହିକ ଇତିହାସ ପ୍ରତି ଅଙ୍ଗୁଳି ନିର୍ଦ୍ଦେଶ କରାଇଛନ୍ତି। ନାଟ୍ୟକାର ପ୍ରସଙ୍ଗ କ୍ରମେ ଏହି ଚାରିଜଣଙ୍କର ଇତିହାସ ସମ୍ବନ୍ଧୀୟ କଥୋପକଥନକୁ କେନ୍ଦ୍ର କରି ପୌରାଣିକ ପୃଷ୍ଠଭୂମି ରାମାୟଣର କେତୋଟି ଅଧ୍ୟାୟକୁ ଇଙ୍ଗିତ କରିଛନ୍ତି। ସେ ମୁଖ୍ୟତଃ ରାମାୟଣରେ ରାମ, ଲକ୍ଷ୍ମଣ ଓ ସୀତା ଏହି ତିନୋଟି ଚରିତ୍ର ମଧ୍ୟ ଦେଇ ଇତିହାସର ଉପେକ୍ଷିତ ଦିଗକୁ ଉନ୍ମୋଚନ କରିଛନ୍ତି। ତେଣୁ ପ୍ରଥମେ ସେ ରାମଚନ୍ଦ୍ର ଓ ଲକ୍ଷ୍ମଣଙ୍କ କଥା ଭାଷାକୁ କେନ୍ଦ୍ର କରି ପ୍ରସଙ୍ଗଟିକୁ ଆରମ୍ଭ କରିଛନ୍ତି। ଏହା ପୂର୍ବରୁ ଆଧୁନିକ ସମାଜରୁ ନାଟ୍ୟକାର ଯେଉଁ ତିନି ଜଣଙ୍କୁ ନେଇ ଉପେକ୍ଷିତ ଇତିହାସର ମୁଖା ଖୋଲି ଦେଇଛନ୍ତି ସେମାନେ ସାଂପ୍ରତିକ ସମୟର ଜଣେ ଜଣେ ବିପ୍ଳବୀ ପ୍ରତିନିଧି। ସେମାନଙ୍କର ଇତିହାସ ପ୍ରତି ଥିବା ଧାରଣା ଏଠାରେ ଉଲ୍ଲେଖ କରାଗଲା। "ତିନିଜଣ – ରାମାୟଣ ମହାଭାରତର ଆଦର୍ଶବାଦର ବନ୍ଦୀଶାଳାରେ ଯୁଗ ଯୁଗ ଧରି ବନ୍ଦୀ ହୋଇ ରହିଥିବା ଭାରତୀୟ ମାନଙ୍କ ଭିତରୁ ଆମେ ତିନି ଜଣ ଆଜି ମୁକ୍ତି ପାଇ ଚାଲି ଆସିଛୁ। ଆମକୁ ଯେଉଁ ଦୃଶ୍ୟଗୁଡ଼ିକରେ ଅଭିନୟ କରିବାକୁ ନିର୍ଦ୍ଦେଶ ଦିଆଯାଇଥିଲା ଆମେ ଭୁଲିଯାଇଛୁ। ଆମେ ଯଦି ଭୁଲ୍ କ୍ରମେ କୌଣସି ଦୃଷ୍ଟି କଟୁ ଦୃଶ୍ୟର ଅଭିନୟ କରିପକାଉ ଆମକୁ କ୍ଷମା ଦେବେ।" ନାଟ୍ୟକାର ଏହି ସଂଳାପରେ ଥିବା ସମାଜ ପ୍ରତି

ବ୍ୟଙ୍ଗୋକ୍ତିକୁ ଉଲ୍ଲେଖ କରିଛନ୍ତି। ଏହାପରେ ଏହି ତିନି ଜଣଙ୍କୁ ନାଟ୍ୟକାର ମୁଖ୍ୟତଃ ରାମ, ଲକ୍ଷ୍ମଣ ଓ ସୀତା ଭୂମିକାରେ ଅଭିନୟ କରାଇଛନ୍ତି।

ବର୍ତ୍ତମାନ ନାଟ୍ୟକାର ରାମ ଲକ୍ଷ୍ମଣଙ୍କ କଥା ପ୍ରସଙ୍ଗରେ ଗୋଟିଏ ପରିବର୍ତ୍ତନକୁ ସୂଚାଇ ଦେଇଛନ୍ତି। ରାମାୟଣ ଆମ ଭାରତୀୟ ପରମ୍ପରା ଓ ଆଦର୍ଶର ଗୋଟିଏ ପ୍ରାଚୀନ ଗ୍ରନ୍ଥ। ଯେଉଁ ଗ୍ରନ୍ଥରେ ହିନ୍ଦୁ ଧର୍ମର ମୌଳିକ ପରମ୍ପରା, ଅତୀତର ଗୌରବ ଗାରିମାମୟ ରହସ୍ୟ ଏବଂ ଜୀବନର ବିଭିନ୍ନ ଦିଗ ସମ୍ବନ୍ଧରେ ସୂଚିତ ଅଛି। ଏହିପରି ଗୋଟିଏ ମହାନ ଗ୍ରନ୍ଥରେ ଯେ କିଛି ଉପେକ୍ଷିତ ଦିଗ ଇତିହାସର ପୃଷ୍ଠାମଣ୍ଡନ କରିପାରି ନାହିଁ ତାହା ପରିତାପର ବିଷୟ। ସେହି ଦିଗଗୁଡ଼ିକୁ ଚିହ୍ନଟ କରିବା ପାଇଁ ସେ ପ୍ରୟାସ କରିଛନ୍ତି। ସଂଳାପ ମାଧ୍ୟମରେ ତାହା ଉଲ୍ଲେଖ କରାଗଲା। "ଲକ୍ଷ୍ମଣ - ଆପଣଙ୍କ ଆଦେଶକୁ ମୁଁ ଚିରଦିନ ଶିରୋଧାର୍ଯ୍ୟ କରିଆସିଛି। ଆଜିର ଏ ଆଦେଶ ମୋ ପକ୍ଷରେ ଯେତେ ମର୍ମ ବିଦାରକ ହେଲେ ବି ଅବଜ୍ଞା କରିବାର ସାହସ ମୋର ନାହିଁ। ମୁଁ ଶକ୍ତି ହୀନ। ମୋର କିନ୍ତୁ ମନେ ହୁଏ ମୁଁ ଯେମିତି ମୋର ବିବେକ ବିରୁଦ୍ଧରେ ସବୁ କିଛି କରି ଚାଲିଛି। / ରାମ – ମୋର ଆଦେଶକୁ ତୁମେ ବିବେକ ବିରୋଧୀ ବୋଲି କହିପାରିଲ ? ମୋର ପ୍ରାଣ ପ୍ରତିମ ଅନୁଜ ମୁଖରୁ ଏପରି ମନ୍ତବ୍ୟ ଶୁଣିବି, ଯା ମୁଁ କେବେ ଆଶା କରି ନ ଥିଲି।" ଅତୀତ ଇତିହାସରେ ଘଟିଥିବା ସେହି ରାମାୟଣକୁ ଅବଲୋକନ କଲେ ସେଥିରେ ଶ୍ରୀ ରାମଚନ୍ଦ୍ରଙ୍କର ପ୍ରତିଟି ଉକ୍ତିକୁ କିପରି ସମ୍ମାନ ପ୍ରଦର୍ଶନ କରିଛନ୍ତି ଭ୍ରାତୃପ୍ରେମୀ ଲକ୍ଷ୍ମଣ, ତାହା ବୁଝିହୁଏ। କୌଣସି ପରିସ୍ଥିତିରେ ବି ଅନୁଜ ଲକ୍ଷ୍ମଣ ଭ୍ରାତାଙ୍କର ଉପଦେଶ ନୀତିବାଣୀକୁ ଖଣ୍ଡନ କରିବାକୁ ଭାବି ନାହାଁନ୍ତି। ମାତ୍ର ନାଟ୍ୟକାର ଏହି ପ୍ରସଙ୍ଗରେ ରାମାୟଣ ସ୍ଥିତ ଆଦର୍ଶବୋଧକୁ ସିଧାସଳଖ ପ୍ରକାଶ କରିନାହାଁନ୍ତି ବରଂ ନିଜର ଭାବଜଗତକୁ ପରିବର୍ଦ୍ଧିତ କରି ସମ୍ପ୍ରତିକ ପ୍ରେକ୍ଷାପଟକୁ ଆଦରି ପୁର୍ନବାର ସେହି ରାମାୟଣର କଥା ଭାଗକୁ ତର୍ଜମା କରିଛନ୍ତି। ଫଳରେ ଲକ୍ଷ୍ମଣକୁ ସେ ଭିନ୍ନ ଭାବରେ ଚିତ୍ରଣ କରିଛନ୍ତି। ସେ ତାଙ୍କୁ ଗୋଟିଏ ପରିବର୍ତ୍ତିତ ପରିସ୍ଥିତି ସହ ମିଶାଇ ତାର ସାମ୍ପ୍ରତିକ ମୂଲ୍ୟବୋଧକୁ ସ୍ପଷ୍ଟ କରିଛନ୍ତି। ରାମଚନ୍ଦ୍ରଙ୍କ ପ୍ରତି ଥିବା ତାଙ୍କର ଅଭିଯୋଗ/କ୍ଷୋଭ/ବେଦନାବୋଧକୁ ପ୍ରକାଶ କରିଛନ୍ତି। ତାଙ୍କ ମୁଖରେ ପ୍ରତିବାଦର ଭାଷା ସଂଯୋଗ କରିଛନ୍ତି। ଫଳରେ ରାମଚନ୍ଦ୍ର ଆଶ୍ଚର୍ଯ୍ୟ ହୋଇ ପଡ଼ୁଛନ୍ତି ଲକ୍ଷ୍ମଣଙ୍କର ଏହିପରି ବାକ୍ୟ ଶୁଣି।

ଅନ୍ୟତ୍ର ନାଟ୍ୟକାର ଦେବୀ ସୀତା ଓ ପ୍ରଭୁ ରାମଚନ୍ଦ୍ରଙ୍କ ମୁଖରେ ସଂଳାପ ସଂଯୋଗ କରି କହିଛନ୍ତି। "ରାମ – ଏ ତମ ଠାରୁ ମୁଁ ଆଜି କଣ ଶୁଣୁଛି ସୀତା ? ମୁଁ ଯେ ନିଜକୁ ବିଶ୍ୱାସ କରିପାରୁ ନାହିଁ। ତୁମେ ନାଁ ସେଇ ସୀତା ? ଯିଏ ଅରଣ୍ୟର ସହସ୍ର କ୍ଳେଶକୁ ହସି ହସି ବରଣ କରି ନେଇଥିଲ ? କେବେତ ଶୁଣି ନାହିଁ ମୁଁ ତୁମର ପ୍ରତିବାଦର କଣ୍ଠ ସ୍ୱର ! / ସୀତା – ଏଇଟା ଜଗତର ଏକ ସ୍ୱାଭାବିକ ଧାରା ବୋଲି ବିଶ୍ୱାସ କରିବା ଉଚିତ୍ ଆପଣଙ୍କର ଆତ୍ମ ସମୀକ୍ଷା ପରେ ପ୍ରତିବାଦ ଆସିବ ହିଁ ଆସିବ। ମିଥ୍ୟାକୁ ମୁଁ ଏତେଦିନ ପର୍ଯ୍ୟନ୍ତ ସତ୍ୟ ଭାବରେ ଗ୍ରହଣ କରିଆସିଥିଲି; କିନ୍ତୁ ଆଜି ଅନୁଭବ କରୁଛି ମଣିଷକୁ ଚିରନ୍ତନ ବିଭ୍ରାନ୍ତ କରି ରଖିବାର ଶକ୍ତି ମିଥ୍ୟାର ନାହିଁ।"

ପ୍ରସଙ୍ଗକ୍ରମେ ନାଟକର ଗତିବେଗର କୌଣସି ଏକ ଦୃଶ୍ୟରେ ସୀତାଙ୍କର ବାକ୍ୟ ଶୁଣି ପ୍ରଭୁ ରାମଚନ୍ଦ୍ର ବିସ୍ମିତ ହୋଇ ସୀତାଙ୍କର ଏପରି ବାକ୍ୟର କାରଣ ଜାଣିବା ପାଇଁ ଚେଷ୍ଟା କରିଛନ୍ତି ଏବଂ ବାରମ୍ବାର କହି ଚାଲିଛନ୍ତି ତମେ ସେହି ସୀତା ତ, ଯିଏ ମୋର କୌଣସି ବାକ୍ୟରେ ପ୍ରତିବାଦ ନ କରି ଅଗ୍ନିପରୀକ୍ଷା ଠାରୁ ଆରମ୍ଭ କରି ପ୍ରତ୍ୟେକ କ୍ଷେତ୍ରରେ ସବୁ ସହ୍ୟ କରିଯାଉଥିଲେ। ରାମଚନ୍ଦ୍ରଙ୍କର ଏହି ସବୁ ମନୋଭାବକୁ ସ୍ପଷ୍ଟ କରିବା ପାଇଁ ସୀତା ସାଂପ୍ରତିକ ପ୍ରେକ୍ଷାପଟରୁ ଚିତ୍ରିତ। ନାଟ୍ୟକାର ସୀତା ଚରିତ୍ରଦେଇ ରାମଚନ୍ଦ୍ରଙ୍କର ପୁରାଣ ବର୍ଣ୍ଣିତ ଆଦର୍ଶବୋଧକୁ ବ୍ୟଙ୍ଗ କରି ଗୋଟିଏ ନୂତନ ସମାଜର ସାମାଜିକ ନ୍ୟାୟ ଶୃଙ୍ଖଳାକୁ ପ୍ରତିଷ୍ଠା କରିବାକୁ ପ୍ରୟାସ କରିଛନ୍ତି। ଏହା ସହିତ କହି ଚାଲିଛନ୍ତି ଏହି ମଣିଷ ସମାଜ ଏବଂ ତା'ର ଚତୁଃପାର୍ଶ୍ୱରେ ଥିବା ସମସ୍ତ ଜୀବଜଗତ ଠାରୁ ଆରମ୍ଭ କରି ଉଦ୍ଭିଦଜଗତ ପର୍ଯ୍ୟନ୍ତ ସମସ୍ତ ବିବର୍ତ୍ତନ ଧାରାରେ ଚିର ପ୍ରବହମାନ। ଏହା ହେଉଛି ଗୋଟିଏ ସ୍ୱାଭାବିକ ପ୍ରକ୍ରିୟା, ଯେଉଁଠି ଚଣ୍ଡାଶୋକ ଧର୍ମାଶୋକରେ ବି ରୂପାନ୍ତରିତ ହୋଇପାରେ ଏବଂ କଳାଚାନ୍ଦ ବି କଳାପାହାଡ଼ରେ ହୁଏ ପରିବର୍ତ୍ତିତ। ସେହିପରି ସେଦିନର ପୁରାଣ ବର୍ଣ୍ଣିତ ସୀତା, ଯିଏ ନିଜର ଅନ୍ତର୍ବେଦନାକୁ ପ୍ରକାଶ କରିବାରେ ଅକ୍ଷମ ହୋଇଥିଲା, ଯିଏ ତତ୍କାଳୀନ ଆଦର୍ଶବୋଧକୁ ଜାବୁଡ଼ିଧରି ନିଜର ପ୍ରତିବାଦର ସ୍ୱର ଭୁଲିଯାଇଥିଲା, ଯାହାଙ୍କୁ ବିନା ଦୋଷରେ ଅଗ୍ନି ଭିତରକୁ ପଶିବାକୁ ବାଧ କରାଯାଇଥିଲା। ହୁଏତ ସେ ଆଜି ପରିବର୍ତ୍ତନର ପ୍ରେକ୍ଷାପଟକୁ ଗ୍ରହଣକରି ନିଜ ଭିତରର ସମସ୍ତ ବେଦନାକୁ ଦୂର କରିବାକୁ ପ୍ରୟାସୀ

ହୋଇଛି । ସେ ମଧ୍ୟ ରାଜା ଦଶରଥଙ୍କର ରାମଚନ୍ଦ୍ରଙ୍କ ପ୍ରତି ହୋଇଥିବା ଅନ୍ୟାୟ, ଅତ୍ୟାଚାରକୁ ପ୍ରକାଶ କରିଛନ୍ତି । ସେ ରାମଚନ୍ଦ୍ରଙ୍କୁ ବାରମ୍ବାର ପଚାରି ଚାଲିଛନ୍ତି ପିତାଙ୍କର ଏହିପରି ନିଷ୍ପତ୍ତିରେ ଏବଂ ବନବାସର ଆବଶ୍ୟକତା କିଛି ନଥିଲା ବୋଲି ସେ କହିଛନ୍ତି । ଅନ୍ୟତ୍ର ସେ ବାଳି ଓ ସୁଗ୍ରୀବ ପ୍ରସଙ୍ଗକୁ ନେଇ ରାମଚନ୍ଦ୍ରଙ୍କର ପଦକ୍ଷେପକୁ ବ୍ୟଙ୍ଗ କରିଛନ୍ତି । ଏହି ପ୍ରସଙ୍ଗରେ ସେ ବାଳିଙ୍କୁ କେଉଁ ନ୍ୟାୟରେ ମୃତ୍ୟୁଦଣ୍ଡ ପ୍ରଦାନ କଲେ ତାହା ପଚାରିଛନ୍ତି, ଯେଉଁ ପ୍ରଶ୍ନ ପୁରାଣ ବର୍ଣ୍ଣିତ ସୀତା ରାମଚନ୍ଦ୍ରଙ୍କୁ କରି ନଥିଲେ । ଏହି ପ୍ରଶ୍ନର ଉତ୍ତରରେ ରାମଚନ୍ଦ୍ର କହିଛନ୍ତି, ତାହା ଥିଲା ମୋର କର୍ତ୍ତବ୍ୟ ସାଧନ । ଏଣୁ ମୁଁ କର୍ତ୍ତବ୍ୟ ସାଧନ କରିଥିବାରୁ ଗୌରାବାନ୍ୱିତ ମନେକରୁଛି । ଆପଣ ଯେଉଁ ଗୌରବର କଥା କହୁଛନ୍ତି, ତାହା ଗୌରବ ନୁହେଁ । କେହି କେବେ ନିର୍ଦ୍ଦୋଷର ରକ୍ତରେ ହାତକୁ ରଂଜିତ କରି ଗୌରବାନ୍ୱିତ ହୋଇପାରେନା । ଗୋଟାଏ ଆହତ ପୁରୁଷାକାରକୁ ନେଇ ଗର୍ବକରିବା ଆପଣଙ୍କ ପକ୍ଷରେ ଶୋଭା ପାଏନା । ସେହିପରି ଆପଣ କେଉଁ ନ୍ୟାୟରେ ଶୁଦ୍ରତପୀ ଶମ୍ବୁକର ଶିରଚ୍ଛେଦ କରିଥିଲେ । ଏହିପରି ଅନେକ ପ୍ରଶ୍ନରେ ଭାରାକ୍ରାନ୍ତ ହୋଇ ରାମଚନ୍ଦ୍ର ଆତ୍ମସମୀକ୍ଷା କରିଛନ୍ତି ଏବଂ ସେ ଶୁଦ୍ରତପୀ ଶମ୍ବୁକର ଶିରଚ୍ଛେଦ କରିବାର ମର୍ମନ୍ତୁଦ ଯନ୍ତ୍ରଣା ଅନୁଭବ କରିଛନ୍ତି । ଏହି ପ୍ରସଙ୍ଗରେ ଗୋଟିଏ ସଂଳାପ ଦିଆଯାଇ ପାରେ । "ରାମ – ଆଜି ଯେମିତି ପୁଣି ଥରେ ମୋ ପାଇଁ ଉପସ୍ଥିତ ହୋଇଛି ଏକ ଆତ୍ମସମୀକ୍ଷାର ଦିନ । ଜୀବନ ସାରା ଅନେକ ପୁଣ୍ୟ କର୍ମ କରିବା ଭିତରେ କେତେ ଯେ ଭୁଲ୍ ଭ୍ରାନ୍ତି ଘଟିଯାଇଛି; ଅଥଚ ମୁଁ ତାର ହିସାବ ରଖିନି । ଆଜି ଶୁଦ୍ର ତପସ୍ୱୀ ଘଟଣାର ସ୍ମରଣରେ ମର୍ମନ୍ତୁଦ ଯନ୍ତ୍ରଣା ଅନୁଭବ କରୁଛି ମୁଁ ।"

ଏହିପରି ନାଟ୍ୟକାର ଅତୀତ ଇତିହାସର ପୁରାଣ ପୃଷ୍ଠାରୁ ବିଭିନ୍ନ ଘଟଣାକୁ ଉଦ୍ଧାର କରି ବିଭିନ୍ନ ଚରିତ୍ର ଦେଇ ସାମ୍ପ୍ରତିକ ପ୍ରେକ୍ଷାପଟରେ ବିଭିନ୍ନ ସମସ୍ୟା ସହିତ ଗୋଟିଏ ସମୀକରଣ କରିଛନ୍ତି । ଏହି ସମୀକରଣର ସିଦ୍ଧାନ୍ତରେ ସେ ବର୍ତ୍ତମାନର ସମାଜରେ ଘଟୁଥିବା ଏହିପରି ବିଭିନ୍ନ ଘଟଣା ପ୍ରତି ଲୋକମାନଙ୍କୁ ସଚେତନ କରାଇବାକୁ ପ୍ରୟାସ କରିଛନ୍ତି । ତା' ସହିତ ପୁରାଣର ସେହି ଚରିତ୍ର, ଘଟଣା ଆଦିକୁ ତତ୍‌କାଳୀନ ସମୟର ବନ୍ଧନରେ ଆବଦ୍ଧ ନ କରି ଗୋଟିଏ ସର୍ବକାଳିକ ମୂଲ୍ୟବୋଧ ନିର୍ଣ୍ଣୟ କରିଛନ୍ତି, ଯେଉଁଠି ପୁରାଣ, ଇତିହାସ ଏବଂ କିମ୍ବଦନ୍ତୀର ଚରିତ୍ର, ଘଟଣା ଆଦି ବର୍ତ୍ତମାନର ପ୍ରେକ୍ଷାପଟରେ ବିଚାର୍ଯ୍ୟ ।

## ସହାୟକ ଗ୍ରନ୍ଥସୂଚୀ :


୧. ଦାସ ଡ. ହେମନ୍ତ କୁମାର, ଓଡ଼ିଆ ନାଟକର ଉଦ୍ଭବ ଓ ବିକାଶ, ଫ୍ରେଣ୍ଡ୍ସ୍ ପବ୍ଲିଶର୍ସ, ବିନୋଦ ବିହାରୀ, କଟକ, ୧୯୮୦ ।

୨. ଦାସ ଡ. ହେମନ୍ତ କୁମାର, ଓଡ଼ିଆ ନାଟ୍ୟ ସାହିତ୍ୟର ବିକାଶଧାରା, ଓଡ଼ିଶା ରାଜ୍ୟ ପାଠ୍ୟପୁସ୍ତକ ପ୍ରଣୟନ ଓ ପ୍ରକାଶନ ସଂସ୍ଥା, ପୁସ୍ତକ ଭବନ, ଭୁବନେଶ୍ୱର, ୧୯୮୧ ।

୩. ଦାସ ଡ. ହେମନ୍ତ କୁମାର, ଓଡ଼ିଆ ନାଟକର ଶିଳ୍ପଚେତନା, ତାରାତାରିଣୀ ବୁକ୍ ଷ୍ଟୋର, କଟକ, ୧୯୮୫ ।

୪. ଦାସ ଡ. ହେମନ୍ତ କୁମାର, ଓଡ଼ିଆ ନାଟକର ଐତିହାସିକ ବିବର୍ତ୍ତନ, ଏସ୍. ବି. ପବ୍ଲିକେଶନ, କଟକ, ୨୦୦୩ ।

୫. ଦାସ ଡ. ହେମନ୍ତ କୁମାର, ଓଡ଼ିଆ, ବଙ୍ଗଳା ଓ ହିନ୍ଦୀ ନାଟକରେ ଊନବିଂଶ ଶତକର ସାମାଜିକ ଆନ୍ଦୋଳନର ଚିତ୍ର, ପ୍ରାଚୀସାହିତ୍ୟ ପ୍ରତିଷ୍ଠାନ, ବିନୋଦ ବିହାରୀ, କଟକ, ୨୦୦୭ ।

୬. ଦାସ ହେମନ୍ତ କୁମାର, ଓଡ଼ିଆ ନାଟକର ଉତ୍ତର ଆଧୁନିକ ପର୍ବ, ବିଦ୍ୟାପୁରୀ, ବାଲୁବଜାର, କଟକ, ୨୦୦୮ ।

୭. ହରିଚନ୍ଦନ ଡ. ନୀଳାଦ୍ରି ଭୂଷଣ, ଐତିହାସିକ ନାଟକର ମୂଳସୂତ୍ର, ଫ୍ରେଣ୍ଡ୍ସ୍ ପବ୍ଲିଶର୍ସ, ବିନୋଦ ବିହାରୀ, କଟକ, ୧୯୮୦ ।

୮. ହରିଚନ୍ଦନ ଡ. ନୀଳାଦ୍ରି ଭୂଷଣ, ଓଡ଼ିଆ ନାଟକରେ ଇତିହାସର ପ୍ରତିଧ୍ୱନୀ, ବିଦ୍ୟାପୁରୀ, ବାଲୁବଜାର, କଟକ, ୧୯୮୨ ।


❖ ❖ ❖

DOI : https://doi.org/10.5281/zenodo.19110808 ମୂଳ ପ୍ରବନ୍ଧ

# ଉତ୍ତର ସତୁରୀ ଓଡ଼ିଆ ନାଟକରେ ପାଲାଶୈଳୀ

**ଗୀତାଞ୍ଜଳି ସାହୁ**

**ସଂକ୍ଷିପ୍ତସାର:**

ଉତ୍ତର ସତୁରୀ ପୂର୍ବବର୍ତ୍ତୀ ଓଡ଼ିଆ ନାଟକରେ ନାଟ୍ୟକାରଗଣ ପାଶ୍ଚାତ୍ୟ ନାଟ୍ୟ ଶୈଳୀ ଓ ଜୀବନଦ୍ୱାରା ପ୍ରଭାବିତ ହୋଇ ଓଡ଼ିଆ ନାଟକକୁ ବିଶ୍ୱ ନାଟକ ସହିତ ସମକକ୍ଷ କରିବାର ଲାଳସାରେ ଆପଣାକୁ ଭୁଲି ପାଶ୍ଚାତ୍ୟକୁ ଆପଣାଇଲେ। ନାଟକରେ ପାଶ୍ଚାତ୍ୟ ଜୀବନ ଓ ଦର୍ଶନର ପ୍ରବେଶ କରାଗଲା। ଯାହା ଆମ ଜୀବନ ଓ ସମାଜର ଅଂଶ ନଥିଲା ସେହି ବିଷୟକୁ ନାଟ୍ୟ କାହାଣୀ ଭାବରେ ଦର୍ଶକଙ୍କ ପାଖରେ ପରିବେଷଣ କରାଗଲା। ସଂଗଠିତ ପରୀକ୍ଷା-ନିରୀକ୍ଷା ନାଟକକୁ ବୌଦ୍ଧିକ ସ୍ତରକୁ ନେଇଯିବା ସହ ସାଧାରଣ ଦର୍ଶକଙ୍କର ବୋଧଗମ୍ୟ ହୋଇପାରିଲା ନାହିଁ। ନାଟକ କେବଳ ବୁଦ୍ଧିଜୀବୀଙ୍କ ମହଲରେ ସୀମିତ ରହିଲା ଓ ସାଧାରଣ ଦର୍ଶକ ନାଟ୍ୟ ମଂଚଠାରୁ ଦୂରେଇଗଲେ। ଦର୍ଶକ ଓ ନାଟକ ମଧ୍ୟରେ ଦେଖାଯାଇଥିବା ଏହି ଦୂରତାକୁ କମ୍ କରିବା ପାଇଁ ସତୁରୀ ପରର ନାଟ୍ୟକାରମାନେ ଲୋକନାଟକ, ଲୋକକାହାଣୀ, ଲୋକଗୀତ ଆଦି ଆମ ପାରମ୍ପରିକ ଲୋକ ଉପାଦାନ ଆଣି ଆଧୁନିକ ନାଟକରେ ପ୍ରବେଶ କରାଇବାର ନିଷ୍ପତି ନେଲେ। ଲୋକନାଟକଗୁଡ଼ିକର ସଫଳତା ଏବଂ ଦର୍ଶକଙ୍କ ତା'ପ୍ରତି ଥିବା ରୁଚିକୁ ଦେଖି ପ୍ରାଥମିକ ଅବସ୍ଥାରେ ସେଥିରୁ ଉପାଦାନ ଆଣି ନାଟ୍ୟ କାହାଣୀକୁ ପରିବେଷଣ କଲେ। ବୌଦ୍ଧିକ କଥାବସ୍ତୁକୁ ଯାତ୍ରା, ପାଲା, ଦାସକାଠିଆ ଆଦି ଲୋକ ନାଟକର ଆଙ୍ଗିକ ଓ ଆତ୍ମିକ ଦିଗକୁ ଗ୍ରହଣ କରାଯାଇ ଯେତେବେଳେ ପରିବେଷଣ କରାଗଲା ସେତେବେଳେ ତାହା ଦର୍ଶକଙ୍କ ବୋଧଗମ୍ୟ ହେବା ସହ ତାଙ୍କୁ ମନୋରଞ୍ଜନ ଯୋଗାଇବାରେ ସମର୍ଥ ହେଲା। ଫଳସ୍ୱରୂପ ଓଡ଼ିଆ ନାଟକରେ ସୃଷ୍ଟି ହୋଇଥିବା ଦୁରବସ୍ଥା ଅନେକ ପରିମାଣରେ କମ୍ ହୋଇପାରିଲା। ଆଲୋଚ୍ୟ ନିବନ୍ଧଟି ୧୯୭୦ରୁ ୨୦୧୫ ମସିହା ମଧ୍ୟରେ ମଂଚସ୍ଥ/ପ୍ରକାଶିତ ପ୍ରତିନିଧି ସ୍ଥାନୀୟ ନାଟକକୁ ନେଇ ଆଲୋଚିତ।

**ପ୍ରମୁଖ ଶବ୍ଦାବଳୀ:**

ପାଲା, ଗାୟକ, ବାହାକ, 'ଅରୁଣ ରଙ୍ଗର ପକ୍ଷୀ', 'ଅବତାର', 'ଏଇ ଯେ ସୂର୍ଯ୍ୟ ଉଏଁ', 'ସାମ୍ରାଜ୍ୟ ପତନର ବେଳ', 'ରସବିନୋଦ' ଓ 'ମଙ୍ଗଳ ଅମଙ୍ଗଳ ବିଲ୍ୱମଙ୍ଗଳ'।

**ଆଲୋଚନା:**

ପାଲା ଏକ ବହୁ ଲୋକପ୍ରିୟ ମନୋରଞ୍ଜନଧର୍ମୀ ଲୋକନାଟ୍ୟ। ହିନ୍ଦୁ ଓ ମୁସଲମାନଙ୍କ ମୈତ୍ରୀ ବନ୍ଧନର ଏକ ଅଭିନବ ପ୍ରୟାସ। ଏହାର ଆରାଧ୍ୟ ଦେବତା ହେଉଛନ୍ତି ସତ୍ୟପୀର, ଯେ କି ହିନ୍ଦୁ ଧର୍ମର ସତ୍ୟ/ ସତ୍ୟନାରାୟଣ ଏବଂ ମୁସଲମାନ ଧର୍ମର ପୀର ଉଭୟଙ୍କର ସମନ୍ୱୟରେ ସୃଷ୍ଟ। ଏଥିରେ ଜଣେ

ଏହି ପ୍ରବନ୍ଧକୁ ଅନ୍‌ଲାଇନରେ ପଢିବାପାଇଁ ପ୍ରବେଶ କରନ୍ତୁ

Quick Response Code:

Available online at : https://pracheenews.com/

DOI : https://doi.org/10.5281/zenodo.19110808

Article No - BPP00396

**ଯୋଗାଯୋଗ : ଡକ୍ଟର ଗୀତାଞ୍ଜଳି ସାହୁ,** ଅଧ୍ୟାପିକା,
ଓଡ଼ିଆ ଭାଷା ଓ ସାହିତ୍ୟ ବିଭାଗ,
ମାହିମା ମହାବିଦ୍ୟାଳୟ, ଯୋରନ୍ଦା, ଢେଙ୍କାନାଳ।
**Email:** drgeetanjalisahoo@gmail.com
**ORCID ID:** https://orcid.org/0009-0002-2878-5447

This is an open access journal, and articles are distributed under the terms of the Creative Commons Attribution Non Commercial Share Alike 4.0 License, which allows others to remix, tweak, and build upon the work non commercially, as long as appropriate credit is given and the new creations are licensed under the identical terms.

For reprints contact: *pracheepatrika@rediffmail.com*

| ପ୍ରାପ୍ତି | ସମୀକ୍ଷିତ | ଗୃହୀତ | ପ୍ରକାଶିତ |
|---|---|---|---|
| ୧୫.୧୨.୨୦୨୫ | ୧୬.୦୧.୨୦୨୬ | ୨୭.୦୧.୨୦୨୬ | ୧.୦୩.୨୦୨୬ |

ଏହି ପ୍ରବନ୍ଧକୁ କିପରି ଉଦ୍ଧୃତ କରିବେ : ସାହୁ, ଗୀତାଞ୍ଜଳୀ; ୨୦୨୬। ଉତ୍ତର ସତୁରୀ ଓଡ଼ିଆ ନାଟକରେ ପାଲାଶୈଳୀ । ବାସ୍ତବତାର ପରିପ୍ରକାଶ ପ୍ରାଚୀ। ଭାଗ :୧୧, ସଂଖ୍ୟା : ୦; ପୃଷ୍ଠା : ୩୭-୪୪।

ଗାୟକ ଓ ତିନି ଚାରି ଜଣ ପାଳିଆ ଥାନ୍ତି, ଯେଉଁମାନେ ଗାନ-ବାଦନ-ଅଭିନୟ ମାଧ୍ୟମରେ ବିଭିନ୍ନ ପୌରାଣିକ, ସାମାଜିକ ବିଷୟବସ୍ତୁକୁ ହାସ୍ୟ ରସଦ୍ୱାରା ପରିବେଷଣ କରିଥାନ୍ତି। କାହାଣୀ ଉପସ୍ଥାପନା ସମୟରେ ଯେଉଁ ଚରିତ୍ର ସମ୍ପର୍କରେ ଗାୟକ କହୁଥାଏ ଅନୁରୂପ ଭାବେ ପାଳିଆ ସେହି ଚରିତ୍ରର ବେଶ ହୋଇ ଅଭିନୟ କରିଥାଏ। ଯଦି ସୀତାଙ୍କ ସଂପର୍କରେ କୁହାଯାଉଥାଏ ତାହାହେଲେ ଜଣେ ପାଳିଆ ମୁଣ୍ଡରେ ଓଢ଼ଣା ଦେଇ ଅନୁରୂପ ଅଭିନୟ କରିଥାଏ। ଏଥିରେ ମୃଦଙ୍ଗ, ଝାଞ୍ଜ, ଗିନି ଆଦି ଲୋକବାଦ୍ୟର ବ୍ୟବହାର କରାଯାଏ। ପାଲା ଆରମ୍ଭ ସମୟରେ ଗାୟକ ମଙ୍ଗଳାଚରଣ କରିଥାନ୍ତି ଏବଂ ଏହା ପୂର୍ବରୁ ଦର୍ଶକମାନଙ୍କର ମନକୁ ନାଟ୍ୟକାହାଣୀ ପ୍ରତି ଆକୃଷ୍ଟ କରିବା ପାଇଁ କିଛି ସମୟଧରି ସମୂହ ବାଦ୍ୟ ପରିବେଷଣ କରାଯାଏ। ତା'ପରେ ଗାୟକ ଗୋଟିଏ ନିର୍ଦ୍ଦିଷ୍ଟ ବିଷୟର ଅବତାରଣା କରି ବିଭିନ୍ନ ଉଦ୍ଧୃତି ସାହାଯ୍ୟରେ ଶ୍ରୋତାଙ୍କର ମନୋରଞ୍ଜନ କରିଥାନ୍ତି। ଗାଁ ଦାଣ୍ଡ ବା କୌଣସି ମୁକ୍ତ ପ୍ରାଙ୍ଗଣରେ ଏହା ମଞ୍ଚସ୍ଥ ହୋଇଥାଏ। ତେଣୁ ମନୋରଞ୍ଜନର ଏତେ ସବୁ ଖୋରାକ ମିଳୁଥିବାରୁ ସତୁରୀ ପର ନାଟ୍ୟକାରମାନେ ଉକ୍ତ ଶୈଳୀକୁ ନିଜ ନାଟକରେ ବ୍ୟବହାର କରିଛନ୍ତି।

ଉତ୍ତର ସତୁରୀ ପରବର୍ତ୍ତୀ ଯେଉଁ ସବୁ ନାଟକରେ ପାଲାଶୈଳୀର ପ୍ରୟୋଗ କରାଯାଇଅଛି ସେଗୁଡ଼ିକ ଯଥା- 'ଅରୁଣ ରଙ୍ଗର ପକ୍ଷୀ'/ 'ଅବତାର', 'ଏଇ ଯେ ସୂର୍ଯ୍ୟ ଉଏଁ', 'ମଙ୍ଗଳ ଅମଙ୍ଗଳ ବିଲ୍ୱମଙ୍ଗଳ', 'ସାମ୍ରାଜ୍ୟ ପତନର ବେଳ' ଓ 'ରସବିନୋଦ' ଇତ୍ୟାଦି।

ଓଡ଼ିଆ ନାଟକରେ ପାଲା ଶୈଳୀର ପ୍ରୟୋଗକାର ଭାବରେ ସର୍ବପ୍ରଥମେ ଅସନ୍ତି ନାଟ୍ୟକାର ରତି ରଞ୍ଜନ ମିଶ୍ର। ତାଙ୍କ ନାଟକ 'ଅରୁଣ ରଙ୍ଗର ପକ୍ଷୀ'ରେ ପାଲା ଶୈଳୀରେ ପରିବେଷିତ। ଏହା ସର୍ବପ୍ରଥମେ ୧୯୭୯ ମସିହା ଜୁନ୍ ୨୦ରେ ଜଟଣୀଠାରେ ଅନୁଷ୍ଠିତ ନାଟ୍ୟ ପ୍ରତିଯୋଗିତାରେ ମଞ୍ଚସ୍ଥ ହୋଇଥିଲା। ପରେ ରବୀନ୍ଦ୍ର ମଣ୍ଡପଠାରେ ସେହିବର୍ଷ ଜୁଲାଇ ୧୩ ଓ ୧୭ ତାରିଖରେ ଏବଂ ୧୯୮୦ ମସିହା ଫେବୃୟାରୀ ୨୫ରେ 'ଜାତୀୟ ନାଟକ ବିଦ୍ୟାଳୟ' ଦିଲ୍ଲୀଠାରେ ଅଭିନୀତ। ଏହି ନାଟକ ରଚନା କାଳରେ ନାଟ୍ୟକାର ଓଡ଼ିଆ ନାଟକର ଦୁରବସ୍ଥା ସମ୍ପର୍କରେ ଅବଗତ ଥିଲେ। ଦର୍ଶକଙ୍କର ନାଟ୍ୟମଂଚ ଓ ନାଟକ ପ୍ରତି ଥିବା ଉଦାସିନତାକୁ ଅନୁଭବ କରିଥିଲେ। ତେଣୁ ଦର୍ଶକଙ୍କୁ ନାଟ୍ୟମଞ୍ଚକୁ ଫେରାଇ ଆଣିବା ନିମନ୍ତେ ସେ ଲୋକଶୈଳୀର ପ୍ରୟୋଗ କରିଥିବାର ସ୍ୱୀକାରକରି କୁହନ୍ତି- "xxx ମୁଁ ମୋ ଓଡ଼ିଆ ନାଟକକୁ ଏମିତି ଶୈଳୀରେ ଉପସ୍ଥାପିତ କରିବି ଯାହା ବୋଧଗମ୍ୟ ହେଉଥିବ, ତତ୍କାଳୀନ ଉଭଟ(ବକ୍‌ବାସ୍) ନାଟକ ପରି ଦର୍ଶକ ଓ ନାଟକ ମଝିରେ ପ୍ରାଚୀର ଠିଆ କରଉ ନଥିବ ଓ କେବଳ ଓଡ଼ିଶା ନୁହେଁ, ସର୍ବଭାରତୀୟ ସ୍ତରରେ ଏକ ନୂତନ ନାଟ୍ୟଶୈଳୀର ପରମ୍ପରା ସୃଷ୍ଟି କରୁଥିବ। ସେଥିପାଇଁ ଲୋକନାଟକ, ଲୋକନୃତ୍ୟ ଏବଂ ଗୀତର ଶୈଳୀକୁ ବହୁଳ ଭାବରେ ୧୯୭୦ ମସିହାରେ 'ହଂସ ଶିକାର' ନାଟକରେ ଏବଂ ବର୍ଷେ ଦୁଇବର୍ଷ ପରେ 'ଅରୁଣ ରଙ୍ଗର ପକ୍ଷୀ' ନାଟକରେ ବ୍ୟବହାର କଲି। xxx ମୋର ବିଶ୍ୱାସ ଏ ପ୍ରକାର ଗଠନ ଓ ଉପସ୍ଥାପନ ଶୈଳୀ ଆମ ଦର୍ଶକମାନଙ୍କୁ ନାଟକ ସହିତ ଏକାତ୍ମ କରିଦିଏ ଓ ନାଟକ ସହିତ ଅଧିକ ସଂପୃକ୍ତ ହବାକୁ ଅଗ୍ରହ ବଢ଼େଇଦିଏ।"[୧] ଅନ୍ୟତ୍ର ଆଲୋଚ୍ୟ ନାଟକ ସମ୍ପର୍କରେ ମତଦେଇ ସେ କୁହନ୍ତି - "'ଅରୁଣ ରଙ୍ଗର ପକ୍ଷୀ', ତଥାକଥିତ ପରୀକ୍ଷାମୂଳକ କିମ୍ବା ଅବୋଧ ନାଟକ ନୁହେଁ। ଅଧୁନିକତା ନାଁରେ ବେଶ କିଛିଦିନ ହେଲା ଅନେକ ଓଡ଼ିଆ ନାଟକ ଦର୍ଶକମାନଙ୍କୁ ମଞ୍ଚଠାରୁ ଦୂରେଇ ନବାକୁ ଯେଉଁ ଅପଚେଷ୍ଟା କରୁଥିଲେ, ଏହା ସେମାନଙ୍କ ବିରୁଦ୍ଧରେ ଛୋଟ ସ୍ୱରଟିଏ।"[୨] ଏହି ଦୁଇ ଅଭିମତରୁ ଜଣାଯାଏ ନାଟ୍ୟକାର ସତୁରୀ ଦଶକ ସମୟରେ ନାଟକରେ ଦେଖାଯାଇଥିବା ସମସ୍ୟାକୁ ହୃଦୟଙ୍ଗମ କରିବା ସହିତ ତାହାର ପ୍ରତିକାରର ରାସ୍ତା ମଧ୍ୟ ଆପଣାଇଥିଲେ। ଲୋକନାଟ୍ୟ ଶୈଳୀ ଏବଂ ଲୋକକାହାଣୀ ଶୈଳୀର ପ୍ରୟୋଗକରି ସେ ପ୍ରାୟ ସବୁ ନାଟକଗୁଡ଼ିକ ପରିବେଷଣ କରି ମଂଚ ସଫଳତା ଲାଭ କରିଛନ୍ତି।

'ଅରୁଣ ରଙ୍ଗର ପକ୍ଷୀ' ନାଟକରେ ନାଟ୍ୟକାର ପୁରାଣ, ଇତିହାସ ଓ କିମ୍ବଦନ୍ତୀର ପୁନଃର୍ମୂଲ୍ୟାଙ୍କନ କରି ଏହା ମଧ୍ୟରେ ନାଟ୍ୟ ସମସ୍ୟାକୁ ଦେଖାଇ ଦେବାକୁ ଚେଷ୍ଟା କରିଛନ୍ତି। ନାଟକର ନାୟକ ରଞ୍ଜିତ୍ ଯିଏ କି ଯୁଗଯୁଗ ଧରି ଅତ୍ୟାଚାରିତ ଅବହେଳିତ ହୋଇ ଆସୁଥିବା ଅଭିମନ୍ୟୁ ଓ ଧର୍ମପଦଙ୍କ ଭଳି ଯୁବବର୍ଗଙ୍କ ପ୍ରତିନିଧି। ଯେଉଁମାନେ ନିରନ୍ତର ଚକ୍ରାନ୍ତର ଶିକାର ହୋଇ ନିଜକୁ ତିଳ ତିଳ ଜାଳି ଶେଷରେ ଲିଭି ଯାଆନ୍ତି ସତ, କିନ୍ତୁ ଏମାନଙ୍କର କେବେ ମୃତ୍ୟୁ ହୁଏ ନାହିଁ ବରଂ ଧ୍ୱଂସ ସାଧନ ପାଇଁ ସେ ବାରମ୍ବାର ଜନ୍ମ ନିଅନ୍ତି। ଏହି ଭଳି ଏକ ଯନ୍ତ୍ରଣାତ୍ରସ୍ତ ମଣିଷର କାହାଣୀକୁ ଲୋକନାଟ୍ୟର ପାଲା ଶୈଳୀରେ ପ୍ରକାଶ କରିଛନ୍ତି ନାଟ୍ୟକାର। ନାଟକର ଆରମ୍ଭରେ ନିର୍ଦ୍ଦେଶକ ପାଲାଶୈଳୀରେ ଜଗନ୍ନାଥଙ୍କ ବନ୍ଦନା କରିବାପରେ ଦର୍ଶକଙ୍କୁ ସମ୍ବୋଧନ କରି କହିଛନ୍ତି-

"ଭାଇମାନେ, ଭଉଣୀମାନେ, ନମସ୍କାର // ଭାଇମାନେ, ଭଉଣୀମାନେ, ସଭାଜନମାନେ, ଶୁଣଦେଇ ମନକର୍ଣ୍ଣେ ଶୁଣ ହେ ସୁଜନେ। // କରିବୁ ନୂତନ ଏକ ଖେଳ ପ୍ରଦର୍ଶନ, ଅଜ୍ଞାନ ଅଧମ ଆମେ ନାହିଁ ଦିବ୍ୟଜ୍ଞାନ।// ଆରମ୍ଭ ପୂର୍ବରୁ ଆମ ନୂଆ ଅଭିନୟ, ଏ ମଞ୍ଚ ଉପରୁ ମୁହିଁ କରେ ଅନୁନୟ।"[୩]

ପାଲା ଶୈଳୀରେ ଦର୍ଶକଙ୍କୁ ସମ୍ବୋଧନ କରିସାରିବା ପରେ ନାଟ୍ୟ କାହାଣୀ ସମ୍ପର୍କରେ ସୂଚନା ପ୍ରଦାନ କରିବା ସହ ନାଟକର ମୁଖ୍ୟ ଚରିତ୍ର ରଞ୍ଜିତ ସହ ପରିଚିତ କରାଇ ଦେଇଛନ୍ତି। ରଞ୍ଜିତ୍ ନିଜ ସମ୍ପର୍କରେ କହିବାକୁ ଯାଇ ପୁରାଣର ଚରିତ୍ରମାନଙ୍କର ଉଦାହରଣ ଦେଇଛି। କେଉଁଭଳି ଚନ୍ଦ୍ରଦେବ ଅଭିଶାପ ପାଇ ସତ୍ୟଯୁଗରେ ଅଭିମନ୍ୟୁ, କଳିଯୁଗେ ଧର୍ମପଦ ଓ ରାମ ରାଜ୍ୟେ ରଞ୍ଜିତ ନାମରେ ଜନ୍ମ ହୋଇଛି ତାହା ପାଲା ଶୈଳୀରେ ଉପସ୍ଥାପିତ ହୋଇଛି, ଏହିପରି-

"ଏଇ ସମୟେ ଯାହା ହେଲା କହୁଛି ବଖାଣି//ଶୁଣ ଶୁଣ ସଭାଜନେ ମନ କର୍ଣ୍ଣ ଟାଣି। ଏକଦା ଗାର୍ଗେୟ ଋଷି ଚିନ୍ତିଲେ ମନରେ//ପ୍ରବେଶିବେ ସ୍ୱର୍ଗପୁରେ ଆନନ୍ଦ ରସରେ।xxx କ୍ରୋଧେ ଜଳିଗଲେ ଋଷି ମନ ବିଭ୍ରମିଲା,//ଚିନ୍ତିଲେ ଆରମ୍ଭିବେ ସେ ଅଭିଶାପ ପାଲା।

ଏଥୁଅନ୍ତେ ସଭାଜନେ ଦେଇ ମନକର୍ଣ୍ଣ//ଶୁଣୁଥିବ ଅଭିଶାପ ପାଲାର ଗାୟନ ଶୁଣୁଥିବ ଗାୟନକୁ ହୋଇ ଧୀର ସ୍ଥିର/ /ମନେ ତୁମେ କେବେ ଦୋଷ ନ ଧରିବ ମୋର।"[୪]

ଗାର୍ଗେୟ ଋଷି ଅଭିଶାପ ଦେବାପରେ ଚନ୍ଦ୍ର ଦେବ ବିଷ୍ଣୁଙ୍କୁ ପ୍ରାର୍ଥନା କରିଛନ୍ତି। ବିଷ୍ଣୁ ଅଭିଶାପରୁ ରକ୍ଷା ପାଇବା ପାଇଁ ଉପାୟ କହିଛନ୍ତି ଯାହା ପାଲାଶୈଳୀରେ ଉପସ୍ଥାପିତ ହୋଇଛି, ଏହିପରି-

"XXX ବିଷ୍ଣୁ ବତାଇଲେ ପଥ // ହେଉ ଏକ ଅମାବାସ୍ୟା ଅନ୍ଧକାର ରାତ୍ର ଏକ ରାତ୍ର ମର୍ତ୍ତ୍ୟପୁରେ ଷୋଡ଼ଶ ବରଷ//କରୁ ଚନ୍ଦ୍ର ଲୀଳା ସେଠି ଫେଡ଼ିଣ ଆକାଶ।

ଏଥୁ ଅନ୍ତେ ଯାହା ହେଲା ଶୁଣ ସଭାଜନ //ବଡ଼ ଆଚମ୍ବିତ କଥା ଆମରି ପୁରାଣ ଶୁଣିଲେ ପୁରାଣ କର୍ଣ୍ଣ ପବିତ୍ର ହୋଇବ// ବଞ୍ଚିବ ସତୁରୀ ବର୍ଷ ଧର୍ମ ଆଚରିବ।"[୫]

ଏହିଭଳି ସମ୍ପୂର୍ଣ୍ଣ ନାଟ୍ୟକାହାଣୀ ପାଲା ଶୈଳୀରେ ଉପସ୍ଥାପନ କରାଯାଇ ସତ୍ୟ, ଧର୍ମ ଓ ନ୍ୟାୟର ରାସ୍ତାରେ ଚାଲୁଥିବା ବ୍ୟକ୍ତି କେଉଁଭଳି ଯୁଗ ଯୁଗ ଧରି ଅତ୍ୟାଚାର ଓ ଶୋଷଣର ଶିକାର ହୁଏ, ସମାଜର ବଡ଼ପଣ୍ଡାମାନଙ୍କ ଚକ୍ରାନ୍ତରେ ନିସ୍ୱ ହୋଇଯାଏ, ତାହା ଦର୍ଶକଙ୍କୁ ଦେଖାଇ ଦେବାପାଇଁ ଚେଷ୍ଟା କରାଯାଇଛି। ଅବଶ୍ୟ 'ଅରୁଣ ରଙ୍ଗର ପକ୍ଷୀ'କୁ 'ଅବତାର'(୧୯୮୬) ନାମରେ ଯେତେବେଳେ ନୂତନ ରୂପରେ ଦର୍ଶକଙ୍କ ସମ୍ମୁଖକୁ ଅଣାଯାଇଛି ସେତେବେଳେ ଏହି ଶୈଳୀର ପ୍ରୟୋଗ ପୂର୍ଣ୍ଣରୂପେ କରାଯାଇଛି। ନାଟକର ଆରମ୍ଭରୁ ନେଇ ଶେଷ ପର୍ଯ୍ୟନ୍ତ ପାଲା ଭଳି ମଂଚରେ ନାଟ୍ୟ ଚରିତ୍ରମାନଙ୍କର ଅବସ୍ଥାନ, ବାଦକ, ଗାହାଣ/ଗାୟକ ଓ ପାଳିଆ ଆଦି ଚରିତ୍ରମାନଙ୍କର ନାଟ୍ୟ କାହାଣୀକୁ ଆଗେଇନେବା ଓ ପାଲା ଭଳି ସଂଳାପର ପ୍ରୟୋଗ ଯାହା 'ଅରୁଣ ରଙ୍ଗର ପକ୍ଷୀ'ରେ କରାଯାଇ ନଥିଲା 'ଅବତାର'ରେ ଏହା ସଫଳତାର ସହ ସଂଯୋଜିତ ହୋଇଛି। ତେଣୁ ଏହା ପ୍ରତ୍ୟୟ ହେଉଅଛି ଯେ ପାଲାର ଲୋକପ୍ରିୟତା ସମ୍ପର୍କରେ ନାଟ୍ୟକାର ଅବଗତ ଥିଲେ ତେଣୁ ସଚେତନ ଭାବେ ପୁନଶ୍ଚ ଏହି ଶୈଳୀର ପ୍ରୟୋଗ କରି ଓଡ଼ିଆ ନାଟକରେ ଦେଖାଯାଇଥିବା ସେ ସମୟର ଦୁରବସ୍ଥାକୁ ଅନେକ ପରିମାଣରେ ଦୂରେଇ ପାରିଛନ୍ତି।

ଉକ୍ତ ସମୟର ଜଣେ ସ୍ୱନାମଧନ୍ୟ ନାଟ୍ୟକାର ବିଜୟ କୁମାର ଶତପଥୀ ମଧ୍ୟ ତାଙ୍କ ନାଟକ 'ଏଇ ଯେ ସୂର୍ଯ୍ୟ ଉଏଁ'(୧୯୮୫) ଓ 'ମଙ୍ଗଳ ଅମଙ୍ଗଳ ବିଲ୍ୱମଙ୍ଗଳ' (୧୯୯୫)ରେ ଏହି ଶୈଳୀର ପ୍ରୟୋଗ କରିଛନ୍ତି। 'ଏଇ ଯେ ସୂର୍ଯ୍ୟ ଉଏଁ' ନାଟକର ଅଙ୍ଗିକରେ ଏହାର ପ୍ରୟୋଗ ହୋଇଛି। ୧୯୮୩ ମସିହାରେ ରଚିତ ନାଟକଟି ବୀରକିଶୋର ମହାବିଦ୍ୟାଳୟ ନାଟ୍ୟ ସଂସଦ ପକ୍ଷରୁ ୧୯୮୫ ମସିହା ଫେବୃଆରୀ ୩ ତାରିଖରେ ପ୍ରଥମେ ମଞ୍ଚସ୍ଥ ହୁଏ। ପୁନଶ୍ଚ ୧୯୯୦, ୧୯୯୨ ଏବଂ ୨୦୦୩ ମସିହାରେ ଯଥାକ୍ରମେ କଟକ, ନୟାଗଡ଼ କଲେଜ ଏବଂ ଧର୍ମଶାଳା ମହାବିଦ୍ୟାଳୟର ରୌପ୍ୟ ଜୟନ୍ତୀରେ ମଞ୍ଚସ୍ଥ ହେବାର ସୌଭାଗ୍ୟ ଲାଭ କରେ। ୧୯୮୯ ମସିହାରେ ଏହା ଓଡ଼ିଶା ସାହିତ୍ୟ ଏକାଡ଼େମୀଦ୍ୱାରା ପୁରସ୍କୃତ ହୋଇ ୧୯୯୧ ମସିହାରେ ଡ. ମଞ୍ଜୁ ମୋଦିଙ୍କ ଦ୍ୱାରା ହିନ୍ଦୀ ଭାଷାରେ ଅନୁଦିତ ହେବାର ଗୌରବ ମଧ୍ୟ ଲାଭ କରେ। ବାରମ୍ବାର ମଞ୍ଚସ୍ଥ ଏବଂ ଅନ୍ୟ ଭାଷାରେ ଅନୁଦିତ ହେବା ନାଟକର ଲୋକପ୍ରିୟତା ଓ ସଫଳତାକୁ ଦର୍ଶାଏ।

ନାଟକ ଦୁଇଟି ପର୍ବ ଓ ନାଟ୍ୟମଂଚ ଦୁଇଟି ଜୋନରେ ବିଭକ୍ତ। ପ୍ରଥମ ପର୍ବ କର୍ଣ୍ଣପୁରର ରାଜା ବୀରାଦିତ୍ୟଙ୍କ ଅତ୍ୟାଚାରୀ ରାଜ୍ୟ ଶାସନ, ତାଙ୍କ ଅତ୍ୟାଚାରରେ ଶିକାର ହୋଇଥିବା ଶ୍ରୀକଣ୍ଠ

ଓ ମାଳବିକାଙ୍କ ସଂଗ୍ରାମ ଜନିତ ମୃତ୍ୟୁ ଏବଂ ଅତ୍ୟାଚାରରେ ଅତିଷ୍ଠ ପ୍ରଜାଙ୍କର ସାଧୁଚରଣ ନେତୃତ୍ୱରେ ରାଜାଙ୍କ ବିରୋଧରେ ଆନ୍ଦୋଳନ ବିଷୟ ଉପସ୍ଥାପିତ ହୋଇଥିବାବେଳେ ଦ୍ୱିତୀୟ ପର୍ବରେ ସେହି ସମାନ ପରିବେଶର ଆଧୁନିକ ରୂପାୟଣ ହୋଇଛି। ଦ୍ୱିତୀୟ ପର୍ବରେ ରାଜା ବୀରାଦିତ୍ୟ ରୂପାନ୍ତରିତ ହୋଇଯାଇଛି କିରଣପୁରର ହତ୍ୟାକାରୀ ଶିଳ୍ପପତି ଆଦିତ୍ୟ ପ୍ରତାପରେ, ସଂଗ୍ରାମୀ ସାଧୁଚରଣ ରୂପାନ୍ତରିତ ହୋଇଛି ଲାଭଖୋର ମନୋଭାବ ପୋଷଣ କରୁଥିବା ଭଣ୍ଡ ନେତା ବିଧାୟକ ରୂପରେ। ଶ୍ରୀକଣ୍ଠ ଓ ମାଳବିକା ଯଥାକ୍ରମେ କଣ୍ଠଦାସ ଓ ମାଳତୀରେ ରୂପାନ୍ତରିତ ହୋଇଥିଲେ ମଧ୍ୟ ସେମାନଙ୍କ ସ୍ଥିତିରେ କୌଣସି ପରିବର୍ତ୍ତନ ହୋଇନାହିଁ, ପୂର୍ବର ରାଜା ଶାସନ ଭଳି ସମାନ ଅତ୍ୟାଚାରର ଶିକାର ହୋଇଛନ୍ତି। ରାଜାଙ୍କ ପାରିଷଦମାନେ ସେମିତି ଚାଟୁକାରର କାର୍ଯ୍ୟ ସଂପାଦନ କରିଛନ୍ତି। ସାଧୁଚରଣ ଚରିତ୍ର ବ୍ୟତୀତ ଏଥିରେ ଅନ୍ୟ ଚରିତ୍ରମାନଙ୍କର ପୋଷାକ ବଦଳିଛି କେବଳ, କିନ୍ତୁ ଚରିତ୍ରର ବ୍ୟକ୍ତିତ୍ୱର କୌଣସି ପରିବର୍ତ୍ତନ ଘଟି ନାହିଁ।

ନାଟକ ଦୁଇଟି ଭିନ୍ନ ପରିବେଶରେ ଅଭିନୀତ ହୋଇଥିଲେ ମଧ୍ୟ ଘଟଣା ଓ ପରିସ୍ଥିତି ସମାନ। ରାଜା ଶାସନ ଚାଲୁଥିବା ସମୟରେ ଯେଉଁଭଳି ବ୍ୟଭିଚାର, ଅନୀତି ବସା ବାନ୍ଧି ଥିଲା ଗଣତନ୍ତ୍ର ଶାସନ ଚାଲିଲା ପରେ ମଧ୍ୟ ସେଥିରେ କୌଣସି ପରିବର୍ତ୍ତନ ହୋଇ ନାହିଁ। ନାଟକର ଆରମ୍ଭରେ ପାଲା ନାଟକ ଭଳି ପାଳିଆମାନେ ଖୋଳ ଓ କରତାଳ ବଜେଇ ପ୍ରବେଶ କରିଛନ୍ତି। ଏମାନେ ମୁଖ୍ୟ କାହାଣୀ ଉପସ୍ଥାପନ ପୂର୍ବରୁ ହାସ୍ୟରସ ପରିବେଷଣ ନିମିତ୍ତ ଏକ ଅଭିନୟ କରିଛନ୍ତି। ଏହାପରେ ଶ୍ରୀପାଳିଆ ଆସି ଦର୍ଶକଙ୍କ ଉଦ୍ଦେଶ୍ୟରେ ଆଜି ପାଲାନୁଷ୍ଠାନର ପ୍ରଥମ ଦିନ କହି ନୃତ୍ୟ ଭଙ୍ଗୀ ସହ ମା ସାରଳାଙ୍କୁ ସ୍ତୁତି କରିଛି। ପରେ ଗାୟକ ଆସି ଆଶୀର୍ବାଦାତ୍ମକ ଶ୍ଳୋକ ଗାନ କରିବା ସହ, ବିଷୟ ପ୍ରବେଶ ପୂର୍ବକ ସୂଚନା ପ୍ରଦାନ କରି କହିଛି– "xxx ରାଜା ବୀରାଦିତ୍ୟଙ୍କ ପ୍ରସଙ୍ଗ ଆଜିର ପାଲାରେ ଆମର ଆଲୋଚ୍ୟ ବିଷୟ। ସେହି ରାଜା ବୀରାଦିତ୍ୟଙ୍କର ମନମୁଖୀ ଶାସନର କୁପରିଣାମ ରାଜ୍ୟବାସୀ କିପରି ଭୋଗ କରୁଥିଲେ ତାହା ଆମେ ଏଠି ବର୍ଣ୍ଣନା କରିବା। (ପୁଣି ଗାଇଲେ–)

କର୍ଣ୍ଣପୁର ରାଜ୍ୟେ ରାଜା ବୀରାଦିତ୍ୟ କରୁଥିଲେ ରାଜାପଣ
ମନ୍ତ୍ରୀଥିଲେ ତାଙ୍କ ଚଣ୍ଡାଦିତ୍ୟ ବୀର ଅସମ୍ଭବ ଶକ୍ତିମାନ।

ରାଜାଙ୍କ ଶାସନେ ପ୍ରଜାଗଣ ସର୍ବେ ତ୍ରାହି ତ୍ରାହି ଡାକୁଥିଲେ
ରାଜଦରବାରେ କାନକୁହା ଦଳ ରାଜା ମନ ତୋଷୁଥିଲେ।
ହତ୍ୟା ବ୍ୟଭିଚାର, ଦୁର୍ନୀତି, ଅନୀତି ବ୍ୟାପିଥିଲା ରାଜ୍ୟସାରା
ରାଜକର୍ମଚାରୀ ଧରି ବୁଲୁଥିଲେ ତୋଷାମଦର ପସରା।"[୬]

ଗାୟକ ଗୀତ ଆକାରରେ କଥାବସ୍ତୁକୁ ପରିବେଷଣ କଲାବେଳେ ପାଳିଆମାନେ ଖୋଳ ଓ କରତାଳି ବଜାଇ ପାଳି ଧରି ଗାଉଥିଲେ। ସେହିଭଳି ଦ୍ୱିତୀୟ ପର୍ବରେ ମଧ୍ୟ ଗାୟକ ବିଷୟ ପ୍ରବେଶ କରାଇଛନ୍ତି ପାଲାଶୈଳୀରେ, ଏହିପରି–

"ଗାୟକ– (ଦର୍ଶକମାନଙ୍କୁ) ଭାଇ ଓ ଭଉଣୀମାନେ। କିରଣପୁରର ଜଘନ୍ୟ ହତ୍ୟାକାଣ୍ଡ। ଜଣେ ବିଶିଷ୍ଟ ଶିଳ୍ପପତି ଓ ଜଣେ ବିଶିଷ୍ଟ ନେତା ଆଉ ତାଙ୍କର ସହକର୍ମୀମାନଙ୍କର କାମ ଲାଳସାର ଶିକାର ହୋଇ ନିରିମାଖୀ ମାଳତୀ ଯେଉଁପରି ନିର୍ଯ୍ୟାତନା ସହି ମୃତ୍ୟୁ ବରଣ କଲା ତାହା ଆପଣମାନେ ମନଦେଇ ଶୁଣନ୍ତୁ।

ଆସି ହେଲା କଳି କାଳ ହୋ ଆସିହେଲା କଳିକାଳ
ସୁଜନମାନେ ତ ରସାତଳ ଗଲେ ଦୁର୍ଜନ ହେଲେ ପ୍ରବଳ।

ଆଉ ନାହିଁ ନ୍ୟାୟ ନୀତି ଗୋ ଆଉ ନାହିଁ ନ୍ୟାୟ ନୀତି
ଚଉଦିଗେ ଖାଲି ବ୍ୟାପି ଯାଇଅଛି ଅଧର୍ମ ପାପ ଅନୀତି।

କିରଣ ପୁରର ଘଟଣା ଶୁଣ ଗୋ ସାବଧାନେ ଦେଇ ମତି
ରକ୍ଷକମାନେ ତ ଭକ୍ଷକ ସାଜିଲେ କାହାର ଧରିବ ଛାତି।"[୭]

ଏହିଭଳି ଭାବରେ ନାଟକକୁ ପାଲାଶୈଳୀରେ ପରିବେଷଣ କରି ନାଟ୍ୟକାର ଦର୍ଶକଙ୍କର ମନ ଜିଣିବାରେ ସଫଳତା ଲାଭ କରିପାରିଛନ୍ତି।

ନାଟ୍ୟକାର ଶତପଥୀଙ୍କ 'ମଙ୍ଗଳ ଅମଙ୍ଗଳ ବିଲ୍ୱମଙ୍ଗଳ'ରେ ମାତ୍ର ଦୁଇଥର ପାଲା ଶୈଳୀର ପ୍ରୟୋଗ କରାଯାଇଛି। ସୂତ୍ରଧାର ନଟନଟୀଙ୍କୁ ବିଳମ୍ବ ନକରି ନାଟକ ପରିବେଷଣ କରିବାକୁ କହିବା ପରେ ନଟ ଓ ନଟୀ ପାଲା ଶୈଳୀରେ ବିଷୟ ଉପସ୍ଥାପନା କରିଛନ୍ତି। ନଟ ପାଲା ସ୍ୱରରେ ଗୀତ ଗାଇ ବିଷୟ ଆରମ୍ଭ କରିଛି ଓ ନଟୀ ତା'ପର ପଦ ପାଳି ଧରିଛି, ଏହିପରି–

"ସାଧୁ ଜନେ ହୋ ସାଧୁ ଜନେ // ସାଧୁ ଜନେ ହୋ ସାଧୁ ଜନେ
କାନ ଡ଼େରି ଶୁଣୁଥାଅ ହରି କଥାକୁ // ହରି କଥାକୁ... ହରି କଥାକୁ
ନିସ୍ତରିବ ତୁମେ ଶୁଣି ଘୋର ପାତକୁ // ଘୋର ପାତକୁ... ହରି କଥାକୁ।

(ନଟ କିଛି ସମୟ ରହିଗଲା ଓ ବର୍ଣ୍ଣନାତ୍ମକ ଭଙ୍ଗୀରେ

ସ୍ୱରଲହର ଦେଇ କଥା ଆରମ୍ଭ କଲା ।) ଏଥିଅନ୍ତେ ବିଲ୍ୱମଙ୍ଗଳ ନବବଧୂ ଚିନ୍ତାମଣିକୁ ନେଇ ତାର ସ୍ୱାମୀ ସନାତନଙ୍କ ଘରେ ପହଞ୍ଚିଲେ । କ୍ଷମାପାର୍ଥନା ବି କଲେ ତାଙ୍କ ସ୍ୱାମୀଙ୍କ ନିକଟରେ ନିଜ ଅପକର୍ମ ପାଇଁ । ସେମାନଙ୍କ ଦାମ୍ପତ୍ୟ ଜୀବନର ସୁଖମୟ ଭବିଷ୍ୟତ କାମନା କଲେ । କିନ୍ତୁ ବିଧିର ବିଧାନ ହେଲା ଅଲଗା । ସନାତନ ଆଉ ତାଙ୍କ ପତ୍ନୀଙ୍କୁ ଗ୍ରହଣ କଲେ ନାହିଁ ।"[୮]

ପୁନଶ୍ଚ ବିଲ୍ୱମଙ୍ଗଳ ସାଧବର ପତ୍ନୀ ସୁଚେତା ପ୍ରତି ଆକୃଷ୍ଟ ହୋଇ ନିଜକୁ ଦୋଷୀ ମନେ କରି ନିଜ ଆଖି ଫୋଡ଼ି ଅନ୍ଧ ହୋଇଗଲାପରେ ମଞ୍ଚକୁ ନଟନଟୀ ଆସିଛନ୍ତି ଓ ପାଲା ସ୍ୱରରେ ଗୀତ ଗାଇ କାହାଣୀକୁ ଆଗେଇ ନେଇଛନ୍ତି, ଏହିପରି-

"ନଟ- ଶୁଣୁଥିବ ସାଧୁଜନେ ଦେଇ ମନ କର୍ଣ୍ଣ ହୋ
ଦେଇ ମନ କର୍ଣ୍ଣ...
ବିଲ୍ୱମଙ୍ଗଳ ଚରିତ କର୍ଣ୍ଣ ରସାୟନ ହୋ
କର୍ଣ୍ଣ ରସାୟନ ।

ନଟୀ- ଏହିପରି କିଛିଦିନ ବିତିଗଲା ଜାଣ ହୋ
ବିତିଗଲା ଜାଣ ।
ଅନ୍ଧ ଆଖି ନେଇ ବୁଲେ କାନ୍ତାର କାନନ ହୋ
କାନ୍ତାର କାନନ । xxx"[୯]

ପାଲା ଶୈଳୀର ସଫଳ ପ୍ରୟୋଗ ନାଟ୍ୟକାର ବିଜୟ ଶତପଥୀ ହିଁ କରିଛନ୍ତି । ତାଙ୍କ ନାଟକ କେବଳ ଦେଖିଲେ ହିଁ ଆନନ୍ଦ ମିଳୁଛି ତାହା ନୁହେଁ, ପାଠକଲାବେଳେ ପାଠକଙ୍କୁ ମଧ୍ୟ ମନୋରଞ୍ଜନ ଯୋଗାଉଛି । ତେଣୁ ଜଣେ ପାଲା ଶୈଳୀର ସଫଳ ପ୍ରୟୋଗକାର ଭାବେ ଓଡ଼ିଆ ନାଟ୍ୟ ଜଗତରେ ସେ ଚିର ସ୍ମରଣୀୟ ହୋଇ ରହିବେ ।

ପାଲା ଶୈଳୀର ପ୍ରୟୋଗକାର ଭାବରେ ଅନ୍ୟଜଣେ ସଫଳ ନାଟ୍ୟକାର ହେଉଛନ୍ତି ନାଟ୍ୟକାର ଶଙ୍କର ପ୍ରସାଦ ତ୍ରିପାଠୀ । ତାଙ୍କ 'ସାମ୍ରାଜ୍ୟ ପତନର ବେଳ' ଓ 'ରସବିନୋଦ'ରେ ଏହି ଶୈଳୀର ପ୍ରୟୋଗ କରାଯାଇଅଛି । 'ସାମ୍ରାଜ୍ୟ ପତନର ବେଳ' ନାଟକରେ ପାଲାଶୈଳୀରେ ବାଲିଆପାଳଠାରେ ପ୍ରତିଷ୍ଠିତ ହେବାକୁ ଯାଉଥିବା କ୍ଷେପଣାସ୍ତ୍ର ଘାଟିକୁ ନେଇ ସୃଷ୍ଟି ହୋଇଥିବା ବିଭିନ୍ନ ସମସ୍ୟା ପରିବେଷିତ । ଏହି ନାଟକଟି ନାଟ୍ୟକାରଙ୍କୁ ଅନେକ ସଫଳତା ପ୍ରଦାନ କରିଥିଲା । ଯାହାର ଉଦାହରଣ ବାଲେଶ୍ୱରଠାରେ ନାଟକଟି ମଞ୍ଚସ୍ଥ ହେଉଥିବା ସମୟରେ ମୁକ୍ତ ରଙ୍ଗମଞ୍ଚରେ ପାଞ୍ଚହଜାର ଦର୍ଶକ ଏହାକୁ ଦେଖି, ନାଟକର ସଂଳାପ ସହ ସମତାଳ ରଖି ସ୍ଲୋଗାନ୍ ଦେବା ଏବଂ ପରିସ୍ଥିତିକୁ ସମ୍ଭାଳିବା ପାଇଁ ପୋଲିସ୍‌କୁ ୧୪୪ ଧାରା ଜାରିକରି ଅଭିନେତାମାନଙ୍କୁ ସେ ସ୍ଥାନ ଛାଡ଼ି ଚାଲିଯିବାକୁ ନିର୍ଦ୍ଦେଶ ଦେବାରୁ ଜଣାଯାଏ ।

ନାଟକର ଆରମ୍ଭରେ ଘୋଷକ ୫ ଜଣ ପାଲାବାଲା ପରି ପୋଷାକ ପରିଧାନ କରି ପାଲାର ପାଳିଆମାନଙ୍କ ପରି ନାଟ୍ୟ କଥାବସ୍ତୁକୁ ଉପସ୍ଥାପନ କରିଛନ୍ତି । ସେମାନେ ଯଥାକ୍ରମେ ନେତା, ଅଭିନେତା, ବକ୍ତା, ଜ୍ୱାଇଁ, ଶ୍ୱଶୁର, ପୁରୋହିତ, ଗାଁ ବାଲା, ଦୁଇ ଦଳର ମୁଖିଆ, ଅବଧାନ, ଛାତ୍ର, ଅନ୍ଧ ଭିକାରୀ, ବାଜାବାଲା, ଏନ୍.ସି.ସି ପିଲା, ଏମ.ଏଲ.ଏ, ପିଅନ, ମୋହରୀ, ଦରୱାନ ଇତ୍ୟାଦି ଭୂମିକାରେ ଅଭିନୟ କରି ନାଟ୍ୟ କାହାଣୀକୁ ଆଗେଇ ନେଇଛନ୍ତି ଠିକ୍ ପାଲା ଶୈଳୀରେ । ମଞ୍ଚ ଆଲୋକିତ ହେବା ପରେ ଘୋଷକ ପାଞ୍ଚ ଜଣ ପାରମ୍ପରିକ ଶୈଳୀରେ ନିଜର ପରିଚୟ ପ୍ରଦାନକରି କହିଛନ୍ତି- "ଶୁଣନ୍ତୁ ସଭାଜନେ, ଶୁଣନ୍ତୁ ବିଜ୍ଞଜନେ । ଅଧମ, ଉତ୍ତମ, ପାପୀ, ନରାଧମ ଯେତେଛନ୍ତି ଜନସାଧାରଣ, ଶୁଣ-ଶୁଣ-ଶୁଣ, ଆମ୍ଭେ କରୁଛୁ ଆମନ୍ତ୍ରଣ, ଆବାହନ, ସଂସ୍ଥାପନ, ସନ୍ନିଧାନ, ସକଳି କରଣ । ଏଥୁ ଅନ୍ତେ ଆମ୍ଭ ନାଟ ହେବ ପରିବେଷଣ ।

୧ମ,୨ୟ- (ପାଲାସ୍ୱରରେ) ଜନ୍ମରୁ ନାଟ ତାମସା ବେଉଷା ଆମ୍ଭର । ଦ୍ୱାରେ ଦ୍ୱାରେ ବୁଲି ଯାତ କରୁଛୁ ପ୍ରଚାର ।

୩ୟ- ସଭାଜନେ ଆମ୍ଭେମାନେ ଏ ନାଟକର ଚରିତ୍ର ନୋହୁଁ । ଗଲୁ ଅଇଲୁ, ଯାହା ଦେଖିଲୁ, ସେଇଆ କହିଲୁ । ତେଣୁ ଆମକୁ ଚରିତ୍ର ବୋଲି ଭାବି ଭ୍ରମ କରିବେ ନାହିଁ ।

୪ର୍ଥ- ଆମେ ନେତା, ଆମେ ବକ୍ତା, ଆମେ ଅଭିନେତା, ଯେଉଁଆଡ଼େ ପବନ ବହେ, ସେଇଆଡ଼େ ଆମ ଛତା ।

୨ୟ,୩ୟ- ଆମେ ଡାଲମା, ପରିବା, ଭଜାରେ ଅଛୁ, ସନ୍ତୁଳାରେ ଅଛୁ, ଝୋଳରେ ଅଛୁ ।

୧ମ,୫ମ- କେତେବେଳେ ଆମେ କୋଉ ରୂପ ଧରୁ, ତାହା ନାଟକର ସ୍ଥାନ, କାଳ, ପାତ୍ର ଜାଣେ ।

ସମସ୍ତେ- ତେଣୁ ସଭାଜନେ, ପୁଣିଥରେ ସମସ୍ତଙ୍କୁ ପ୍ରଣାମ

ଜଣାଇ ଆମ୍ଭେ ନାଟ ପରିବେଷଣ କଲୁ।"[୧୦]

ଏହାପରେ କବି ଚରିତ୍ରରେ ଅଭିନୟ କରୁଥିବା ଅଭିନେତାଟି ପାଲାର ଗାୟକଙ୍କ ଭଳି ନାଟକର ବିଭିନ୍ନ ଘଟଣାକୁ ବର୍ଣ୍ଣନା କରିଛି ଓ ୫ ଜଣ ଘୋଷକ ସେହି ସେହି ଘଟଣାର ବିଭିନ୍ନ ଚରିତ୍ରରେ ଅଭିନୟ କରିଛନ୍ତି। କବି ଗାଁର ଭୌଗୋଳିକ ପରିବେଶ ବର୍ଣ୍ଣନା କରିସାରିବା ପରେ ପଧାନପଡ଼ାର ବାସିନ୍ଦା ଭାବେ ଘୋଷକମାନେ କିଏ ହାତରେ ଆଳତି ଧରି, କିଏ ଘଣ୍ଟ ବଜାଇ, ତ କିଏ ମା' ବସନ୍ତେଇ ଭାବେ ଅଭିନୟ କରି ପୂଜା ଅର୍ଚ୍ଚନା କରିଛନ୍ତି, ଏହିପରି-

"୨ୟ,୩ୟ- ଯା ଦେବୀ ସର୍ବଭୂତେଷୁ ମାତୃରୂପେଣ ସଂସ୍ଥିତା

ନମସ୍ତସୈ, ନମସ୍ତସୈ, ନମସ୍ତସୈ ନମୋଃ ନମୋଃ

୧ମ – (କାଳେସୀ ଲାଗିବାର ଅଭିନୟ କଲା)

ମୁଁ କାଳୀ, ମୁଁ କରାଳୀ, ମୁଁ ନରମୁଣ୍ଡମାଳୀ- ମୁଁ ଖାଇବି, ମତେ ପଣାଦେ, ମତେ ପୂଜାଦେ, ମତେ ନୈବେଦ୍ୟଦେ।

୨ୟ – ମାଆ ବସନ୍ତେଇ, ଏ ଅଜ୍ଞାନ ବାଳୁତମାନଙ୍କୁ ଘଣ୍ଟଘୋଡ଼େଇ ରଖିଥା।

୩ୟ – ତୋର ଯଶବାନା ଅହରହ ଉଡୁଥାଉଲୋ ମାଆ।

୧ମ – ଖାଇବି, ଖାଇବି।"[୧୧]

ଏହିଭଳି ଭାବରେ ପାଞ୍ଚ ଜଣ ଘୋଷକ ଓ କବି ପାଲା ଶୈଳୀରେ ସମ୍ପୂର୍ଣ୍ଣ ନାଟ୍ୟ କାହାଣୀକୁ ପରିବେଷଣ କରିଛନ୍ତି।

ନାଟକ 'ରସ ବିନୋଦ'ରେ କେବଳ ପାଲା ନୁହେଁ ବରଂ ଦାସକାଠିଆ, ରାସ ଓ କୀର୍ତ୍ତନ ଆଦି ମିଶ୍ର ଲୋକନାଟ୍ୟ ଶୈଳୀକୁ ଗ୍ରହଣ କରାଯାଇଛି। ଏହା ପୁରୀର ଅନ୍ନପୂର୍ଣ୍ଣା ରଙ୍ଗମଞ୍ଚ, ରାଉରକେଲାର ସିଭିକ୍ ସେଣ୍ଟର, ଢେଙ୍କାନାଳ ଓ ବ୍ରହ୍ମପୁରଠାରେ ମଞ୍ଚସ୍ଥ ହୋଇ ଅନେକ ସଫଳତା ଅର୍ଜନ କରିଛି। ଏହି ନାଟକଟି ବାଦଲ ସରକାରଙ୍କ ତୃତୀୟ ନାଟ୍ୟ କିମ୍ବା ଜର୍ମାନର ପ୍ରଖ୍ୟାତ ନାଟ୍ୟକାର Bertolt Brechtଙ୍କର ଏପିକ୍ ଥିଏଟର ପଦ୍ଧତିରେ ରଚିତ ଓ ବ୍ରେକ୍‌ଟିଆନ୍ ଶୈଳୀର ଥିଓରୀ ଅଫ୍ ଆଲିଏନେସନ୍‌ର ପ୍ରୟୋଗ ହୋଇଛି ବୋଲି ସମାଲୋଚକମାନେ ମତ ଦିଅନ୍ତି। ମାତ୍ର ନାଟ୍ୟକାରଙ୍କ ମତରେ- "ଏପିକ୍ ବା ମହାକାବ୍ୟ ବାଦର ଧାରା ପାଶ୍ଚାତ୍ୟ ସଂସ୍କୃତି ପାଇଁ ନୂତନ ହୋଇପାରେ; ମାତ୍ର ଭାରତୀୟମାନଙ୍କ ଲାଗି ଏହା ଏକ ବହୁ ପରିଚିତ ଧାରା। ମହାକାବ୍ୟ ସହ ଆମର ସଂପର୍କ ସଂସ୍କୃତ ସାହିତ୍ୟରୁ। ତେଣୁ ଏହି ପରମ୍ପରାର ପୃଷ୍ଠଭୂମିରେ ମୁଁ ଏକ ଭାରତୀୟ ନାଟକ ଲେଖିବାର ପ୍ରୟାସ କରିଛି। ବିଚ୍ଛିନ୍ନତାବୋଧ (ଥିଓରୀ ଅଫ୍ ଆଲିଏନେସନ୍) ନିଶ୍ଚିତ ଭାବେ ବ୍ରେକ୍‌ଟଙ୍କଠାରୁ ଆରମ୍ଭ ହୋଇଛି। ମାତ୍ର ଇଂରେଜୀ ନାଟକରେ ଏହାର ଯେଉଁଭଳି ଭାବେ ପ୍ରୟୋଗ ହୋଇଛି 'ରସ ବିନୋଦ'ର ଧାରା ତା'ଠାରୁ ସମ୍ପୂର୍ଣ୍ଣ ପୃଥକ। ବରଂ ଲୋକଗୀତ ଓ ଲୋକ ସଂସ୍କୃତିରୁ ମୁଁ ଏହାର ଉପାଦାନ ସବୁ ସଂଗ୍ରହ କରିଛି।"[୧୨] ନାଟ୍ୟକାରଙ୍କର ଏହି ସ୍ୱୋକ୍ତି ପାଶ୍ଚାତ୍ୟ ନାଟ୍ୟ ଶୈଳୀର ଗୁରୁତ୍ୱକୁ ହ୍ରାସକରି ପାରମ୍ପରିକ ଲୋକଶୈଳୀ ପ୍ରୟୋଗର ଧାରାକୁ ଓଡ଼ିଶି ନାଟ୍ୟମାନସରେ ସୁଦୃଢ଼ କରିବାରେ ସାହାଯ୍ୟ କରିଛି।

କଂସ ହେଉଛି ଏକ ରୁଗ୍‌ଣ ମାନସିକତା। କଂସ ପାପ ଓ ଅସତ୍ୟର ପ୍ରତୀକ। କଂସର ମୃତ୍ୟୁ ନାହିଁ। ଯୁଗ ଯୁଗ ଧରି ସେ ବଞ୍ଚିଛି ମଣିଷର ଈର୍ଷା ଓ ସ୍ୱାର୍ଥପରତାରେ। ତାକୁ ନାଶ କରିବା ପାଇଁ କୃଷ୍ଣଙ୍କୁ ଯେ ସବୁବେଳେ ଜନ୍ମ ନେବାକୁ ହେବ ଓ ହିଂସାର ପଥ ବାଛିବାକୁ ହେବ ତାହା ନୁହେଁ। ବରଂ କଂସକୁ ବା କଂସ ରୂପୀ ମାନସିକତାକୁ ନାସ କରିବା ପାଇଁ ଅହିଂସା, ପ୍ରେମ ଓ ମୈତ୍ରୀର ପଥକୁ ଗ୍ରହଣ କରିବାକୁ ପଡ଼ିବ; ଏହିଭଳି ଏକ ବାର୍ତ୍ତା ଦେବା ପାଇଁ ନାଟ୍ୟକାର ବିଷ୍ଣୁଙ୍କର କୃଷ୍ଣଙ୍କ ରୂପରେ ଜନ୍ମ ନେବା ଓ କଂସକୁ ବଧ କରିବା ଏହି କୃଷ୍ଣଲୀଳା ବିଷୟକ କାହାଣୀକୁ ଉକ୍ତ ନାଟକରେ ପାଲା ଶୈଳୀରେ ପରିବେଷଣ କରିଛନ୍ତି । ଏଥିରେ ପୌରାଣିକ କାହାଣୀ ଆଢୁଆଳରେ ସାମ୍ପ୍ରତିକ ଘଟଣାକୁ ଉପସ୍ଥାପନ କରାଯାଇଅଛି। କୌଣସି ଦୃଶ୍ୟ ବା ଅଙ୍କର ବିଭାଜନ ନହୋଇ ମୁକ୍ତ ମଞ୍ଚରେ ଏହି ନାଟକଟି ଅଭିନୀତ। ମଞ୍ଚଟି ରାସମଣ୍ଡପ ଭଳି ସଜାଯାଇଛି। ପାଲା ଭଳି ନାଟକର ସମସ୍ତ ଚରିତ୍ର ବା ଅଭିନେତା, ଅଭିନେତ୍ରୀ ଏବଂ ସଙ୍ଗୀତ ଶିଳ୍ପୀମାନେ ଆରମ୍ଭରୁ ଶେଷ ପର୍ଯ୍ୟନ୍ତ ମଞ୍ଚରେ ରହିଛନ୍ତି। ଅଭିନେତ୍ରୀମାନେ ଓଡ଼ିଶୀ ପୋଷାକ ଓ ଅଭିନେତାମାନେ ପାଲାବାଲାଙ୍କ ପୋଷାକ ପରିଧାନ କରିଛନ୍ତି। ମଞ୍ଚରେ ଆଲୋକ ଆସିବା ପରେ ସଂଗୀତ ଶିଳ୍ପୀମାନେ ପ୍ରଥମେ ଇଷ୍ଟଦେବଙ୍କୁ ବନ୍ଦନା କରି ମଙ୍ଗଳାଚରଣ କରିବା ପରେ ସମସ୍ତ ଅଭିନେତା, ଅଭିନେତ୍ରୀ ଗୀତ ମାଧ୍ୟମରେ କୃଷ୍ଣଙ୍କୁ ସ୍ତୁତି କରିସାରିବା ପରେ ପୁନଶ୍ଚ ନିଜ ସ୍ଥାନରେ ଯାଇ ବସିଛନ୍ତି। ଏହା ପରେ ରାସ ଶୈଳୀରେ ନଟ ଓ ନଟୀମାନେ ଆସି ଗୀତ ଗାଇ ନାଟକର କାହାଣୀ କେଉଁ ସମୟର ରାସ, ସେ ସମ୍ପର୍କରେ ସୂଚନା ଦେବାପରେ

ପାଲାର ଗାୟକ ଭଳି ସୂତ୍ରଧାର ଆସି ନାଟକର ବିଷୟ ପ୍ରବେଶ ପୂର୍ବକ କଂସର ଦୌରାତ୍ମ୍ୟ ଓ ମଥୁରାରେ ତା'ର ପ୍ରକୋପ ସଂପର୍କରେ ଦର୍ଶକମାନଙ୍କୁ ଜଣାଇଛି। ପରେ ଅଭିନେତା ଦୁଇ ଜଣ ଆସି ପ୍ରତ୍ୟକ୍ଷଦର୍ଶୀ ଭାବେ ମଥୁରା ରାଜ୍ୟରେ କେଉଁଭଳି କଂସର ଅତ୍ୟାଚାରରେ ଅତିଷ୍ଠ ଜନତା ନିଜର ସୁରକ୍ଷା ପାଇଁ ଈଶ୍ୱରଙ୍କୁ ପ୍ରାର୍ଥନା କରୁଛନ୍ତି, ସେ ସଂପର୍କରେ ବିବରଣୀ ଦେଇଛି। ପୁନଶ୍ଚ ସୂତ୍ରଧାର ଆସି ବିଷ୍ଣୁ କିପରି ନିଜ ଭକ୍ତମାନଙ୍କର ଆକୁଳ ଚିତ୍କାର ଶୁଣି ଚିନ୍ତିତ ହୋଇଛନ୍ତି ତାହା ବର୍ଣ୍ଣନା କରିଛି। ସୂତ୍ରଧାର ସହ ଦୁଇ ଅଭିନେତା ମିଶି ଗୀତ ଗାଇ ବିଷ୍ଣୁଙ୍କୁ ପ୍ରାର୍ଥନା କରିଛନ୍ତି। ପାଲାରେ ଗାୟକ ଓ ପାଳିଆଙ୍କ ବିଷୟ ଉପସ୍ଥାପନ ଭଳି ଏହି ଦୃଶ୍ୟଟି ପରିବେଷଣ କରାଯାଇଛି, ଏହିପରି-

"ସୂତ୍ରଧାର- ପ୍ରାଣୀଙ୍କର ବିକଳ ପ୍ରାର୍ଥନା ଶୁଣନ୍ତେ, ବିଷ୍ଣୁଙ୍କର ଆସନ ଟଳମଳ ହେଲା। ତ୍ରିପୁର ସ୍ତବ୍ଧ ହେଲା। ପଶୁପକ୍ଷୀ ସ୍ଥାବର ଜଙ୍ଗମ ଅପଲକ ନେତ୍ରରେ ବିମୂଢ଼ ହେଲେ। ସାଗର କମ୍ପନ ଜାତ ହେଲା। ସମସ୍ତେ ଆର୍ତ୍ତ ସ୍ୱରରେ ଗାଇଲେ।

୧ମ/୨ୟ- କମଳ ରମଣ, ହେ କମଳାନନ / ଆକୁଳେ କରୁଛୁ ନିବେଦନ

କ୍ଷୀର ସିନ୍ଧୁ ଜେମା, ହୃଦୟ ଚନ୍ଦ୍ରମା / ଚରଣେ ଦୟିନୀ କଲୁ ଘେନ

ବିଶ୍ୱ ଅଧାର ହେ / କଳୁଷ ବିନାଶି ରଖ ଧର୍ମ।୧।

x x x

ଆତଙ୍କିତ ପ୍ରାଣେ ଜଣାଣ କରୁଛୁ / ରଖ ହରି ନେତ୍ର ଫେଡ଼ିବାରେ

ନାଶ ଯିବ ମହୀ / ତୁମ୍ଭ ବିନା କେହି ସାହା ନାହିଁ।୨।"[୧୩]

ପୁନଶ୍ଚ ସୂତ୍ରଧାର ପାଲାର ଗାୟକଙ୍କ ଭଳି ବିଷୟକୁ ଗଦ୍ୟରେ ବୁଝାଇ କହିଛି- "ବିପଦରେ ପଡ଼ିଲେ, ଭଗବାନଙ୍କୁ ଡାକନ୍ତି। ସମ୍ପଦରେ ଥିଲାବେଳେ ପ୍ରାଣୀ, ଧନ ଗର୍ବରେ ଧରାକୁ ସରା ଜ୍ଞାନ କରେ। ଐଶ୍ୱର୍ଯ୍ୟ କୋଳରେ ରହି ସବୁ ଭୁଲିଯାଏ। ଦେବତାମାନଙ୍କର ଅବସ୍ଥା କ'ଣ ହେଲା, ଦେଖିଲେ ତ ? ରାଜ୍ୟ ଗଲା, ଧନ ଗଲା, କ୍ଷମତା ଗଲା। ବର୍ତ୍ତମାନ ସେମାନେ ଦାଣ୍ଡର ଭିକାରି। xxx ଯମୁନାର ଗୋଟିଏ ପାର୍ଶ୍ୱର କାହାଣୀ ତ ଦେଖିଲେ। ଅପର ପାର୍ଶ୍ୱରେ ଗୋପପୁରୀ। ବ୍ରଜବାସୀମାନଙ୍କର ସତ୍ୟ, ନିଷ୍ପାପର ଜୀବନ ଭିତରେ ବ୍ୟାପିଗଲା ସେଇ ଅନାଗତ ସୂର୍ଯ୍ୟର ଆସିବା ସମ୍ବାଦ। ମୁହୂର୍ତ୍ତ ଲାଗି ସମସ୍ତେ ବିହ୍ୱଳିତ ହୋଇଗଲେ। ନିତିଦିନର ଜୀବନ ଯାତ୍ରା ଆହୁରି ମୁଖରିତ ହୋଇ ଉଠିଲା।"[୧୪] କଂସ ନିଜ ଭଉଣୀକୁ ବନ୍ଦୀ କରିବା, ଜଣ ଜଣ କରି ତାଙ୍କର ସାତଟି ସନ୍ତାନଙ୍କୁ ହତ୍ୟା କରିବା, ବିଷ୍ଣୁ ଦେବକୀଙ୍କ ସ୍ୱପ୍ନରେ ଆସି ତାଙ୍କ କୋଳରେ ପୁତ୍ର ରୂପରେ ଜନ୍ମ ନେବାକୁ ପ୍ରତିଶ୍ରୁତି ଦେବା, କୃଷ୍ଣଙ୍କ ଜନ୍ମ ପରେ ବସୁଦେବ ତାଙ୍କୁ ନେଇ ନନ୍ଦ ଓ ଯଶୋଦାଙ୍କ ଘରେ ଛାଡ଼ିବା, କୃଷ୍ଣ ଗୋପରେ ବଢ଼ିବା ଓ କଂସର ଚକ୍ରାନ୍ତରେ ମଥୁରାକୁ ଆସି ନିଜ ମା, ବାପାଙ୍କ ସହ ଭେଟ ହେବା, କଂସକୁ ବଧ କରିବା ପାଇଁ ମାତାଙ୍କୁ କଥା ଦେବା, ଆଦି ଗୋପ ଓ ମଥୁରାର ରାସଲୀଳା/ କୃଷ୍ଣଲୀଳା ପ୍ରସଙ୍ଗ ସୂତ୍ରଧାରଦ୍ୱାରା ପାଲା, ରାସ ଓ କୀର୍ତ୍ତନର ମିଶ୍ରିତ ଶୈଳୀରେ ଉପସ୍ଥାପିତ ହୋଇଛି।

## ଉପସଂହାର :

ଓଡ଼ିଆ ନାଟକରେ ପରୀକ୍ଷା-ନିରୀକ୍ଷାର ଧାରାକୁ ଅବଲୋକନ କଲେ ଜଣାଯାଏ ଯେ ଏହି ଧାରାର ଅବସାନ କେବେ ହୋଇ ନାହିଁ ବରଂ ଦର୍ଶକଙ୍କର ରୁଚିକୁ ଦୃଷ୍ଟିରେ ରଖି ନୂତନକୁ ସର୍ବଦା ପ୍ରଶ୍ରୟ ଦିଆଯାଇଛି। ତେବେ ପାରମ୍ପରିକ ଲୋକନାଟ୍ୟ ଶୈଳୀର ପ୍ରୟୋଗ ମଧ୍ୟ ଏହି ପରୀକ୍ଷା ଧାରାର ଏକ ଅଂଶବିଶେଷ। ଉତ୍ତର ସତୁରୀ ନାଟକରେ ପାଲା ଶୈଳୀର ପ୍ରୟୋଗକୁ ବିଚାରକୁ ନେଲେ ଆମେ ନିଦ୍ୱନ୍ଦରେ ଏହା ସ୍ୱୀକାର କରିପାରିବା ଯେ ଏହି ଶୈଳୀର ପ୍ରୟୋଗ ସ୍ୱଳ୍ପ ନାଟକରେ ହୋଇଥିଲେ ମଧ୍ୟ ନାଟକକୁ ସଫଳତା ପ୍ରଦାନ କରିବାରେ ଏହା ପଛାଇ ନାହିଁ। ମଂଚ, ଚରିତ୍ର, ବାଦ୍ୟ, ସଙ୍ଗୀତ, ସଂଳାପ ଓ କାହାଣୀ ସଂରଚନାରେ ପାଲାର ଶୈଳୀକୁ ସଫଳତାର ସହ ନାଟ୍ୟକାରମାନେ ପ୍ରୟୋଗ କରିଛନ୍ତି। ଯେଉଁ ଉଦ୍ଦେଶ୍ୟ ନେଇ ଏହି ଶୈଳୀର ପ୍ରୟୋଗ କରାଯାଇଥିଲା, ନାଟକଗୁଡ଼ିକ ବାରମ୍ବାର ମଂଚସ୍ଥ ହେବା ସେହି ସଫଳତାର ପ୍ରମାଣ।

## ସଂକେତ ସୂଚୀ :


୧. ମିଶ୍ର, ରତି, ସଂ ମିନତି ମିଶ୍ର। ରତି ମିଶ୍ରଙ୍କ ରଚନା ସମଗ୍ର (୨ୟ ଭାଗ)। ୧ମ ସଂସ୍କରଣ, ଆର୍ଯ୍ୟ ପ୍ରକାଶନ, ବାଦାମବାଡ଼ି, କଟକ, ୨୦୧୨, ପୃ. ୬-୭।

୨. ତତ୍ରୈବ, ପୃ. ୨୧।

୩. ତତ୍ରୈବ, ପୃ. ୨୩।

୪. ତତ୍ରୈବ, ପୃ. ୩୦-୩୨।

୫. ତତ୍ରୈବ, ପୃ. ୪୦।

୬. ଶତପଥୀ, ବିଜୟ କୁମାର। ସୋସିଆଲ୍ ଟ୍ରାଜେଡ଼ିର ତିନୋଟି ନାଟକ। ୧ମ ସଂସ୍କରଣ, ଅଗ୍ରଦୂତ, ବାଙ୍କାବଜାର, କଟକ, ୨୦୦୯, ପୃ. ୨୦-୨୧।

୭. ତତ୍ରୈବ, ପୃ. ୪୧-୪୨।

୮. ଶତପଥୀ, ବିଜୟ କୁମାର। ମଙ୍ଗଳ ଅମଙ୍ଗଳ ବିଲ୍ୱମଙ୍ଗଳ। ୧ମ ସଂସ୍କରଣ, ଅଗ୍ରଦୂତ, ବାଙ୍କାବଜାର, କଟକ, ୨୦୧୧, ପୃ. ୨୧-୨୨।

୯. ତତ୍ରୈବ, ପୃ. ୩୯।

୧୦. ତ୍ରିପାଠୀ, ଶଙ୍କର। ସାମ୍ରାଜ୍ୟ ପତନର ବେଳ। ୧ମ ପ୍ରକାଶ, ଓଡ଼ିଶା ବୁକ୍ ଷ୍ଟୋର, ବିନୋଦ ବିହାରୀ, କଟକ, ୧୯୯୫, ପୃ. ୧-୨।

୧୧. ତତ୍ରୈବ, ପୃ. ୨-୩।

୧୨. ତ୍ରିପାଠୀ, ଶଙ୍କର। ରସ ବିନୋଦ। କଟକ ଷ୍ଟୁଡ଼େଣ୍ଟସ୍ ଷ୍ଟୋର। ୧ମ ସଂସ୍କରଣ, ବାଲୁବଜାର, କଟକ, ଶ୍ରୀଗୁଣ୍ଡିଚା, ୨୦୦୫, ପୃ. ୩(ପୂର୍ବାଭାସ)।

୧୩. ତତ୍ରୈବ, ପୃ. ୧୨।

୧୪. ତତ୍ରୈବ, ପୃ. ୧୨-୧୩।

## ସହାୟକ ଗ୍ରନ୍ଥସୂଚୀ :

**୧.** ଦାଶ, ଧୀରେନ। ଓଡ଼ିଶାର ପାଲା। ୨ୟ ମୁଦ୍ରଣ, ଓଡ଼ିଶା ସାହିତ୍ୟ ଏକାଡ଼େମୀ, ଭୁବନେଶ୍ୱର, ୨୦୦୯।

୨. ଦାସ, ଡ. ହେମନ୍ତ କୁମାର। ଓଡ଼ିଆ ଲୋକ ନାଟକ। ୧ମ ସଂସ୍କରଣ, ଗ୍ରନ୍ଥମନ୍ଦିର, କଟକ, ୧୯୮୩।

୩. ପଟ୍ଟନାୟକ, କଇଳାଶ। ଲଳିତ ପାଲା। ୧ମ ପ୍ରକାଶ, ଓଡ଼ିଶା ସାହିତ୍ୟ ଏକାଡ଼େମୀ, ଭୁବନେଶ୍ୱର, ୨୦୦୯।

୪. ପାଣିଗ୍ରାହୀ, ପ୍ରଫେସର କୁମୁଦ ରଞ୍ଜନ। ଲୋକଧାରା, ଲୋସଂସ୍କୃତି ଓ ଲୋକସାହିତ୍ୟ। ୨ୟ ସଂସ୍କରଣ, ଫ୍ରେଣ୍ଡସ୍ ପବ୍ଲିଶର୍ସ, କଟକ, ୨୦୧୯।

୫. ମିଶ୍ର, ଡ. ଅଜୟ କୁମାର। ଓଡ଼ିଆ ଲୋକସାହିତ୍ୟ ଓ ଲୋକସଂସ୍କୃତି। ୨ୟ ସଂସ୍କରଣ, ବିଜୟିନୀ ପବ୍ଲିକେଶନ୍ସ, କଟକ, ୨୦୧୭।

୬. ମିଶ୍ର, ମିନତି। ରତି ମିଶ୍ରଙ୍କ ନାଟ୍ୟ-ପରିଧି ଓ ଜୀବନ-ବୃତ୍ତ। ୧ମ ସଂସ୍କରଣ, ଆର୍ଯ୍ୟ ପ୍ରକାଶନ, କଟକ, ୨୦୧୪।

୭. ସାମନ୍ତରାୟ, ଡ. ରମାକାନ୍ତ। ଅଶୀ ପରର ଓଡ଼ିଆ ନାଟକ। ୧ମ ସଂସ୍କରଣ, ଡ. ରମାକାନ୍ତ ସାମନ୍ତରାୟ, ୨୦୧୦।

୮. ସାହୁ, ପ୍ରଫେସର ନାରାୟଣ। ସ୍ୱାଧୀନତୋତ୍ତର ଓଡ଼ିଆ ନାଟକ ଓ ଅନ୍ୟ ପ୍ରସଙ୍ଗ। ୧ମ ସଂସ୍କରଣ, ସତ୍ୟନାରାୟଣ ବୁକ୍ ଷ୍ଟୋର, କଟକ, ୨୦୧୭।

❖ ❖ ❖

DOI : https://doi.org/10.5281/zenodo.19110872 ମୂଳ ପ୍ରବନ୍ଧ

# ଆସ୍ଥାର ପଥେ: ଓଡ଼ିଶାର ପବିତ୍ର ପର୍ଯ୍ୟଟନସ୍ଥଳୀ

**ସୁଲଗ୍ନା ମହାନ୍ତି**

## ସଂକ୍ଷିପ୍ତସାର:

ଓଡ଼ିଶାର ଅସ୍ମିତା ଏକ ବିଶାଳ ବଟବୃକ୍ଷ ସଦୃଶ, ଯାହାର ଚେର ଧର୍ମରେ ନିହିତ, ଶାଖାପ୍ରଶାଖା ସଂସ୍କୃତିରେ ବିସ୍ତାରିତ ଏବଂ ଏହାର ପତ୍ରର ମର୍ମର ଶବ୍ଦ ହେଉଛି ସାହିତ୍ୟ, ଯାହାକୁ ଅନୁଭବ କରିବା ପାଇଁ ପର୍ଯ୍ୟଟନ ଏକ ମାଧ୍ୟମ ସାଜିଛି। ଏହି ଚାରୋଟି ଉପାଦାନର ସମନ୍ୱୟରେ ଓଡ଼ିଆ ଜାତି ବିଶ୍ୱ ଦରବାରରେ ଏକ ସ୍ୱତନ୍ତ୍ର ପରିଚୟ ସୃଷ୍ଟି କରିପାରିଛି। ଓଡ଼ିଶାର ଧର୍ମ କେବଳ ମନ୍ଦିରର ଚାରିକାନ୍ଥ ଭିତରେ ଆବଦ୍ଧ ନୁହେଁ, ବରଂ ଏହା ଏଠାକାର ସାଧାରଣ ଜୀବନଧାରାର ଏକ ଅବିଚ୍ଛେଦ ଅଂଶ। ଶ୍ରୀଜଗନ୍ନାଥ ସଂସ୍କୃତି ହେଉଛି ଏହାର ପ୍ରାଣବିନ୍ଦୁ, ଯେଉଁଠି ଆଦିବାସୀ ଶବର ସଂସ୍କୃତି ଓ ଆର୍ଯ୍ୟ ବ୍ରାହ୍ମଣ ଧର୍ମର ଅପୂର୍ବ ମିଳନ ଘଟିଛି। 'ବସୁଧୈବ କୁଟୁମ୍ବକମ୍' ଏବଂ 'ସର୍ବେ ଭବନ୍ତୁ ସୁଖୀନଃ'ର ବାର୍ତ୍ତା ଏଠାକାର ପ୍ରତିଟି ପର୍ବପର୍ବାଣିରେ ପ୍ରତିଫଳିତ। ସେହିପରି ଓଡ଼ିଶାର ସାହିତ୍ୟ ଏହାର ମାଟି ଓ ଧର୍ମ ଦ୍ୱାରା ଅତି ଗଭୀର ଭାବେ ପରିପୁଷ୍ଟ। ଆଦିକବି ସାରଳା ଦାସଙ୍କ 'ମହାଭାରତ'ଠାରୁ ଆରମ୍ଭ କରି ପଞ୍ଚସଖାଙ୍କ 'ଭକ୍ତି ସାହିତ୍ୟ' ଏବଂ ଆଧୁନିକ କବିମାନଙ୍କର ଲେଖନୀରେ ଓଡ଼ିଶାର ପାହାଡ଼, ପର୍ବତ ଓ ନଦୀ କେବଳ ଭୌଗୋଳିକ ସତ୍ତା ନୁହଁନ୍ତି, ବରଂ ଏହା ସାହିତ୍ୟିକ ଚରିତ୍ର ଭାବେ ଉଭା ହୋଇଛନ୍ତି। ଓଡ଼ିଶାର ପର୍ଯ୍ୟଟନସ୍ଥଳୀଗୁଡ଼ିକ ପ୍ରକୃତରେ 'ପଥରରେ ଲେଖା ହୋଇଥିବା କାବ୍ୟ'। କୋଣାର୍କର ସୂର୍ଯ୍ୟମନ୍ଦିର ଏହାର ଅପୂର୍ବ କାରୁକାର୍ଯ୍ୟ ମାଧ୍ୟମରେ ସେ ସମୟର ଉନ୍ନତ୍ତ ସ୍ଥାପତ୍ୟ ଶିଳ୍ପ ଓ ସାହିତ୍ୟିକ ଚେତନାର ପ୍ରମାଣ ଦିଏ। ପୁରୀ, ଭୁବନେଶ୍ୱର, ଯାଜପୁର ପରି ପବିତ୍ର ପୀଠଗୁଡ଼ିକ ଧାର୍ମିକ ପର୍ଯ୍ୟଟନର କେନ୍ଦ୍ରବିନ୍ଦୁ ହୋଇଥିବା ବେଳେ ଚିଲିକା ଓ ଶିମିଳିପାଳ ପରି ପ୍ରାକୃତିକ କ୍ଷେତ୍ରଗୁଡ଼ିକ ପର୍ଯ୍ୟଟକଙ୍କୁ ବିମୋହିତ କରେ। ସଂକ୍ଷେପରେ କହିବାକୁ ଗଲେ, ଓଡ଼ିଶାର ଧର୍ମ ଆମକୁ ବିଶ୍ୱାସ ଶିଖାଏ, ସଂସ୍କୃତି ଆମକୁ ଶୃଙ୍ଖଳିତ କରେ, ସାହିତ୍ୟ ଆମର ଭାବନାକୁ ଭାଷା ଦିଏ ଏବଂ ପର୍ଯ୍ୟଟନ ଏହି ସମସ୍ତ ଅନୁଭବକୁ ଏକାଠି କରିବାର ସୁଯୋଗ ଦିଏ। ଏହି ଚାରୋଟି ଉପାଦାନର ସମ୍ମିଶ୍ରଣରେ ଓଡ଼ିଶା କେବଳ ଏକ ଭୌଗୋଳିକ ରାଜ୍ୟ ନୁହେଁ, ବରଂ ଏକ ଜୀବନ୍ତ ଆଧ୍ୟାତ୍ମିକ ଅନୁଭୂତି।

## ପ୍ରମୁଖ ଶବ୍ଦାବଳୀ:

ସମନ୍ୱୟ, ଐତିହ୍ୟ, କାରୁକାର୍ଯ୍ୟ, ଆଧ୍ୟାତ୍ମିକତା, ଭାସ୍କର୍ଯ୍ୟ, କ୍ଷେତ୍ରତତ୍ତ୍ୱ, କିମ୍ବଦନ୍ତୀ, ଋଦ୍ଧିମନ୍ତ, ଶାଶ୍ୱତ, ଉତ୍କର୍ଷ

ଭାରତବର୍ଷର ସାଗରତଟୀୟ ମାଣିକ୍ୟ – ଆମ ରାଜ୍ୟ ଓଡ଼ିଶା; ଏକ ଅପୂର୍ବ ଭୂମି, ଯେଉଁଠାରେ ପ୍ରାକୃତିକ ସୌନ୍ଦର୍ଯ୍ୟ, ଧର୍ମୀୟ ଆସ୍ଥା, ସାହିତ୍ୟିକ ପରିମଣ୍ଡଳ ତଥା ପରମ୍ପରାର ଦିଗବଳୟ

ଏହି ପ୍ରବନ୍ଧକୁ ଅନ୍‌ଲାଇନରେ ପଢିବାପାଇଁ ପ୍ରବେଶ କରନ୍ତୁ

Quick Response Code:

Available online at : https://pracheenews.com/

DOI: https://doi.org/10.5281/zenodo.19110872
Article No - BPP00397

**ଯୋଗାଯୋଗ :**
**ସୁଲଗ୍ନା ମହାନ୍ତି,** ଓଡ଼ିଆ ଭାଷା ସାହିତ୍ୟରେ ସ୍ନାତକୋତ୍ତର, ରେଭେନ୍ସା ବିଶ୍ୱବିଦ୍ୟାଳୟ, କଟକ
**Email:** mohantysulagna140@gmail.com
**ORCID ID:** https://orcid.org/0009-0003-2843-6092

This is an open access journal, and articles are distributed under the terms of the Creative Commons Attribution Non Commercial Share Alike 4.0 License, which allows others to remix, tweak, and build upon the work non commercially, as long as appropriate credit is given and the new creations are licensed under the identical terms.

For reprints contact: *pracheepatrika@rediffmail.com*

| ପ୍ରାପ୍ତି | ସମୀକ୍ଷିତ | ଗୃହୀତ | ପ୍ରକାଶିତ |
|---|---|---|---|
| ୧୫.୧୨.୨୦୨୫ | ୧୬.୦୧.୨୦୨୬ | ୨୭.୦୧.୨୦୨୬ | ୧.୦୩.୨୦୨୬ |

ଏହି ପ୍ରବନ୍ଧକୁ କିପରି ଉଦ୍ଧୃତ କରିବେ : ମହାନ୍ତି, ସୁଲଗ୍ନା; ୨୦୨୬। ଆସ୍ଥାର ପଥେ: ଓଡ଼ିଶାର ପବିତ୍ର ପର୍ଯ୍ୟଟନସ୍ଥଳୀ। ବାସ୍ତବତାର ପରିପ୍ରକାଶ ପ୍ରାଚୀ। ଭାଗ :୧୧, ସଂଖ୍ୟା : ୦; ପୃଷ୍ଠା : ୪୫-୪୮।

ସମନ୍ୱୟରେ ଏକ ସାର୍ବଜନୀନ ସଂସ୍କୃତିର ସୁବିସ୍ତୃତ ପଟ୍ଟଚିତ୍ର ଅଙ୍କିତ, ଯାହା ଓଡ଼ିଶାକୁ ସାରା ଜଗତରେ ବିଶିଷ୍ଟ ପରିଚୟ ପ୍ରଦାନ କରିଛି । ପଥଠାରୁ ନେଇ ପର୍ବତ, ନଦୀଠାରୁ ନେଇ ସମୁଦ୍ର - ସବୁଠି ଧର୍ମୀୟ ଇତିହାସର ମୃଦୁ ସ୍ପନ୍ଦନ ଝଙ୍କୃତ ।

ପୁରୀର ଜଗନ୍ନାଥ ମନ୍ଦିରରୁ ଆରମ୍ଭକରି କୋଣାର୍କର ସୂର୍ଯ୍ୟମନ୍ଦିର ପର୍ଯ୍ୟନ୍ତ, ମନ୍ଦିରନଗରୀ ଭୁବନେଶ୍ୱରର ଲିଙ୍ଗରାଜଙ୍କଠାରୁ ଆରମ୍ଭ କରି ସମଲେଶ୍ୱରୀ, ତାରାତାରିଣୀଙ୍କ ପର୍ଯ୍ୟନ୍ତ ସବୁଠାରେ ଓଡ଼ିଆ ଧର୍ମୀୟ ପରମ୍ପରାର ଔଜଲ୍ୟ ତନୁମନକୁ ଆଲୋଡ଼ିତ କରେ । ଓଡ଼ିଆ ପର୍ବପର୍ବାଣିଗୁଡ଼ିକ ଆଧ୍ୟାତ୍ମିକ ଓ ସାମୁଦାୟିକ ଏକତାର ଜ୍ୱଳନ୍ତ ପ୍ରତୀକ । ରଥଯାତ୍ରାରେ ଭକ୍ତିର ପାରାବାର, କାର୍ତ୍ତିକ ପୂର୍ଣ୍ଣମୀରେ ବୋଇତ ବନ୍ଦାଣର ଗୌରବମୟ ଇତିହାସ, ଦୁର୍ଗାପୂଜାରେ ମାତୃଶକ୍ତିର ଆବାହନ ଆଦି ଐତିହାସିକ ତଥା ଧର୍ମୀୟ ପରମ୍ପରା ଓଡ଼ିଶାର ପର୍ଯ୍ୟଟନ ତଥା ସଂସ୍କୃତିକୁ ନୂତନ ରୂପ ଦେଇଛି ।

ଓଡ଼ିଶା କେବଳ ଏକ ଭୂମି ନୁହେଁ, ବରଂ ଏକ ଆଧ୍ୟାତ୍ମିକ ଯାତ୍ରାର ସ୍ଥଳୀ, ଯେଉଁଠାରେ ପର୍ଯ୍ୟଟନ କହିଲେ କେବଳ ଦର୍ଶନୀୟ ନୁହେଁ; ବରଂ ଆନୁଭବ୍ୟ । ଏଠାରେ ସଂସ୍କୃତି କେବଳ ପ୍ରଦର୍ଶନ ନୁହେଁ, ବରଂ ଜୀବନରେ ପ୍ରବାହିତ । ଧର୍ମ କେବଳ ପୂଜାରେ ସୀମିତ ନୁହେଁ, ବରଂ ସମଗ୍ର ଜୀବନରେ ପ୍ରତିବିମ୍ବିତ ।

ଓଡ଼ିଶାର ନୌବାଣିଜ୍ୟ ଇତିହାସ ଗୌରବମୟ । ପୂର୍ବେ ସାଧବମାନେ ସମୁଦ୍ରରେ ବୋଇତ ବାହି ଜାଭା, ସୁମାତ୍ରା, ବାଲି, ମାଳୟ ଆଦି ଯାଇ ବାଣିଜ୍ୟ କରୁଥିଲେ । ଧନଧାନ୍ୟ ବିମଣ୍ଡିତ ହୋଇ ଫେରୁଥିଲେ । ବର୍ତ୍ତମାନ ଧାମରା, ଗୋପାଳପୁର, ଚାନ୍ଦବାଲି ଆଦି ସମୁଦ୍ରତଟରେ ପୋତାଶ୍ରୟ ନିର୍ମାଣ କରାଯାଇଅଛି । ଭାରତର ଗଭୀରତମ ପୋତାଶ୍ରୟ ପାରାଦ୍ୱୀପଠାରେ ନିର୍ମାଣ କରାଯାଇଛି । ଆର୍ଥନୀତିକ ଅଭିବୃଦ୍ଧି କରିଛି ଆମ ରାଜ୍ୟ ।

ଦ୍ରାବିଡ଼ ଓ ଆର୍ଯ୍ୟ ସଂସ୍କୃତିର ମିଳନସ୍ଥଳୀ ଓଡ଼ିଶା । ବ୍ରାହ୍ମଣ୍ୟ, ଜୈନ, ବୌଦ୍ଧ, ଶୈବ, ଶାକ୍ତ ଓ ବୈଷ୍ଣବ ମତବାଦର ଗୁଞ୍ଜରଣରେ ପ୍ରକମ୍ପିତ ଓଡ଼ିଶାଭୂମିରେ ବିବିଧ ଧର୍ମାଶ୍ରୟୀ ପର୍ଯ୍ୟଟନସ୍ଥଳମାନ ରହିଛି, ଯେଉଁଗୁଡ଼ିକ ଏହାର ସ୍ୱନାମଧନ୍ୟ ଇତିହାସକୁ ଗାରିମାମୟ କରିବାରେ ଗୁରୁତ୍ୱପୂର୍ଣ୍ଣ ଭୂମିକା ଅବଲମ୍ବନ କରନ୍ତି ।

ବ୍ରାହ୍ମଣ୍ୟ ଧର୍ମର ଭାଗବତ ସଂସ୍କୃତି,ବୁଦ୍ଧ, ଜୈନ ଧର୍ମର ତ୍ରିରତ୍ନ, ଶୈବଧର୍ମର ଭୈରବ, ଶାକ୍ତଧର୍ମର ଭୈରବୀ, ବୈଷ୍ଣବମାନଙ୍କର ଚତୁର୍ଦ୍ଧା ମୂରତି ପରିକଳ୍ପନା ତାନ୍ତ୍ରିକ ଓ ଶାକ୍ତମାନଙ୍କର ପଞ୍ଚ 'ମ' କାର, ଶୈବମାନଙ୍କର ପଞ୍ଚ-ମହାଯଜ୍ଞ, ବୈଷ୍ଣବମାନଙ୍କର ପଞ୍ଚଦେବତା ପୂଜାର ବିଧି ବିଧାନ ମଧ୍ୟରେ ନୀଳାଚଳଧାମର ବୈଷ୍ଣବ ସଂସ୍କୃତିର ସ୍ୱାତନ୍ତ୍ର୍ୟ ରହିଛି । ଶଙ୍କର, ରାମାନୁଜ, ବଲ୍ଲଭାଚାର୍ଯ୍ୟ, ବିଷ୍ଣୁସ୍ୱାମୀ, ମାଧ୍ୱାଚାର୍ଯ୍ୟ, ଶ୍ରୀଚୈତନ୍ୟ, କବୀର, ରାମାନନ୍ଦ, ତୁଳସୀ ଦାସ, ନାନକ ତଥା ରାମଦାସ ପ୍ରଭୃତି ଧର୍ମଗୁରୁମାନେ ଶ୍ରୀଜଗନ୍ନାଥଙ୍କ ମହିମା ପ୍ରକ୍ଷାଳନ କରିଛନ୍ତି । ମାର୍କଣ୍ଡେୟ, ଯମେଶ୍ୱର, ଈଶାନେଶ୍ୱର, ଲୋକନାଥ ପ୍ରଭୃତି ଶୈବପୀଠ, ଲକ୍ଷ୍ମୀ, ବିମଳା, ଶ୍ୟାମାକାଳୀ, ଦକ୍ଷିଣକାଳୀ, ମଙ୍ଗଳା, ଶୀତଳା, ସପ୍ତମାତୃକା ପ୍ରଭୃତି ଶାକ୍ତପୀଠ ତଥା ଅନ୍ୟାନ୍ୟ ଦେବୀଦେବତାଙ୍କ ବିଗ୍ରହ ଓ ସେବାପୂଜା ପରମ୍ପରା ହେତୁ ଶ୍ରୀକ୍ଷେତ୍ର ପ୍ରସିଦ୍ଧି ଲାଭ କରିଛି ।

ସମ୍ରାଟ ଅଶୋକ ଧଉଳିଠାରେ ବୌଦ୍ଧଧର୍ମରେ ଦୀକ୍ଷିତ ହୋଇ ଚଣ୍ଡାଶୋକରୁ ଧର୍ମାଶୋକରେ ପରିଣତ ହୋଇଥିଲେ । ମହାମେଘବାହନ ଐର ଖାରବେଳ ଜୈନଧର୍ମର ଅନ୍ୟତମ ପୃଷ୍ଠପୋଷକ ଥିଲେ । ଭୁବନେଶ୍ୱରରେ ଥିବା ଧଉଳିଗିରି, ଖଣ୍ଡଗିରି, ଉଦୟଗିରି, ବୌଦ୍ଧ ଓ ଜୈନ ଧର୍ମୀୟ କୀର୍ତ୍ତିର ମୂର୍ତ୍ତିମନ୍ତ ପ୍ରତୀକ । ଏହାଛଡ଼ା ଭୁବନେଶ୍ୱର ଶୈବକ୍ଷେତ୍ର ରୂପେ ଇତିହାସ ପ୍ରସିଦ୍ଧ ।

ଭୌମକର ବଂଶୀୟ ଶାସକମାନଙ୍କ ଦ୍ୱାରା ଭୁବନେଶ୍ୱରଠାରେ ଶାକ୍ତଧର୍ମ ପରିବ୍ୟାପ୍ତ ହୋଇଥିଲା । ଶକ୍ତିପୀଠ ଭାବରେ ମୋହିନୀ, କାପାଳିନୀ, ଭୂବାସିନୀ, ଗୌରୀ, ଭୁବନେଶ୍ୱରୀ, ହୀରାପୁରର ଚୌଷଠି ଯୋଗିନୀ ଦେବୀ ମୂର୍ତ୍ତି ମନ୍ଦିର ରହିଛି ।

ସୋମବଂଶୀ ଶାସକଙ୍କ ସମୟରେ ଶୈବକ୍ଷେତ୍ର ଭାବରେ ଭୁବନେଶ୍ୱର ବିଶେଷ ଭାବରେ ପ୍ରସିଦ୍ଧି ଲାଭ କଲା । ମୁକ୍ତେଶ୍ୱର, ଲିଙ୍ଗରାଜ, ବ୍ରହ୍ମେଶ୍ୱର, କେଦାରେଶ୍ୱର, ଇନ୍ଦ୍ରେଶ୍ୱର, ଲକ୍ଷ୍ମଣେଶ୍ୱର, ପର୍ଶୁରାମେଶ୍ୱର, ଭାସ୍କରେଶ୍ୱର, କୋଟିଲିଙ୍ଗେଶ୍ୱର, ରାମେଶ୍ୱର ପ୍ରଭୃତି ଶୈବକ୍ଷେତ୍ର ପ୍ରତିଷ୍ଠା ହେଲା ।

ଗଙ୍ଗବଂଶୀ ରାଜତ୍ୱ କାଳରେ ଲିଙ୍ଗରାଜ ମନ୍ଦିର ମଧ୍ୟରେ ଶ୍ରୀଜଗନ୍ନାଥ, ନୃସିଂହଙ୍କ ବିଗ୍ରହ ସ୍ଥାପନ କରାଯାଇଥିଲା ।

ଅନଙ୍ଗଭୀମଙ୍କ କନ୍ୟା ଚନ୍ଦ୍ରିକାଦେବୀ ଅନନ୍ତ ବାସୁଦେବ ମନ୍ଦିର ନିର୍ମାଣ କରାଇ ସେଥିରେ ବଳରାମ, କୃଷ୍ଣ ଓ ସୁଭଦ୍ରାଙ୍କ ବିଗ୍ରହ ସ୍ଥାପନା କରିଥିଲେ।

ଏହାଛଡ଼ା ପ୍ରାଚୀନ ତୋଷାଳୀର ରାଜଧାନୀ ଶିଶୁପାଳ ଦୁର୍ଗର ଭଗ୍ନାବଶେଷ, ଶ୍ରୀରାମ ମନ୍ଦିର, ସାଇ ମନ୍ଦିର, ବିଭିନ୍ନ ଶୈକ୍ଷିକ ଅନୁଷ୍ଠାନ, ଦାପ୍ତରିକ ଅନୁଷ୍ଠାନ, ସଂଗ୍ରହାଳୟ ପ୍ରଭୃତି ଭୁବନେଶ୍ୱରର ଗାରିମା ବୃଦ୍ଧି କରେ।

କଟକ ଜିଲ୍ଲାର ଇତିହାସ ବେଶ୍ ସମ୍ଭ୍ରାନ୍ତ। ମହାନଦୀ ତଟରେ ଗଜପତି ସଂସ୍କୃତିପ୍ରାଣ ପ୍ରତାପରୁଦ୍ରଙ୍କ ସମୟରେ ନିର୍ମିତ ଧବଳେଶ୍ୱର ମନ୍ଦିର ଏକ ପ୍ରମୁଖ ଶୈବପୀଠ। ବଡ଼ଓଷା ନିମନ୍ତେ ଏହି ପୀଠ ପ୍ରସିଦ୍ଧ।

ଢେଙ୍କାନାଳ ଜିଲ୍ଲାରେ ଅବସ୍ଥିତ କପିଳାସ ପୀଠ ସମ୍ପର୍କରେ ଶିବପୁରାଣ, କପିଳସଂହିତା ଗ୍ରନ୍ଥରେ ବର୍ଣ୍ଣିତ। ଏଠାରେ ମତ୍ସ୍ୟେନ୍ଦ୍ରନାଥ ଓ ଗୋରକ୍ଷନାଥଙ୍କ ପ୍ରଣୀତ ବିଧିବିଧାନରେ ଚନ୍ଦ୍ରଶେଖର ମହାଦେବଙ୍କ ଆରାଧନା କରାଯାଏ। ଏହି ଚନ୍ଦ୍ରଶେଖର ମହାପ୍ରଭୁଙ୍କର ଅନ୍ୟ ନାମ ଶିଖରେଶ୍ୱର।

କେନ୍ଦୁଝର ଜିଲ୍ଲାର କୁଶଭଦ୍ରା ନଦୀତଟରେ ଅବସ୍ଥିତ କୋଶଳେଶ୍ୱର ମନ୍ଦିର ସୋମବଂଶୀ ରାଜାଙ୍କ ଦ୍ୱାରା ନିର୍ମିତ। କେନ୍ଦ୍ରାପଡ଼ା ଜିଲ୍ଲାରେ ଅବସ୍ଥିତ ଶ୍ରୀବଳଦେବଜୀଉଙ୍କ ମନ୍ଦିର ଏକ ଅନନ୍ୟ ଅନୁଷ୍ଠାନ। ଏଠାରେ ଚତୁର୍ଦ୍ଧାମୂରତିଙ୍କର ପୂଜାର୍ଚ୍ଚନା କରାଯାଇଥାଏ। ଅନ୍ୟତମ ଜିଲ୍ଲା ଯାଜପୁର ଶାକ୍ତପୀଠ ରୂପେ ପ୍ରସିଦ୍ଧ। ଏହାର ଅଧିଷ୍ଠାତ୍ରୀ ଦେବୀ ମାଆ ବିରଜା। ତନ୍ତ୍ରଲୋକରେ ମାଆ ଦୁର୍ଗା ବିରଜା ଭୈରବୀ ରୂପେ ଆଖ୍ୟାୟିତ। ଭୌମକର ଶାସନ କାଳରେ ଏହା ରାଜଧାନୀ ରୂପେ ପ୍ରତିଷ୍ଠିତ ଥିଲା। ଏଠାରେ ପବିତ୍ର ବୈତରଣୀ ନଦୀ, ସପ୍ତମାତୃକା ମନ୍ଦିର, ସିଦ୍ଧେଶ୍ୱର, ଦ୍ୱାଦଶ ମାଧବ ମନ୍ଦିର, ବରାହନାଥ ମନ୍ଦିର, ତ୍ରିଲୋଚନେଶ୍ୱର, ଦଶାଶ୍ୱମେଧ ଘାଟ, ଗୋହିରାଟିକିରି, ଧାମନଗର ଆଦି ଧାର୍ମିକ ଓ ଐତିହାସିକ ସ୍ଥାନ ପ୍ରସିଦ୍ଧ। ଚଣ୍ଡିଖୋଲର ପ୍ରାକୃତିକ ପରିବେଶ, ଝରଣା, ଚଣ୍ଡୀମାତାଙ୍କ ବିଗ୍ରହ ତଥା ନିକଟସ୍ଥ ମହାବିନାୟକ କ୍ଷେତ୍ର ଖୁବ୍ ସୁରମ୍ୟ।

ସୂର୍ଯ୍ୟକ୍ଷେତ୍ର 'କୋଣାର୍କ' ସପ୍ତାଶ୍ଚର୍ଯ୍ୟରେ ସ୍ଥାନିତ। ଲାଙ୍ଗୁଳା ନରସିଂହ ଦେବଙ୍କ ବଙ୍ଗ ଜୟର ସ୍ମାରକୀ ସଦୃଶ ଏହି ଭବ୍ୟ ମନ୍ଦିରର ପ୍ରତିଷ୍ଠା। ଏହି କୀର୍ତ୍ତି ନିମନ୍ତେ ପ୍ରତ୍ୟେକ ଓଡ଼ିଆ ମନରେ ଗଭୀର ସମତ୍ୱବୋଧ ବିମ୍ବିତ।

ମୟୂରଭଞ୍ଜ ଜିଲ୍ଲାର ସୀମାନ୍ତ ଅଞ୍ଚଳରେ ସ୍ଥିତ ଭଞ୍ଜରାଜାଙ୍କ କୁଳଦେବୀ କୀଚକେଶ୍ୱରୀ, ଆଦିଭଞ୍ଜଙ୍କ ଖିଞ୍ଜଳକ ବା ଆଧୁନିକ ଖିଚିଂ, ଖୈର, ଭଣ୍ଡନ ନଦୀ, ଉମା-ମହେଶ୍ୱର ମନ୍ଦିର, ତାହାର ବିଗ୍ରହମାନଙ୍କର ସ୍ୱତନ୍ତ୍ର ନିର୍ମାଣଶୈଳୀ, ଚନ୍ଦ୍ରଶେଖର ମନ୍ଦିର, କୁଟଇତୁଣ୍ଡୀ ମନ୍ଦିରର ତାନ୍ତ୍ରିକ ଗାତ୍ର, ବେଣୀସାଗର, ଦକ୍ଷିଣାବର୍ତ୍ତ ତାନ୍ତ୍ରିକ ଗଣେଶ ମୂର୍ତ୍ତି ପ୍ରଭୃତି ଧାର୍ମିକ ତଥା ଐତିହାସିକ ଦୃଷ୍ଟିରୁ ପ୍ରସିଦ୍ଧ। ଖିଞ୍ଜଳକ ବା ଖିଚିଂଠାରେ ମିଳିଥିବା ଜୈନ, ବୌଦ୍ଧ, ଶୈବ, ଶାକ୍ତ, ସୌର, ଗାଣପତ୍ୟ ତଥା ବୈଷ୍ଣବ ମୂର୍ତ୍ତି ସବୁ ସଂଗ୍ରହାଳୟରେ ସ୍ଥାନିତ।

ବଲାଙ୍ଗୀର ଜିଲ୍ଲାର ରାଣୀପୁର-ଝରିଆଲ ଏକ ପ୍ରସିଦ୍ଧ ଶକ୍ତିପୀଠ। ଏହା ବୌଦ୍ଧ, ଶୈବ, ଶାକ୍ତ ଓ ବୈଷ୍ଣବ ଧର୍ମର ସମନ୍ୱୟ ପୀଠ।

କଳାହାଣ୍ଡି ଜିଲ୍ଲାର ପୀଠେଶ୍ୱରୀ, ମାଣିକେଶ୍ୱରୀ, ସମ୍ବଲପୁରର ସମଲେଶ୍ୱରୀ, ସୋନପୁରର ସ୍ତମ୍ଭେଶ୍ୱରୀ, ପାଟଣାର ପାଟଣେଶ୍ୱରୀ, ଭଦ୍ରକର ଭଦ୍ରକାଳୀ, ବାଙ୍କୀର ଚର୍ଚ୍ଚିକା, ବଡ଼ମ୍ବାର ଭଟ୍ଟାରିକା, ଭୂଷଣ୍ଡପୁରର ତାରା, ପୁରୀ ଉପକଣ୍ଠସ୍ଥ ବାଟମଙ୍ଗଳା, ପ୍ରାଚୀ ଉପତ୍ୟକାସ୍ଥ ଚୌରାଶୀବରାହୀ, ବାଣପୁରର ଭଗବତୀ, କାକଟପୁରର ମଙ୍ଗଳା, ଗଞ୍ଜାମର ତାରାତାରିଣୀ, କୁଲାଡ଼ର ବ୍ୟାଘ୍ରଦେବୀ, ଖଲ୍ଲିକୋଟର ନାରାୟଣୀ ପ୍ରଭୃତି ଦେବୀ ବା ଶକ୍ତିପୀଠ। ଏହାଛଡ଼ା ନୀଳାଚଳକ୍ଷେତ୍ର, କଣ୍ଟିଲୋ ନୀଳମାଧବ, ନିଆଳି ମାଧବ, କେନ୍ଦ୍ରାପଡ଼ାର ବଳଦେବଜୀଉ, ସତ୍ୟବାଦୀର ସାକ୍ଷୀଗୋପାଳ, ରେମୁଣାର କ୍ଷୀରଚୋରା ଗୋପୀନାଥ ପ୍ରଭୃତି ବୈଷ୍ଣବ ପୀଠ ଭାବରେ ଇତିହାସ ମଣ୍ଡିତ।

ସମ୍ବଲପୁର ଦୂରବର୍ତ୍ତୀ ଗନ୍ଧମାର୍ଦ୍ଦନ ପର୍ବତର ପାଦଦେଶରେ ନୃସିଂହନାଥ ମନ୍ଦିର ରହିଛି। ନିକଟରେ ବହିଯାଇଛି ହରିଶଙ୍କର ଜଳପ୍ରପାତ। ଚୌହ୍ୱାନବଂଶୀ ବୈଜଲଦେବ ଏହି ମନ୍ଦିର ନିର୍ମାଣ କରିଥିଲେ। ଏଠାରେ ପୂଜିତ ବିଗ୍ରହଙ୍କୁ ମାର୍ଜାରକେଶରୀ ବୋଲି କୁହାଯାଏ। ନିକଟରେ ପଞ୍ଚପାଣ୍ଡବ ଘାଟ, ହରିଶଙ୍କର ମନ୍ଦିର ବା ପରିମଳଗିରି ଅବସ୍ଥିତ। ଏହି ପରିମଳଗିରି ପୂର୍ବେ ବୌଦ୍ଧକ୍ଷେତ୍ର ଭାବରେ ପ୍ରତିଷ୍ଠିତ ଥିଲା।

ତେଲ ଓ ମହାନଦୀର ସଙ୍ଗମସ୍ଥଳରେ ସୁବର୍ଣ୍ଣପୁର ବା ଆଧୁନିକ ସୋନପୁର ଅବସ୍ଥିତ। ଏଠାରେ ସୁବର୍ଣ୍ଣେଶ୍ୱର, ଅଷ୍ଟଶମ୍ଭୁ ତଥା କୋଶଳେଶ୍ୱର ମନ୍ଦିର ଅବସ୍ଥିତ।

ବାଲେଶ୍ୱର ଜିଲ୍ଲାର ଚନ୍ଦନେଶ୍ୱର ମହାଦେବ, ଭୁଷେଣ୍ଡଶ୍ୱର କହ୍ନେଇବିନ୍ଧାରେ ମା ଦଶଭୂଜା ଦେବୀପୀଠ ବାଣେଶ୍ୱର ବା ଆଧୁନିକ ଝାଡ଼େଶ୍ୱର ଶିବଲିଙ୍ଗ, ଦେବଗିରି ପର୍ବତମାଳା, ପଞ୍ଚଲିଙ୍ଗେଶ୍ୱର ମନ୍ଦିର, ଆଖଣ୍ଡଳେଶ୍ୱର, ବାସୁଦେବପୁରନିକଟସ୍ଥ ଗୁଡ଼ ଗ୍ରାମର ବଳଦେବ ମନ୍ଦିର ଏବଂ ଭଦ୍ରକ ଜିଲ୍ଲାର ବାବା ଆଖଣ୍ଡଳମଣି ମନ୍ଦିର ପ୍ରଖ୍ୟାତ ଧାର୍ମିକ ଓ ଐତିହାସିକ ସ୍ଥଳୀ।

ପୁରୀ ଜିଲ୍ଲାର ରଘୁନାଥ ମନ୍ଦିର, ବ୍ରହ୍ମଗିରିର ଅଲାରନାଥ ମନ୍ଦିର, ମାଲକାନଗିରି ପାଦଦେଶର ଗୁପ୍ତେଶ୍ୱର ଗୁମ୍ଫା, ମହେନ୍ଦ୍ରଗିରି ପର୍ବତସ୍ଥ ଗୋକର୍ଣ୍ଣେଶ୍ୱର ଲିଙ୍ଗ, ମୟୂରଭଞ୍ଜ ଜିଲ୍ଲାର ମାଣିତ୍ରୀ ଗ୍ରାମର କଖାରୁଆ ବୈଦ୍ୟନାଥ, କୁଟଳ ଜିଲ୍ଲାର ଶୁକ୍ଳେଶ୍ୱର, ନୟାଗଡ଼ର ଲଡୁକେଶ୍ୱର ଆଦି ଧର୍ମାନୁଷ୍ଠାନ ପ୍ରାଚୀନ ଐତିହ୍ୟ ତଥା ଓଡ଼ିଆ ସଂସ୍କୃତିର ସୁନ୍ଦର ଅବୟବ। ଢେଙ୍କାନାଳର ସପ୍ତସଖା, ଭୀମକୁଣ୍ଡ, କେନ୍ଦୁଝରର ଗୋନାସିକା, ସୀତାବିଞ୍ଜି, ବାଲେଶ୍ୱର ଜିଲ୍ଲାର ବୁଢ଼ାବଳଙ୍ଗ ନଦୀ ମୁହାଣ ବଳରାମଗଡ଼ି, ଚାନ୍ଦିପୁର ବେଳାଭୂମି, ବୈତରଣୀ ନଦୀର ସଙ୍ଗମସ୍ଥଳ ଧାମରା, ମୟୂରଭଞ୍ଜର ଶିମିଳିପାଳ, ଯଶିପୁର, ବାଦାମପାହାଡ଼, ଗୋରୁମହିଷାଣୀ, ଜଗତ୍‌ସିଂହପୁର ପାରାଦ୍ୱୀପ, କଟକ ଅଂଶୁପା, ଚଣ୍ଡୀମନ୍ଦିର, ଆନିକଟ, ଛତିଆବଟ, ଅନନ୍ତକେଶରୀ ମନ୍ଦିର, ଖୋର୍ଦ୍ଧାର ବରୁଣେଇ, ବାଘମାରୀ ଅତ୍ରି ପ୍ରସ୍ରବଣ, ହଟକେଶ୍ୱର, ରାମଚଣ୍ଡୀ, ନିର୍ମଳଝର, ତପ୍ତପାଣି, ହୀରାକୁଦ, ଚିପିଲିମା, ଦେବଗଡ଼ ଆଦି ବିବିଧ ସ୍ଥାନ ପର୍ଯ୍ୟଟକଙ୍କ ନିମନ୍ତେ ସ୍ୱର୍ଗ ସଦୃଶ।

ଆମ ରାଜ୍ୟ ଓଡ଼ିଶାର ଭୌଗୋଳିକ ଅବସ୍ଥିତିକୁ ବିବିଧ ଭାଗରେ ବିଭକ୍ତ କରାଯାଇପାରେ। ପୂର୍ବ ଅବବାହିକା ସମତଳ ଅଞ୍ଚଳ ହେଲେ ମଧ୍ୟ ଛୋଟବଡ଼ ପର୍ବତ ରହିଅଛି। ମଧ୍ୟ ନଦୀ ଅବବାହିକା ମଧ୍ୟଦେଇ ମହାନଦୀ, ବ୍ରାହ୍ମଣୀ ନଦୀ ପ୍ରବାହିତ ହେବା କାରଣରୁ ଅଞ୍ଚଳଟି ଉର୍ବର। ପୂର୍ବ ପାର୍ବତ୍ୟାଞ୍ଚଳ ନଦୀ ଅବବାହିକା ଅଞ୍ଚଳଟି ପଥୁରିଆ ଓ ଜଙ୍ଗଲମୟ। ଦେଓମାଳୀ ପର୍ବତର ଅବସ୍ଥିତି ଏହିଠାରେ ରହିଛି। ସମୁଦ୍ର, ନଦୀ, ପର୍ବତ ପରିବେଷ୍ଟିତ ସମତଳ ଅଞ୍ଚଳ ଅତ୍ୟନ୍ତ ଉର୍ବର ଓ ଫସଲରେ ଧନଧାନ୍ୟ ପଶ୍ଚିମାଞ୍ଚଳ ଖଣିଜ ସମ୍ପଦମୟ। ଆର୍ଥନୀତିକ ପ୍ରଗତିରେ ଏହି ଅଞ୍ଚଳର ଯଥେଷ୍ଟ ଯୋଗଦାନ ରହିଛି। ମୋଟ ଉପରେ କୁହାଯାଇପାରେ ଆମ ରାଜ୍ୟ ଓଡ଼ିଶା ପ୍ରକୃତି ମାତାର ଅଲିଅଳି ସନ୍ତାନ। ଏହା କେବଳ ଏକ ଭୌଗୋଳିକ ସୀମା ନୁହେଁ, ବରଂ ଧର୍ମ, ସଂସ୍କୃତି, ଆଧ୍ୟାତ୍ମ ଓ ପରମ୍ପରାର ସଙ୍ଗମସ୍ଥଳୀ। ସମୃଦ୍ଧ ଧର୍ମୀୟ ଐତିହ୍ୟ, ପରମ୍ପରା, ସଂସ୍କୃତି ଦ୍ୱାରା ଏହା ବିଶ୍ୱ ଦରବାରରେ ସ୍ୱତନ୍ତ୍ର ସ୍ଥାନ ଅଧିକାର କରିଛି। ଆମ ମାତୃଭୂମି ଗରିୟସୀ ଓଡ଼ିଶା ପ୍ରଦେଶକୁ ଧର୍ମ-ପରମ୍ପରା-ପର୍ଯ୍ୟଟନର ପବିତ୍ର କେନ୍ଦ୍ର କହିଲେ ଅତ୍ୟୁକ୍ତି ହେବନାହିଁ। ଧର୍ମୀୟ ତଥା ଇତିହାସର ଗାରିମାରେ ଶୋଭିତ ଦର୍ଶନୀୟ ବା ପର୍ଯ୍ୟଟନ ସ୍ଥାନଗୁଡ଼ିକ କେବଳ ଗତକାଲିର ସ୍ମୃତି ନୁହେଁ, ବରଂ ଆଗାମୀକାଲି ପାଇଁ ପ୍ରେରଣା।

**ସହାୟକ ଗ୍ରନ୍ଥସୂଚୀ :**

୧. ଓଡ଼ିଶାର ଧର୍ମ ସାହିତ୍ୟ – ପ୍ର. କେ.ସି. ପଣ୍ଡା

୨. ଜଗନ୍ନାଥ ସଂସ୍କୃତି ଓ ଓଡ଼ିଶା – ଡ. ହରିଶ୍ଚନ୍ଦ୍ର ମହାପାତ୍ର

୩. History of Orissa – ପ୍ର. ସତ୍ୟନାରାୟଣ ରାଜଗୁରୁ

୪. ଓଡ଼ିଶାର ସାଂସ୍କୃତିକ ଇତିହାସ – ଓଡ଼ିଶା କଲଚରାଲ ଫୋରମ୍

୫. Cultural Heritage of Orissa – ଡ. କୃଷ୍ଣଚନ୍ଦ୍ର ପଣ୍ଡା

୬. ଓଡ଼ିଆ ସାହିତ୍ୟରେ ଧର୍ମଧାରା – ଡ. ସୁରେନ୍ଦ୍ର ମହାରଣା

❖ ❖ ❖

DOI : https://doi.org/10.5281/zenodo.19111037 ମୂଳ ପ୍ରବନ୍ଧ

# ଶୈବ ସଂସ୍କୃତିରେ ଦର୍ଶନ ତତ୍ତ୍ୱ

**ସଞ୍ଜୟ କୁମାର ପଣ୍ଡା**

**ସଂକ୍ଷିପ୍ତସାର :**

ମାନବ ଜାତି ପୃଥିବୀରେ ଅନ୍ୟୁନ୍ୟ ଦଶ ଲକ୍ଷ ପୂର୍ବେ ବିଦ୍ୟମାନ ଥିବାବେଳେ ମାନବ ସଭ୍ୟତାର ଅୟମାରମ୍ଭ ଆନୁମାନିକ ପଞ୍ଚଦଶ ସହସ୍ର ବର୍ଷ ପୂର୍ବରୁ ସମ୍ଭବ ହୋଇଛି। ପଞ୍ଚଭୂତରେ ସୃଷ୍ଟମାନ ନିଗମ ତନ୍ତ୍ରରେ ଶୂନ୍ୟବ୍ରହ୍ମକୁ ପୂଜନ କରି ସୂର୍ଯ୍ୟଦେବତାଙ୍କୁ ଶ୍ରେଷ୍ଠ ବିବେଚନା କରି ମନ୍ତ୍ରବ୍ରହ୍ମଦ୍ୱାରା ଆପ୍ୟାୟିତ, ଆମନ୍ତ୍ରିତ କରୁଥିଲା। ଏହି ସମୟରେ ପଞ୍ଚଦେବତାର ପୂଜନ ପର୍ବ ଦୃଶ୍ୟମାନ ହୁଏ। ଗଣ, ନାରାୟଣ, ରୁଦ୍ର, ଅମ୍ବିକା ଓ ଭାସ୍କର ପଞ୍ଚଦେବତା ରୂପେ ଆଧାତ୍ମିକ ଚେତନାର ଆରାଧ ଥିଲେ। ଏଥିରେ ବିଦ୍ୟମାନ ରୁଦ୍ର ହିଁ ଶିବ ରୂପେ ପୂଜିତ। ପରବର୍ତ୍ତୀ ପର୍ଯ୍ୟାୟରେ ଆଗମତନ୍ତ୍ରର ପ୍ରଚଳନ ପ୍ରଭୁ ଶିବଙ୍କ ଦ୍ୱାରା ପ୍ରାରମ୍ଭିତ। ପ୍ରଭୁ ଶିବ ମାତା ପାର୍ବତୀଙ୍କୁ ଶୁଣାଇଥିବା ବାଣୀ ତନ୍ତ୍ର ରୂପରେ ଆଗମତନ୍ତ୍ରରେ ପ୍ରବେଶିଲା। ଏହାପରେ ମନ୍ତ୍ର, ଯନ୍ତ୍ର ଓ ତନ୍ତ୍ରର ପ୍ରବର୍ତ୍ତନରେ ଆଗମତନ୍ତ୍ର ବଳିଷ୍ଠ ହେବା ସହ ମୂର୍ତ୍ତି ପୂଜାର ସାକାର ସ୍ୱରୂପ ଜନମାନସରେ ଲିପିବଦ୍ଧ ହେଲା। ମନ୍ତ୍ର ଦେବତାଙ୍କ ଆତ୍ମା ଓ ଯନ୍ତ୍ର ଶରୀର ହୋଇଥାଏ। ତନ୍ତ୍ର ସାଧନରେ ମନୁଷ୍ୟ ତ୍ରାଣ ପ୍ରାପ୍ତି କରିଥାଏ। ଏହି ତିନି ତତ୍ତ୍ୱର ସମାହାରରେ ମନୁଷ୍ୟ ମୋକ୍ଷପ୍ରାପ୍ତି କରିଥାଏ ଓ ଭକ୍ତ-ଭଗବାନ ମଧ୍ୟରେ ଅଦ୍ଭୁତ ନିବିଡ଼ତା ସୃଷ୍ଟି ହୋଇଥାଏ। ଏହି କ୍ରମରେ ଶିବ ତତ୍ତ୍ୱରେ ବିଲୀନ ହୋଇ ଶିବକୃପା ଲାଭ କରିବା ସଂସ୍କୃତ ବିବର୍ଦ୍ଧିତ ହେଲା।

**ପ୍ରମୁଖ ଶବ୍ଦାବଳୀ :**

ଶିବ, ବେଦ, ଆର୍ଯ୍ୟ, ଗୋତ୍ର, ଦ୍ୱୈତ, ଅଦ୍ୱୈତ, ଲିପି, ଚିତିଶକ୍ତି, କଲ୍ୟାଣ ସଦାଶିବ, ଭୌମଭାବାବେଗ, ଗୋଷ୍ଠୀଭାବାବେଗ, ଉପନିଷଦ, ପରମାତ୍ମା।

## ପ୍ରସଙ୍ଗ:

ପ୍ରାଚୀନ ସଭ୍ୟତାରେ ଆଦିବାସୀ ସଂସ୍କୃତିର ପ୍ରାବଲ୍ୟରେ ପ୍ରକୃତି ପୂଜନର ପରମ୍ପରା ଦୃଶ୍ୟମାନ ହେଉଥିଲା। ଏହି ସମୟରେ ବୃକ୍ଷ, ନଦୀ, ଅଗ୍ନି, ଆଦି ପୂଜନ ହେଉଥିଲା। ବୃକ୍ଷ ପୂଜନରୁ ସ୍ତମ୍ଭ ପୂଜନ ସୃଷ୍ଟି ହେଲା, ଯାହା ଫଳରେ ସଭ୍ୟତାର ବିକାଶରେ ସ୍ତମ୍ଭେଶ୍ୱର, ସ୍ତମ୍ଭେଶ୍ୱରୀ ପୂଜନ ପାରମ୍ଭିତ ହୋଇ ଶୈବ ଓ ଶାକ୍ତ ସଂସ୍କୃତିର ଆରମ୍ଭ ହେଲା। ଖ୍ରୀ.ପୂ. ୨୫୦୦ରେ ମହେଞ୍ଜୋଦାରୋ ସଭ୍ୟତାରେ ଶିବପୂଜନ ପ୍ରଚଳିତ ଥିବା ଉଦ୍ଧରିତ ଶିବ ଲିଙ୍ଗରୁ ପ୍ରମାଣିତ। ଶିବ ଶବ୍ଦ କୌଣସି ବେଦରେ ଉଦ୍ଧରିତ ହୋଇ ନଥିବାରୁ ଏହି ଦେବତାଙ୍କୁ ବେଦୋତ୍ତର ବା ଆର୍ଯ୍ୟୋତ୍ତର ଦେବତା ରୂପେ ବିବେଚନା କରାଯାଏ। ମାତ୍ର ପଞ୍ଚ ଦେବତାରେ ରୁଦ୍ରଙ୍କୁ ଶିବ ଭାବେ ବିବେଚନା କରାଯାଉଥିବାରୁ ଶିବତନ୍ତ୍ର ଯେ ପ୍ରାକ୍‌ବୈଦିକ ଦେବତା ଏହା ନିଃସନ୍ଦେହ। ପ୍ରାକ୍ ବୈଦିକ ଯୁଗରେ

ଏହି ପ୍ରବନ୍ଧକୁ ଅନ୍‌ଲାଇନରେ ପଢିବାପାଇଁ ପ୍ରବେଶ କରନ୍ତୁ

Quick Response Code:

Available online at : https://pracheenews.com/

DOI: https://doi.org/10.5281/zenodo.19111037

Article No - BPP00398

**ଯୋଗାଯୋଗ : ଡ଼ (ଇଂ) ସଞ୍ଜୟ କୁମାର ପଣ୍ଡା,**
ସମ୍ବର୍ଦ୍ଧିତ ପ୍ରାବନ୍ଧିକ, ପ୍ରାକ୍ତନ ଅର୍ଥ କମିଟି ସଦସ୍ୟ, ଓଡ଼ିଶା ସାହିତ୍ୟ ଏକାଡ଼େମୀ, ସମ୍ବଲପୁର ବିଶ୍ୱବିଦ୍ୟାଳୟ।
**Email:**drsanjayaeducationist@gmail.com
**ORCID ID:** https://orcid.org/0009-0005-0380-5554

This is an open access journal, and articles are distributed under the terms of the Creative Commons Attribution Non Commercial Share Alike 4.0 License, which allows others to remix, tweak, and build upon the work non commercially, as long as appropriate credit is given and the new creations are licensed under the identical terms.

For reprints contact: *pracheepatrika@rediffmail.com*

| ପ୍ରାପ୍ତି | ସମୀକ୍ଷିତ | ଗୃହୀତ | ପ୍ରକାଶିତ |
|---|---|---|---|
| ୧୫.୧୨.୨୦୨୫ | ୧୬.୦୧.୨୦୨୬ | ୨୭.୦୧.୨୦୨୬ | ୧.୦୩.୨୦୨୬ |

ଏହି ପ୍ରବନ୍ଧକୁ କିପରି ଉଦ୍ଧୃତ କରିବେ : ପଣ୍ଡା, ସଞ୍ଜୟ କୁମାର; ୨୦୨୬। ଶୈବ ସଂସ୍କୃତିରେ ଦର୍ଶନ ତତ୍ତ୍ୱ। ବାସ୍ତବତାର ପରିପ୍ରକାଶ ପ୍ରାଚୀ। ଭାଗ :୧୧, ସଂଖ୍ୟା : ୦, ପୃଷ୍ଠା : ୪୯-୫୨।

ଖ୍ରୀଷ୍ଟପୂର୍ବ ଯୁଗରେ ପାଶୁପତ ରୂପେ ଶିବ ଜ୍ଞାତ ଥିଲେ । ଏହା କ୍ରମଶଃ ଉତ୍ତର ଭାରତକୁ ପ୍ରସାରିତ ହୋଇ ତାନ୍ତ୍ରିକ ଉପାସନା ପଦ୍ଧତିରେ ରୂପାନ୍ତରିତ ହେଲା । ହିନ୍ଦୁ ଧର୍ମ ପ୍ରଚାର ପ୍ରସାର ବିଦେଶରେ ଦକ୍ଷିଣ ପୂର୍ବ ଏସିଆରେ ପ୍ରବଳ ହେବାରୁ ସହସ୍ରାଧିକ ଶିବ ମନ୍ଦିର ଇଣ୍ଡୋନେସିଆ, କାମ୍ବୋଡ଼ିଆ ଓ ଭିଏତ୍‌ନାମ ଆଦି ରାଷ୍ଟ୍ରରେ ବୌଦ୍ଧଧର୍ମ ସହ ସମ୍ମିଳିତ ହୋଇଥିଲା । ଏହି ଶୈବତନ୍ତ୍ରରେ ଶୈବସିଦ୍ଧାନ୍ତ ଓ ଯୋଗସିଦ୍ଧାନ୍ତ ନାମେ ଦ୍ୱିସିଦ୍ଧାନ୍ତ ପ୍ରଚଳିତ ହେଲା । ଉଭୟ ଶୈବ ଓ ଶାକ୍ତ ତନ୍ତ୍ରରେ ତପସ୍ୟା, ଯୋଗ ଓ ପୁଣ୍ୟ ଜୀବନକୁ ପ୍ରାଧାନ୍ୟ ଦିଆଯାଇ ଆତ୍ମାକୁ ଶିବରୂପେ ବିବେଚନା କରାଗଲା ।

ଋଗ୍‌ବେଦରେ ବର୍ଣ୍ଣିତ ରୁଦ୍ରଙ୍କୁ ଶିବଙ୍କ ବିଶେଷଣ ଭାବେ ବିବେଚନା କରାଯାଏ । ଏଣୁ ପୌରାଣିକ ଯୁଗରେ ରୁଦ୍ରଶିବ ଶବ୍ଦର ପ୍ରଚଳନ ଦୃଶ୍ୟମାନ ହୁଏ । ଶିବ ଶବ୍ଦର ପୁଣ୍ୟାର୍ଥ ଅନୁଶୀଳନ କଲେ ଏହା ସଂସ୍କୃତ ଶବ୍ଦ କି ନୁହେଁ ତାହା ବିଚାର୍ଯ୍ୟ । କେତେକଙ୍କ ମତରେ ସଂସ୍କୃତ ଭାଷା ମଧ୍ୟ ଏସିଆରୁ ଆନୀତ ଯାହା ଅଗ୍ରାହ୍ୟଯୋଗ୍ୟ । ମାତ୍ର ଏହା କୁହାଯାଇପାରେ ତତ୍‌କାଳରେ ମଧ୍ୟ ଏସିଆ ଓ ପୂର୍ବ-ୟୁରୋପରୁ ଆରମ୍ଭ କରି ଦକ୍ଷିଣ ପୂର୍ବ-ଏସିଆ ପର୍ଯ୍ୟନ୍ତ ବିଭିନ୍ନ ପ୍ରାନ୍ତରେ ଏକ ପ୍ରକାର ଭାଷା ପ୍ରଚଳିତ ଥିଲା । ଦକ୍ଷିଣ ପୂର୍ବରେ ସଂସ୍କୃତ ଓ ଉତ୍ତର-ପଶ୍ଚିମର ଭାଷା ବୈଦିକ ପ୍ରଚଳିତ ଥିଲା । ଆର୍ଯ୍ୟମାନେ ବିଦେଶରୁ ଆସି ଉତ୍ତର-ପଶ୍ଚିମ ପ୍ରାନ୍ତରେ ପ୍ରଭାବ ବିସ୍ତାର କରି ପାରିଥିବା ବେଳେ ଦକ୍ଷିଣ-ପୂର୍ବ ଭାରତରେ ଏତେ ପ୍ରଭାବ କରିପାରିନଥିଲେ । ଏଣୁ ଆର୍ଯ୍ୟମାନଙ୍କ ଦ୍ୱାରା ଆନୀତ ବୈଦିକ ଭାଷା ଉତ୍ତର-ପଶ୍ଚିମ ପ୍ରାନ୍ତରେ ଅଧିକ ହେଲା ଓ ଦକ୍ଷିଣ ପୂର୍ବରେ ସଂସ୍କୃତ ପ୍ରଭାବୀ ଥିଲା । ଭାରତର ଆଦି ଭାଷା ସଂସ୍କୃତ ।

ଋକ୍‌ବେଦ ରଚନା ଆନୁମାନିକ ପନ୍ଦର ହଜାର ବର୍ଷ ପୂର୍ବରୁ ହୋଇଥିବାରୁ ଏହା କୌଣସି ଲିପି ନଥିଲା । ପାଞ୍ଚ ହଜାର ବର୍ଷ ପୂର୍ବରୁ ଆନୀତ ବ୍ରାହ୍ମୀଲିପି, ଖରୋଷ୍ଟୀ ଲିପି ଆଦି ବେଦ ରଚନାରେ ସହାୟକ ହୋଇଥିଲେ । ଏହି ବ୍ରାହ୍ମୀଲିପିର ପରବର୍ତ୍ତୀ ରୂପ ଶାରଦା, ନାରଦା ଓ କୁଟିଳା ଲିପି । କୁଟିଳା ଲିପିର ପରିବର୍ତ୍ତିତ ଲିପି ଶ୍ରୀହର୍ଷ ଲିପି ଯାହା ବଙ୍ଗଳା ଭାଷାରେ ଲିଖିତ ହେଉଛି । ବ୍ରାହ୍ମୀଲିପିରୁ କଳିଙ୍ଗ ଲିପିର ସୃଷ୍ଟି ଯେଉଁଥିରେ ଓଡ଼ିଆ ଭାଷା ଲିଖିତ । ଏ ସମସ୍ତ ଭାଷାରେ ଶିବ ଶବ୍ଦ ଉପଲବ୍ଧ । ଅତଏବ ଉଭୟ ରୁଦ୍ର ଓ ଶିବ ପ୍ରାକ୍ତନ ସଂସ୍କୃତ ଓ ବୈଦିକ ଶବ୍ଦ ଅଟେ । ଶିବଙ୍କଦ୍ୱାରା ଆଗମତନ୍ତ୍ର ଆରମ୍ଭ ହୋଇ ତନ୍ତ୍ର ବିଦ୍ୟା ଲିପିବଦ୍ଧ ହୋଇଥିଲା । ମାତ୍ର ଶିବଙ୍କ ପୂର୍ବରୁ ବିକ୍ଷିପ୍ତ ଓ ଅମାର୍ଜିତ ରୂପେ କାଶ୍ମିରୀତନ୍ତ୍ର ଓ ଗୌଡ଼ୀୟ ତନ୍ତ୍ର ଭାରତରେ ଥିଲା । ଏଣୁ ବୈଦିକ ଭାଷାରେ ତାନ୍ତ୍ରିକ ବଳୟରେ ଶିବ ପ୍ରସାରିତ ହୋଇଥିଲେ । ଏଣୁ ଏହି ଶିବ ଶବ୍ଦ ବୈଦିକ ଅଟେ । ଗୁରୁଙ୍କ ମୁଖରେ ବେଦକୁ ଶୁଣିଶୁଣି ସ୍ମୃତି କରାଯାଉଥିବାରୁ ବେଦକୁ ଶ୍ରୁତି ମଧ୍ୟ କୁହାଯାଏ ।

ଶିବ ଶବ୍ଦର ଅର୍ଥ ଅନୁଶୀଳନ କଲେ ତନ୍ତ୍ର, ବେଦ ଓ ଅନ୍ୟାନ୍ୟ ଗ୍ରନ୍ଥରେ ତିନୋଟି ଅର୍ଥ ଥିବା ମୌଖିକ ଓ ଲିଖିତ ପ୍ରମାଣ ମିଳେ ।

"ଅନାଦ୍ୟନ୍ତନମଖିଳସ୍ୟ ମଧ୍ୟେ ବିଶ୍ୱସ୍ୟ ସ୍ରଷ୍ଟାରମନେକ ରୂପମ୍
ବିଶ୍ୱସ୍ୟୈକଂ ପରିବେଷ୍ଟିତାରଂ ଜ୍ଞାତ୍ୱା ଶିବଂ ଶାନ୍ତିମତ୍ୟନ୍ତମେତି ॥"

ଅର୍ଥାତ୍ ଅନାଦି, ଅନନ୍ତ, ଅଖିଳ ବ୍ରହ୍ମାଣ୍ଡର ମଧ୍ୟରେ ବିଶ୍ୱସ୍ରଷ୍ଟାଙ୍କ ଅନେକ ରୂପ ଅଛି । ଏହି ବିଶ୍ୱର ଚତୁଃପାର୍ଶ୍ୱରେ ଶିବ ସ୍ରଷ୍ଟା ଭାବେ ଶାନ୍ତି ସ୍ୱରୂପେ ବିଦ୍ୟମାନ । ଏହି ଶିବକୁ କଲ୍ୟାଣ ରୂପେ ଭାବାଦି କରାଯାଏ । ଶିବଙ୍କୁ ପଞ୍ଚବକ୍ତ୍ର କୁହାଯାଏ ଯାହାଙ୍କ ପଞ୍ଚଶିର ରହିଛି । ବାମ ପାର୍ଶ୍ୱରେ କାଳାଗ୍ନି ଓ ବାମଦେବ, ଦକ୍ଷିଣ ପାର୍ଶ୍ୱରେ ଦକ୍ଷିଣେଶ୍ୱର ଓ ଇଶାଣ ଓ ମଧ୍ୟବର୍ତ୍ତୀ ସ୍ଥାନରେ ଊର୍ଦ୍ଧ୍ୱମୁଖୀ ହୋଇ ରହିଛନ୍ତି କଲ୍ୟାଣ ସୁନ୍ଦରମ୍ । କାମଦେବ ଅତିଭୀଷଣ ରୁଦ୍ର; ରୁଦ୍ରାତିରୁଦ୍ର ହୋଇ ବିଧର୍ମୀ ମଣିଷକୁ କନ୍ଦେଇ ଶିକ୍ଷାଦେବା, ପୁନଶ୍ଚ କାଳାଗ୍ନି ଦେବ ଯିଏ ମନୁଷ୍ୟ ଜାଳିପୋଡ଼ି ସୁଧର୍ମୀ କରିବାକୁ ଶିକ୍ଷାଦେବା ହେତୁ ଆବିର୍ଭୂତ । ଦକ୍ଷିଣେଶ୍ୱର ଲୋକମାନଙ୍କୁ କରୁଣା ବାଣ୍ଟନ୍ତି ଓ ଇଶାଣଦେବ ମନୁଷ୍ୟକୁ ଐଶ୍ୱର୍ଯ୍ୟମନ୍ତ କରନ୍ତି । ଏ ସମସ୍ତ ଚତୁର୍ମୁଖକୁ ନିୟନ୍ତ୍ରଣ କରନ୍ତି ଊର୍ଦ୍ଧ୍ୱମୁଖୀ ସମସ୍ତ କର୍ମୈଷଣାର ପରିଭୂ ଓ ପ୍ରତିଭୂ 'କଲ୍ୟାଣ ସୁନ୍ଦରମ୍' । ଏହି ଶିବ ସୁନ୍ଦର ଓ କଲ୍ୟାଣକାରୀ । ସେ ବାମପାର୍ଶ୍ୱ ଦେବତାଙ୍କ ପରି ଭୀଷଣ ରୁଦ୍ର ଓ ଦକ୍ଷିଣ ପାର୍ଶ୍ୱ ଦେବତାଙ୍କ ପରି ଐଶ୍ୱର୍ଯ୍ୟ ପ୍ରଦାୟକ ଓ ମଧ୍ୟମ ଦେବ ପରି ସୁନ୍ଦର । ଅତଏବ ଶିବ ହିଁ ସତ୍ୟ, ସୁନ୍ଦର ଓ କଲ୍ୟାଣକାରୀ ।

ଶିବଙ୍କ ଦ୍ୱିତୀୟ ଅର୍ଥ ହେଲା ଚିତିଶକ୍ତି । ଏହି ଶକ୍ତିର ଉପାସକମାନେ ନିଜର ଅଲୌକିକ ଚେତନା ବଳୟକୁ ବିବର୍ଦ୍ଧିତ କରି ବ୍ରହ୍ମାଣ୍ଡର ସର୍ବୋଚ୍ଚ ସ୍ତରକୁ ଉନ୍ନୀତ ହୁଅନ୍ତି । ଏଣୁ ଶିବ ଯେ ଅବ୍ୟକ୍ତ, ଅକଳ୍ପନୀୟ ଓ ଅଲୌକିକ, ଏହା ନିଃସନ୍ଦେହ ।

ଶିବଙ୍କ ତୃତୀୟ ଅର୍ଥ ସଦାଶିବଙ୍କୁ ଇଙ୍ଗିତ କରେ ଯାହା ମାନବୀୟ ଲୀଳାରେ ପ୍ରାୟ ସାତହଜାର ବର୍ଷରେ ସୃଷ୍ଟି ବୈଦିକ ଯୁଗରେ ପଦାର୍ପଣ କରି ବ୍ରହ୍ମାଣ୍ଡର ପ୍ରତ୍ୟେକ କଣିକାରେ

କଲ୍ୟାଣକାରୀ ଉପାଦାନ ଭରି ଦେଇଛନ୍ତି । ଶିବଙ୍କ କଲ୍ୟାଣକାରୀ ଶୁଭାଶିଷରେ ଜୀବ, ଉଦ୍ଭିଦ ଓ ଜଡ଼ ଜଗତ ମଙ୍ଗଳମୟ ହୋଇଯାଏ । ସର୍ବକଲ୍ୟାଣ ହେତୁ ଶିବ ହିଁ ସଦାଶିବ । ଋକ୍‌ବେଦ ଆଜକୁ ପ୍ରାୟ ପନ୍ଦର ହଜାର ବର୍ଷରୁ ସୃଷ୍ଟି ହୋଇଥିଲା । ଏହା ମୌଖିକ ସୃଷ୍ଟି ପରର ଆଠହଜାର ବର୍ଷ ପରେ ଋଗ୍‌ବେଦର ଶେଷାଂଶ ଓ ଯଜୁର୍ବେଦୀୟ ଯୁଗର ଅୟମାରମ୍ଭରେ ଅର୍ଥାତ୍ ଆଜିଠୁଁ ସାତହଜାର ବର୍ଷ ପୂର୍ବରେ ଶିବଙ୍କ ଆଗମନ ହୁଏ । ଅତଏବ ଆଗମତନ୍ତ୍ର ଆଜିଠୁଁ ସାତହଜାର ବର୍ଷ ପୂର୍ବେ ଆରମ୍ଭ ହୋଇଥିଲା । ଶିବଙ୍କୁ ଋଗ୍‌ବେଦର ରୁଦ୍ରଙ୍କ ସହ ସୂଚୀତ କରାଯାଇ ପ୍ରାକ୍‌ଶିବ ଓ ଯର୍ଜୁବେଦୀୟ ଶିବଙ୍କୁ ଶିବୋତ୍ତର ବୋଲି ସମ୍ମାନ ପ୍ରଦାନ କରାଯାଏ ।

ଋଗ୍‌ବେଦ କାଳରେ ମାତୃଶାସିତ ସମାଜ ଥିଲା । ସେହି ସମୟରେ ମାତୃଗୋତ୍ରର ପ୍ରଚଳନ ଥିବାରୁ ମନୁଷ୍ୟ ମାତୃ ନାମରେ ପରିଚିତ ହେଉଥିଲା । ଏହି ସମୟରେ ବୌଦ୍ଧଧର୍ମ ଓ ଜୈନ ଧର୍ମର ପ୍ରାବଲ୍ୟ ମଧ୍ୟ ଥିଲା । ଯର୍ଜୁବେଦ କାଳରେ ଶିବଙ୍କ ଆବିର୍ଭାବ ହେବାରୁ ଯଦିଓ ମାତୃଶାସିତ ବ୍ୟବସ୍ଥା କିଛି ମାତ୍ରାରେ ଥିଲା, ତଥାପି ପିତୃକୁଳ ବ୍ୟବସ୍ଥାର ପ୍ରଚଳନ ହେଲା । ଏହି ସମୟରେ ପିତାଙ୍କ ଗୋତ୍ରକୁ ନେଇ ମନୁଷ୍ୟ ନିଜ ପରିଚିତ ପ୍ରାପ୍ତ ହେଲା । ସଂସ୍କୃତ ଭାଷାରେ ଗୋତ୍ରର ଅର୍ଥ ପର୍ବତ । ଏହି କାରଣରୁ ବିଭିନ୍ନ ପର୍ବତର ଅଧିପତି ଥିବା ବିଭିନ୍ନ ଋଷିଙ୍କ ନାମରେ ଗୋତ୍ର ପରମ୍ପରା ପ୍ରଚଳିତ ହେଲା । ଏଣୁ ଶାଙ୍ଖାୟନ, କାଶ୍ୟପ, ପରାଶର, ଭରଦ୍ୱାଜ, ଇକ୍ଷ୍ୱାକୁ ଆଦି ଋଷିଙ୍କ ନାମରେ ବିଭିନ୍ନ ଗୋତ୍ର ପ୍ରଚଳିତ ହେଲା । ଏହି ଭିନ୍ନଭିନ୍ନ ଗୋତ୍ରୀୟ ମାନବଗୋଷ୍ଠୀ ଭିନ୍ନ ଭିନ୍ନ ପର୍ବତର ଅଧିବାସୀ ଭାବେ ଚିହ୍ନିତ ହେଉଥିଲେ । କିନ୍ତୁ ଶିବଙ୍କ ଆଗମନରେ ଶିବଗୋତ୍ର ପ୍ରଚଳିତ ହୋଇ ମାତୃ ଓ ପିତୃକୁଳ ବ୍ୟବସ୍ଥାର ଉଚ୍ଛେଦ ହେଲା ଓ ସମସ୍ତ ଶିବାନୁଗାମୀମାନେ ଶିବଗୋତ୍ରୀ ହେଲେ ।

"ଆତ୍ମଗୋତ୍ରଂ ପରିତ୍ୟଜ୍ୟ ଶିବଗୋତ୍ର ପ୍ରବିଶତୁ ।"

ଏହି ଶିବଗୋତ୍ରବାଦ ତତ୍କାଳୀନ ସମାଜରୁ ଭୌମଭାବାବେଗ (Geo-sentiment) ଓ ସାମାଜିକ ଭାବାବେଗ (Social-sentiment) କୁ ବିନାଶ କରି ଏକାଗୋତ୍ରରେ ସମ୍ମିଳିତ ହେଲା । ଠିକ୍ ସେହିପରି ବର୍ଣ୍ଣଭେଦ ଦୂରୀକରଣରେ ଶିବଙ୍କ ସମର୍ପିତ ଜୀବନ ଉଦାହରଣୀୟ । ଶିବଙ୍କ ତିନୋଟି ସ୍ତ୍ରୀ ମଧ୍ୟରୁ ପାର୍ବତୀ ଗୌରବର୍ଣ୍ଣା (ଆର୍ଯ୍ୟକନ୍ୟା), କାଳୀ କୃଷ୍ଣବର୍ଣ୍ଣା ବା ମେଘବର୍ଣ୍ଣା (ଅନାର୍ଯ୍ୟ କନ୍ୟା) ଓ ଗଙ୍ଗା (ପୀତବର୍ଣ୍ଣ) (ଲୋହିତ ବା ମଙ୍ଗୋଲୀୟ କନ୍ୟା) ଥିଲେ ଯାହାକି ବର୍ଣ୍ଣବିଭେଦ ଦୂରୀକରଣର ଅନନ୍ୟ ଉଦାହରଣ ।

ଶିବଙ୍କ ପୂର୍ବରୁ ସମାଜରେ ବିବାହ ପ୍ରଥା ନଥିଲା । ଏଣୁ ମାତୃକୁଳ ବ୍ୟବସ୍ଥାର ଥିଲା ଓ ମାତା ଦ୍ୱାରା ଶିଶୁ ପରିଚିତ ପ୍ରାପ୍ତ କରୁଥିଲା । ପିତାର କୌଣସି ଚିହ୍ନ ନଥିଲା । କିନ୍ତୁ ଶିବଙ୍କ ପରେ ଶିବ ବିବାହ ପ୍ରଥା ପ୍ରଚଳିତ ହୋଇ ମାତୃକୁଳ ବ୍ୟବସ୍ଥା ବଦଳରେ ପିତୃକୁଳ ବ୍ୟବସ୍ଥା ପ୍ରଚଳିତ ହେଲା ଓ ବିବାହ ପରେ କନ୍ୟାର ଗୋତ୍ର ପରିବର୍ତ୍ତନ ହେଲା । ଯେପରି ବେଦର କୌଣସି ଧର୍ମ ଓ ଗୋତ୍ର ନାହିଁ, ଠିକ୍ ସେହିପରି ଶିବ ବେଦରୁ ଊର୍ଦ୍ଧ୍ୱରେ ଥିବାରୁ ଏ ସମସ୍ତ ଭୌମ ଓ ଗୋଷ୍ଠୀ ଆବେଗରୁ ଊର୍ଦ୍ଧ୍ୱରେ ରହନ୍ତି ।

ଆର୍ଯ୍ୟମାନେ ଯେବେ ଉତ୍ତର-ପଶ୍ଚିମ ସୀମାରେ ପ୍ରବେଶି ଭାରତ ଆସିଲେ, ସେମାନଙ୍କ ମଧ୍ୟରେ କୌଣସି ନୀତିନିଷ୍ଠ ଧର୍ମବୋଧ, ଧର୍ମଚେତନା, ଆଚରଣ ଓ ଅନ୍ୱେଷଣ ନଥିଲା । ଏହି ହେତୁ ବିଭିନ୍ନ ଋଷି ବିଭିନ୍ନ ଗୋତ୍ର ଓ ପାର୍ବତ୍ୟାଞ୍ଚଳରେ ବାସ କରି ଶିବତତ୍ତ୍ୱର ଭିନ୍ନଭିନ୍ନ ସୁଦର୍ଶନ ପ୍ରଚାର, ପ୍ରସାର କରୁଥିଲେ । ମାତ୍ର ସେମାନେ ସମସ୍ତେ ଶିବଗୋତ୍ରୀ ଥିଲେ ଓ ଶୈବ ସଂସ୍କୃତିରେ ତଥା ତତ୍ତ୍ୱରେ ବିଶ୍ୱାସ କରୁଥିଲେ, ଏହା ନିଃସନ୍ଦେହ । ଏଣୁ ଧର୍ମଗ୍ରନ୍ଥରେ ଉଲ୍ଲିଖିତ ଅଛି-

"ବେଦାଃ ବିଭିନ୍ନାଃ ସ୍ମୃତୟୋ ବିଭିନ୍ନାଃ
ନୈକଃ ମୁନିର୍ଯ୍ୟସ୍ୟ ମତଂ ନ ଭିନ୍ନମ୍ ।"

ଏହି ଋଷିମାନଙ୍କ ମତକୁ ଆର୍ଷମତ ବା ଆର୍ଷଧର୍ମ କୁହାଯାଉଥିଲା । ଋକ୍‌ବେଦର ଆର୍ଷମତ ଯଜୁର୍ବେଦର ଆର୍ଷମତ ଠାରୁ ଭିନ୍ନ ଥିବାରୁ ମନ୍ତ୍ର ଉଚ୍ଚାରଣରେ ମଧ୍ୟ ପାର୍ଥକ୍ୟ ପରିଲକ୍ଷିତ ହେଲା । ଶିବ ଏପରି ଏକ ଘଡ଼ିସନ୍ଧି ମୁହୂର୍ତ୍ତରେ ଆବିର୍ଭାବ ହେଲେ ଯେଉଁ ସମୟରେ ଋଗ୍‌ବେଦର ସମାପ୍ତି ହେଉଥିଲା ଓ ଯଜୁର୍ବେଦର ପ୍ରାରମ୍ଭ ହେଉଥିଲା । ବିଭିନ୍ନ ଗୋତ୍ରର ପ୍ରାଧାନ୍ୟ ସୃଷ୍ଟି ହେବାରୁ ଗୋଷ୍ଠୀ ଗୋଷ୍ଠୀ ମଧ୍ୟରେ ସଂଘର୍ଷ ହେଉଥିଲା । ଯେଉଁମାନେ ବିଜୟୀ ହେଲେ ସେମାନେ ଗୋତ୍ରଧାରୀ ହେଲେ ଓ ପରାଜିତ ଗୋଷ୍ଠୀ ତାଙ୍କ ଅଧୀନସ୍ଥ ସ୍ୱୀକାର କରି ଉପଗୋଷ୍ଠୀ ହୋଇ ପ୍ରବର ରୂପେ ପରିଚିତ ହେଲେ । ମାତ୍ର ଶିବଙ୍କ ଆଗମନ ପରେ ଏସବୁ ପ୍ରାୟ ଏକ ହୋଇଯାଇ ଶିବଗୋତ୍ରୀ ହେଲେ ।

ଆଗମତନ୍ତ୍ରରେ ଶୈବାଗମନ ପରେ ବେଦ, ଉପନିଷଦ, ଆଗମ ଓ ଭାଷ୍ୟ ଆଦି ଅନେକ ଗ୍ରନ୍ଥ ରଚିତ ହେଲା ।

ଶୈବତନ୍ତ୍ରରେ ଦ୍ୱୈତବାଦ ଦର୍ଶନ ଉପରେ ଅଷ୍ଟମ ଶତାବ୍ଦୀରେ ସଦ୍ୟଜ୍ୟୋତି, ଦଶମ ଶତାବ୍ଦୀରେ ରମାକାନ୍ତ, ଏକାଦଶ ଶତାବ୍ଦୀରେ ଭୋଜଦେବ ଅନେକ ଗ୍ରନ୍ଥ ରଚନା କରିଛନ୍ତି। ଏହି ଦ୍ୱୈତବାଦକୁ ବିରୋଧ କରି ଅନେକ ଧର୍ମାଚାର୍ଯ୍ୟ ଯଥା: ଅଷ୍ଟମ ଶତାବ୍ଦୀର ବାସୁଗୁପ୍ତ, ଦଶମ ଶତାବ୍ଦୀର ଅଭିନବଗୁପ୍ତ, ଏକାଦଶ ଶତାବ୍ଦୀର କ୍ଷେମରାଜ ଆଦି ଅଦ୍ୱୈତବାଦର ପ୍ରଚଳନ କଲେ।

ଶୈବତନ୍ତ୍ରରେ ୧୪ଟି ଶୈବ ଉପନିଷଦ ଉପଲବ୍ଧ ରହିଛି। ଯଥା- କୈବଲ୍ୟ ଉପନିଷଦ, ଅଥର୍ବଶୀର୍ଷ ଉପନିଷଦ, ଅଥର୍ବଶିଖା ଉପନିଷଦ, ବ୍ରିହଜ୍ଜାଲା ଉପନିଷଦ, କାଳାଗ୍ନି ଉପନିଷଦ, ଦକ୍ଷିଣମୂର୍ତ୍ତି ଉପନିଷଦ, ଷରଭ ଉପନିଷଦ, ଅକ୍ଷମାଳିକା ଉପନିଷଦ, ପଞ୍ଚବ୍ରହ୍ମ ଉପନିଷଦ ଓ ଯାବଳି ଉପନିଷଦ। ଏଥିସହ ଶୈବତନ୍ତ୍ରରେ ଦଶଗୋଟି ଦ୍ୱୈତ ଆଗମଗ୍ରନ୍ଥ, ଅଠରଟି ଦ୍ୱୈତ ଓ ଅଦ୍ୱୈତ୍ୟବାଦ (ଭେଦଭେଦ) ଆଗମତନ୍ତ୍ର, ଚଉଷଠିଟି ଅଦ୍ୱୈତ୍ୟ ଆଗମଗ୍ରନ୍ଥ ରହିଛି। ଅଦ୍ୱୈତ୍ୱତନ୍ତ୍ରରେ ଭୈରବ ଶାସ୍ତ୍ର ଓ ଦ୍ୱୈତ୍ୟତନ୍ତ୍ରରେ ଶିବଶାସ୍ତ୍ର ଉପଲବ୍ଧ। ଶୈବ ଅଦ୍ୱୈତ୍ୟ ତନ୍ତ୍ରରେ ଆତ୍ମା ମଧ୍ୟରେ ପ୍ରଭୁଶିବ ବିରାଜମାନ ହୋଇଥାନ୍ତି। ଏଠାରେ ଶିବହିଁ ଆତ୍ମା ଅଟନ୍ତି। ମାତ୍ର ଶୈବ ଦ୍ୱୈତ୍ୟବାଦରେ ଆତ୍ମା (ମନୁଷ୍ୟ) ଓ ପରମାତ୍ମା (ଶିବ) ମଧ୍ୟରେ ଆଧ୍ୟାତ୍ମିକ ସମନ୍ୱୟ ଉପରେ ବିଶ୍ୱାସ ରହିଛି। ଅଦ୍ୱୈତବାଦରେ ପ୍ରଭୁ ଶିବ ସର୍ବତ୍ର ବିଦ୍ୟମାନ। ଏଣୁ ଜୀବନ, ପଦାର୍ଥ, ମନୁଷ୍ୟ ଓ ଶିବ ମଧ୍ୟରେ କୌଣସି ପ୍ରଭେଦ ନଥାଏ ବରଂ ଏକାକାର ବିବେଚନା କରାଯାଏ।

ଶୈବ ସଂସ୍କୃତିରେ ସନ୍ୟାସୀଶୈବମାନେ ଅତିମାର୍ଗ ଦର୍ଶନରେ ସାଧନାରତ ଥିବାବେଳେ ମନ୍ତ୍ରମାର୍ଗରେ ଉଭୟ ସନ୍ୟାସୀ ଓ ଗୃହସ୍ଥୀ ସାଧନାରତ ଥାଆନ୍ତି। ଅତିମାର୍ଗରେ ପଶୁପତ ଓ ଲକୁଳ ବର୍ଗ ରହିଥାନ୍ତି, କିନ୍ତୁ ସମସ୍ତଙ୍କ ଏକଲକ୍ଷ୍ୟ ହେଉଛି ମୋକ୍ଷପ୍ରାପ୍ତି।

## ଉପସଂହାର:

ଶିବ ଧର୍ମ ମୁଖ୍ୟତଃ ପରମାତ୍ମାଙ୍କୁ ପ୍ରାପ୍ତିର ଧର୍ମ। ଶିବ ସଦାସର୍ବଦା କୋମଳ ଓ କଠୋର। ଆତ୍ମା ଦର୍ଶନରେ ଶିବଙ୍କୁ ଆତ୍ମା ମଧ୍ୟରେ ସ୍ଥାପିତ କରି ଜ୍ଞାନଯୋଗ ବଳରେ ସମର୍ପଣ କଲେ, ମୋକ୍ଷପ୍ରାପ୍ତି ହେବା ଅଦ୍ୱୈତ ଦର୍ଶନ ଅଟେ। ଅହଂ ଶିବୋସ୍ମି ଅଦ୍ୱୈତ ଚିନ୍ତନର ମୁଖ୍ୟ ଆଧାର। ଠିକ୍ ସେହିପରି ଦ୍ୱୈତ ଦର୍ଶନରେ ଆତ୍ମା ସର୍ବଦା ଶିବଙ୍କ ନିକଟରେ ସମର୍ପିତ ହୋଇଥାଏ ଶ୍ରବଣ, ମନନ, ନିଦିଧ୍ୟାସନ (ତପ) ଓ ଆତ୍ମବିଚାର ମାଧ୍ୟମରେ। ଏହା ଦ୍ୱାରା ଜୀବନ କାଳେ ମୋକ୍ଷ (ଜୀବନମୁଖୀ) ଓ ମୃତ୍ୟୁପରେ ମୋକ୍ଷ (ବିଦେହୀମୁଖୀ) ସମ୍ଭବ ହୁଏ। ଦ୍ୱୈତ୍ୟବାଦରେ ମନୁଷ୍ୟ ଆତ୍ମା ଶିବଙ୍କ ପାଖରେ ସମର୍ପିତ ହୋଇ ବୈକୁଣ୍ଠପ୍ରାପ୍ତି କରେ। ଏହା ସମର୍ପଣ, ମନ୍ତ୍ର ପଠନ, କର୍ମଯୋଗ ଆଦି ଦ୍ୱାରା ସମ୍ଭବ ହୁଏ। ଶିବ ଭଗବାନ ଦ୍ୱୈତ ଓ ଅଦ୍ୱୈତ ଚିନ୍ତନର ଉର୍ଦ୍ଧ୍ୱରେ ସମଗ୍ର ଭକ୍ତଜଗତ ପାଇଁ କଲ୍ୟାଣକାରୀ ହୋଇଥାନ୍ତି। ଶିବ ଭୋଳାନାଥ ହୋଇଥିବାରୁ ଅଚିରେ ବରପ୍ରାପ୍ତି ହୁଏ। ଠିକ୍ ସେହିପରି କ୍ଷଣକୋପୀ ହୋଇ ବିନାଶର ପ୍ରତୀକ ହେଲେ ମଧ୍ୟ ପ୍ରତ୍ୟେକ ଶିବ କର୍ମ କଲ୍ୟାଣକାରୀ ଅଟେ। ଏଣୁ କୁହାଯାଏ- "କୋପେବର-ତପେବର"।

## ସହାୟକ ଗ୍ରନ୍ଥସୂଚୀ :


୧. ପ୍ରାଚ୍ୟ ଓ ପାଶ୍ଚାତ୍ୟ ବୌଦ୍ଧ, ଡ (ଇଂ) ସଞ୍ଜୟ କୁମାର ପଣ୍ଡା।

୨. ନମଃ ଶିବାୟ ଶାନ୍ତାୟ, ଶ୍ରୀ ଶ୍ରୀ ଆନନ୍ଦମୂର୍ତ୍ତି।

୩. ଓଡ଼ିଆ ସାହିତ୍ୟରେ ଧର୍ମଧାରା, ଡ.ସୁରେନ୍ଦ୍ର କୁମାର ମହାରଣା।


❖ ❖ ❖

DOI : https://doi.org/10.5281/zenodo.19111081

ମୂଳ ପ୍ରବନ୍ଧ

# ସଫଳ ଆତ୍ମଜୀବନୀ ଗ୍ରନ୍ଥ : "ସ୍ମୃତି ସଂଳାପ"

**ସୁବାସ ଚନ୍ଦ୍ର ବେହେରା**

**ସଂକ୍ଷିପ୍ତସାର :**

ଆଜି ଓଡ଼ିଆ ଆତ୍ମଜୀବନୀ ସାହିତ୍ୟ, ଓଡ଼ିଆ ସାହିତ୍ୟର ଏକ ବହୁ ପରିଚିତ ତଥା ପୁରୁଣା ବିଭାଗ ହୋଇଗଲାଣି । ଅନେକ ପ୍ରତିଷ୍ଠିତ ଲେଖକ ଆତ୍ମଜୀବନୀ ଲେଖିଛନ୍ତି । ସୁଖର କଥା ଓଡ଼ିଆ ନବନାଟ୍ୟ ଆନ୍ଦୋଳନର କର୍ଣ୍ଣଧାର ଶ୍ରୀଯୁକ୍ତ ମନୋରଞ୍ଜନ ଦାସ "ସ୍ମୃତି ସଂଳାପ" ଶୀର୍ଷକରେ ଆତ୍ମଜୀବନୀ ଗ୍ରନ୍ଥ ୧୯୯୯ ମସିହାରେ ଲେଖିଥିଲେ । ଯେଉଁଥିରେ ୧୯୪୦ ମସିହାରୁ ୨୦୦୦ ମସିହା ପର୍ଯ୍ୟନ୍ତ ଓଡ଼ିଶାର ସାହିତ୍ୟିକ-ସାମାଜିକ-ରାଜନୈତିକ- ଐତିହାସିକ ଏବଂ ସାଂସ୍କୃତିକ ଘଟଣାକୁ ଉପନ୍ୟାସ ଓ ନାଟକ ଶୈଳୀରେ ସେ ଉପସ୍ଥାପନ କରିଛନ୍ତି ।

ଓଡ଼ିଶାର ଉପକୂଳ ଅଞ୍ଚଳର ନାମକରା ଶିକ୍ଷାନୁଷ୍ଠାନ ବିଷୟରେ ଏହି ପୁସ୍ତକରୁ ଅଳ୍ପରେ ଜାଣିବାକୁ ମିଳେ । ବ୍ୟବସାୟିକ ରଙ୍ଗମଞ୍ଚ-ସୌଖିନ ନାଟ୍ୟାନୁଷ୍ଠାନ-ପେଶାଦାର କଳାକାର-ସୌଖିନ ଅଭିନେତା-ଅଭିନେତ୍ରୀମାନଙ୍କ ବିଷୟରେ ଅନେକ କଥା ଏହି ପୁସ୍ତକରେ ସ୍ଥାନ ପାଇଛି । ଆତ୍ମଜୀବନୀକାର ନିଜେ ନାଟକ ଲେଖି ବିଭିନ୍ନ ସମୟରେ ବ୍ୟବସାୟିକ ଓ ସୌଖିନ ନାଟ୍ୟାନୁଷ୍ଠାନ ସହିତ ଜଡ଼ିତ ରହି ରାତିଦିନ ଏକକରି ନିଜ ନାଟକଗୁଡ଼ିକ ମଞ୍ଚସ୍ଥ କରିବାକୁ ସଂଗ୍ରାମ କରିଥିବା କଥା ଜାଣିବାକୁ ମିଳେ । ଭାରତୀୟ ନାଟ୍ୟ ସାହିତ୍ୟ-ବିଶ୍ୱନାଟ୍ୟ ସାହିତ୍ୟ ସହିତ ଓଡ଼ିଆ ନାଟକକୁ ସମକକ୍ଷ କରିବା ପାଇଁ ଶ୍ରୀ ମନୋରଞ୍ଜନ ଦାସଙ୍କ ପ୍ରାଣମୂର୍ଚ୍ଛା ଉଦ୍ୟମର କଥା ମଧ୍ୟ ଆମେ ଏହି ଗ୍ରନ୍ଥରୁ ଜାଣିବାକୁ ପାଇଲୁ । ଓଡ଼ିଆ ଚଳଚ୍ଚିତ୍ରର କଥା ମଧ୍ୟ ଆତ୍ମଜୀବନୀକାର ଏହି ଗ୍ରନ୍ଥରେ କହିଛନ୍ତି । ଭାରତର ତଥା ବିଶ୍ୱର ଅନେକ ଲେଖକ, ସଂଗ୍ରାମୀଙ୍କ କଥା ଏଥିରେ ସ୍ଥାନ ପାଇଛି । ସତ୍ୟସାଇ ବାବା, ଶ୍ରୀ ଅରବିନ୍ଦଙ୍କ କଥା "ସ୍ମୃତି ସଂଳାପ" ରେ ସ୍ଥାନିତ । ଶ୍ରୀଯୁକ୍ତ ଦାସ ନିଜ ପରୀକ୍ଷାଧର୍ମୀ ନାଟକଗୁଡ଼ିକ ରଚନା ଓ ମଞ୍ଚସ୍ଥ କରିବାର କଥା ଏହି ଗ୍ରନ୍ଥରେ କହିଛନ୍ତି ।

ଏହି ପୁସ୍ତକରୁ ତତ୍କାଳୀନ ଓଡ଼ିଶାର ନାଟକ, ନାଟ୍ୟକାର, ଦର୍ଶକମାନଙ୍କ ବିଷୟରେ ପାଠକ ଜାଣିବାକୁ ପାଇଲେ । ଆକାଶବାଣୀର ସମ୍ବାଦ ବିଭାଗ ଓ ନାଟକ ବିଭାଗର କଥା ଲେଖକ "ସ୍ମୃତି ସଂଳାପ"ରେ ଲେଖିଛନ୍ତି । ସ୍ୱାଧୀନତା ପରବର୍ତ୍ତୀ ଓଡ଼ିଶାର ଇତିହାସ ପଢ଼ିଲା ପରି ଏହି ଆତ୍ମଜୀବନୀ ପଢ଼ିଲା ପରେ ଅନୁଭବ ହେଉଛି । ଏହିଭଳି ଏକ ଗୁରୁତ୍ୱପୂର୍ଣ୍ଣ ଓ ତଥ୍ୟଧର୍ମୀ ଆଲୋଚନା ଓଡ଼ିଆ ସାହିତ୍ୟକୁ ବଳିଷ୍ଠ କରିବାରେ ସହାୟତା କରିଛି କହିଲେ ଭୁଲ ହେବ ନାହିଁ ।

**ପ୍ରମୁଖ ଶବ୍ଦାବଳୀ :**

କଟକ, କାଳୀବାବୁ, ଜନସଂସ୍କୃତି ସଂଘ, ଆଗାମୀ, ପରୀକ୍ଷାଧର୍ମୀ, ଓଡ଼ିଆ ସମ୍ବାଦ ବିଭାଗ, ଗଳାକଟା ଲାଇନ, ରିହରସାଲ୍ ।

ଏହି ପ୍ରବନ୍ଧକୁ ଅନ୍‌ଲାଇନରେ ପଢିବାପାଇଁ ପ୍ରବେଶ କରନ୍ତୁ

Quick Response Code:

Available online at : https://pracheenews.com/

DOI: https://doi.org/10.5281/zenodo.19111081

Article No - BPP00399

**ଯୋଗାଯୋଗ :**
**ଡକ୍ଟର ସୁବାସ ଚନ୍ଦ୍ର ବେହେରା,** ଅଧ୍ୟାପକ
ସରକାରୀ ସ୍ୱୟଂ ଶାସିତ ମହାବିଦ୍ୟାଳୟ, ସୁନ୍ଦରଗଡ଼-୨
**Email :** subashbehera119@gmail.com
**ORCID ID:** https://orcid.org/0009-0007-7519-6609

This is an open access journal, and articles are distributed under the terms of the Creative Commons Attribution Non Commercial Share Alike 4.0 License, which allows others to remix, tweak, and build upon the work non commercially, as long as appropriate credit is given and the new creations are licensed under the identical terms.

For reprints contact: *pracheepatrika@rediffmail.com*

| ପ୍ରାପ୍ତି | ସମୀକ୍ଷିତ | ଗୃହୀତ | ପ୍ରକାଶିତ |
|---|---|---|---|
| ୧୫.୧୨.୨୦୨୫ | ୧୬.୦୧.୨୦୨୬ | ୨୭.୦୧.୨୦୨୬ | ୧.୦୩.୨୦୨୬ |

ଏହି ପ୍ରବନ୍ଧକୁ କିପରି ଉଦ୍ଧୃତ କରିବେ : ବେହେରା, ସୁବାସ ଚନ୍ଦ୍ର; ୨୦୨୬। ସଫଳ ଆତ୍ମଜୀବନୀ ଗ୍ରନ୍ଥ : "ସ୍ମୃତି ସଂଳାପ"। ବାସ୍ତବତାର ପରିପ୍ରକାଶ ପ୍ରାଚୀ। ଭାଗ :୧୧, ସଂଖ୍ୟା : ୦, ପୃଷ୍ଠା :୫୩-୫୬।

ସତ ବିବରଣୀ ପ୍ରକାଶ ହେଉଛି ଆତ୍ମଜୀବନୀର ମୁଖ୍ୟ ଦିଗ । ଲେଖକ ନିଜ ଜୀବନର ଘଟଣା-ଦୁର୍ଘଟଣାକୁ ନିଜେ ଲେଖିଥିଲେ; ତାହାକୁ ଆତ୍ମଜୀବନୀ କୁହାଯାଇଥାଏ । ଆତ୍ମଜୀବନୀରେ ଲେଖକ ନିଜ ଜୀବନର ପ୍ରତିଟି ସମୟର କଥାକୁ ଲେଖିବା ଆବଶ୍ୟକ । ଆତ୍ମଜୀବନୀରେ ପାଠକ ସମକାଳୀନ ସମାଜର ଚିତ୍ର ଜାଣିଥାଏ, ଅନେକ ଭଲ କାର୍ଯ୍ୟ କରିବାର ପ୍ରେରଣା ପାଇଥାଏ । ଆତ୍ମଜୀବନୀ ଅବସାଦଗ୍ରସ୍ତ ମଣିଷକୁ ଜାଗ୍ରତ କରାଇଥାଏ, ବ୍ୟକ୍ତିର ଚାରିତ୍ରିକ ଲକ୍ଷଣାବଳୀ ପ୍ରକାଶ କରାଇଥାଏ । ଆତ୍ମବିଶ୍ଳେଷଣ ହେଉଛି ଆତ୍ମଜୀବନୀ ରଚନାର ଅନ୍ୟତମ ଦିଗ । ଆତ୍ମଜୀବନୀକାର ଆତ୍ମଜୀବନୀ ମାଧ୍ୟମରେ ସେହି ସମୟର ଘଟଣା ଉପରେ ନିଜର ମତ ରଖିଥାନ୍ତି । ସ୍ମୃତି ଓ ଅନୁଭୂତିର ଏକ କଳାତ୍ମକ ଦିଗ ହେଉଛି ଆତ୍ମଜୀବନୀ ।

ମାନବର ଆତ୍ମା ସର୍ବଦା ପ୍ରକାଶ ପାଇଁ ବ୍ୟାକୁଳ । ମାନବ ଆତ୍ମାର ସଞ୍ଚିତ ଅନୁଭୂତିର ପରିପ୍ରକାଶ ଯେତେବେଳେ ଭାଷା ଦ୍ୱାରା ମୂର୍ତ୍ତିମାନ ହୋଇ ଉଠେ, ତାହା ସାହିତ୍ୟ ରୂପରେ ପରିଗଣିତ ହୁଏ । ବିଚାର ଓ ଭାବ ଉନ୍ନତ ନ ହେଲା ପର୍ଯ୍ୟନ୍ତ କୌଣସି ଜାତି ବଡ଼ ହୋଇ ପାରିବ ନାହିଁ । ବିଚାର ଓ ଭାବ ଉନ୍ନତି କରିବାକୁ ହେଲେ; ଏହାର ବିକାଶ କେବଳ ଜାତିର ସାହିତ୍ୟ ଦ୍ୱାରା ସମ୍ଭବ । ଏହି କଥାଗୁଡ଼ାକୁ ବୋଧହୁଏ ବିଶିଷ୍ଟ ଓଡ଼ିଆ ନାଟ୍ୟକାର ଶ୍ରୀଯୁକ୍ତ ମନୋରଞ୍ଜନ ଦାସ ଅନୁଭବ କରିପାରିଥିଲେ । ଯାହା ଫଳରେ ସେ ଅନେକ ନାଟକ ଓ ଆତ୍ମଜୀବନୀ ଗ୍ରନ୍ଥଟିଏ ଲେଖିବାକୁ ସ୍ଥିର କରିଥିଲେ । ଏଥିରେ ସେ ସଫଳ ମଧ୍ୟ ହୋଇଥିଲେ । ଆତ୍ମଜୀବନୀରେ ସେ ତାହା କହିଲେ, ନାଟକରେ ଯାହା କହିପାରିନଥିଲେ । ଓଡ଼ିଆ ଆତ୍ମଜୀବନୀର ଇତିହାସରେ ମନୋରଞ୍ଜନ ବାବୁଙ୍କ "ସ୍ମୃତି ସଂଳାପ" ଆତ୍ମଜୀବନୀ ଗ୍ରନ୍ଥ ଯୋଡ଼ି ହୋଇଗଲା ।

"ସ୍ମୃତି ସଂଳାପ" ମନୋରଞ୍ଜନ ଦାସଙ୍କ ସଂଘର୍ଷମୟ ଜୀବନର ସମସ୍ତ ଭାବାବେଗକୁ ନେଇ ଗତିଶୀଳ । ସାହିତ୍ୟ ମାନବ ଚରିତ୍ରର ଏକ ଇତିହାସ । ଏହି କଥାକୁ ଶ୍ରୀଯୁକ୍ତ ଦାସଙ୍କ "ସ୍ମୃତି ସଂଳାପ"ରେ ମୁଁ ଦେଖିବାକୁ ପାଇଛି ।

ଆଧୁନିକ ଓଡ଼ିଆ ନାଟ୍ୟ ଆନ୍ଦୋଳନର କର୍ଣ୍ଣଧାର ବିଶିଷ୍ଟ ନାଟ୍ୟକାର ମନୋରଞ୍ଜନ ଦାସଙ୍କ ସୁଦୀର୍ଘ (ପୃଷ୍ଠା ୬୪୪) ଆତ୍ମଜୀବନୀ ପୁସ୍ତକ "ସ୍ମୃତି ସଂଳାପ" ସମ୍ପୂର୍ଣ୍ଣ ପଠନ କରିବାର ସୌଭାଗ୍ୟ ମୋତେ ମିଳିଥିବାରୁ ମୁଁ ଆନନ୍ଦିତ । ଗତ ଶତାବ୍ଦୀର ଶେଷ ଷାଠିଏ ବର୍ଷ (୧୯୪୦-୨୦୦୦)ର ସାଂସ୍କୃତିକ, ସାହିତ୍ୟିକ ଏବଂ ଐତିହାସିକ ଚିତ୍ରକୁ ଏକାଠି କରି ପାଠକଙ୍କୁ ପଢ଼ିବାର ସୁଯୋଗ ଦେଇଛି ଏହି ପୁସ୍ତକ । ନାଟକୀୟ ସଂଳାପ ଏବଂ ଉପନ୍ୟାସର ବର୍ଣ୍ଣନା ଶୈଳୀରେ ଲିଖିତ ଉକ୍ତ ଆତ୍ମଜୀବନୀରେ ଅନେକ ସାହିତ୍ୟିକ, ସାମାଜିକ (ପାରିବାରିକ), ରାଜନୈତିକ, ଐତିହାସିକ ଏବଂ ସାଂସ୍କୃତିକ ଘଟଣାକୁ ଭେଟୁ ।

ଗ୍ରନ୍ଥଟିର ପ୍ରଥମାବସ୍ଥାରେ ଭେଟୁ ଅବିଭକ୍ତ କଟକ ଜିଲ୍ଲାର କୁଜଙ୍ଗ, କଟକ ସହର, କଲେଜିଏଟ୍ ସ୍କୁଲ, କୁଜଙ୍ଗରୁ କଟକ ବାଟ ଚଲା ରାସ୍ତାକୁ ଆଉ ଭେଟୁ କୁଜଙ୍ଗ ବନବିହାରୀ ହାଇସ୍କୁଲ, ରେଭେନସା କଲେଜ ଭଳି ମଣିଷଗଢ଼ା କାରଖାନାକୁ । ମନୋରଞ୍ଜନ ବାବୁଙ୍କ ରେଭେନ୍ସା କଲେଜର ପାଠପଢ଼ା, ସ୍ୱାଧୀନତା ସଂଗ୍ରାମରେ ରେଭେନ୍ସା କଲେଜ ଛାତ୍ରଛାତ୍ରୀମାନଙ୍କ ଭୂମିକା, ଏଥିନେଇ ଲାଠି ପ୍ରହାରର ଯନ୍ତ୍ରଣା, ସାହିତ୍ୟ ତଥା ନାଟକ ରଚନା କ୍ଷେତ୍ରରେ ରେଭେନ୍ସା ଛାତ୍ର ଶିକ୍ଷକଙ୍କ ଭୂମିକା-ବହୁ ବିଶିଷ୍ଟ ସାହିତ୍ୟିକଙ୍କ ନାମ, ସେମାନଙ୍କ ଚିନ୍ତାଧାରା ସବୁ ଯେପରି ସିନେମାର ରିଲ୍ ପରି ଗୋଟେ ପରେ ଗୋଟେ ସୁନ୍ଦର ଭାବରେ ମନର କାନ୍‌ଭାସକୁ ଆସିଯାଏ । ଯାହା ପାଠକଙ୍କୁ କେତେବେଳେ ସାହିତ୍ୟିକ କରାଇ ଦିଏ ତ କେତେବେଳେ ସଂଗ୍ରାମୀ ବନାଏ । ଆତ୍ମଜୀବନୀକାର କହିଛନ୍ତି "ମାଟ୍ରିକ ପରୀକ୍ଷା ଦେଇ ସାରିଲା ବେଳକୁ ଥିଏଟର କରିବା ନିଶା ମୋ ଉପରେ ଏକାବେଳେ ଘୋଡ଼ାସବାର ହୋଇଯାଇଥିଲା ।" ମନୋରଞ୍ଜନ ବାବୁ କହୁ କହୁ ସତ କଥାଟେ କହି ପକାଇଛନ୍ତି ତାହା ହେଲା "ତାହାଥିଲା ମୋ ବି.ଏ. କ୍ଲାସର ଶେଷ ବର୍ଷ । ସେତେବେଳେ 'ଯୌବନ' ନାଟକ ପାଇଁ ମୁଁ ବରାବର ଅନ୍ନପୂର୍ଣ୍ଣା ଥିଏଟରକୁ ଯାଉଥିଲି । ଖୁବ୍ ବେଶୀ ସିଗାରେଟ୍ ଖାଉଥିଲି । ସେଇଥର ବାପା ଏସବୁ ଜାଣି ପାରିଲେ ।" ଏହି ପୁସ୍ତକରେ ଆମେ ଭେଟୁ ଓଡ଼ିଆ ଜାତିର ଅତୀତ କଥାକୁ ଏବଂ ଅତୀତର ଓଡ଼ିଆ ନାଟକ ଆଉ ମଞ୍ଚର କଥାକୁ । କେଉଁପରି ଭାବେ ସେ ନାଟ୍ୟପ୍ରେମୀ ହୋଇ ଉଠିଥିଲେ, ନିଜ ଗ୍ରାମ ଏବଂ କଟକ ସହରରେ ନାଟ୍ୟାନୁଷ୍ଠାନ ଗଠନ କରିବାରେ ତାଙ୍କର ଅବଦାନ, ତ୍ୟାଗ । ଆତ୍ମଜୀବନୀକାରଙ୍କ ଲେଖନୀରେ ତାହା ଜୀବନ୍ତ ହୋଇ ଫୁଟି ଉଠିଛି - "୧୯୪୩ ମସିହା ପ୍ରଥମ ଭାଗ ବେଳକୁ ମୋ ପାଖରେ

ପ୍ରସ୍ତୁତ ହୋଇ ରହିଥିଲା କେତେ ଖଣ୍ଡ ପାଣ୍ଡୁଲିପି । ମନ ଅସ୍ଥିର ହେଉଥିଲା କେମିତି କେଉଁ ଥିଏଟର୍ ଅନୁଷ୍ଠାନ ସହିତ ମିଶି ଯାଆନ୍ତି କି ? ମୋ ନାଟକ କେଉଁ ରଙ୍ଗମଞ୍ଚରେ ଅଭିନୀତ ହୁଅନ୍ତା କି ? ବାରମ୍ବାର କାଳୀବାବୁଙ୍କ ନାଁ, ଓଡ଼ିଶା ଥିଏଟର ନାଁ ମନରେ ଭାସିଆସୁଥିଲା । କାଳୀବାବୁ ଥିଲେ ବାନାମ୍ବର ଦାଦାଙ୍କର ଖୁବ୍ ଜଣାଶୁଣା ।" ନାଟକମାନ ରଚନା କରି ତାହାକୁ ମଞ୍ଚସ୍ଥ କରିବାର ଯନ୍ତ୍ରଣା ସମୟେ ସମୟେ ମନୋରଞ୍ଜନ ବାବୁଙ୍କୁ ପରାଜିତ କ୍ଷତାକ୍ତ ସୈନିକ ପରି ଛଟପଟ କରିଛି ତ ପୁଣି କେବେ ବିଜୟୀ ସୈନିକର ଛାତି ଫୁଲା ଆନନ୍ଦ ଜାତ କରାଇଛି ।

କୁଜଙ୍ଗଠାରେ ବ୍ୟକ୍ତିଗତ ଜୀବନରେ ବିଶ୍ୱାସ ଘାତକତାର ଶିକାର ହୋଇଥିବା ମନୋରଞ୍ଜନ ବାବୁ ତାଙ୍କ ନାଟ୍ୟକାର ଜୀବନର ପ୍ରଥମ ଭାଗରେ ଏକ ପ୍ରତିଷ୍ଠିତ ରଙ୍ଗମଞ୍ଚରେ ତାଙ୍କର ଏକ ନାଟକ ମଞ୍ଚସ୍ଥ କରିବାକୁ କିପରି କ୍ଷତାକ୍ତ ହୋଇଥିଲେ ଏଥିରେ ତାହା ସ୍ଥାନ ପାଇଛି । ତାଙ୍କର ସୃଜନଶୀଳ ବ୍ୟକ୍ତିସତ୍ତା କିପରି ବା ଏହାକୁ ଭୁଲି ଯାଇଥାନ୍ତା !

ମନୋରଞ୍ଜନ ବାବୁ ଦିଲ୍ଲୀ ଆକାଶବାଣୀର କର୍ମଚାରୀ ଥିଲେ । ପାରାଦ୍ୱୀପର ମାଛବେପାରୀ, କୁଜଙ୍ଗ ଧାନକଳର ମାଲିକ, ଗାଉଁଲି ନାରୀର ସ୍ୱାମୀ, କୁନି କୁନି ପୁଅ ଝିଅମାନଙ୍କର ପିତା, ବୃଦ୍ଧ ପିତାମାତାଙ୍କର ପୁତ୍ର ଭୂମିକାରେ ଯେପରି ଅବତୀର୍ଣ୍ଣ ହୋଇଛନ୍ତି ସେ ଏହି ଆତ୍ମଜୀବନୀ ପୁସ୍ତକଟିରେ ବେଶ୍ ନାଟକୀୟ ଭାବେ ଉପସ୍ଥାପନ କରିଛନ୍ତି । ମନୋରଞ୍ଜନ ଦାସଙ୍କ ଏହି ଭୂମିକାଗୁଡ଼ିକ ପାଠକମାନଙ୍କ ମନରେ ସ୍ୱତଃସ୍ଫୂର୍ତ୍ତ ଭାବରେ ଦୁଃଖଜାତ କରାଇବା ସ୍ୱାଭାବିକ । କାରଣ ଏହି ଭୂମିକାଗୁଡ଼ିକରେ ସେ ଅସଫଳତାକୁ ବହୁମାତ୍ରାରେ ଭେଟିଛନ୍ତି । ଅନେକ ଦୁଃଖ ଯନ୍ତ୍ରଣାକୁ ସହ୍ୟକରି, ସବୁ ବ୍ୟବସାୟରେ ଅସଫଳ ହୋଇ ଶ୍ରୀ ଦାସ ନିରୋଳା ନାଟ୍ୟପ୍ରାଣ ପୁରୁଷ ବନିବାର ପଥରେ ଅଗ୍ରସର ହୋଇଥିଲେ ।

ଅଶ୍ୱିନୀ କୁମାର, କାଳୀଚରଣଙ୍କ ତତ୍କାଳୀନ ନାଟ୍ୟଧାରାକୁ ଅନୁସରଣ କରି ସେ ରଚନା କଲେ କେତୋଟି ପାରମ୍ପରିକ ନାଟକ । ଏ ଧାରାର ନାଟକ ତାଙ୍କୁ କିନ୍ତୁ ପରବର୍ତ୍ତୀ ଜୀବନରେ ଆତ୍ମ ସନ୍ତୋଷ ଦେଇ ପାରିନଥିଲା । ପରବର୍ତ୍ତୀ ସମୟରେ ଜାତୀୟ ଓ ଅନ୍ତର୍ଜାତୀୟ ନାଟ୍ୟଧାରା ସହିତ ମନୋରଞ୍ଜନ ବାବୁ ଅଧିକ ଭାବରେ ପରିଚିତ ହୋଇପାରିଥିଲେ । ତାହା 'ଆଗାମୀ' ନାଟକଠାରୁ ତାଙ୍କର ରଚନାମାନଙ୍କରେ ପ୍ରତିଫଳିତ ହେଲା । ଏଇଠି ଓଡ଼ିଆ ନାଟକର ଚକ ବଦଳିବାକୁ ଆରମ୍ଭ କଲା । ଆଧୁନିକ ଓଡ଼ିଆ ନାଟକର ଭଗୀରଥ ଭାବରେ ଶ୍ରୀଯୁକ୍ତ ଦାସ ନିଜକୁ ପ୍ରତିଷ୍ଠିତ କରାଇବାରେ ସମର୍ଥ ହୋଇଥିଲେ ।

'ସ୍ମୃତି ସଂଳାପ'ରେ ଓଡ଼ିଆ ପାରମ୍ପରିକ ନାଟକ-ଭାରତୀୟ ନାଟକ ବିଶ୍ୱ ନାଟକ-ଆଧୁନିକ ଓଡ଼ିଆ ନାଟକର କଥା, ରଙ୍ଗମଞ୍ଚରେ ତାହାକୁ ମଞ୍ଚସ୍ଥ କରିବାର କାହାଣୀକୁ ଲେଖି ଲିପିବଦ୍ଧ କରିଛନ୍ତି । ଏହି ମର୍ମସ୍ପର୍ଶୀ ବର୍ଣ୍ଣନାଗୁଡ଼ିକ ପାଠ କଲାବେଳେ ଭୋକ-ଶୋଷ ଦୂରେଇ ଯାଏ, ଆପଣାଛାଏଁ ହାତ ପୃଷ୍ଠା ଲେଉଟାବାକୁ ଚାଲିଯାଏ । ତାଙ୍କର ଏହି ଜୀବନ୍ତ ଅନୁଭୂତିଗୁଡ଼ିକ ଯେ ପରବର୍ତ୍ତୀ ସମୟରେ ପାଠକ, ନାଟ୍ୟକାର, ନାଟ୍ୟ ସଂଗଠକ, କଳାକାରମାନଙ୍କ ଚେତନାକୁ ଉଦ୍‌ବୁଦ୍ଧ କରିବାକୁ ସମର୍ଥ ହୋଇପାରିଛି ତାହା ନିଃସନ୍ଦେହ । ଆତ୍ମୀଜୀବନୀକାର ଏହି କଥାଗୁଡ଼ିକୁ ଏହିଭଳି ଶବ୍ଦରେ ଉପସ୍ଥାପନ କରିଛନ୍ତି-'ଜନସଂସ୍କୃତି ସଂଘ' ଦ୍ୱାରା 'ଅଗଷ୍ଟ ନ' ଅଭିନୀତ ହେବା ସ୍ଥିର ହୋଇଯିବା ପରେ ତାର ରିହର୍ସାଲ୍ ପାଇଁ ବ୍ୟବସ୍ଥା ହୋଇଥିଲା ଓଡ଼ିଆ ବଜାର ସୋସାଲିଷ୍ଟ ପାର୍ଟିର ଉପର ମହଲାରେ । × × × ରିହର୍ସାଲ୍ ଆରମ୍ଭ ପାଇଁ ଯାହା ପ୍ରତିବନ୍ଧକ ହେବ ବୋଲି ଆମେ ଆଶଙ୍କା କରିଥିଲୁ ସୌଭାଗ୍ୟକୁ ତାହା ମୂଳରୁ ଦୂର ହୋଇଯାଇଥିଲା । ରାଣୀହାଟ ଅଞ୍ଚଳରେ ରହୁଥିବା ତିନୋଟି ଶିକ୍ଷିତା ଭଉଣୀ ଜୟନ୍ତୀ, ଚନ୍ଦ୍ରମୁଖୀ ଓ ଅମଳା, ତିନୋଟି ନାରୀ ଚରିତ୍ର ପାଇଁ ଆଗେଇ ଆସିଥିଲେ । ନାଟକର ମୁଖ୍ୟ ଚରିତ୍ର 'ଅମର' ପାଇଁ ଆର୍ଟିଷ୍ଟିଏ ପାଇବା ଲାଗି ଆମେ କିନ୍ତୁ ଚିନ୍ତିତ ହୋଇପଡ଼ିଥିଲୁ ।"

ମନୋରଞ୍ଜନ ବାବୁ ଯେତେବେଳେ ଆକାଶବାଣୀରେ ଯୋଗଦାନ କରନ୍ତି ସେତେବେଳେ ତାଙ୍କ ଜୀବନର ଛିନ୍ନ ନାଟ୍ୟଧାରା ଆକାଶବାଣୀ ପରି ଏକ କଳାତ୍ମକ ଅନୁଷ୍ଠାନରେ ପୁଣି ସଂଜିବୀତ ହୋଇଯିବାର ସୁଯୋଗ ମିଳିଥିବାରୁ ସେ ନିଜକୁ ଭାଗ୍ୟବାନ ବୋଲି ମନେ କରିଛନ୍ତି ।

"ସ୍ମୃତି ସଂଳାପ" ପୁସ୍ତକରେ ଦେଖିବାକୁ ମିଳେ ଠିକ୍ ସ୍ୱାଧୀନତା ପରର ଦିଲ୍ଲୀ ସହରକୁ, ପାକିସ୍ଥାନରୁ ସଂଖ୍ୟାଲଘୁ ଶ୍ରେଣୀର ଲୋକମାନେ ଭାରତକୁ ଅତି ଦୟନୀୟ ଅବସ୍ଥାରେ ଆସି ଦିଲ୍ଲୀ ସହରର ଗଳିକନ୍ଦିରେ ଝୁମ୍ପୁଡ଼ି ତିଆରି କରି ପିଲାଛୁଆ

ଧରି ଦିନକୁ ଦୁଇମୁଠା ଆହାର ସଂଗ୍ରହ କରୁଥିବା ଦୃଶ୍ୟକୁ ଏବଂ ଦେଖୁ ଦିଲ୍ଲୀ ଆକାଶବାଣୀରେ ଓଡ଼ିଆ ସମ୍ବାଦ ବିଭାଗର କଥାକୁ, ଓଡ଼ିଶାର କଟକସ୍ଥ ମଧୁପୁର କୋଠିରେ ଅବସ୍ଥାପିତ ଆକାଶବାଣୀ କଟକକୁ ।

ଓଡ଼ିଆ ଚଳଚ୍ଚିତ୍ରର ଆଦ୍ୟାବସ୍ଥାର ଚିତ୍ର ଫୁଟି ଉଠିଛି "ସ୍ମୃତି ସଂଳାପ"ରେ । କେଉଁଭଳି ଅସହାୟ ପରିସ୍ଥିତିରେ ତାଙ୍କୁ ଏବଂ ତାଙ୍କ ଗ୍ରୁପ୍‌କୁ କଲିକତା ସହରରେ ଓଡ଼ିଆ ଚଳଚ୍ଚିତ୍ର ନିର୍ମାଣ କରିବାକୁ ପଡୁଥିଲା ଶ୍ରୀ ଦାସଙ୍କ "ସ୍ମୃତି ସଂଳାପ" ଆତ୍ମଜୀବନୀରେ ତାହା ସ୍ଥାନ ପାଇଛି । ସେ ସମୟର କଲିକତା ସହରର ସାମାଜିକ – ସାଂସ୍କୃତିକ ଚିତ୍ର ସ୍ଥାନ ପାଇଛି ଏହି ଆତ୍ମଜୀବନୀ ପୃଷ୍ଠାରେ । ଆଜି ଓଡ଼ିଆ ଚଳଚ୍ଚିତ୍ର ଅତ୍ୟାଧୁନିକ ଯନ୍ତ୍ରପାତିରେ ବର୍ଣ୍ଣାଢ଼୍ୟ ରୂପରେଖ ନେଇଥିବାବେଳେ ଏହାର ପ୍ରାରମ୍ଭିକ ଅବସ୍ଥା ଯେ କେତେ ଯନ୍ତ୍ରଣାଦାୟକ ଥିଲା, ତାହା ଆମକୁ ଜଣାଇଦିଏ "ସ୍ମୃତି ସଂଳାପ" ଆତ୍ମଜୀବନୀ ପୁସ୍ତକ । ଫିଲ୍ମ ଲାଇନ୍ ଏକ ଗଳାକଟା ଲାଇନ୍ ସେ କଥା ଶ୍ରୀ ଦାସ ଅଳ୍ପରେ ଜାଣିଥିଲେ । ମନୋରଞ୍ଜନ ବାବୁ ସେ ଗଳାକଟା ଧନ୍ଦାର ଶିକାର ଯେ ଏତେ ଶୀଘ୍ର ହୋଇଯିବେ, ତାଙ୍କର କଳ୍ପନାର ବାହାରେ ଥିଲା ।

ମନୋରଞ୍ଜନ ଦାସଙ୍କ ନାଟକ ଜଣେ ଓଡ଼ିଆଙ୍କ ହୀନମନ୍ୟତାରୁ କିପରି ଶେଷ ଅବସ୍ଥାରେ କେନ୍ଦ୍ର ସାହିତ୍ୟ ଏକାଡ଼େମୀ ପୁରସ୍କାରରୁ ବଞ୍ଚିତ ହୋଇଥିଲା ତାରି ଦୁଃଖଦ ଅନୁଭୂତିକୁ ଆତ୍ମଜୀବନୀକାର ନିଜ ଆତ୍ମଜୀବନୀ ପୁସ୍ତକରେ ସୂଚାଇବାକୁ ଭୁଲିନାହାନ୍ତି । ଏହି ଆତ୍ମଜୀବନୀ ପୁସ୍ତକରେ ସ୍ଥାନ ପାଇଛି ଓଡ଼ିଶାର ସ୍ଥାୟୀ (ବ୍ୟବସାୟିକ) ରଙ୍ଗମଞ୍ଚ ତା'ର ବିକାଶ ଏବଂ ଅବଲୁପ୍ତିର କଥା । ଆଉ ସୌଖିନ ନାଟ୍ୟାନୁଷ୍ଠାନମାନଙ୍କର ଜନ୍ମଯୌବନର କଥା । ଏହି ଅନୁଷ୍ଠାନମାନଙ୍କରେ କଳାକାରମାନଙ୍କ ଅଭିନୟ ଶୈଳୀ, ନିର୍ଦ୍ଦେଶକମାନଙ୍କର ନିର୍ଦ୍ଦେଶନା ଶୈଳୀ, ମ୍ୟାନେଜର ମାନଙ୍କର ମଞ୍ଚ ପରିଚାଳନା କଥା, ଦର୍ଶକଙ୍କ ନାଟ୍ୟପ୍ରେମ କଥା ମଧ୍ୟ ଏହି ଆତ୍ମଜୀବନୀ ପୁସ୍ତକରେ ସ୍ଥାନ ପାଇଛି । ଆତ୍ମଜୀବନୀକାରଙ୍କ କଥାରେ, "ଅରଣ୍ୟ ଫସଲ"ର ପ୍ରଥମ ଅଭିନୟ ହୋଇଥିଲା 'କଳାଶ୍ରୀ' ରଙ୍ଗମଞ୍ଚରେ ୧୯୬୯ ମସିହା ଜୁଲାଇ ଏଗାର ତାରିଖ ସନ୍ଧ୍ୟାରେ । କଟକରେ ପ୍ରାୟ ଏହାର ତିନିବର୍ଷ ତଳେ ଗଢ଼ି ଉଠିଥିଲା କଳାଶ୍ରୀ ଥିଏଟର । ଏହାର ଅବସ୍ଥା ସେତେବେଳକୁ ଖରାପ ହୋଇଆସିଥିଲା । ନିୟମିତ ନାଟକ ସେମାନଙ୍କ ହଲରେ ହୋଇପାରୁନଥିଲା । ଷ୍ଟେଜ୍‌ରେ ସେଟ୍ ସେଟିଂର ସୁବିଧା ବିଶେଷ କିଛି ନଥିଲା । × × × କିନ୍ତୁ ଓଡ଼ିଶା ମଞ୍ଚ ଇତିହାସର ସେଇ ପୁରୁଣା ରୋଗ... ମତାନ୍ତର... ଅବ୍ୟବସ୍ଥା... ଦୁର୍ବଳ ପରିଚାଳନା ଏଠି ଦେଖା ଦେଇଥିଲା ଏତେବେଳକୁ ।"

'ସ୍ମୃତି ସଂଳାପ'ର ମଧ୍ୟାନ୍ତର ଶେଷ ହୋଇଛି । ତା'ପରେ ଏହି ପୁସ୍ତକରେ ସ୍ଥାନ ପାଇଛି ନାଗପୁର ସହର, ଜାପାନୀ ସାହିତ୍ୟିକ ମିସିମା ଏବଂ ତାଙ୍କ ଦ୍ୱାରା ସେନାଧକ୍ଷ ଜେନେରାଲ କେନିଟୋସ ମାସିହିଟାଙ୍କ ବନ୍ଦୀ ଘଟଣା, ହାରାକିରୀ ଘଟଣା, ଓଡ଼ିଶାର ଏକାଡ଼େମୀ କଥା ଭାରତୀୟ ବିଶିଷ୍ଟ ନାଟ୍ୟକାରମାନଙ୍କ କଥା । ବମ୍ବେରେ ସତ୍ୟସାଇ ବାବା, ପଣ୍ଡିଚେରୀରେ ଶ୍ରୀ ଅରବିନ୍ଦଙ୍କ କଥା, ପୋଲାଣ୍ଡ ଗସ୍ତ, ସୋଭିଏତ ୟୁନିୟନ, ବୁଲଗେରିଆ, ରୋମ ସହର, ଲେଲିନ୍‌ଙ୍କ କଥାମାନ ମଧ୍ୟ ଏହି ଆତ୍ମଜୀବନୀ ପୁସ୍ତକରେ ସ୍ଥାନ ପାଇଛି ।

ଥିଏଟର ପ୍ରତି ଓଡ଼ିଆ ମନ୍ତ୍ରୀଙ୍କ ମନୋଭାବ, ବିଶ୍ୱ ଥିଏଟର, ବିଶ୍ୱ ନାଟକ, ବିଶ୍ୱ ନାଟ୍ୟକାର ଇତ୍ୟାଦି ବିଭିନ୍ନ କଥାକୁ ନାଟ୍ୟକାର ବେଶ୍ ସୁନ୍ଦର ଭାବରେ ସ୍ଥାନ ଦେଇ ଲେଖକ "ସ୍ମୃତି ସଂଳାପ" ପୁସ୍ତକକୁ ରୋମାଞ୍ଚକର କରିଦେଇଛନ୍ତି ।

"ସ୍ମୃତି ସଂଳାପ"ର ଭାଷା ସରଳ ତଥା ଶକ୍ତିଶାଳୀ । ଏଥିରେ ନାଟ୍ୟକାର ନାଟକୀୟ ଭାଷା ଏବଂ ଉପନ୍ୟାସର ବର୍ଣ୍ଣନା ଚାତୁରୀ ଦୁଇଟିର ଫେଣ୍ଟାଫେଣ୍ଟି ରୂପ ଦେଖିବାକୁ ମିଳେ । ମଝିରେ ମଝିରେ ଐତିହାସିକ ଉପନ୍ୟାସ ପଢ଼ିବା ପରି ଅନୁଭବ ହୁଏ । ଏହାକୁ ପଢ଼ିବା ଆରମ୍ଭ କଲାମାତ୍ରେ ଶୀଘ୍ର ଶେଷ କରିବାର କାମନା ବହୁଗୁଣିତ ହୋଇଉଠେ । ଅନେକ ସ୍ଥାନରେ ଲୁପ୍ତ ପ୍ରାୟ କଥିତ ଭାଷା ବିନ୍ୟାସ, ଖୋଲାଖୋଲି ବକ୍ତବ୍ୟ, ନିର୍ଭୀକମତ ପୋଷଣ, ଦୁଃଖ ସୁଖ ଦୁର୍ଘଟଣା-ଘଟଣା ଅପ୍ରାପ୍ତି-ପ୍ରାପ୍ତିର ବିସ୍ତୃତ କଥନ ଆତ୍ମଜୀବନୀ ପୁସ୍ତକଟିକୁ ବହୁମାତ୍ରାରେ ସୁଖପାଠ୍ୟ କରାଇ ପାରିଛି । ଆତ୍ମଜୀବନୀକାର ଅନ୍ୟମାନଙ୍କ ପ୍ରତି ଅଥବା ଅନ୍ୟ ମତବାଦଙ୍କ ପ୍ରତି ସହିଷ୍ଣୁ ଭାବ ଦେଖାଇଛନ୍ତି । ଗୋଟିଏ ଦୃଷ୍ଟିରୁ ଏହା ଅର୍ଦ୍ଧଶତାବ୍ଦୀର ସାହିତ୍ୟିକ-ସାଂସ୍କୃତିକ ଇତିହାସ କହିଲେ ଅତ୍ୟୁକ୍ତି ହେବ ନାହିଁ ।

ଏହି ମହାନାଟକର ବିଷୟବସ୍ତୁ ଉନ୍ମୋଚିତ ହେବା ସମୟ ଖଣ୍ଡରେ ଯେଉଁମାନେ ଜନ୍ମଗ୍ରହଣ କରିନଥିଲେ କିମ୍ବା ଅଳ୍ପ ବୟସର

ଥିଲେ ସେମାନେ ହେଉଛନ୍ତି ଆଜିର ଯୁବପୀଢ଼ି । ଭାରତ ଇତିହାସର ଏହି ଦୁର୍ଲ୍ଲଭ ସମୟକୁ ଭଲକରି ଜାଣିବାକୁ, ବୁଝିବାକୁ ଏବଂ ସେ ସମୟର ଘଟଣାବଳୀ ଦ୍ୱାରା ଅନୁପ୍ରାଣିତ ହେବାକୁ ଏ ପୁସ୍ତକ ଯେ ନିଶ୍ଚିତ ଭାବେ ସାହାଯ୍ୟ କରିବ ସେଥିରେ ସନ୍ଦେହ ନାହିଁ । ସମ୍ଭବତଃ ଯୁବପୀଢ଼ି ପାଇଁ ଏହା ହେଉଛି ଏ ପୁସ୍ତକର ସର୍ବଶ୍ରେଷ୍ଠ ଆହ୍ୱାନ ଓ ଦାନ ।

"ସ୍ମୃତି ସଂଳାପ"କୁ ମନୋରଞ୍ଜନ ବାବୁ ତାଙ୍କ ଜୀବନର ପ୍ରଥମ ଅଣନାଟକ ଲେଖା ବୋଲି ମୁଖବନ୍ଧ 'କିଞ୍ଚିତ୍'ରେ ଉଲ୍ଲେଖ କରିଛନ୍ତି । ୧୯୯୯ ମସିହାରେ ପ୍ରକାଶ ପାଇଥିବା ଏହି ଆତ୍ମଜୀବନୀକୁ ନେଇ ସମାଲୋଚକ ଅସିତ୍ ମହାନ୍ତି କହନ୍ତି- " 'ସ୍ମୃତି ସଂଳାପ' କେବଳ ଏକ ସ୍ମୃତିକଥା ବା ଆତ୍ମକାହାଣୀ ନୁହେଁ, ଏହା ଲେଖକଙ୍କର ଦୀର୍ଘ ସତୁରି ବର୍ଷର ଜୀବନ ଓ ସମୟର ଏକ ଅନ୍ତରଙ୍ଗ ଆଲେଖ୍ୟ। ଯାହା ଆରମ୍ଭରୁ ଆରମ୍ଭ ଓ ଶେଷରେ ଶେଷ ହୋଇଥିବା ଏକ ବର୍ଣ୍ଣନାତ୍ମକ ଅଣନାଟକ ମାତ୍ର ନୁହେଁ- ଏକ ଗୁରୁତ୍ୱପୂର୍ଣ୍ଣ ସମୟ ଖଣ୍ଡର ଛୋଟବଡ଼ ଦୃଶ୍ୟ ସମ୍ବଳିତ ଏକ ମହାନାଟକ ।(୧୯୯୯, ୧୫ ଅଗଷ୍ଟ -ସମ୍ବାଦ) ମୁଁ ଏଥିସହିତ ଏକମତ । ବାସ୍ତବିକ ବିଂଶ ଶତାବ୍ଦୀର ଏହା ଏକ ଦୀର୍ଘ ସମୟ ଖଣ୍ଡର ମହାନାଟକ । ଏହା ସେହି ଶ୍ରେଣୀର ପୁସ୍ତକ ଯାହା ସବୁ ଶ୍ରେଣୀର ପାଠକଙ୍କୁ ଆନନ୍ଦ ଦେଇପାରିବ ।

ନିଜ ଜୀବନର ଭଲମନ୍ଦ ଘଟଣାବଳୀକୁ ନିଜେ ଲେଖୁଥିଲେ, ତାହାକୁ ଆତ୍ମଜୀବନୀ କୁହାଯାଇଥାଏ । ଆତ୍ମଜୀବନୀକାର, ନାଟ୍ୟକାର ଶ୍ରୀ ମନୋରଞ୍ଜନ ଦାସ ଥିଲେ ଜଣେ ହିସାବୀ ଓ ପରିଶ୍ରମୀ ବ୍ୟକ୍ତି । ସେ ସବୁବେଳେ ସବୁକଥାକୁ ଠିକ୍ ଢଙ୍ଗରେ କରିବାକୁ ଚାହାଁନ୍ତି । ନିଜେ ବା ଅନ୍ୟ କେହି କୌଣସି କାର୍ଯ୍ୟ ଭୁଲ କଲେ ତାଙ୍କ ବ୍ୟକ୍ତି ସତ୍ତା ବିଦ୍ରୋହ କରିଉଠେ । ନାଟକ ଲେଖିବା ତାଙ୍କର ନିଶା । ନିଜ ନାଟକ ରିହରସାଲ୍ ସମୟରେ ସେ ନିଜେ ଉପସ୍ଥିତ ରୁହନ୍ତି । କଠିନ ପରିଶ୍ରମ କରି ମନୋରଞ୍ଜନ ବାବୁ ନାଟକକୁ ସୁନ୍ଦର ଭାବେ ମଞ୍ଚସ୍ଥ କରାଇବାରେ ସାହାଯ୍ୟ କରିଥାନ୍ତି । ଏ କଥା ପାଠକେ ଏହି ପୁସ୍ତକରୁ ଜାଣିପାରିବେ । ବିଶେଷ କରି ଶ୍ରୀ ଦାସ କଟକ ଓ ଦିଲ୍ଲୀରେ ରହଣି, ଭାରତ ଓ ଭାରତ ବାହାରେ ନାଟକ କାର୍ଯ୍ୟକ୍ରମରେ ଯୋଗଦାନ, ଓଡ଼ିଆ ନାଟ୍ୟ ସାହିତ୍ୟ ପାଇଁ ଆଶୀର୍ବାଦ କହିଲେ ଠିକ୍ ହେବ । ଏ ସମସ୍ତ କଥା 'ସ୍ମୃତି ସଂଳାପ' ପୃଷ୍ଠାରେ ସେ ସୁନ୍ଦର ଭାବେ ଲେଖିଛନ୍ତି । ଯାହା ଆତ୍ମଜୀବନୀକୁ ପଢ଼ିବାରେ ଆଗ୍ରହ ବଢ଼ାଇଛି । ତାଙ୍କ 'ଆଗାମୀ' ନାଟକ ଓଡ଼ିଆ ନାଟକର ଗତିପଥ ବଦଳାଇ ଦେଇଥିଲା । 'ଅରଣ୍ୟ ଫସଲ', 'ବନହଂସୀ', 'ବିତର୍କିତ ଅପରାହ୍ନ' ଭାରତୀୟ ନାଟ୍ୟ ସାହିତ୍ୟର ଏକ ଏକ ମାଇଲ ଖୁଣ୍ଟ ଥିଲା । ଏ କଥାକୁ ଆତ୍ମଜୀବନୀକାର ଆତ୍ମଜୀବନୀରେ  ସ୍ଥାନ ଦେଇ ପୁସ୍ତକଟିର ଗୁରୁତ୍ୱ ବଢ଼ାଇଛନ୍ତି ।

ଶ୍ରୀ ଦାସଙ୍କ ପାଇଁ ଓଡ଼ିଆ ନାଟକ ସର୍ବଭାରତୀୟ ସ୍ତରରେ ପରିଚୟ ପାଇଥିଲା । ଯାହା ତାଙ୍କୁ ଆତ୍ମାଜୀବନୀ ଗ୍ରନ୍ଥ ଲେଖିବା ପାଇଁ ଉତ୍ସାହିତ କରିଥିଲା । "ସ୍ମୃତି ସଂଳାପ" ଆତ୍ମାଜବନୀରେ ଅଧିକାଂଶ ପୃଷ୍ଠା ଓଡ଼ିଆ ନାଟକ-ରଙ୍ଗମଞ୍ଚ-କଳାକାର-ଦର୍ଶକଙ୍କ କଥା ଭରପୁର ରହିଛି । ନିଜ ପିଲାଦିନ କଥାଠାରୁ ବୃଦ୍ଧ ଜୀବନର କଥା ସମ୍ୟକ ଭାବେ ଲେଖି ଆତ୍ମଜୀବନୀ ପୁସ୍ତକର ସମସ୍ତ ସ୍ୱରୂପକୁ ସେ ରକ୍ଷା କରିଛନ୍ତି । ଏହି ଆତ୍ମଜୀବନୀ ପୁସ୍ତକର ପୃଷ୍ଠା ସଂଖ୍ୟା ୬୪୪ କିଛି କମ୍ ନୁହଁ । ଏହି ଗ୍ରନ୍ଥରେ ନୂଆ ନୂଆ କଥା-ତଥ୍ୟ ସ୍ଥାନ ପାଇଛି । ଓଡ଼ିଆ ଭାଷାରେ ଏହି ଧରଣର ପୁସ୍ତକ ହାତ ଗଣତି କହିଲେ ଠିକ୍ ହେବ । ପାଠକ ଏହି ବହିରୁ ନାଟକର ରଚନା-ପ୍ରଯୋଜନା-ନିର୍ଦ୍ଦେଶନା ସବୁକଥା ଜାଣିବା ସହିତ ସ୍ୱାଧୀନତା ପୂର୍ବ ଓଡ଼ିଶା ତଥା ଭାରତର କିଛି କଥା ଜାଣିବେ । ନିଜ ଜୀବନ ସହିତ ଯାହା ଯାହା ଯୋଡ଼ି ହୋଇଥିଲା, ତାହାକୁ ଆତ୍ମଜୀବନୀରେ ସେ ସ୍ଥାନ ଦେଇଛନ୍ତି । ବାସ୍ତବରେ "ସ୍ମୃତି ସଂଳାପ" ଏକ ସଫଳ ଆତ୍ମଜୀବନୀ ଗ୍ରନ୍ଥଟିଏ । ଏହାର ଭାଷା ଯୁଗ ଉପଯୋଗୀ ହୋଇଛି, ଏହା ସବୁ ଠାରୁ ବଡ଼ କଥା । ଅଧିକ କଥା-ତଥ୍ୟ ଏଥିରେ ସ୍ଥାନ ପାଇଥିବାରୁ ଏହି ପୁସ୍ତକ ରୋମାଞ୍ଚକର ହୋଇପାରିଛି ।

**ସହାୟକ ଗ୍ରନ୍ଥସୂଚୀ:**

ଓଡ଼ିଆ ଚରିତ ସାହିତ୍ୟ - ଲାବଣ୍ୟ ନାୟକ

ସ୍ମୃତି ସଂଳାପ - ମନୋରଞ୍ଜନ ଦାସ

❖ ❖ ❖

DOI : https://doi.org/10.5281/zenodo.19111182 ମୂଳ ପ୍ରବନ୍ଧ

# ଫତୁରାନନ୍ଦଙ୍କ ଭିନ୍ନ ଏକ ବ୍ୟଙ୍ଗ ସମାଲୋଚନା ଶୈଳୀର ରମ୍ୟରଚନା- 'ଫମାଲୋଚନା'

**କାମାକ୍ଷା ବେହେରା ଓ ସୁରଞ୍ଜନ ପ୍ରଧାନ**

## ସଂକ୍ଷିପ୍ତସାର :

ରମ୍ୟରଚନା ହେଉଛି ସାମ୍ପ୍ରତିକ ସମୟର ଅନ୍ୟତମ ଉତ୍କୃଷ୍ଟ ଗଦ୍ୟ ବିଭାଗ। ସମାଜ ତଥା ମାନବ ଜୀବନର ଯେକୌଣସି ଗୁରୁତ୍ୱପୂର୍ଣ୍ଣ ଦିଗ ଓ ସମସ୍ୟାକୁ ଅତି ସାବଲୀଳ ଆକାରରେ ଏହା ପାଠକଙ୍କ ନିକଟରେ ଉପସ୍ଥାପନ କରିଥାଏ। ଆଧୁନିକ ଯୁଗର ପ୍ରାରମ୍ଭରୁ ଅଦ୍ୟାବଧି ଅନେକ ବିଶିଷ୍ଟ ରମ୍ୟରଚକଗଣ ନିଜର ଲେଖନୀ ମାଧ୍ୟମରେ ରମ୍ୟରଚନା ସାହିତ୍ୟକୁ ପରିପୁଷ୍ଟ କରିଛନ୍ତି, ସେମାନଙ୍କୁ ମଧ୍ୟରୁ ଫତୁରାନନ୍ଦ ଅନ୍ୟତମ। ସେ ତାଙ୍କ 'ଫମାଲୋଚନା' ଗ୍ରନ୍ଥରେ ଆମ ଓଡ଼ିଆ ପଦ୍ୟ ସାହିତ୍ୟ (ପ୍ରାଚୀନ, ମଧ୍ୟଯୁଗୀୟ ଓ ଆଧୁନିକ)ରେ ରହିଥିବା କେତେକ ତ୍ରୁଟିକୁ ପ୍ରତିପାଦିତ କରିବା ସହ, ଏହା ପଛରେ ରହିଥିବା ବାସ୍ତବିକ ଦିଗ ବିଶ୍ଳେଷଣ ପୂର୍ବକ ପଦ ତଥା ପଦ୍ୟାଂଶର ସଂଶୋଧନ କରିଛନ୍ତି। ଏହା ହାସ୍ୟମୂଳକ ହେଲେ ମଧ ଏହା ମଧ୍ୟରେ ପ୍ରକୃଷ୍ଟ ସମାଲୋଚନାକୁ ଅନୁଭବ କରିହୁଏ।

## ପ୍ରମୁଖ ଶବ୍ଦାବଳୀ :

ଫମାଲୋଚନା, ଫତୁରାନନ୍ଦ, ରମ୍ୟରଚନା, ବ୍ୟଙ୍ଗ, ବିଦ୍ରୂପ, ହାସ୍ୟ, ସମାଲୋଚନା, ପରିହାସ।

## ଉପକ୍ରମ :

ରମ୍ୟରଚନା ସାହିତ୍ୟର ବିକାଶ କ୍ଷେତ୍ରରେ ଫତୁରାନନ୍ଦଙ୍କ ଭୂମିକା ବେଶ୍ ଗୁରୁତ୍ୱପୂର୍ଣ୍ଣ ଓ ପ୍ରଶଂସନୀୟ। ଉତ୍ତର ଅଶୀ ପୂର୍ବବର୍ତ୍ତୀ ଓ ପରବର୍ତ୍ତୀ ଉଭୟ ସମୟରେ ତାଙ୍କ ଲେଖନୀରୁ ଅନେକ ରମ୍ୟରଚନା ସୃଷ୍ଟି ହୋଇ ପାଠକୀୟ ଆଦୃତି ଲାଭ କରିପାରିଥିଲା। ବ୍ୟକ୍ତିଗତ ଜୀବନର କଷ୍ଟ ପୀଡ଼ାକୁ ଅଣଦେଖା କରି ପାଠକମାନଙ୍କୁ ହାସ୍ୟରସରେ ଜଡ଼ିତ କରିବାକୁ ତାଙ୍କର ଆଜୀବନ ପ୍ରୟାସ ରହିଥିଲା, ମାତ୍ର ଏହି ହାସ୍ୟ, ବ୍ୟଙ୍ଗ ଓ ବିଦ୍ରୂପ ମାଧ୍ୟମରେ ସେ କହିଯାଉଥିଲେ ମଣିଷ, ସମାଜ ତଥା ଦେଶ ସମ୍ବନ୍ଧୀୟ ଗୁରୁତ୍ୱପୂର୍ଣ୍ଣ ବିଷୟଗୁଡ଼ିକୁ। ତାଙ୍କ ରମ୍ୟରଚନାରେ ସମାଜ, ରାଜନୀତି, ସଂସ୍କୃତି. ଧର୍ମ, ଶିକ୍ଷା ଓ ସାହିତ୍ୟ ଆଦି ଦିଗଗୁଡ଼ିକର ସ୍ଥିତି ଓ ସମସ୍ୟା ସ୍ଥାନ

ଏହି ପ୍ରବନ୍ଧକୁ ଅନ୍‌ଲାଇନରେ ପଢିବାପାଇଁ ପ୍ରବେଶ କରନ୍ତୁ

| Quick Response Code: | Available online at : https://pracheenews.com/ |
| --- | --- |
| | DOI: https://doi.org/10.5281/zenodo.19111182 Article No - BPP00400 |

**ଯୋଗାଯୋଗ : କାମାକ୍ଷା ବେହେରା,**
ଗବେଷକ, ଓଡ଼ିଆ ଭାଷା, ସାହିତ୍ୟ ଓ ଅନୁବାଦ ବିଭାଗ,
ମା' ମାଣିକେଶ୍ୱରୀ ବିଶ୍ୱବିଦ୍ୟାଳୟ, ଭବାନୀପାଟଣା
**Email:** beherakamakhya@gmail.com
**ORCID ID:** https://orcid.org/0009-0004-6821-5670

This is an open access journal, and articles are distributed under the terms of the Creative Commons Attribution Non Commercial Share Alike 4.0 License, which allows others to remix, tweak, and build upon the work non commercially, as long as appropriate credit is given and the new creations are licensed under the identical terms.

For reprints contact: *pracheepatrika@rediffmail.com*

| ପ୍ରାପ୍ତି | ସମୀକ୍ଷିତ | ଗୃହୀତ | ପ୍ରକାଶିତ |
| --- | --- | --- | --- |
| ୧୫.୧୨.୨୦୨୫ | ୧୬.୦୧.୨୦୨୬ | ୨୭.୦୧.୨୦୨୬ | ୧.୦୩.୨୦୨୬ |

ଏହି ପ୍ରବନ୍ଧକୁ କିପରି ଉଦ୍ଧୃତ କରିବେ : ବେହେରା, କାମାକ୍ଷା, ଓ ପ୍ରଧାନ ସୁରଞ୍ଜନ, ୨୦୨୬। ଫତୁରାନନ୍ଦଙ୍କ ଭିନ୍ନ ଏକ ବ୍ୟଙ୍ଗ ସମାଲୋଚନା ଶୈଳୀର ରମ୍ୟରଚନା- 'ଫମାଲୋଚନା'। ବାସ୍ତବତାର ପରିପ୍ରକାଶ ପ୍ରାଚୀ। ଭାଗ :୧୧, ସଂଖ୍ୟା: ୦, ପୃଷ୍ଠା : ୫୮-୬୪।

ପାଇଥିଲା । ଓଡ଼ିଆ ସାହିତ୍ୟ କ୍ଷେତ୍ରରେ ଦେଖାଯାଉଥିବା ସମସ୍ୟାଗୁଡ଼ିକ ତାଙ୍କ ଦୃଷ୍ଟି ଆକର୍ଷଣ କରିଥିଲା ଓ ତାର ସମାଧାନ ନିମନ୍ତେ ତାଙ୍କର ପ୍ରୟାସ ପ୍ରଶଂସନୀୟ ।

**ବିଷୟର ଆଲୋଚନା** – ଓଡ଼ିଆ ରମ୍ୟରଚନା ସାହିତ୍ୟର ଅନ୍ୟତମ ବିନ୍ଧାଣୀ ତଥା ଆଧୁନିକ ଓଡ଼ିଆ ବ୍ୟଙ୍ଗ ସାହିତ୍ୟର ସମ୍ରାଟ ହେଉଛନ୍ତି ରମ୍ୟରଚକ ଫତୁରାନନ୍ଦ । ଜୀବନର ପ୍ରାଥମିକ ପର୍ଯ୍ୟାୟରୁ ହାସ୍ୟ, ପରିହାସ ଓ ବ୍ୟଙ୍ଗ ପ୍ରତି ତାଙ୍କର ରହିଥିଲା ଅହେତୁକ ମମତା । ଶିକ୍ଷାକ୍ଷେତ୍ରରେ ଡାକ୍ତରୀ ପାଠରେ ସଫଳତାର ସହ ଉତ୍ତୀର୍ଣ୍ଣ ହୋଇଥିଲେ ମଧ୍ୟ ସାହିତ୍ୟ ସାଧନା ଓ ସମ୍ବାଦ ପ୍ରକାଶନରେ ତାଙ୍କର ମନଯୋଗ ଓ କୃତୀତ୍ୱ ତାଙ୍କୁ ଜଣେ ବିଶିଷ୍ଟ ଯୁଗସ୍ରଷ୍ଟା ତଥା ସାହିତ୍ୟ ସାଧକରେ ପରିଣିତ କରିଥିଲା । ହାସ୍ୟ-ବ୍ୟଙ୍ଗ ମାଧ୍ୟମରେ ମଣିଷ ଜୀବନର ନାନାବିଧ ସମସ୍ୟାକୁ ରୂପ ଦେବାରେ ପାରଙ୍ଗମ । ଏହା ଥିଲା ତାଙ୍କ ସାହିତ୍ୟର ଲକ୍ଷ୍ୟ । ଫତୁରାନନ୍ଦଙ୍କ ରମ୍ୟରଚନା ରଚନାଗୁଡ଼ିକର ବର୍ଣ୍ଣନାଶୈଳୀରେ ପରିଦୃଷ୍ଟ ଚମତ୍କାର ଲାଳିକା, ସରଳ ଭାଷା ଓ ବିଷୟବସ୍ତୁର ଲଘୁକରଣ ପାଠକ ନିକଟରେ ତାଙ୍କୁ ଆଦୃତ କରାଇପାରିଥିଲା । ଫତୁରାନନ୍ଦଙ୍କ ରଚନା ସମୂହରେ ପ୍ରକାଶ ପାଇଥିଲା ଆଧୁନିକ ମଣିଷର ଛଳନା, ପ୍ରତାରଣା, ବୃଥା ଆଡ଼ମ୍ବର ଓ ଅହଂଭାବ ପ୍ରତି ରହିଥିଲା ତୀବ୍ର ବିଦ୍ରୁପର ସ୍ୱର । ବିଶେଷ କରି ସାଧାରଣ ମଣିଷ ଓ ସମାଜର କଥାକୁ ସେ ଅତି ନିଛକ ଅତି ସାଧାରଣ ଭାଷା ତଥା ଗାଉଁଲି ଭାଷାରେ ପାଠକଙ୍କ ନିକଟରେ ପ୍ରକାଶ କରି ପାଠକୀୟ ଆଦୃତି ଲାଭ କରିପାରିଛନ୍ତି । ନିଜ ରମ୍ୟରଚନାଗୁଡ଼ିକରେ ସେ ତାଙ୍କର ବ୍ୟଙ୍ଗ ବିଦ୍ରୁପ-ଶର ଦ୍ୱାରା ଅସାମାଜିକ ମଣିଷକୁ କ୍ଷତବିକ୍ଷତ କରିପକାଇଛନ୍ତି ଓ ସମାଜରେ ଶୃଙ୍ଖଳା ତଥା ଶାନ୍ତି ପ୍ରତିଷ୍ଠା ନିମନ୍ତେ ଚେଷ୍ଟା କରଛନ୍ତି ।

ଫତୁରାନନ୍ଦ ସାହିତ୍ୟ ଜୀବନ ଆରମ୍ଭ ହୁଏ କବିତା (ଶୀର୍ଷକ- କବି ଲଢ଼େଇ) ରଚନାରୁ । ପରବର୍ତ୍ତୀ ସମୟରେ ସେ ସାହିତ୍ୟର ଅନ୍ୟାନ ବିଭାଗରେ ଲେଖନୀ ଚାଳନା କରିଥିଲେ । ସମାଜ ତଥା ମାନବର ଅଧୋଗତି ତାଙ୍କ ମନରେ ଗଭୀର ରେଖାପାତ କରିଥିଲା । ଏହି ଦିଗରେ ସଂଶୋଧନ ଆଣିବା ନିମନ୍ତେ ଜୀବନ ବ୍ୟାପୀ ପ୍ରୟାସ କରିଥିଲେ । ଏହି ପ୍ରଚେଷ୍ଟାକୁ ସଫଳ ରୂପ ଦେବା ନିମନ୍ତେ ସେ ବ୍ୟଙ୍ଗ-ବିଦ୍ରୂପ ଶୈଳୀକୁ ଉତ୍କୃଷ୍ଟ ମାଧ୍ୟମ ଭାବେ ଗ୍ରହଣ କରିଛନ୍ତି । ଛାତ୍ରାବସ୍ଥାରେ ରଚନା କରିଥିବା ନିଜ ପ୍ରଥମ ଉପନ୍ୟାସ 'ନାକଟା ଚିତ୍ରକର' ମାଧ୍ୟମରେ ଉଭୟ ସାହିତ୍ୟ ଓ ବ୍ୟଙ୍ଗ ଜଗତକୁ ପଦାର୍ପଣ କରି ଉଚ୍ଚ ପ୍ରଶଂସିତ ହୁଅନ୍ତି, ଏହାପରେ ଚାଲେ ନିରନ୍ତର ଭାବେ ତାଙ୍କ ସାହିତ୍ୟ ସାଧନା । ପରବର୍ତ୍ତୀ ସମୟରେ ତାଙ୍କ ଲେଖନୀରୁ ନିସୃତ ହୁଏ 'ଅମୃତ ବେହିଆ', 'ଟାହୁଲିଆ', 'ନବଜିଆ', 'ଭାରତୀୟ ଶ୍ରେଷ୍ଠ ହାସ୍ୟଗଳ୍ପ', 'ମଙ୍ଗଳବାରିଆ ସାହିତ୍ୟ ସଂସଦ', 'ସାହିତ୍ୟ ଚାଷ', 'ସାହିତ୍ୟ ବେଉଷଣ' ଓ 'ବୃହତ ଭାଣ୍ଡ' ପରି ହାସ୍ୟ-ବ୍ୟଙ୍ଗ ଓ ବିଦ୍ରୁପଧର୍ମୀ ଗଳ୍ପ ଓ 'ଫମାଲୋଚନା' ନାମକ ରମ୍ୟରଚନା । 'ଫମାଲୋଚନା' ଗ୍ରନ୍ଥଟି ତାଙ୍କର ଶ୍ରେଷ୍ଠ ରମ୍ୟରଚନା ସଙ୍କଳନ ଭାବେ ପ୍ରତିଷ୍ଠା ଲାଭ କଲେ ହେଁ ତାଙ୍କର ଉପରୋକ୍ତ ଗଳ୍ପଗୁଡ଼ିକ ମଧ୍ୟ ଉତ୍କୃଷ୍ଟ ରମ୍ୟରଚନାର ପରିଚୟ ଲାଭ କରିପାରିଛି ।

ରମ୍ୟରଚକ ଫତୁରାନନ୍ଦ ବାସ୍ତବ ଜୀବନର ବିଭିନ୍ନ ଅନୁଭୂତି ଯାହାକୁ ସେ ନିତିଦିନିଆ ଜୀବନରେ ପାଇଛନ୍ତି, ତାଙ୍କୁ ମର୍ମେ ଅନୁଭବ କରିଛନ୍ତି ତାହା ତାଙ୍କ ଲେଖନୀ ଦ୍ୱାରା ସାହିତ୍ୟର ପୃଷ୍ଠା ମଣ୍ଡନ କରିଛି । ଏହିଭଳି ଭାବେ ଅଚାନକ ଯେଉଁଦିନ ଫଳ ଦୋକାନୀଠାରୁ ବିରକ୍ତିରେ ଶୁଣିବାକୁ ପାଇଥିଲେ ଯେ 'ଏଠି ନଡ଼ିଆ ଫଡ଼ିଆ କିଛି ନାହିଁ ବୋଲି', ସେତେବେଳେ ସେ ଏହାର ଅର୍ଥ ବୁଝିପାରିନଥିଲେ ମଧ୍ୟ ପରବର୍ତ୍ତୀ ସମୟରେ ଫଡ଼ିଆ ଅର୍ଥର ଅନ୍ୱେଷଣରେ ବାହାରି ଏହି ସିଦ୍ଧାନ୍ତରେ ପହଂଚିଥିଲେ ଯେ ଏହାର ଅର୍ଥ- 'ନଡ଼ିଆ ତ ନଡ଼ିଆ, ଫଡ଼ିଆ ବି ନାହିଁ, ଅର୍ଥାତ ନଡ଼ିଆ ନାହିଁକି ତା'ର ପାଖାପାଖି ଫଳ ନାହିଁ । ଏପରିକି ତାର ବିପରୀତଧର୍ମୀ ଫଳଟିଏ ବି ନାହିଁ ।' ସେ ଫଳଦୋକାନୀର ଏହି କଥାକୁ ସାହିତ୍ୟର ସମାଲୋଚନା ପ୍ରତି କ୍ଷେତ୍ରରେ ମଧ୍ୟ ଅନୁଭବ କରିଥିଲେ । ସାଂପ୍ରତିକ ସମୟରେ ଓଡ଼ିଆ ସାହିତ୍ୟରେ ଏଭଳି ମଧ୍ୟ ବହୁ ସମାଲୋଚକ ଅଛନ୍ତି ଯେଉଁମାନେ ସମାଲୋଚନାର ଲକ୍ଷ୍ୟ ଓ ଆଦର୍ଶ ବିଷୟରେ ଅନଭିଜ୍ଞ, ତେଣୁ ସମାଲୋଚନା ସମୟରେ ଏହି ଅନଭିଜ୍ଞ ସମାଲୋଚକଗଣ ସମାଲୋଚନାର ବିପରୀତ ଦିଗରେ ଗତି କରିଥାନ୍ତି ଯାହାକି ପ୍ରକୃତ ସମାଲୋଚନା ସାହିତ୍ୟର ପଦବାଚ୍ୟ ହୋଇପାରେ ନାହିଁ । ଏହଭଳି ସମାଲୋଚକଙ୍କର ସମାଲୋଚନା ସାହିତ୍ୟକୁ ରମ୍ୟରଚକ ସମାଲୋଚନା ନ କହି 'ଫମାଲୋଚନା'ର ନାମ ଦେଇଛନ୍ତି ।

ରମ୍ୟରଚକ ଫତୁରାନନ୍ଦ ଜଣେ ପ୍ରକୃଷ୍ଟ ବିଦୁଷକ, ମାଙ୍କଡ଼ାମି କରିବା ତାଙ୍କ ରକ୍ତଗତ ଗୁଣ । ତେଣୁ ସେ ଏହି ସବୁ ଉପରେ ଫମାଲୋଚନା ଲେଖିବା ପାଇଁ ପ୍ରୟାସ କରିଥିଲେ ।

ପରବର୍ତ୍ତି ସମୟରେ ଏଥିପାଇଁ ମଧ୍ୟ ପାଠକମଣ୍ଡଳୀଠାରୁ ପ୍ରଶଂସା ପାଇଥିଲେ । 'ଫମାଲୋଚନା' ଗ୍ରନ୍ଥଟିରେ ହାସ୍ୟ, ବ୍ୟଙ୍ଗ- ବିଦ୍ରୂପ ରହିଥିଲେ ମଧ୍ୟ ବାସ୍ତବରେ ଏକ ସମାଲୋଚନ ପୁସ୍ତକ । ଯେଉଁଥିରେ ସମାଲୋଚନା ଆଗରୁ ଆରମ୍ଭ ନହୋଇ ପଛରୁ ହୋଇଅଛି । ସଙ୍କଳନରେ ସ୍ଥାନିତ ହୋଇଥିବା ପ୍ରତ୍ୟେକ ବିଷୟ ଗଂଜେଇ ଗବେଷଣା ପରି । ରମ୍ୟରଚକ ଏହି ରମ୍ୟରଚନାଗୁଡ଼ିକର ବିଷୟବସ୍ତୁ କ୍ଷେତ୍ରରେ ଜିରାରୁ ଶିରା କାଢ଼ିବାର ପ୍ରୟାସ କରି ସଫଳ ହୋଇଛନ୍ତି । ରମ୍ୟବିଷୟବସ୍ତୁ ରୂପେ ସେ ଏହା ମଧ୍ୟରେ ବିଖ୍ୟାତ କବିମାନଙ୍କ (ମୁଖ୍ୟତଃ ପ୍ରାଚୀନ ଓ ଆଧୁନିକ ଓଡ଼ିଆ କବି)ଙ୍କ ବିଖ୍ୟାତ ପଙ୍କ୍ତିମାନଙ୍କ ମଧ୍ୟରୁ ସେ ହାସ୍ୟର ତରଙ୍ଗ ସୃଷ୍ଟି କରିଛନ୍ତି । ଫତୁରାନନ୍ଦ ନିଜେ ମଧ୍ୟ ଗ୍ରନ୍ଥରେ ସ୍ୱୀକାର କରିଛନ୍ତି ଯେ, ସେ ଏହି ଫମାଲୋଚନା କରିବା ବିଦ୍ୟାରେ ଅତି ପାରଙ୍ଗମ ଥିଲେ ।

ଫତୁରାନନ୍ଦଙ୍କ ଫମାଲୋଚନା ଗ୍ରନ୍ଥଟିକୁ ପାଠ କଲେ ଅନୁଭବ ହୁଏ ଯେ, ଯେକୌଣସି ପଦାର୍ଥ ବା ବିଷୟକୁ ବିକୃତ କରି ସେଥିରୁ ହାସ୍ୟରସ ସୃଷ୍ଟି କରାଯାଇପାରିବ, ଯାହାକୁ ସେ ଏହି ରଚନାରେ ମଧ୍ୟ ପ୍ରମାଣିତ କରିଛନ୍ତି । ସେ ଗ୍ରନ୍ଥ ମଧ୍ୟସ୍ଥ ପ୍ରତେକ ରମ୍ୟରଚାନରେ ପ୍ରସିଦ୍ଧ ଓଡ଼ିଆ କବିଙ୍କର ପଙ୍କ୍ତି ବା ପଦଗୁଡ଼ିକୁ ହାସ୍ୟରସ ସୃଷ୍ଟି ପାଇଁ ଅନର୍ଥ କରିଛନ୍ତି । ଏହାର ପଛରେ ରହିଥିବା ଅନ୍ୟ ଗୁରୁତ୍ୱପୂର୍ଣ୍ଣ କାରଣଟି ହେଉଛି ସଂପ୍ରତି ବ୍ୟସ୍ତବହୁଳ ଜୀବନରେ ମଣିଷ ନିର୍ମଳ ଭାବେ ମନଖୋଲି ହସିବା ପାଇଁ ମଧ୍ୟ ସମୟ ପାଉନାହିଁ ଏବଂ ପରିସ୍ଥିତି ମଧ୍ୟ ଅନୁକୂଳ ହେଉନାହିଁ ତେଣୁ ଏହି ଯନ୍ତ୍ର ମଣିଷକୁ ପ୍ରାଣ ଖୋଲା ହସରେ ଜଡ଼ିତ କରିବା ପାଇ । ପ୍ରାଣଖୋଲା ହସରେ ମଣିଷର ଅନ୍ତରକୁ ଭରିଦେବା ପାଇଁ ଏହି ରମ୍ୟରଚନା ଗ୍ରନ୍ଥଟିର ପରିକଳ୍ପନା ।

ଫମାଲୋଚନା ସଙ୍କଳନଟିରେ ଜଗନ୍ନାଥ ଦାସଙ୍କ ଲୋକପ୍ରିୟ ପଦ 'ଦଣ୍ଡିବା ଶକ୍ତି ଯାର ନାହିଁ' ଠାରୁ ଆରମ୍ଭ କରି ରାଧାନାଥଙ୍କ 'କେହି ରହିନାହିଁ ରହିବେ ନାହିଁଟି ଭବରଙ୍ଗ ଭୂମି ତଳେ' ପଦ ରମ୍ୟରଚଙ୍କ ମନକୁ ପାଉନଥିବାରୁ ଅର୍ଥାତ ଏଥିରେ ସେ କିଛି ଅସଙ୍ଗତି ଲକ୍ଷ୍ୟ କରିଥିବାରୁ ଏହାକୁ ସେ ଭୁଲ ବୋଲି କହିଛନ୍ତି । ପୁନଶ୍ଚ ଏହି ପଦଗୁଡ଼ିକର ସଂଶୋଧିତ ରୂପ କ'ଣ ହେବ ତାହାର ମାର୍ଗକୁ ମଧ୍ୟ ଦର୍ଶାଇ ଦେଇଛନ୍ତି । ଦେଖିବାକୁ ମିଳିଥାଏ ଯେ, ଅନେକ ସମୟରେ ତାଙ୍କର ହାସ୍ୟଧର୍ମୀକଥା ଅନେକଗୁଡ଼ିଏ ତଥ୍ୟ ପ୍ରକାଶ କରି ଫମାଲୋଚନାକୁ ସମାଲୋଚନାର ମୂଲ୍ୟ ପ୍ରଦାନ କରିଛି । ତେଣୁ ତାଙ୍କର ଅଯଥା ଯୁକ୍ତିଗୁଡ଼ିକ ହାସ୍ୟ ସୃଷ୍ଟିକାରୀ ନହୋଇ ଯୁକ୍ତିଯୁକ୍ତ ହେଲାପରି ମନେହୁଏ । ଏହା ବ୍ୟତୀତ ପୁରାଣର ବିଭିନ୍ନ ପ୍ରସଙ୍ଗ ଯଥା- 'ଗଜ ଉଦ୍ଧାରଣ ପ୍ରସଙ୍ଗ' ଓ ଅନ୍ୟାନ ପ୍ରସଙ୍ଗରେ ସେ ଏହି ଫମାଲୋଚନା ଶୈଳୀକୁ ବ୍ୟବହାର କରିଛନ୍ତି ।

'ଫମାଲୋଚନା' ସଙ୍କଳନଟିରେ ସମୁଦାୟ ୨୦ ରମ୍ୟରଚନା ସ୍ଥାନ ପାଇଥିଲା । ଗ୍ରନ୍ଥର ପ୍ରଥମ ରମ୍ୟରଚନା 'ଦଣ୍ଡିବା ଶକ୍ତି ଯାର ଥାଇ, ସେ ପୁଣି କ୍ଷମା ଆଚରଇ'ର 'ଦଣ୍ଡିବା ଶକ୍ତି ଯାର ଥାଇ, ସେ ପୁଣି କ୍ଷମା ଆଚର' ଉକ୍ତିରେ ରହିଥିବା ତ୍ରୁଟିକୁ ସଂଶୋଧନ କରିଛନ୍ତି ଏବଂ ଯଥାର୍ଥ ତଥା ସଙ୍ଗତ ପଦଟି କ'ଣ ହେବ ତାହାକୁ ଦର୍ଶାଇଛନ୍ତି । ରମ୍ୟରଚକଙ୍କ ମତରେ ଦୁଇଟି କ୍ଷେତ୍ରରେ ଯଥାକ୍ରମେ ଯେତେବେଳେ ଦଣ୍ଡିବା ଲୋକ ଦେଖେ ଦୁର୍ବଳ ଲୋକଙ୍କୁ ମାରିବା ତା ପକ୍ଷେ ନିନ୍ଦାମୂଳକ କାର୍ଯ୍ୟ ଓ ଦ୍ୱିତୀୟତଃ ସେ ତା' ଠାରୁ ସବଳକୁ କ୍ଷମା ନକଲେ ସବଳଠାରୁ ଆହୁରି ଦଣ୍ଡ ପାଇବ, ସେ ଯାଗାରେ ଦଣ୍ଡିବାଲୋକ କ୍ଷମା ପ୍ରଦାନ କରିଥାଏ । ଏହି ଉକ୍ତିକୁ ମୁଖ୍ୟତଃ ଠକ ଓ ଟାଉଟରମାନେ ବାସ୍ତବ ଜୀବନରେ ନିଜର ଅପାରଗତାକୁ ଲୁଚାଇବା ପାଇଁ ବ୍ୟବହାର କରିଥାନ୍ତି । ପୁନଶ୍ଚ ଅନ୍ୟପକ୍ଷରେ ଯଦି ଦଣ୍ଡ ପାଇବା ଲୋକ ଦଣ୍ଡରୁ ବଂଚିତ ହୁଏ ସେ ପୁଣି କୁକାର୍ଯ୍ୟରେ ଲିପ୍ତ ରହିବ ଓ ସମାଜର ଅମଙ୍ଗଳ କରିବ, ତେଣୁ ରମ୍ୟରଚକଙ୍କ ମତରେ ପଦଟି ଏହିପରି ହେବା ଉଚିତ୍ -

"ଦଣ୍ଡିବା ଶକ୍ତି ଯାର ଥାଇ ।
ସଦା ସେ ନିଶ୍ଚୟ ଦଣ୍ଡଇ ।"(୧)

ସେହିପରି ଭକ୍ତ ଭଗବାନ ମଧ୍ୟରେ ଥିବା ଛଳନାମୟ ସଂପର୍କକୁ ସେ 'ଜଗନ୍ନାଥ ହୋ, କିଛି ମାଗୁ ନାହିଁ ତତେ' ରଚନାରେ ଦର୍ଶାଇଛନ୍ତି । ଫତୁରାନନ୍ଦଙ୍କ ଦୃଷ୍ଟିରେ ସବୁ ସମୟରେ ଭକ୍ତ କିଛି ନ ମାଗିବା ଛଳରେ ପ୍ରଥମେ ପ୍ରଭୁଙ୍କ ଶ୍ରଦ୍ଧା ତଥା ବିଶ୍ୱାସ ଭାଜନ ହୋଇଥାଏ । ପରବର୍ତ୍ତୀ ସମୟରେ ସେ ପ୍ରଭୁ(ଶ୍ରୀ ଜଗନ୍ନାଥ)ଙ୍କୁ ଶରଧା ବାଲିରୁ ମୁଠାଏ ମାଗିବା ଛଳରେ ଭଗବାନଙ୍କଠାରୁ ତାଙ୍କ କ୍ଷେତ୍ର(ଶ୍ରୀ କ୍ଷେତ୍ର)କୁ ନିଜ ବଂଶଧରମାନଙ୍କ ପାଇଁ ରଖିଦେଇଥାଏ । ଯାହାଦ୍ୱାରା ଧୀରେ ଧୀରେ ଶ୍ରୀକ୍ଷେତ୍ର ଶ୍ରୀହୀନ ହୋଇପଡ଼େ । ପୁନଶ୍ଚ ବନମାଳୀ ଦାସଙ୍କ 'ଗଜ ଉଦ୍ଧାରଣ' ପ୍ରସଙ୍ଗଟି ତାଙ୍କୁ ଉଚିତ୍ ଲାଗିନାହିଁ । ଯାହାକୁ ଗଜ ଉଦ୍ଧାରଣ ରମ୍ୟରଚନାରେ ଫମାଲୋଚନା

କରିଛନ୍ତି। ଏହି ପଦରେ ରହିଥିବା ପଦ୍ୟାଂଶ- 'ଲକ୍ଷେ ଯୋଜନରେ ଗଜ। ଡାକଦେଲା ଦେବରାଜ। ଚକ୍ର ପେଶି ନକ୍ର ନାଶି ଉଦ୍ଧରିଲ ତାହାକୁ।'(୨)ରେ ପ୍ରଥମ ତ୍ରୁଟି ହେଲା ଗଜର କହିବାର ଶକ୍ତି ନାହିଁ ମାତ୍ର ପଦରେ ଗଜ ଡାକିଛି ଏବଂ ଗଜ ସବୁବେଳେ ଦଳ ଆକାରରେ ରହିଥାନ୍ତି ତେଣୁ କୁମ୍ଭୀରର ସାହସ ହେବ ନାହିଁ ଆକ୍ରମଣ ପାଇଁ। ଅନ୍ୟଭାବେ ପୃଥିବୀ ଠାରୁ ଲକ୍ଷେ ଯୋଜନରେ ଥିବା କୌଣସି ଗ୍ରହର ଅନୁସନ୍ଧାନ ଆଜି ପର୍ଯ୍ୟନ୍ତ କରାଯାଇ ପାରିନାହିଁ। ତେଣୁ କବି କୌଣସି ଗୋଲିଅର୍‌ଠାରୁ ପ୍ରଳାପଟିଏ ଶୁଣି କବିତାଟି ରଚନା କରିଥିବା ଫତୁରାନନ୍ଦଙ୍କୁ ବେଶୀ ସଙ୍ଗତ ଲାଗିଛି।

ମହିମାଧର୍ମର ଅନ୍ୟତମ ପ୍ରଚାରକ ତଥା ମହିମାସ୍ୱାମୀଙ୍କ ଦ୍ୱିତୀୟ ଶିଷ୍ୟ ଭୀମଭୋଇଙ୍କ ସ୍ତୁତିଚିନ୍ତାମଣିର 'ମୋ ଜୀବନ ପଛେ ନର୍କେ ପଡ଼ିଥାଉ ଜଗତ ଉଦ୍ଧାର ହେଉ'ପଦର ଯଥାର୍ଥତାକୁ ପରୀକ୍ଷା କରିଛନ୍ତି। ପ୍ରଥମରେ ସେ ଏହାକୁ ଭୀମଭୋଇଙ୍କ ରଚନା ଭାବେ ଗ୍ରହଣ କରିନାହାନ୍ତି। ତାଙ୍କ ମତରେ ନିହାତି ଏହାକୁ ତାଙ୍କର କେହି ସର୍ମଥକ ହିଁ ଲେଖିଥିବେ। ପୁନଶ୍ଚ ନର୍କରେ ପଡ଼ିଥିବା ଲୋକଟିର ମନରେ କେବଳ ନିଜ ମୁକ୍ତିର କଥା ହିଁ ଚାଲିଥିବ, ନାଁ କି ଅନ୍ୟର ଉଦ୍ଧାର କଥା। ପୁଣି ସେ କ୍ଷେତ୍ରରେ ଓଡ଼ିଆ ହୋଇଥିଲେ ତାର ଚିନ୍ତା ହୋଇଥିବ- "ହେ ଭଗବାନ ସେ ଲୋକଟାର କଛା କି କୁଂଚର କାନି ଟିକିଏ ତଳକୁ ଆସନ୍ତା କି; ମୁଁ ତାକୁ ଏକା ଝିଙ୍କାରେ ତଳକୁ ଟାଣି ଆଣନ୍ତି।"(୩) ତେଣୁ ବାସ୍ତବ ଜୀବନରେ ଏ ପଦ୍ୟାଂଶଟି ମିଥ୍ୟା ବୋଲି ପ୍ରମାଣିତ ହୋଇଥାଏ ବୋଲି ସେ ମତ ଦେଇଛନ୍ତି।

'ତୁହାଇ ତୁହାଇ ପୁଟ ଦେଲେ ଲୁହା କି ହୋଇବ ସୁନା' ରମ୍ୟରଚନରେ ଫତୁରାନନ୍ଦ କବିସୂର୍ଯ୍ୟ ବଳଦେବଙ୍କ "ତୁହାଇ ତୁହାଇ ପୁଟ ଦେଲେ ଲୁହା କି ହୋଇବ ସୁନା" ପଦ୍ୟାଂଶକୁ ବିଜ୍ଞାନ ଆଧାରରେ ପରୀକ୍ଷା କରି ଏହାର ତ୍ରୁଟିକୁ ଉପସ୍ଥାପନ କରିଛନ୍ତି। ତାଙ୍କ ମତରେ ବିଜ୍ଞାନ ଆଜି ଅସମ୍ଭବକୁ ସମ୍ଭବରେ ପରିଣତ କରିପାରୁଛି। ଉଦ୍ଭିଦ, ଜୀବ ତଥା ପଦାର୍ଥ ବିଜ୍ଞାନର ବିକାଶ ଫଳରେ ସଂପ୍ରତି ବାସିଫୁଲ ପ୍ରଂଶସା ପାଇପାରୁଛି, ଘୁଷୁରୀ କାମଧେନୁର ଆସନରେ ବସିପାରିଛି ଓ ବିରାଡ଼ି ସିଂହଛୁଆ ହୋଇପାରିଛି। ତେଣୁ ଉକ୍ତ ପଦ୍ୟାଂଶଟି ବିଜ୍ଞାନ ଯୁଗରେ ଅଗ୍ରହଣୀୟ ହୋଇପଡ଼ିଛି। ସେହିଭଳି ଚିଲିକା କାବ୍ୟରେ ରାଧାନାଥଙ୍କ ପଦ୍ୟାଂଶ 'ସୁନ୍ଦର ତୃପ୍ତିର ଅବସାଦ ନାହିଁ, ଯେତେ ଦେଖିଥିଲେ ନୂଆ ଦିଶୁଥାଇ'କୁ ଦର୍ଶନ ପୃଷ୍ଠଭୂମିରେ ନିଜର 'ସୁନ୍ଦର ତୃପ୍ତିର ଅବସାଦ ନାହିଁ' ରଚନାରେ ସମାଲୋଚନା କରିଛନ୍ତି। ତାଙ୍କ ଦୃଷ୍ଟିରେ ଦର୍ଶନ ଅନୁଯାୟୀ ଗୋଟିଏ ବସ୍ତୁ ଯେତେ ସୁନ୍ଦର ହେଲେ ମଧ୍ୟ ଧୀରେ ଧୀରେ ତା' ପ୍ରତି ଅବସାଦ ବା ହେୟଭାବ ସୃଷ୍ଟି ହେବା ସାଧାରଣ କଥା ମାତ୍ର ଏହାକୁ କବି ବିପରୀତ ଭାବେ ଉପସ୍ଥାପନ କରିଛନ୍ତି। ଅନ୍ୟଦୃଷ୍ଟିରେ ଚିଲିକା ଆବର୍ଜନମୟ ହେଲେ ମଧ୍ୟ ରାଧାନାଥ ଦୃଷ୍ଟିରେ ଏହା ରାଜସ୍ଥାନ, ବିନ୍ଧ୍ୟପର୍ବତ ଓ ହିମାଳୟ ପରି ଭୟଙ୍କର ସ୍ଥାନଠାରୁ ସୁନ୍ଦର ତେଣୁ ସେ 'ଚିଲିକା'କୁ ସୁନ୍ଦର ସ୍ଥାନ କହିବା ସଙ୍ଗତ ଲାଗେ ଏବଂ ଅନ୍ୟପକ୍ଷରେ ଓଡ଼ିଶାର ଅର୍ଥନୈତିକ ଅଭିବୃଦ୍ଧି ନିମନ୍ତେ ରାଧାନାଥ ଚିଲିକାକୁ ଏପରି ସୁନ୍ଦର ସଜାଇଥିବା ଅଧିକ ପ୍ରୟୋଜନୀୟ ହୋଇଥାଏ।

କେବଳ ଚିଲିକା ନୁହଁ ରାଧାନାଥଙ୍କ 'ଦରବାର' ଓ 'ପାର୍ବତୀ' କାବ୍ୟ ମଧ୍ୟ ଫତୁରାନନ୍ଦଙ୍କ ସମାଲୋଚନା ଭିତରକୁ ଆସିଛି। 'ବଡ଼ କ୍ରୂରକାଳ ବଡ଼ ଅବିଶ୍ୱାସୀ'ରେ ରାଧାନାଥଙ୍କର ଯମ ବା ମୃତ୍ୟୁକୁ ନିଷ୍ଠୁର ଓ ଅବିଶ୍ୱାସୀ କହିବା ସବୁଠାରୁ ବଡ଼ ଭୁଲ ଫତୁରାନନ୍ଦ ପ୍ରମାଣିତ କରିଛନ୍ତି। ସେ ପୁରାଣର ଏକ କାହାଣୀ ମାଧ୍ୟମରେ ଯମ ବା କାଳକୁ ଦୟାଳୁ ଓ ବିଶ୍ୱାସୀ ଭାବେ ଅଭିହିତ କରାଇଛନ୍ତି। ହୋଇପାରେ ରାଧାନାଥ ଭଗ୍ନସ୍ୱାର୍ଥ ହୋଇଥିବାରୁ ଏପରି ଧାରଣା ଜନ୍ମିଥିବ, ମାତ୍ର କାଳ ମଣିଷକୁ ଅନ୍ତିମ ସମୟର ପୀଡ଼ାରୁ ମୁକ୍ତି ଦେଇଥାଏ ଓ ମୃତ୍ୟୁ ସମୟର ପୂର୍ବରୁ କିମ୍ବା ପରେ ସେ ଆସିନଥାଏ, ଆସିଥାଏ ବିଧି ଅନୁଯାୟୀ ବେଳରେ। ଅନ୍ୟପକ୍ଷେ ଯମ ବା କାଳ ଚୋର କିମ୍ବା ଠକ ନୁହେଁ ଯେ ସେ ଲୁଚି କରି ମଣିଷ ପାଖକୁ ଆସିବ ଏବଂ ସେ ମଧ୍ୟ ଦୃଶ୍ୟମାନ ନୁହନ୍ତି ଯେ ତାଙ୍କୁ ଦୂରରୁ ଦେଖି କିଏ ହସିବ।

ପାର୍ବତୀ କାବ୍ୟର 'କେହି ରହିନାହିଁ ରହିବେ ନାହିଁଟି ଭବରଙ୍ଗ ଭୂମି ତଳେ' ପଦ୍ୟାଂଶଟି ଲେଖକଙ୍କ ମତରେ ବାସ୍ତବିକ ଦୃଷ୍ଟିରୁ ତ୍ରୁଟିଯୁକ୍ତ। ପ୍ରଥମତଃ କେହି ନରହିଲେ ମଧ୍ୟ ଭଗବାନ ରହିଥାନ୍ତି ତଥା ରହିଥାଏ ରାଷ୍ଟ୍ରପତି ଓ ମନ୍ତ୍ରୀପଦ ସବୁବେଳ ପାଇଁ । ପୁନଶ୍ଚ ଜନ୍ମାନ୍ତରବାଦ ହେତୁ ଏ ଭୂମିରେ କାହାର ଅଭିନୟ କେବେ ହେଁ ସରିନଥାଏ ବୋଲି ଲେଖକ ଯୁକ୍ତି ଦର୍ଶାଇଛନ୍ତି। ତେଣୁ ପ୍ରକୃତ ପଦଟି ଏହିପରି ହେବ-

"କେହି ରହିନାକି, ରହିବ ନାହିଁ କି ଭବରଙ୍ଗ ଭୂମି ତଳେ
ସର୍ବେ ନିଜ ନିଜ ନିତ୍ୟକର୍ମ ସାରି ସୁଆଙ୍ଗେ ମାତିବେ ଭୋଳେ।"(୪)

ରାଧାନାଥ ରାୟ ନିଜ 'ଦରବାର' କାବ୍ୟରେ ମାନବ ଜୀବନରେ ଧର୍ମର ଗୁରୁତ୍ୱତାକୁ ଉପଲବ୍ଧ କରି ଲେଖିଥିଲେ 'ଧର୍ମ ଏକ ପୋତ ଗଢ଼ିଛନ୍ତି ବିଧି, ତରିବାକୁ ଏହି ସଂସାର ବାରିଧି'। ଏହି ପଦ୍ୟାଂଶଟିକୁ ଫତୁରାନନ୍ଦ ତାଙ୍କ 'ଧର୍ମ ଏକ ପୋତ ଗଢ଼ିଛନ୍ତି ବିଧି' ରମ୍ୟରଚନାରେ ଏକ ଅଦରକାରୀ ଗାଲୁ ଭାବରେ ବିବେଚିତ କରିଛନ୍ତି, କାରଣ ଏ ପର୍ଯ୍ୟନ୍ତ ଧର୍ମ ନାମକ ଜାହାଜ, ବିଧି ନାମଧାରୀ ଇଂଜିନିୟର ବା ସଂସାର ନାମ୍ନୀ ସମୁଦ୍ରର ଫତୁରାନନ୍ଦ ବା ଅନ୍ୟ କେହି ପତ୍ତା ପାଇନାହାନ୍ତି। ପୁନଶ୍ଚ କଳିଯୁଗର ଆଗମନରୁ ଯେହେତୁ ଧର୍ମ ଆଉ ମହିରେ ନାହିଁ, ତେଣୁ ଏଠାରେ 'ଧର୍ମ' ବୋଲି କିଛି ମହତପଣିଆ ଅଛି କହିବା ଭୁଲ ହେବ। ଏହା ବଦଳରେ ଏବେ ରାଜପଣ, ମନ୍ତ୍ରୀପଣ ଓ ଟାଉଟରପଣ ସଂପ୍ରତି ପ୍ରାଧାନ୍ୟ ବିସ୍ତାର କରିଛି କହିବା ଅଧିକ ସମିଚୀନ ହେବ।

'ମାତୃଭାଷାର ମମତା' ରମ୍ୟରଚନାଟି ଗଙ୍ଗାଧର ମେହେରଙ୍କ 'ମାତୃଭୂମି ମାତୃଭାଷାରେ ମମତା ଯା ହୃଦେ ଜନମି ନାହିଁ, ତାକୁ ଯଦି ଜ୍ଞାନୀଗଣରେ ଗଣିବା ଅଜ୍ଞାନ ରହିବେ କାହିଁ' ପଦ୍ୟାଂଶଟିକୁ ନେଇ ଆଧାରିତ। ଏହାକୁ ସେ କବି ଗଙ୍ଗାଧର ମେହେରଙ୍କ ସାହିତ୍ୟର ଦୁର୍ବଳ ଦିଗ ଭାବର ବିବେଚିତ କରିଛନ୍ତି। ପ୍ରଥମେ ସେ ମଣିଷର ମାତୃଭୂମି କିପରି ନିର୍ଦ୍ଧାରିତ ହେବ ପ୍ରଶ୍ନ ଉଠାଇ ମୋଟ ଉପରେ 'ମାତୃଭୂମି' ଶବ୍ଦଟି ବିଚାର ଦୃଷ୍ଟିରୁ ଏକ ଭୁଲ ବୋଲି କହିଛନ୍ତି। ପରବର୍ତ୍ତୀ ସମୟରେ 'ମାତୃଭାଷା' ଉପରେ କହିବାକୁ ଯାଇ କହନ୍ତି ଯେ, ଏହା ଯେହେତୁ ସମୟସ୍ରୋତରେ ରୂପ ବଦଳାଇଥାଏ ଓ ତାର ସ୍ୱଷ୍ଟତା ନଥାଏ ତେଣୁ ନିର୍ଦ୍ଦିଷ୍ଟ ମାତୃଭାଷାଟି କ'ଣ ହେବ ତାହା ବିଚାର କରିବା କଷ୍ଟସାଧ୍ୟ। ଏହି ଶବ୍ଦ ଦୁଇଟିକୁ କେବଳ ନେତାମାନେ ନିଜର ଫାଇଦା ହାସଲ କରିବା ପାଇଁ ବ୍ୟବହାର କରୁଥିବା କଥା ଫତୁରାନନ୍ଦ ପ୍ରକାଶ କରିଛନ୍ତି, "ମଣିଷ ଜାତିଟାକୁ ଅଲଗା କରି ରଖିବା, ଜଣକ ବିରୁଦ୍ଧରେ ଆଉ ଜଣକୁ ଲଗେଇ ଦେବା, ନାରଦମୁନିଙ୍କ ପରି ଚାରିଆଡ଼େ କଳିମୁଣିରୁ ବାଲି ଫୋପାଡ଼ିବା ଏବଂ ଚାରିଆଡ଼େ ହଟ୍ଟଗୋଳ ଲଗେଇ ଦେଇ ନିଜେ ଭଦ୍ରଲୋକ ପରି ଚାରିଆଡ଼କୁ ଆଖି ମିଟିମିଟି କରି ଚାହିଁବା ହେଲା ଏମାନଙ୍କର ନିତିଦିନିଆ କାମ। ଏଥିପାଇଁ ସେମାନଙ୍କର ବଡ଼ ଅସ୍ତ୍ର ହେଲା ମାତୃଭୂମି ଓ ମାତୃଭାଷା।"(୫) ତେଣୁ ମାତୃଭାଷା ସହ ଆମର ଅନ୍ୟ ଭାଷା ପ୍ରତି ମମତା ରହିବା ଆମର ବିସ୍ତୃତ ହୃଦୟର ପରିଚୟ ପ୍ରଦାନ କରିଥାଏ।

ମଧୁସୂଦନ ରାଓଙ୍କ 'ଛବିଳ ମଧୁ ବର୍ଣ୍ଣବୋଧ'ରେ ରହିଥିବା ଆମମାନଙ୍କ ପାଇଁ ଭୁଲ ପ୍ରାଥମିକ ଶିକ୍ଷା ଉପରେ ରମ୍ୟରଚକ 'କାଂଚନେ ବାଂଛା' ରଚନାରେ ଆଲୋକପାତ କରିଛନ୍ତି। ଏଥିରେ ଶିଶୁମାନଙ୍କୁ 'କାଂଚନ' ବା 'ସୁନା' ପ୍ରତି ମୋହ ନରଖିବା ଭଳି ଏକ ଆଦର୍ଶ କଥା କହିଛନ୍ତି, ମାତ୍ର ବ୍ରିଟିଶ୍‌ମାନେ ଏହି ପଦର ବାହ୍ୟଅର୍ଥକୁ କେବଳ ଆମମାନଙ୍କୁ ଶିକ୍ଷା ଦେଇ ଆମକୁ କେବଳ ନିଜ ପାଖରେ ଗୋଲାମ କରି ରଖିବାକୁ ଚେଷ୍ଟା କରିଛନ୍ତି। ଯାହା ଫଳରେ ଏହାର କୁପ୍ରଭାବ ସିଧାସଳଖ ପ୍ରାଥମିକ ସ୍ତରର ଶିଶୁମାନଙ୍କ ଉପରେ ପଡ଼ିଥାଏ। ତେଣୁ ଏହାର ସ୍ଥୁଳ ଅର୍ଥକୁ ଗ୍ରହଣ ନକରି ସୁକ୍ଷ୍ମ ଅର୍ଥକୁ ଗ୍ରହଣ କରିବାର ପ୍ରୟୋଜନତା ରହିଛି। ସେହି ଭଳି ଆମ ସମାଜରେ ରହିଥିବା 'ବହୁତ ଲୋକ ଯହିଁ ମିଳି, ଅବଶ୍ୟ ଉପୁଜଇ କଳି' ଉକ୍ତିଟିର ଆଂଶିକ ସତ୍ୟତାକୁ 'ସେ ବହୁତ ଲୋକ ଯହିଁ ମିଳି'ରେ ପ୍ରକାଶ କରିଛନ୍ତି। କାରଣ ବାସ୍ତବରେ ସବୁ ସ୍ଥାନରେ(ସୈନ୍ୟବାହିନୀ, ପୋଲିସ୍ ବାହିନୀ ଓ ସଭା) ବହୁ ଲୋକ ଏକାଠି ହେଲେ ମଧ୍ୟ ସେଠାରେ କଳି ଉପୁଜେ ନାହିଁ। ତେଣୁ ପଦଟିକୁ ସେ ଆଂଶିକ ସତ୍ୟ ଭାବେ ଗ୍ରହଣ କରିଛନ୍ତି।

ପ୍ରେମ ପ୍ରଣୟର କବି ଭାବେ ମାୟାଧର ମାନସିଂହ ପାଠକ ମଣ୍ଡଳୀରେ ବେଶ୍ ପରିଚିତ। ମାତ୍ର ତାଙ୍କ ରଚନାରେ ରହିଥିବା କିଛି ତ୍ରୁଟିକୁ ସେ 'ଏଇ ସହକାର ତଳେ'ରମ୍ୟରଚନାରେ ଦର୍ଶାଇଛନ୍ତି। 'ଏଇ ସହକାର ତଳେ' କବିତାର ପ୍ରଥମ ପଦଟି ତାଙ୍କ ମତରେ ଅସଙ୍ଗତ ଥିଲା। ପ୍ରଥମତଃ କବି ଉଚ୍ଚଶିକ୍ଷିତ ହୋଇଥିବାରୁ କେବେହେଲେ ଆମ୍ବଗଛ ମୂଳକୁ ପ୍ରେମସ୍ଥଳୀ ଭାବେ ଗ୍ରହଣ କରିନଥିବେ। ପୁନଶ୍ଚ ଏହା ପୋକମୟ ଓ ଦୁର୍ଗନ୍ଧ ପରିବେଶ, ଯେଉଁଠାରେ ପ୍ରେମଭାବ ସଂଚାର ହେବା ଅସମ୍ଭବ। ତେଣୁ ସେ ପରବର୍ତ୍ତୀ ସମୟରେ ପ୍ରକୃତ ପାଣ୍ଡୁଲିପିକୁ ଉଦ୍ଧାର କରିଥିଲେ । ପଦଟି ଥିଲା–

"ଏହି ସାହୁକାର ଘରେ
ସେଦିନ ପ୍ରିୟାର କରକଙ୍କଣ ବେଢ଼ିଥିଲା ମୋର ଗଳେ।"(୬)

'ମାଟି ଓ କବି ଗଡ଼ନାୟକ' ରମ୍ୟରଚନାରେ ରାଧାମୋହନ ଗଡ଼ନାୟକଙ୍କ କବିତାରେ ସର୍ବସଂହା ଧରିତ୍ରୀର ବୈଶିଷ୍ଟ୍ୟ ବ୍ୟତୀତ ତାର ପ୍ରତିଶୋଧ ପରାୟଣତାକୁ ପ୍ରତିପାଦନ କରିଛନ୍ତି। 'ମାଟି' କବିତାରେ କବି ଗଡ଼ନାୟକ ଧରଣୀକୁ ସମସ୍ତେ(ଆକାଶ, ସୂର୍ଯ୍ୟ ଓ ଚନ୍ଦ୍ର ଆଦି) ଯେଉଁ ଅଭ୍ୟର୍ଥନା ଜଣାଇବା କଥା କୁହାଯାଇଛି ତାହା ସମ୍ପୂର୍ଣ୍ଣ ଭୁଲ ଅଟେ। ଏହା ବ୍ୟତୀତ ଧରଣୀର ନମ୍ର ଗୁଣ ସହ ପ୍ରଳୟକାରୀ ଗୁଣ(ଭୂମିକମ୍ପ ଓ ଲ୍ୟାଣ୍ଡସ୍ଲାଇଡ଼) ରହିଛି ବୋଲି ସେ ଦର୍ଶାଇ ଦେଇଛନ୍ତି। ସେହିପରି 'ଗୋଲଖଟିଆ କିମ୍ବଦନ୍ତୀ'ରେ ପୁରୁଷୋତ୍ତମଦେବଙ୍କ 'କାଂଚି ଅଭିଯାନ' ଘଟଣା ବିଷୟରେ ଯେଉଁ ମନଗଢ଼ା କାହାଣୀ ଓଡ଼ିଶାରେ ରହିଛି ତାହାକୁ ଫମାଲୋଚନା କରିଛନ୍ତି। ଏଥିରେ ସେ ପ୍ରତିପାଦନ କରିଛନ୍ତି ଯେ, ରାଜାଙ୍କର କାଂଚି ଅଭିଯାନ କେବେହଲେ ଜଗନ୍ନାଥଙ୍କ ସମ୍ମାନ ପାଇଁ ନଥିଲା, ଥିଲା ରାଜାଙ୍କ କନ୍ଦର୍ପ ପୀଡ଼ାର ସମାଧାନ ନିମନ୍ତେ। ତେଣୁ ଏଥିରେ କେବେହେଲେ ଜଗନ୍ନାଥ ଓ ବଳଭଦ୍ର ଘୋଡ଼ାରେ ଚଢ଼ି ସାମିଲ ହେବା ପାଇଁ ଆସିନଥିବେ ଓ ତାର ସ୍ପଷ୍ଟ ପ୍ରମାଣ ମଧ୍ୟ ନାହିଁ। ଅନ୍ୟଭାବେ ମାଣିକ ଗଉଡୁଣିର ନିର୍ଜନ ସ୍ଥଳୀରେ ଦହି ବିକି ଭଗବାନଙ୍କ ଠାରୁ ମୁଦ୍ରିକା ରଖିବା ମଧ୍ୟ ରାଜାଙ୍କର ଏକ ଷଡ଼ଯନ୍ତ୍ର ଥିଲା ବୋଲି ରମ୍ୟରଚକ ଦୃଢ଼ ଭାବେ ଗ୍ରହଣ କରିଛନ୍ତି।

ସତ୍ୟବାଦୀ ଯୁଗୀୟ କବିତା ଉପରେ ଆଧାରିତ ଫଟୁରାନନ୍ଦଙ୍କ ଫମାଲୋଚନା ଗ୍ରନ୍ଥ ଦୁଇଟି ହେଲା 'ଉଠ କଙ୍କାଳ' ଓ 'ମିଶୁ ମୋର ଦେହ ଏ ଦେଶ ମାଟିରେ'। 'ଉଠକଙ୍କାଳ' ରଚନାଟିରେ ଗୋଦାବରୀଶ ମହାପାତ୍ରଙ୍କ କଙ୍କାଳମାନଙ୍କୁ ଉଠିବା ଓ ପୂର୍ବ ଗୌରବକୁ ଜୀବିତ କରିବା କଥା ଆଲୋଚିତ ହୋଇଛି। ଆମ ପୂର୍ବପୁରୁଷଙ୍କ ବୀରତ୍ୱକୁ ପ୍ରତିପାଦନ କରିବା ପାଇଁ ଏହା ରଚିତ ହୋଇଥିଲେ ମଧ୍ୟ ଏଥିରେ ଅନେକ ତ୍ରୁଟି ରହିଛି। ପ୍ରଥମତଃ କଙ୍କାଳକୁ କେହି ଶୃଙ୍ଖଳାରେ ବାନ୍ଧିବେ ନାହିଁ, କାରଣ ତାହା ଅନାବଶ୍ୟକ। ପୁନଶ୍ଚ ଜୋରମୂଳକ କଙ୍କାଳକୁ ଉଠାଇଲେ ତା'ର ମୃତ୍ୟୁ ହେବ। ଅନ୍ୟପକ୍ଷେ କବିଙ୍କର ଗତ ଗୌରବକୁ ଜୀବନ୍ତ କରାଇବା ଏକ ବିଡ଼ମ୍ବନା ମାତ୍ର, କାରଣ ଯେଉଁ ଗୌରବ ଚୋରି ହେଇଛି ତାକୁ ଆଣିବା ବୃଥା। ତେଣୁ ଏହି ପଦଟିରେ ସଂଶୋଧନର ଆବଶ୍ୟକତା ରହିଛି ବୋଲି ସେ ମତ ପ୍ରଦାନ କରିଛନ୍ତି।

ହାଜାରିବାଗ ଜେଲରେ ଗୋପବନ୍ଧୁ ଦାସ ଥିବା ସମୟରେ ଜାତୀୟତାଚେତନାଧର୍ମୀ 'କାରାକବିତା' ଗ୍ରନ୍ଥଟି ରଚନା କରିଥିଲେ। ସେ ଚାହିଁଥିଲେ ମରିବା ପରେ ମଧ୍ୟ ତାଙ୍କ ଏ ଜଡ଼ ଶରୀର ମଧ୍ୟ ଦେଶର କାମରେ ଆସୁ ବୋଲି। ମାତ୍ର ତାଙ୍କ ଏହି ପଦଟିରେ କିଛି ତ୍ରୁଟି ପରିଲକ୍ଷିତ ହୋଇଛି। ଯେପରି ମୃତ୍ୟୁ ହେବା ପରେ ସ୍ୱତଃସ୍ପୃତ ଭାବେ ଏ ଦେହ ମାଟିରେ ମିଶିବ, ଯାହାକୁ ମାଟିରେ ମିଶାଇବାର କୌଣସି ଆବଶ୍ୟକତା ନାହିଁ। ପୁନଶ୍ଚ ଗୋପବନ୍ଧୁଙ୍କ ଦେହ ଯେଉଁ ସୀମିତ ମାଟିରେ ମିଶିବ ତାକୁ ଲୋକ କିପରି ଚିହ୍ନଟ କରି ସେଥିରେ ଚାଲିବେ। ଆମ ଦେଶର ସ୍ୱରାଜ ପଥରେ ଆଜି ଯେଉଁ ଗାଡ଼ ଅଛି (ବିରାଟମୟ) ସେଥିପାଇଁ ପର୍ବତ ଆକାରର ମାଟି ମିଶିଯିବ ମାତ୍ର ଗୋପବନ୍ଧୁଙ୍କ ଶରୀର ମିଶିଥିବା ମାଟିର ଆକାର ମାତ୍ର ଏକ ଘନଫୁଟ ହେବାରୁ ପଦଟି ଫଟୁରାନନ୍ଦଙ୍କ କ୍ଷେତ୍ରରେ ଗ୍ରହଣୀୟ ନୁହେଁ।

'ମା' ମା' ବୋଲି ଯେତେ ମୁଁ ଡାକିଲି' ରମ୍ୟରଚନାରେ ମଧୁସୂଦନ ଦାସଙ୍କର ମର୍ମଭେଦୀ କବିତାରେ ରହିଥିବା ଆମ ଓଡିଆମାନଙ୍କର ବୋକାପଣକୁ ଦେଖାଇଛନ୍ତି। ଯେତେବେଳେ ଓଡ଼ିଆମାନେ ନିଜ ପଡ଼ୋଶୀମାନ(ବିହାରୀ, ବଙ୍ଗଳା ଓ ଆସାମୀ)ଙ୍କଠାରୁ ଶୋଷିତ ହେଉଥିଲେ ସେତେବେଳେ ଓଡ଼ିଆମାନଙ୍କର ଓ ଓଡ଼ିଆ ଭାଷାର ସମ୍ମାନକୁ ଫେରାଇ ଆଣିବା ନିମନ୍ତେ ଉତ୍କଳ ଗୌରବ ପ୍ରୟାସ କରିଛନ୍ତି। ମା' ଡ଼ାକ ଯେହେତୁ ଅମୃତମୟ ତେଣୁ ଏ ଡ଼ାକ ଶୁଣି କେହି ନାକ ଟେକି ନଥିବେ। ଅନ୍ୟକ୍ଷେତ୍ରରେ ଜଗତରେ ଭାଇଠାରୁ ବଳିକି କେହି ଶତ୍ରୁ ନାହାନ୍ତି, ତେଣୁ ଭାଇ ଭାଇ ଡ଼ାକ ସମ୍ବୋଧନରେ ପୂର୍ବ ପରି ବଙ୍ଗାଳୀ, ଆସାମୀ ଓ ବିହାରୀମାନେ ଆସି ଓଡ଼ିଶାର ଫାଳେ ଫାଳେ ନେଇଯିବାର ଭୟ ରହିଛି। ଫମାଲୋଚନା ସଂକଳନର ଶେଷ ରଚନା 'ଗଡ଼ନାୟକଙ୍କ ସଜନୀ' ରଚନାରେ ରାଧାମୋହନ ଗଡ଼ନାୟକଙ୍କ ମଣିଷ ଅଯତ୍ନରେ ବଢ଼େ କହିବା, ସେ ଲଗାମ ଛଡ଼ା ପ୍ରବଉରେ ବଢ଼ିବାକୁ ପ୍ରଶୟ ଦେବା ଓ ବନକୁ ବଗିଚାଠାରୁ ସୁନ୍ଦର କହିବା ମଧ୍ୟ ରମ୍ୟରଚକଙ୍କୁ ଅଯୌକ୍ତିକ ଲାଗିଛି।

**ଉପସଂହାର :**

ବାସ୍ତବରେ ଫଟୁରାନନ୍ଦ 'ଫମାଲୋଚନା' ରମ୍ୟ ସଙ୍କଳନଟି ତାଙ୍କର ଶ୍ରେଷ୍ଠ ରମ୍ୟରଚନା ଗ୍ରନ୍ଥ ଭାବେ ଓଡ଼ିଆ ପାଠକମଣ୍ଡଳୀ ମଧ୍ୟରେ ଆଦୃତି ଲାଭ କରିଛି। ଫମାଲୋଚନା ଶୈଳୀରେ ପ୍ରତେକ ବିଷୟବସ୍ତୁକୁ ସେ ଏଠାରେ ବାସ୍ତବିକ ଦୃଷ୍ଟିରୁ

ଆଲୋଚନା କଲେ ହେଁ, ତାହା ପ୍ରକୃତରେ ଉତ୍କୃଷ୍ଟ ସମାଲୋଚନାର ମର୍ଯ୍ୟଦା ଅର୍ଜନ କରିପାରିଛି। ପ୍ରାଚୀନ ପୁରାଣର ପଦ ଠାରୁ, ମଧ୍ୟଯୁଗୀୟ ତଥା ଆଧୁନିକ ପଦ୍ୟଗୁଡ଼ିକୁ ଏହାର ଆଲୋଚନା ପରିସରଭୁକ୍ତ କରି ପଦଟିର ପ୍ରକୃତ ରୂପ କ'ଣ ହେବ ତାହା ପାଠକମାନଙ୍କୁ ଦର୍ଶାଇ ଦେଇଛନ୍ତି। ତାଙ୍କର ଭାଷା ଶୈଳୀ ଅନ୍ୟ ରଚନାଗୁଡ଼ିକ ପରି ସହଜ, ସରଳ ଓ ଲୋକଭାଷାଧର୍ମୀ। ପ୍ରାୟ ଅଧିକାଂଶ ରଚନାରେ ଆତ୍ମନିବେଦନ ଶୈଳୀରେ ସେ ବିଷୟବସ୍ତୁକୁ ପ୍ରତିପାଦନ କରିଛନ୍ତି।

**ସହାୟକ ଗ୍ରନ୍ଥସୂଚୀ :**


୧. ଫତୁରାନନ୍ଦ – ଦଣ୍ଡିବା ଶକ୍ତି ଯାର ଥାଇ, ଫମାଲୋଚନା। ଓଡ଼ିଶା ବୁକ୍ ଷ୍ଟୋର, ପ୍ରଥମ ସଂସ୍କରଣ, ୧୯୮୨, ପୃ-୭।

୨. ଫତୁରାନନ୍ଦ – ଗଜ ଉଦ୍ଧାରଣ, ଫମାଲୋଚନା। ଓଡ଼ିଶା ବୁକ୍ ଷ୍ଟୋର, ପ୍ରଥମ ସଂସ୍କରଣ, ୧୯୮୨, ପୃ-୧୩।

୩. ଫତୁରାନନ୍ଦ – ମୋ ଜୀବନ ପଛେ ନର୍କେ ପଡ଼ିଥାଉ, ଫମାଲୋଚନା। ଓଡ଼ିଶା ବୁକ୍ ଷ୍ଟୋର, ପ୍ରଥମ ସଂସ୍କରଣ, ୧୯୮୨, ପୃ-୨୧।

୪. ଫତୁରାନନ୍ଦ – କେହି ରହିନାହିଁ ରହିବେ ନାହିଁଟି, ଫମାଲୋଚନା। ଓଡ଼ିଶା ବୁକ୍ ଷ୍ଟୋର, ପ୍ରଥମ ସଂସ୍କରଣ, ୧୯୮୨, ପୃ-୫୩।

୫. ଫତୁରାନନ୍ଦ – ମାତୃଭାଷାର ମମତା, ଫମାଲୋଚନା। ଓଡ଼ିଶା ବୁକ୍ ଷ୍ଟୋର, ପ୍ରଥମ ସଂସ୍କରଣ, ୧୯୮୨, ପୃ-୬୯।

୬. ଫତୁରାନନ୍ଦ – ଏଇ ସହକାର ତଳେ, ଫମାଲୋଚନା। ଓଡ଼ିଶା ବୁକ୍ ଷ୍ଟୋର, ପ୍ରଥମ ସଂସ୍କରଣ, ୧୯୮୨, ପୃ-୯୯।


❖ ❖ ❖

DOI : https://doi.org/10.5281/zenodo.19111222 ମୂଳ ପ୍ରବନ୍ଧ

# ମନୋଜଙ୍କ ଭ୍ରମଣବୃତ୍ତାନ୍ତରେ ପ୍ରକୃତିର ଭୟାବହ ରୂପ

**ମାଧବାନନ୍ଦ ପାତ୍ର ଓ ମଣୀନ୍ଦ୍ର କୁମାର ମେହେର**

**ସଂକ୍ଷିପ୍ତସାର :**

ଓଡିଆ ସାହିତ୍ୟ ଜଗତରେ ଶ୍ରୀଯୁକ୍ତ ମନୋଜ ଦାସ ଏକ ପରିଚିତ ନାମ । ସାଧାରଣତଃ ତାଙ୍କର କଥା ସାହିତ୍ୟ ସମ୍ପର୍କରେ ବହୁତ ଆଲୋଚନା ଆମ ଓଡିଆ ସାହିତ୍ୟରେ ଦେଖିବାକୁ ପାଉ, ହେଲେ ଦୁର୍ଭାଗ୍ୟର ବିଷୟ ତାଙ୍କ ଭ୍ରମଣ ସାହିତ୍ୟ ବିଷୟରେ ସେମିତି ଆଖିଦୃଶିଆ କାମ ହୋଇଥିବାର ନଜିର ନାହିଁ । ତେଣୁ ଆମେ ତାଙ୍କ ଭ୍ରମଣ ସାହିତ୍ୟର ଏକ ବିଶେଷ ଦିଗ ସମ୍ପର୍କରେ ଆଲୋଚନା କରିବା ଏଠାରେ । ପ୍ରକୃତି ବିଭିନ୍ନ ରୂପ ଲେଖକଙ୍କ ସୃଷ୍ଟିରେ ସ୍ଥାନ ପାଇଛି । ଏଠାରେ ଲେଖକଙ୍କ ବିଦେଶ ଯାତ୍ରାକାଳୀନ ଅନୁଭୂତିରୁ ଏହାର ଆଲୋଚନା କରିବା ।

**ପ୍ରମୁଖ ଶବ୍ଦାବଳୀ :**

ପ୍ରକୃତି, ବିପର୍ଯ୍ୟୟ, ପ୍ରତିକୂଳ ଅବସ୍ଥା, ପାଣିପାଗ, ସୌନ୍ଦର୍ଯ୍ୟ

ସୌନ୍ଦର୍ଯ୍ୟମୟୀ ପ୍ରକୃତି ଅନେକ ସମୟରେ ଯେଉଁ କ୍ରୁର-ରୂପ ଧାରଣ କରି ପ୍ରାଣୀ-ଆତ୍ମାକୁ ଭୟଭୀତ କରିପକାଏ ,ତାହା ସମ୍ପର୍କରେ ପ୍ରତ୍ୟେକେ ଥିବେ ସଚେତନ । ଖରା , ବର୍ଷା , ଶୀତ ପ୍ରଭୃତି ସମୟରେ ପ୍ରକୃତି ନିଜକୁ କେତେବେଳେ ପ୍ରେୟସୀ ରୁପରେ ସଜାଏ ତ ପୁଣି କେତେବେଳେ ଧ୍ୱଂସମୁଖା ହୋଇ ନୃତ୍ୟ କରିଉଠେ । ମଣିଷ ତାର ପ୍ରେୟସୀ ରୁପକୁ ଭଲ ପାଇପାରେ ,ହେଲେ ତାର ଉଦ୍ଦଣ୍ଡ ରୂପରେ ହୋଇ ଉଠେ ଭୀତତ୍ରସ୍ତ ।

ବିପର୍ଯ୍ୟୟକୁ ଆଧାର କରି ଆମ ଓଡିଆ ସାହିତ୍ୟରେ ଅନେକଗୁଡିଏ ପୁସ୍ତକ ରଚନା କରାଯାଇଛି । ମନୋଜ ଦାସ ମଧ୍ୟ ତାଙ୍କର ସାହିତ୍ୟ-କୃତିମାନଙ୍କରେ ଏହାର ସୂଚନା ପ୍ରଦାନ କରିଛନ୍ତି ବହୁବାର । ତେବେ ତାଙ୍କ ଭ୍ରମଣ ବୃତ୍ତାନ୍ତରେ ଏହି ପ୍ରକୃତି କେବଳ ଆନନ୍ଦଦାତ୍ରୀ ହୋଇ ନରହି ଅନେକ ସମୟରେ ଭୟାବହ ରୂପଧାରିଣୀ ସଦୃଶା ହୋଇଛି ଆବିର୍ଭୂତା । ଭାରତରେ ହେଉ ଅଥବା ବିଦେଶରେ, ଲେଖକ ଭ୍ରମଣ କାଳରେ ପ୍ରକୃତିର ଭୟାବହତାକୁ ଲକ୍ଷ୍ୟ କରିନିଜେ ଆତଙ୍କିତ ହୋଇଛନ୍ତି ଏବଂ ଦେଖିଛନ୍ତି ସେଠାକାର ଲୋକଙ୍କ ପ୍ରତିକ୍ରିୟାକୁ । ବେଶ୍ କଳାତ୍ମକ ଭାବରେ ସେସବୁ ଦୃଶ୍ୟକୁ ଲିପିବଦ୍ଧ କରିଛନ୍ତି ପୁସ୍ତକରେ ।

ମନୋଜଙ୍କ ଭ୍ରମଣ ବୃତ୍ତାନ୍ତରେ ପ୍ରକୃତିର ଭୟଙ୍କର ରୂପ ଅଲୋଚନା କରିବାବେଳେ ପାଠକ ସାମ୍ନାକୁ ସାଧାରଣତଃ ଦୁଇଟି ଘଟଣା ଆସିବା ସ୍ୱାଭାବିକ । ଗୋଟିଏ ହେଉଛି ଇଣ୍ଡୋନେସିଆ ଯିବାବେଳେ ଉଡାଜାହାଜ ମଧ୍ୟରେ ଥାଇ ପ୍ରକୃତିର ଝଡ

ଏହି ପ୍ରବନ୍ଧକୁ ଅନ୍‌ଲାଇନରେ ପଢିବାପାଇଁ ପ୍ରବେଶ କରନ୍ତୁ
Quick Response Code:
Available online at : https://pracheenews.com/
DOI: https://doi.org/10.5281/zenodo.19111222
Article No - BPPP00401

**ଯୋଗାଯୋଗ : ମାଧବାନନ୍ଦ ପାତ୍ର,** ଗବେଷକ,
ସ୍ନାତକୋତ୍ତର ଭାଷା ଓ ସାହିତ୍ୟ ବିଭାଗ ,
ଫକୀରମୋହନ ବିଶ୍ୱବିଦ୍ୟାଳୟ, ବାଲେଶ୍ୱର
**E mail :** madhabanandapatra7@gmail.com
**Orcid Id :** https://orcid.org/0009-0000-1537-8899

This is an open access journal, and articles are distributed under the terms of the Creative Commons Attribution Non Commercial Share Alike 4.0 License, which allows others to remix, tweak, and build upon the work non commercially, as long as appropriate credit is given and the new creations are licensed under the identical terms.

For reprints contact: *pracheepatrika@rediffmail.com*

| ପ୍ରାପ୍ତି | ସମୀକ୍ଷିତ | ଗୃହୀତ | ପ୍ରକାଶିତ |
|---|---|---|---|
| ୧୫.୧୨.୨୦୨୫ | ୧୬.୦୧.୨୦୨୬ | ୨୭.୦୧.୨୦୨୬ | ୧.୦୩.୨୦୨୬ |

ଏହି ପ୍ରବନ୍ଧକୁ କିପରି ଉଦ୍ଧୃତ କରିବେ : ପାତ୍ର, ମାଧବାନନ୍ଦ, ମେହେର ମଣିନ୍ଦ୍ର କୁମାର; ୨୦୨୬। ମନୋଜଙ୍କ ଭ୍ରମଣ ବୃତ୍ତାନ୍ତରେ ପ୍ରକୃତିର ଭୟାବହ ରୂପ। ବାସ୍ତବତାର ପରିପ୍ରକାଶ ପ୍ରାଚୀ। ଭାଗ :୧୧, ସଂଖ୍ୟା : ୦, ପୃଷ୍ଠା: ୬୫-୬୮ ।

ତୋଫାନକୁ ପ୍ରତ୍ୟକ୍ଷ କରିଥିବା ମୁହୂର୍ତ୍ତ ଏବଂ ଦ୍ୱିତୀୟଟି ହେଉଛି ପୁଞ୍ଛକ ଉପତ୍ୟକାରେ ବିତାଇଥିବା ଏକ ଭୟଙ୍କର ରାତ୍ରି ସମ୍ପର୍କରେ। ଏହାକୁ ବାଦ୍‌ଦେଇ ଦେଶ ବିଦେଶର ବିଭିନ୍ନ ସ୍ଥାନରେ ପାଣିପାଗ ଜନିତ ବିପର୍ଯ୍ୟସ୍ତ ଚିତ୍ରକୁ ସେ ଉଲ୍ଲେଖ କରିବାବେଳେ ସାଧାରଣ ଲୋକଙ୍କ ଅସାଧାରଣ କାର୍ଯ୍ୟକଳାପକୁ ଯେପରି ଭାବରେ ଦର୍ଶାଇ ଦେଇଛନ୍ତି, ସେଥିରେ ଜଣେ ପାଠକ ମୁଗ୍ଧ ହେବା ଥୟ ।

ଇଣ୍ଡୋନେସିଆ ଅଭିମୁଖେ ଲେଖକ ଯାତ୍ରା କରିବାବେଳେ ପ୍ରଥମରୁ ହିଁ ସାମ୍ନା କରିଛନ୍ତି ପ୍ରାକୃତିକ ବିପର୍ଯ୍ୟୟ ସହ। ବିମାନରେ ଅନ୍ଧାର ରାତ୍ରିରେ ବସିବାବେଳେ ଆକାଶ ଥିଲା ମେଘାଚ୍ଛନ୍ନ। ଯେତେବେଳେ ତାହା ଉଡାଣ ଭରିଛି, ସେତେବେଳେ କଳାହାଣ୍ଡିଆ ମେଘ ସହ ଝଡ ତୋଫାନକୁ ସାମ୍ନା କରିଛି ବିମାନ। ଏହି ଭୟଙ୍କର ଦୃଶ୍ୟକୁ ମନୋଜ ଦାସ ଲେଖିଛନ୍ତି ଯେପରି ଭାବପୂର୍ଣ୍ଣ ଭାବେ, ତାହା ଜଣେ ସାଧାରଣ ପାଠକ ଆତ୍ମାରେ ଭୟଜାତ କରାଇବାରେ ହେବ ସକ୍ଷମ । ''ଝଡ ବେଳେ ଉଡାଜାହଜର ଗତି ସାମ୍ୟ ରକ୍ଷାକରିବା ସମ୍ଭବପର ହୁଏ ନାହିଁ । ଜାହାଜକୁ କେତେବେଳେ ମେଘମାଳାର ଉର୍ଦ୍ଧ୍ୱକୁ, କେତେବେଳେ ବା ତଳକୁ ଖସାଇ ଆଣିବାକୁ ପଡେ । ସୁତରାଂ ଦୋଳି ଖେଳରେ ସାଇଁସାଇଁ ଉପରକୁ ଉଠିଗଲେ ବା ତଳକୁ ଖସି ଆସିଲେ ଯିମିତି ଅନୁଭୂତି ହୁଏ, ଊଣା ଅଧିକ ସିମିତି ଲାଗୁଥିଲା । ××× ଏତିକିବେଳେ ଜାହାଜ ତୀବ୍ର ଗତିରେ ତଳକୁ ଖସିବାକୁ ଲାଗିଲା। ଛାତି ଭିତରେ ଯମେତି ଧକ୍ କିନା ଆବାଜ । ××× ଜାହାଜର ବିସ୍ତୃତ ପକ୍ଷ ଉପରେ ଏତିକି ବେଳେ ଗୋଟିଏ ବିଦ୍ୟୁତ୍ ଧକ୍କା ଖାଇଲା ଭଳି ଲାଗିଲା । ତଥାପି କାହିଁ – ତଳେ ସମୁଦ୍ର କି ସ୍ଥଳଭାଗ କିଛି ଦେଖାଯାଉନି । ଜମାଟ ମେଘତୁଳା ଭଳି ଭିଣି ହୋଇଯାଉଥାଏ । ଏଆରହୋଷ୍ଟେସମାନଙ୍କ ମୁହଁରେ ଆତଙ୍କର ସଙ୍କେତ ।'' (୧) ଅବଶ୍ୟ ପରବର୍ତ୍ତୀ ସମୟରେ ଜାହାଜଟି ଭାରସାମ୍ୟ ରକ୍ଷାକରିଛି । ପ୍ରତ୍ୟେକେ ସୁରକ୍ଷିତ ଭାବେ ରହିଛନ୍ତି ତା ଭିତରେ । କିନ୍ତୁ ବିମାନ-ଯାତ୍ରା ବେଳେ ଏପରି ଭୟଙ୍କର ପରିସ୍ଥିତିକୁ ସାମ୍ନା କରିବା ପାଇଁ ଯେପରି ଭାବରେ ଶକ୍ତି ସଞ୍ଚୟ କରିଛନ୍ତି ନିଜ ମନରେ ଲେଖକ, ତାହାକୁ ଯେତେ ପ୍ରଶଂସା କଲେ କମ୍ ହେବ । ସେପରି ପରିସ୍ଥିତିକୁ ଭ୍ରମଣ ବୃତ୍ତାନ୍ତଟିର ଆରମ୍ଭରେ ସଂଯୋଗ କରି ସେ ସ୍ପଷ୍ଟକରାଇ ଦେଇଛନ୍ତି, ପ୍ରକୃତି କେତେବେଳେ ବି ପ୍ରତିକୂଳ ପାରିସ୍ଥିତିକୁ ସାମ୍ନା କରିପାରେ । ଏ ସମସ୍ତ ଘଟଣାକୁ ସାଧାରଣ ଭାବରେ ହେୟଜ୍ଞାନ ନକରି ଲେଖକ ସୁନ୍ଦର ଭାବରେ ଉଲ୍ଲେଖ କରିଛନ୍ତି ଅତୀତର ମୁହୂର୍ତ୍ତକୁ ମନେ ପକାଇ । ପୁଞ୍ଛକ ଉପତ୍ୟକାରେ ମଧ୍ୟ ରାତ୍ରିକାଳୀନ ବିଶ୍ରାମବେଳେ ସେ ଯେଉଁ ତାଣ୍ଡବ ଲକ୍ଷ୍ୟ କରିଥିଲେ, ତାହା ଯଦିଓ ପ୍ରକୃତିର ଉତ୍ପୀଡନ ନୁହେଁ; ତଥାପି ମଣିଷଦ୍ୱାରା ପରିବେଶିତ କିପରି ଶାନ୍ତ ସ୍ନିଗ୍ଧ ଅବସ୍ଥାରୁ ହୋଇ ଉଠିଥିଲା ଅଶାନ୍ତମୟ, ତାହାର ଚମତ୍କାର ପରିବେଷଣ କରିଛନ୍ତି ଲେଖକ । ଆତଙ୍କବାଦୀମାନଙ୍କ କବଜାରେ ରହି ପୁଞ୍ଛକ ଉପତ୍ୟକାର ରାତ୍ରି ହଠାତ୍ ହୋଇଉଠିଥିଲା କୋଳାହଳମୟ। ମଣିଷର ଦୁଃସ୍ଥିତି ସମୟରେ ପ୍ରକୃତି କିପରି ଆପଣାକୁ ସେହି ପରିବର୍ତ୍ତନ ସହିତ ସାମିଲ କରିଦିଏ, ତାହାର ଏକ ଜ୍ୱଳନ୍ତ ଉଦାହରଣ ଭାବରେ ଆମେ ଦେଖିପାରିବା ପୁଞ୍ଛକ ଉପତ୍ୟକାରେ ଏକ ଭୟାବହ ରାତ୍ରୀ ଲେଖାଟିକୁ ।

ନୂତନ ସ୍ଥାନର ଭୌଗୋଳିକ ପରିବେଶକୁ କେବଳ ନୁହେଁ; ତାର ପାଣିପାଗ ସମ୍ବନ୍ଧରେ ଲେଖକ ସୂଚନା ପ୍ରଦାନ କରିଛନ୍ତି । ଯେଉଁ ଯେଉଁ ଜାଗାର ନୂତନତ୍ୱ ଏବଂ ପାଣିପାଗର ବୈଷମ୍ୟତା ସେ ଲକ୍ଷ୍ୟ କରିଛନ୍ତି, ତାହାକୁ ଯଥା ସମ୍ଭବ ପାଠକ ସାମ୍ନାରେ ଉପସ୍ଥାପନା କରିବାକୁ ଚେଷ୍ଟା କରିଛନ୍ତି ସେ। ଇଣ୍ଡୋନେସିଆ ହେଉ, ଅଥବା ହେଉ ଲଣ୍ଡନର ପରିବେଶ, ସବୁ ସ୍ଥାନରେ ସେ ନିଜକୁ ଯେପରି ଅବିଷ୍କାର କରିଛନ୍ତି ଏବଂ ଆକାଶ ଆଉ ମାଟିର ସମ୍ପର୍କକୁ ଯେପରି ଅନୁଭବ କରିଛନ୍ତି, ତାହାକୁ ବେଶ୍ କାବ୍ୟିକ ଶୈଳୀରେ ଉପସ୍ଥାପନା କରିଛନ୍ତି । ଦୁଇଟି ସ୍ଥାନର ପାଣିପାଗକୁ ନେଇ ଲେଖକ ମନୋଜଙ୍କ ଲେଖା କିପରି ଗତିଶୀଳ ହୋଇଛି, ତାହାକୁ ଏଠାରେ ଉଲ୍ଲେଖ କରିବା ଅଧିକ ପ୍ରାମାଣିକ ହେବ ।

- ଇଣ୍ଡୋନେସିଆର ପ୍ରାକୃତିକ ଜଳବାୟୁ ବେଶ୍ ରୋମାଞ୍ଚକର। ବିଶେଷକରି ମେଘସବୁ ସେଠାରେ ଏତେ ଚପଳମତି ଯେ, ହୁଏତ ଆପଣ ସୁସ୍ପଷ୍ଟ ରୌଦ୍ରାଲୋକରେ ଛିଡା ହୋଇଛନ୍ତି ମନରେ କିଛି ଚିନ୍ତା ନକରି ,ବାସ୍, ପ୍ରଥମ ମିନିଟ୍‌ରେ ହଠାତ୍ ଖରାତଳ ମଳିନ ହୋଇଯିବ , ଦ୍ୱିତୀୟ ମିନିଟ୍ ରେ ଧୂଆଁ ଭଳି ଥଣ୍ଡା ଥଣ୍ଡା ଜଳୀୟ କଣାରେ ଚାରିଦିଗ ଛାଇ ହୋଇଯିବ। ତୃତୀୟ ମିନିଟ୍‌ରେ ରୀତିମତ୍ ବର୍ଷା !

ଅନେକ ସମୟରେ ଏତିକି ସୂଚୀ ବିନା ବି ବର୍ଷା ହୋଇପାରେ ।

(ଜୟନ୍ତୁ ନଓ ଜୋଆନ୍। ଇଣ୍ଡୋନେସିଆ ଅନୁଭୁତି। ପୃଷ୍ଠା-୭୫)

- ତୁଷାରପାତ ବ୍ୟତୀତ, ସେଠାରେ (ଲଣ୍ଡନରେ) ଏକମାତ୍ର ପ୍ରାକୃତିକ ଦୁର୍ଯୋଗ କୁହୁଡି ।

(ବିଜନପଲ୍ଲୀର କବି; ବିଜନ ସମାଧି । ଦୂର ଦୂରାନ୍ତର । ପୃଷ୍ଠା-୫୬)

ଏହି ଦୁଇଟି ପରିବେଶଗତ ଉପସ୍ଥାପନା ଭିତରେ ମନୋଜଙ୍କର ଦେଶବିଦେଶର ଜଳବାୟୁ ସମ୍ପର୍କରେ ଟିକିନିଖି ସୂଚନା ପ୍ରଦାନ କିପରି ଏକ ଭ୍ରମଣ ବୃତ୍ତାନ୍ତକୁ ପାଠକୀୟତା ପ୍ରଦାନରେ ବିଶେଷ ସହଯୋଗୀ ହୋଇପାରେ, ତାହା ଅନୁମାନ କରାଯାଇପାରେ। ଉଭୟ ଲଣ୍ଡନ ଓ ଇଣ୍ଡୋନେସିଆ ପରି ପର୍ଯ୍ୟଟନ ସ୍ଥାନରେ ଲୋକମାନଙ୍କର ଯେପରି ପ୍ରାକୃତିକ ସୌନ୍ଦର୍ଯ୍ୟ ଉପଭୋଗର ଲାଳସା ରହିଛି ତା ମଧ୍ୟରେ ସ୍ଥୁଳ ସୌନ୍ଦର୍ଯ୍ୟରୁ ଅନନ୍ଦ ସାଉଁଟୁ ସାଉଁଟୁ ପରିବର୍ତ୍ତିତ ଜଳବାୟୁ କିପରି ବାଧକ ସାଜିପାରେ ଏବଂ ପର୍ଯ୍ୟଟକର ମନରେ ବିରକ୍ତି ଭାବ ଜନ୍ମାଇପାରେ , ତାହାର ସ୍ୱଷ୍ଟତା ଦେବାକୁ ଲେଖକ ଯଥା ସମ୍ଭବ ଚେଷ୍ଟା କରିଛନ୍ତି । ସ୍ଥାନ ଭେଦରେ ପ୍ରକୃତିର ପ୍ରତିକୂଳତା ସମ୍ପର୍କରେ ଭ୍ରମଣ ବୃତ୍ତାନ୍ତର ଅନେକତ୍ର ସୂଚନା ଥିବା ଆମେ ଦେଖିପାରିବା ।

କେବଳ ମନୋଜ ଯାହା ଅଙ୍ଗେ ନିଭାଇଛନ୍ତି ସେହି ପରିବେଶର ଭୟାବହତାକୁ ରୂପ ଦେଇନାହାନ୍ତି; ବରଂ ଅତୀତର ପୃଷ୍ଠାରେ ଦିନେ ଗୋଟିଏ ଅଞ୍ଚଳ କିପରି କ୍ଷତିଗ୍ରସ୍ତ ହୋଇଥିଲା, ତା ସମ୍ପର୍କରେ ମଧ୍ୟ ସୂଚନା ଦେଇଛନ୍ତି । କଲିକତା ମହାନଗରୀରେ ଦିନେ ଦେଖାଦେଇଥିବା ଭୂମିକମ୍ପ ସାଙ୍ଗକୁ ଝଡତୋଫାନରେ ମୃତାହତ ହୋଇଥିଲେ ତିନି ଲକ୍ଷରୁ ଅଧିକ ୧୭୩୭ ମସିହାରେ । ପୁନଶ୍ଚ ୧୭୬୨ ମସିହାରେ ମହାମାରୀ ଏବଂ ୧୭୬୯ ମସିହାରେ ଭୀଷଣ ଦୁର୍ଭିକ୍ଷ କିପରି ଏକ ସମୃଦ୍ଧ ମହାନଗରୀକୁ ଧ୍ୱଂସ ବିଧ୍ୱସ୍ତ କରିଦେଇଥିଲା, ସେ ସମ୍ପର୍କରେ ମନୋଜଙ୍କ ଲେଖନୀ ଯଥେଷ୍ଟ ତଥ୍ୟ ପ୍ରଦାନ କରିଛି ( ଅହେତୁକ ଆକର୍ଷଣର ହେତୁ । ଅନ୍ତରଙ୍ଗ ଭାରତ –୧ମ ପର୍ଯ୍ୟାୟ । ପୃଷ୍ଠା-୧୧୩ ଦ୍ରଷ୍ଟବ୍ୟ) । କଲିକତା ହେଉଛି ଏକ ବାଣିଜ୍ୟିକ ସହର। ଅର୍ଥର କାରବାର ସେଇଠି ଚାଲିଥାଏ ଅହରହ। ହେଲେ ପ୍ରାକୃତିକ ଦୁର୍ବିପାକକୁ ସାମ୍ନା କରିବା ମଣିଷ ପକ୍ଷରେ କେବେ କ'ଣ ସମ୍ଭବ ! ଟଙ୍କା ପଇସାର ବିପୁଳତା ଭିତରେ ଏସବୁକୁ କେବେ ପ୍ରତିରୋଧ କରାଯାଇପାରେ ନାହିଁ। ଅତୀତର ଏହି ସହରରେ ଅଷ୍ଟାଦଶ ଶତାବ୍ଦୀରେ ଯେଉଁ ବିପଦସବୁ ମାଡି ଅସିଥିଲା, ତାହା ଆର୍ଥନୀତିକ, ସାମାଜିକ ଜୀବନୀ- ଶକ୍ତିକୁ ଦୋହଲାଇ ଦେଇଥିଲା ସତେ ଯେମିତି। ପ୍ରକୃତି ଏଠାରେ କ୍ରୁର ରୂପ ଧାରଣକରି ମଣିଷକୁ କିପରି ପୋକମାଛି ପରି ନିଃଶେଷ କରିଦେଇଥିଲା, ତାହାକୁ ମନୋଜ ଦାସ କଲିକତା ଭ୍ରମଣ ବେଳେ ମନେପକାଇଛନ୍ତି। ଅତୀତର ପୃଷ୍ଠାରୁ କେବଳ ସେ ବାହାର କରିନାହାନ୍ତି କାହାଣୀ, ଜନଶୃତି, କିମ୍ବଦନ୍ତୀ କିମ୍ବା ରାଜାରାଜୁଡା କଥା। ଇତିହାସର ପୃଷ୍ଠାରେ ଐତିହାସିକ ସ୍ଥାନସବୁ କିପରି ପ୍ରକୃତିର କ୍ରୁରତାକୁ ସାମ୍ନା କରିଛି, ଯାହା ଦିନେ ବଞ୍ଚିବାର ମାଧ୍ୟମ ସାଜିଥିଲା, ତାହା କେମିତି ବିନାଶର କାରଣ ପାଲଟି ଯାଇପାରେ, ସେ ସମ୍ପର୍କରେ ଲେଖକ ଉଲ୍ଲେଖ କରିବାକୁ ଭୁଲି ଯାଇନାହାନ୍ତି । କଲିକତାର ଏପରି ଅବସ୍ଥା କେବଳ ନୁହେଁ, ଦେଶବିଦେଶର ଇତିହାସରେ ପ୍ରାକୃତିକ ଦୁର୍ବିପାକର ଚିତ୍ର ତାଙ୍କ ଭ୍ରମଣ ବୃତ୍ତାନ୍ତରେ ଜୀବନ୍ତ ଭାବରେ ପ୍ରକାଶ ପାଇଥିବା ଆମେ ଦେଖିବାକୁ ପାଇଥାଉ ।

କୌଣସି ନୂତନ ସ୍ଥାନ ସମ୍ପର୍କରେ ଜାଣିବାର ଯେଉଁ ଦୁର୍ବାର ଇଚ୍ଛାଶକ୍ତି ମନୋଜଙ୍କ ମନ ଭିତରେ ରହିଥାଏ , ସକଳ ପ୍ରତିକୂଳ ପରିସ୍ଥିତିକୁ ତାହା ଅତିକ୍ରମ କରିଯିବାକୁ ସତେଯେପରି ବ୍ୟଗ୍ର । ସେ ଯେତେ ବି ସ୍ଥାନକୁ ଭ୍ରମଣ କରିବାକୁ ଯାଇଛନ୍ତି ସବୁଠାରେ ପ୍ରକୃତି ତାଙ୍କୁ ପ୍ରାଥମିକ ପର୍ଯ୍ୟାୟରେ ସ୍ୱାଗତ ଜଣାଇଛି ସତ , କିନ୍ତୁ ପରବର୍ତ୍ତୀ ସମୟରେ ସୃଷ୍ଟି କରିଛି ପ୍ରତିକୂଳ ପରିସ୍ଥିତି । ଏହାକୁ ଆଦୌ ଚିନ୍ତାର ସହ ଗ୍ରହଣ କରିନାହାନ୍ତି ଲେଖକ । ବରଂ ପରୀକ୍ଷା ଭାବେ ଅନ୍ତର ଭିତରେ ଭାବି ନେଇଛନ୍ତି । ଯେଉଁଥିରେ ତାଙ୍କୁ ସଫଳ ହେବାର ଅଛି ବୋଲି ସେ ମନେମନେ ଭାବି ନେଇଥାନ୍ତି । 'ଅଦୂର ବିଦେଶ'ରେ ସେ ଲେଖିଛନ୍ତି ବିଜିଂ ନଗରୀରୁ ଅଶୀ କିଲୋମିଟର ଦୂରବରର୍ତ୍ତୀ ସ୍ଥାନରେ ଥିବା ଏକ ପର୍ଯ୍ୟଟନ ସ୍ଥଳୀକୁ ଯିବାପାଇଁ ସେ କିପରି ପର୍ବତ ଚଢିବା ସକାଶେ ଅଶ୍ୱାରୋହଣ କରିଥିଲେ । ହେଲେ ପବନର ପ୍ରତିକୂଳତା ତାଙ୍କୁ ଯେପରି ଆଗକୁ ଯିବା ପାଇଁ ବାଧା ଦେଉଥିଲା । କିନ୍ତୁ ମନୋଜ

ଆପଣା ଇଚ୍ଛା ଶକ୍ତି ଆଗରେ ଏହାକୁ ଅଦୌ ଗୁରୁତ୍ୱ ଦେଇନାହାନ୍ତି । ଏହାଦ୍ୱାରା ସେ ଯେମିତି ବାର୍ତ୍ତା ଦେବାକୁ ଚାହାନ୍ତି ଯେ, କୌଣସି କାର୍ଯ୍ୟ ଯେତେବେଳେ ତୁମେ ଅନ୍ତର ଭିତରୁ କରିବାକୁ ଚାହିଁବ, ସେତେବେଳେ ତୁମର ପ୍ରତିରୋଧ କରିବେ ଅନେକ । ସବୁପରେ ବି ନିଜକୁ ଦୃଢକରି ଆଗକୁ ବଢିବାକୁ ହେବ । ଯେଉଁଠି ଅପେକ୍ଷା କରି ରହିଥିବ ସଫଳତା ଆଉ ଇପ୍‌ସିତ ଆଶା ।

ମନୋଜ ଭାବନ୍ତି , ପ୍ରକୃତିର ଏପରି କ୍ରୁରତା ପାଇଁ ମଣିଷ ହିଁ ଦାୟୀ । ଯଦି ମଣିଷ ଏହି ପ୍ରକୃତି ସହ ବନ୍ଧୁ ବସିଯିବ, ତେବେ ସକଳ ପ୍ରତିକୂଳ ପରିସ୍ଥିତି ହୋଇଯିବ ଦୂରୀଭୂତ । ସ୍ଥୁଳ ଭାବେ ପ୍ରକୃତିକୁ ଏ ମାନବଜାତି ନଷ୍ଟକରି ଯେତେବେଳେ ଆଗକୁ ବିପର୍ଯ୍ୟୟର ସାମ୍ନା କରୁଛି, ସେତେବେଳେ ମାନସିକ ସ୍ତରରେ ଅସ୍ଥିର ହୋଇପଡୁଛି । ଅନେକ ସମୟରେ ଅସହାୟ ହୋଇ ନିନ୍ଦା କରୁଛି ପ୍ରକୃତିକୁ । ପରିବେଶ ଯଦି ଭୟଙ୍କର ରୂପ ଧାରଣ କରୁଛି କେବେ , ତାହେଲେ ସେଥିରେ ରହିଛି ମଣିଷର ଅସହଯୋଗୀତା । ବିଜ୍ଞାନ ତଥା ଆଧୁନିକତା ନାମରେ ପ୍ରକୃତିର କ୍ଷତି ନକରି ତା ସହ ବନ୍ଧୁତା କରିବାର ସନ୍ଦେଶ ଦେବାକୁ ଚେଷ୍ଟା କରିଛନ୍ତି ମନୋଜ ସୂକ୍ଷ୍ମ ମନୋଭାବ ସହକାରେ ତମାମ ଭ୍ରମଣ ବୃତ୍ତାନ୍ତ ମାଧ୍ୟରେ । ‘’ ଆଜି ମହାଶୂନ୍ୟ ଆବିଷ୍କାର ପାଇଁ ମନୁଷ୍ୟ ଅତ୍ୟନ୍ତ ବ୍ୟଗ୍ର । ଏ ପ୍ରଚେଷ୍ଟା ଚିତ୍ତାକର୍ଷକ , ଜ୍ଞାନବର୍ଦ୍ଧକ ଓ ସ୍ୱାଗତଯୋଗ୍ୟ । ମାତ୍ର ସାଧାରଣ ମନୁଷ୍ୟଟିର ଦୃଷ୍ଟିକୋଣରୁ ଏହା ଆବଶ୍ୟକତା ଭିତ୍ତିକ ନୁହେଁ ; ବରଂ ଜୈବ ସହାବସ୍ଥାନ ବିନ୍ୟାସର ଅଧିକରୁ ଅଧିକ ଗବେଷଣା ମନୁଷ୍ୟ ପାଇଁ ଏକ ଅପରିହାର୍ଯ୍ୟ ଆବଶ୍ୟକତା । ଏଥିରୁ ଲବ୍ଧ ଜ୍ଞାନର ପ୍ରୟୋଗରେ ପ୍ରକୃତିକୁ ଅକ୍ଷୁର୍ଣ୍ଣ ରଖାଯାଇପାରିବ । ସବୁ ଜୈବ ଓ ଅଜୈବ ପଦାର୍ଥ ପରି ମନୁଷ୍ୟ ମଧ୍ୟ ପ୍ରାକୃତିକ ଭାରସାମ୍ୟ ରକ୍ଷା ଲାଗି ସୃଷ୍ଟି ହୋଇଥିବା ଏକ ଜୀବ । ତାର ଭୂମିକା ବିପରୀତ ହେବା ଅନୁଚିତ ।’’ (୨) ମଣିଷ ହାତରେ ହିଁ ପ୍ରକୃତିର ଭାରସାମ୍ୟ ପାଇଁ ରହିଛି ଚାବିକାଠି । ମନୋଜ ଯେତେବେଳେ ଭ୍ରମଣ ବୃତ୍ତାନ୍ତରେ ପାଣିପାଗ ଓ ଜଳବାୟୁର ପ୍ରତିକୂଳତା ସମ୍ପର୍କରେ ସୂଚନା ଦେଉଛନ୍ତି, ପରୋକ୍ଷ ଭାବରେ ମଣିଷର କଠୋରତାକୁ ସୂଚାଇ ଦେଉଛନ୍ତି । ଏଥିସହିତ ଯେଉଁ ଅଞ୍ଚଳ ମୂଳରୁ ଯେପରି ତାହାର ମଧ୍ୟ ସୂଚନା ଦେଇ ପୃଥିବୀର ଭୌଗୋଳିକ ବୈଷମ୍ୟତାକୁ ଦର୍ଶାଇ ଦେଇଛନ୍ତି ।

**ସହାୟକ ଗ୍ରନ୍ଥସୂଚୀ :**


୧. ଦାସ ମନୋଜ । ଇଣ୍ଡୋନେସିଆ ଅନୁଭୂତି । ପ୍ରଥମ ନୂତନ ସଂସ୍କରଣ । ଜଗନ୍ନାଥ ରଥ ପୁସ୍ତକ ପ୍ରକାଶକ ଓ ବିକ୍ରେତା , ବିନୋଦବିହାରୀ,କଟକ-୨, ୨୦୧୭। ପୃଷ୍ଠା-୪୦,୪୧ ।

୨ ମହାସୁଆର ଭାଗୀରଥୀ । ପ୍ରକୃତିର ପରିବାର ।ପ୍ରଥମ ମୁଦ୍ରଣ । ଗ୍ରନ୍ଥ ମନ୍ଦିର, ବିନୋଦବିହାରୀ,କଟକ-୨ ।୧୯୯୫ ।ପୃଷ୍ଠା-୬୦।


❖ ❖ ❖

ଖୁସିର ସହିତ ଜଣାଉଛୁ ଯେ,
ପ୍ରାଚୀ ସାହିତ୍ୟ ସମାଜ ପ୍ରକାଶନ ତରଫରୁ
ଦୁଇଟି ପୁସ୍ତକ ପ୍ରକାଶ ପାଇଛି ।








**PRACHEE SAHITYA SAMAJ PUBLICATION**
At-Niladri Vihar. Po-Naya Bazar, Dist.-Cuttack-753004 (Odisha)
Mob. : 88957 07011

# VOICE FOR VOICELESS

**INDIVIDUAL PARTICIPATION IN SOCIAL SERVICE**

Niladri Vihar, Naya Bazar, Cuttack-753004 (Odisha)
E-mail : voiceforvoiceless2013@gmail.com
Visit us : www.voiceforvoiceless.in

+91 88957 07011

## ଆପଣ ଟିକିଏ ହାତ ବଢ଼ାନ୍ତୁ
## ବହୁତ ବାଟ ଚାଲିଯିବି



**ଦିବ୍ୟାଙ୍ଗଟିକୁ ସାହାଯ୍ୟ କରନ୍ତୁ * HELP A DIBYANGA**

Regd. No.: 23717/65

# VOICE FOR VOICELESS

## INDIVIDUAL PARTICIPATION IN SOCIAL SERVICE

Niladri Vihar, Naya Bazar, Cuttack-753004 (Odisha)
E-mail : voiceforvoiceless2013@gmail.com
Visit us : www.voiceforvoiceless.in

+91 88957 07011

# ସମସ୍ତଙ୍କର ପେଟ ପୁରୁଛି,
# କ'ଣ ଗୋଟିଏ ପେଟ ଭୋକିଲା ରହିଯିବ ?



**ମାନସିକ ରୋଗୀଟିକୁ ଖାଦ୍ୟ ଦିଅନ୍ତୁ ❋ FEED THE MENTALLY SICK**


Voice for Voiceless
SARVODAYA
SOCIETY
GOALS
1 Stop Contaminating Water
2 Stop Polluting Air
3 Stop Plastic Use
4 Save Earth
5 Stop Drug Abuse and Alcoholism
6 Stop Untouchability
7 Help Dibyanga
8 Help Mentally Disable Person
9 Help Senior Citizens
10 Help Sick Person
11 Help Poor Children
12 Help Poor Women
13 Planting Tree
14 Protecting Animals and Birds
15 Spreading Basic Education
16 Women Empowerment
17 Cleanliness Campaign
18 Satya and Ahmisha
19 Health and Hygienic
20 Communal Harmony
21 Vocational Education
22 Cottage Industries
23 Village Economy
24 Self Help Groups
25 Feed the Need
26 Farming and Agriculture
Voice for Voiceless
SARVODAYA
SOCIETY
GOALS
For Positive Constrictive Programme

# VOICE FOR VOICELESS

**INDIVIDUAL PARTICIPATION IN SOCIAL SERVICE**


Niladri Vihar, Naya Bazar, Cuttack-753004 (Odisha)
E-mail : voiceforvoiceless2013@gmail.com
Visit us : www.voiceforvoiceless.in

+91 88957 07011


# ଗଛ ଲଗାନ୍ତୁ
# ଜୀବନ ବଞ୍ଚାନ୍ତୁ



## ଗଛ ଲଗାନ୍ତୁ ❋ PLANT TREE

# PRACHEE PATRIKA

ISSN: 2583-147X (P)
ISSN: 3048-8958 (O)

**Back Cover (Colour)**
**Rs. 2,000/-**

**2nd Inner Cover (Colour)**
**Rs. 1,000/-**

**3rd Inner Cover (Colour)**
**Rs. 1,000/-**

**Ordinary Colour Page**
**Rs. 500/-**

**Black & White**
**(News Print)**
**Full Page : Rs. 2,000/-**
**Half Page : Rs. 1000/-**
**Quarter page:Rs. 500/-**

**For Space booking please contact :**
**The Advertising Manager**
**Niladri Vihar, Naya Bazar, Cuttack - 753004**
**Whatsapp : 8895707011**

## THE RULES AND REGULATION

The fact presented and views expressed in 'Prachee Patrika' are author's and not those of the editor, the editorial board and the institution **'Prachee Centre for Cultural Relations (PCCR)'**. The authors are solely responsible for the presentation of data and their opinion. Authors shall submit on undertaking in writing with the article to the effect that their respective submitted article has not been published earlier anywhere and if found so, not the publishers of Prachee Patrika but they themselves shall be held responsible.

The manuscript should follow the following criteria;

**i)** Font size should be 12

**ii)** Font type should be Ori Sarala 99 Akruti

**iii)** Line gap should be 1.5

**iv)** American Psychological Association (APA) style of writing of manuscript in which the in-text and end-text citation should be strictly followed. Manuscript not written in APA style will be rejected.

**v)** Author(s) Name, Correspondence Address, Designation, WhatsApp No, ORCID ID and e-mail should be provided in the manuscript.

vi) Research article should include Titel, Abstract, Key Word, Introduction, Background, Materials & Methods, Result, Discussion. Conclusion. Acknowledgements. Authors' Contributions. Funding. Availability of Data and Materials, Ethical Statement, Ethical Approval, Informed Consent, Financial Support and Sponsorship, Conflicts of Interest and References.

**vi)** Two copies of the manuscript including the abstract along with the soft copy (CD/Floppy) must be submitted.

All rights reserved. No part of this publication may be reproduced or transmitted in any form or by any means, electronic or mechanical, without permission in writing from the **Prachee Centre for Cultural Relations (PCCR).**

Editorial correspondence, contribution of Articles, Book Reviews, Advertisements and Subscriptions should be addressed to Dr Bibhudatta Khandayatray, Editor, **Prachee Patrika**, Niladri Vihar, Naya Bazar, Cuttack-4.

**E-Mail:** pracheepatrika@rediffmail.com
**Web Site: https://pracheenews.com/**
All communications should be addressed to the Editor.

## RATES OF SUBSCRIPTION

The prachee patrika is the official journal of the, **Prachee Centre for Cultural Relations (PCCR)** is published monthly. All the members of the association are entitled to receive a free copy of the journal. The subscription rates for others are as follows**:**

| | India (INR) | | Overseas (USD $) | |
|---|---|---|---|---|
| | Individual | Institute | Individual | Institute |
| Print | 5000 | 10000 | 150 | 300 |
| Online | N/A | N/A | N/A | N/A |
| Print+Online | N/A | N/A | N/A | N/A |
| Single Issue | 500 | 1000 | 45 | 94 |

If you want to annual subscriber please Xerox this coupon and send us!!!

Name..........................................................................................................................

Address..........................................................................................Pin code ..........................

Mobile No.........................................E-Mail.........................................................................

I am sending, Rs......................,(Bank Draft) Postal extra

Check Number..........................................................................Date..........................................

Bank..............................................................Place.......................................................................

Date................................................Signature..............................................................................

Prachee Centre for Cultural Relations (PCCR), Niladri Vihar, Naya Bazar, Cuttack-4.
E-Mail: pracheepatrika@rediffmail.com, Web Site: https://pracheenews.com

RNI No. : ODIODI/2015/64435 • P.R. No. : CK(C)/96/2025-2027 • www.pracheenews.com

## ନୂତନ ସୂର୍ଯ୍ୟାଲୋକର ଆହ୍ୱାନ

# ପ୍ରାଚୀ

ଉଦୟ୍ ହେବରେ ନୂତନ ସୂର୍ଯ୍ୟ
ଲୋହିତ ହେଲାଣି ପ୍ରାଚୀ
ଏଇ ପ୍ରଭାତରେ ଗାଣ୍ଡୀବ ତୋର
ତୋଳରେ ସବ୍ୟସାଚୀ !
ପରାଧୀନତାର ଯେଉଁ ଅନ୍ଧାର
ଘୋଟିଥିଲା ଆଜିଯାଏ,
ସେହି ଅନ୍ଧାର ବକ୍ଷ ବିଦାରି
ମୁକ୍ତିର - ରାତି ପାହେ ।
ଉଜାଡ଼ି ନଦେଲେ ସ୍ୱାର୍ଥକୁ ତୋର
ସଜାଡ଼ି ହେବନି ଦେଶ,
ନାଚରେ ନାଚ ତାଣ୍ଡବ ଆଜି
ଧରରେ ରୁଦ୍ର ବେଶ ।
ନୂତନ ବିଶ୍ୱ ଭଗୀରଥ ତୁମେ
ଆଣରେ ମନ୍ଦାକିନୀ,
"ଜାଗରେ ନବୀନ ତରୁଣ" ଇଏ -
ପ୍ରାଚୀର ଉଦ୍‌ବୋଧନୀ ।
ଗଣତନ୍ତ୍ରର ଛାତତଳେ ଚାଲେ
ପୁଞ୍ଜିବାଦର ରାଜ୍,
ଭୋକୀ ଜନତାର ସମାଧି ଉପରେ
ଆଧିପତ୍ୟର ତାଜ୍ ।
କାହାର ବିକାଶ ? କାହାର ପ୍ରଗତି ?
କାହାର ଏ ଉତ୍‌ଥାନ ?
କାହାପାଇଁ ଏଇ କଳ-କାରଖାନା
କାପାଇଁ ଉତ୍ପାଦନ ?
ମାଟିର ମଣିଷ ମାଟିରେ ପଡ଼ିଛି
ଉଦରେ ଭରିଛି ଭୋକ,
କାହିଁକି ବାଜିଲା ବୁକୁରେ ପାଷାଣ
କିଏ ଦେଲା ତାକୁ ଶୋକ ?
କୋକିଳ କଣ୍ଠୁ କୁହୁ ଶୁଭୁନାହିଁ
କୁସୁମରେ ନାହିଁ ବାସ,
ମାୟା-ମରୀଚିକା-ଅଗ୍ନିଗର୍ଭେ
ମଣିଷ ଦେଉଛି ଝାସ ।
ଧର୍ମ ନାମରେ ସାମ୍ପ୍ରଦାୟିକ-
ବାଦ କରେ ଷଡ଼ଯନ୍ତ୍ର,
ମଣିଷ ପଢୁଛି ମଣିଷର ପାଇଁ
ମଣିଷ-ମାରିବା-ମନ୍ତ୍ର ।
କାହିଁକି ଶୁଖିଛି ଧରଣୀର ମୁଖ
ପଚାରେ ଆଜି 'ପ୍ରାଚୀ' ?
ଉତ୍ତର ଦିଅ ଉତ୍ତର ଦିଅ,
ଆଜି ଏ ପ୍ରଶ୍ନବାଚୀ ?
ମତ୍ତବାରଣ - ଚିତ୍ତରେ ଆଜି
ପଟୁଆର ତୋର ସଜା,
ଅତ୍ୟାଚାରୀର ଗଳା କାଟିବାକୁ
ହତିଆର ତୋର ପଜା ।
ତୋ' ଭିତରର କ୍ରାନ୍ତି ଚେତନା
ହେଉ ଆଜି ପ୍ରତିଭାତ,
ଆସୁ ପଛେ ଯେତେ ଝଞ୍ଜା, ତୋଫାନ
ଆସୁ ଯେତେ ପ୍ରତିଘାତ ।
ଜନମ ନେଇଛ ମରିବାକୁ ହେବ
ଦିନେ ଏଇ ଦୁନିଆରେ
ମରିବା ଆଗରୁ ପ୍ରାଚୀର ସ୍ରୋତରେ
ମିଶିଯାଅ ଆସି ଥରେ ।
ଜାଗରେ ସବ୍ୟସାଚୀ !
ନୂଆବିଶ୍ୱର ଅଭିଷେକ ହେବ
ଘୋଷଣା କଲାଣି 'ପ୍ରାଚୀ'


ବାସ୍ତବତାର ପରିପ୍ରକାଶ ପ୍ରାଚୀ / ISSN: 2583-147X (Print) / ISSN: 3048-8958 (Online)